# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୮/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, May 28/2019 | ★★★★★★

୪୫ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**'ଇନ୍ଦୁ କି ଜୱାନି'ରେ କିୟାରା**

'ଇନ୍ଦୁ କି ଜୱାନି'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି ଅଭିନେତ୍ରୀ କିୟାରା ଆଡଭାନୀ।

୦୭

୧୯

**ନାଡାଲ ବିଜୟୀ**

ରାଫଲ ନାଡାଲ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।




# ବିଭାଜିତ ସଂସଦୀୟ ଜନମତ

**ଭୁବନେଶ୍ୱର,୨୭।୫(ଚିଦାନନ୍ଦ ଜେନା)**

'ଉତ୍କଳରେ ନେତା ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ'। ୨୦୧୯ ସଂସଦୀୟ ନିର୍ବାଚନର ଫଳାଫଳକୁ ଦେଖିଲେ କୌଣସି ଜଣେ ବି ସମଗ୍ର ଓଡ଼ିଶାର ସର୍ବମାନ୍ୟ ନେତା ହେବାର ଦାବିଦାର ହୋଇପାରି ନାହାନ୍ତି। ଚଳିତ ନିର୍ବାଚନରେ ଅଧିକାଂଶ ଆସନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ୨୧ ଲୋକ ସଭା ଆସନରୁ ବିଜେଡି ୧୨ଟି ଆସନ ପାଇଥିବାବେଳେ ଭାଜପା ୮ ଏବଂ ଗୋଟିଏ ଆସନ କଂଗ୍ରେସକୁ ଯାଇଛି। ଆଞ୍ଚଳିକ ସ୍ତରରେ ଦେଖିଲେ ପଶ୍ଚିମ ଓଡ଼ିଶାର ସମସ୍ତ ୫ ଆସନ କଳାହାଣ୍ଡି, ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼ ସହ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର ଏବଂ ଉପକୂଳ ଓଡ଼ିଶାର ଭୁବନେଶ୍ୱର ଆସନକୁ ଭାଜପା ଦଖଲ କରିଛି। ଓଡ଼ିଶାର ମାନଚିତ୍ରକୁ ଅନୁଧ୍ୟାନ କଲେ ରାଜ୍ୟର ୨ପାର୍ଶ୍ୱର ସଂସଦୀୟ ଜନମତ ବିଭାଜିତ ହୋଇଯାଇଛି। ରାଜ୍ୟ ରାଜନୀତିରେ ବିଜେଡିର ଶାସନ ଗ୍ରହଣୀୟ ହୋଇଥିବାବେଳେ ଜାତୀୟସ୍ତରରେ ଗୈରିକ ଦଳକୁ ପୂର୍ବାପେକ୍ଷା ଭୋଟର ଅଧିକ ପସନ୍ଦ କରିଥିଲେ। ତେଣୁ ଚଳିତ ବର୍ଷର ନିର୍ବାଚନ ଫଳ ଭବିଷ୍ୟତର ରାଜନୀତିକୁ ମଧ୍ୟ ବିଶେଷଭାବେ ପ୍ରଭାବିତ କରିପାରେ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଉଛନ୍ତି। .

ଭାଜପାର ଏହି ପ୍ରଦର୍ଶନ ସୂଚାଇ ଦେଉଛି ଯେ, ଏବେ ରାଜ୍ୟର ଲୋକମାନେ ପରିବର୍ତ୍ତନ ମୁହାଁ ହୋଇଥିଲେ। ବିଧାନସଭା ନିର୍ବାଚନର ଫଳାଫଳ ବିଜେଡି ସପକ୍ଷରେ ଯାଇଥିଲେ ସୁଦ୍ଧା ଲୋକ ସଭାରେ ଦଳ ଆଶାତୀତ ସଫଳତା ପାଇ ନାହିଁ। ୨୦୧୪ ନିର୍ବାଚନରେ ବିଜେଡି ୨୦ଟି ଆସନରେ ଜିତିଥିବାବେଳେ ଭାଜପା ମାତ୍ର ଗୋଟିଏ ଆସନ(ସୁନ୍ଦରଗଡ଼)ରେ ବିଜୟ ଲାଭ କରିଥିଲା। ଦେଖିବାକୁ ଗଲେ ୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଭାଜପା ବହୁ ସଂଖ୍ୟକ ଜିଲା ପରିଷଦ ସିଟ୍ ହାତେଇ ପାରିଥିଲା। ଏପରିକି ଅନେକ ଜିଲାରେ ପରିଷଦ ମଧ୍ୟ ଗଠନ କରିଥିଲା। ସେହି ସବୁ ସ୍ଥାନରେ ବିଜେଡି ସ୍ଥିତି ଦୁର୍ବଳ ବୋଲି ଅନୁଭବ କରାଯାଇଥିଲା। ତେଣୁ ବିଜେଡି ନେତୃତ୍ୱ ଉକ୍ତ ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦେଇଥିଲେ। ଏପରି କି ୨୦୧୮ ଫେବୃୟାରୀରେ ଅନୁଷ୍ଠିତ ବିଜେପୁର ଉପନିର୍ବାଚନରେ ତତ୍କାଳୀନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ☞ପୃଷ୍ଠା-୪




ଓଡ଼ିଶା ମାନଚିତ୍ରକୁ ଦେଖିଲେ ଗୈରିକ ରଙ୍ଗରେ ରଙ୍ଗାୟିତ ଅଞ୍ଚଳ ଭାଜପା ଏବଂ ସବୁଜ ଚିହ୍ନିତ ବିଜେଡି ସପକ୍ଷରେ ଯାଇଛି।

- ପଶ୍ଚିମ ଓଡ଼ିଶାର ସବୁ ଲୋକ ସଭା ଆସନ ଭାଜପା ହାତରେ
- ଉତ୍ତର ଓଡ଼ିଶାରେ ମୟୂରଭଞ୍ଜ, ବାଲେଶ୍ୱର ବିଜେଡି ହାତରୁ ଗଲା
- ରାଜଧାନୀରେ ପଦ୍ମ ବିଜେଡି ଚିନ୍ତାର କାରଣ

# ଅଧ୍ୟକ୍ଷ ପଦ ଛାଡ଼ିବେ ରାହୁଲ

**ନୂଆଦିଲ୍ଲୀ,୨୭।୫**

ଲୋକ ସଭା ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ପରେ ଅଧ୍ୟକ୍ଷ ପଦରେ ରହିବାକୁ ଚାହୁଁନାହାନ୍ତି ରାହୁଲ ଗାନ୍ଧୀ। ସେ ଇସ୍ତଫା ଦେବା ଲାଗି କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ପ୍ରସ୍ତାବ ଦେଇଥିଲେ ହେଁ ଏହାକୁ ଦଳର ବରିଷ୍ଠ ନେତାମାନେ ଅଗ୍ରାହ୍ୟ କରିଦେଇଥିଲେ। ଏହା ସତ୍ତ୍ୱେ ଚିନ୍ତାଧାରାରେ ପରିବର୍ତ୍ତନ କରିନାହାନ୍ତି ରାହୁଲ। ସେ ଅଧ୍ୟକ୍ଷ ପଦରେ ରହିବାକୁ ଚାହୁଁନ ଥିବାରୁ ଦଳକୁ ନୂଆ ମୁଖ୍ୟ ଖୋଜିବାକୁ ପଡିବ ବୋଲି କହିଥିବା ଏକ ସୂତ୍ରରୁ ଜଣାପଡିଛି।

ଦଳର ପରାଜୟକୁ ନେଇ ସେ ଏଭଳି ମର୍ମାହତ ହୋଇ ପଡିଛନ୍ତି ଯେ, ନବନିର୍ବାଚିତ ଏମ୍‌ପିମାନଙ୍କୁ ଭେଟିବାକୁ ଚାହୁଁନାହାନ୍ତି। ତାଙ୍କର ସମସ୍ତ ବୈଠକ ଓ ଅନ୍ୟକୁ ସାକ୍ଷାତ ଦେବା ପାଇଁ ଆପଏଣ୍ଟମେଣ୍ଟ ବାତିଲ ହୋଇଯାଇଛି। ତେବେ ସେ ଦଳର ଦୁଇ ବରିଷ୍ଠ ନେତା ଅହମଦ ପଟେଲ ଏବଂ କେ.ସି. ବେଣୁଗୋପାଳଙ୍କୁ ସୋମବାର ସକାଳେ ଭେଟି ନୂଆ ମୁଖ୍ୟ ଚୟନ କରିବା ଲାଗି କହିଥିବା ଜଣାପଡିଛି। ରାହୁଲ ଅଧ୍ୟକ୍ଷ ପଦ ଛାଡିବା ପାଇଁ ବଦ୍ଧପରିକର ହୋଇଥିଲେ ମଧ୍ୟ ଏହି ପଦବୀ ଉଚ୍ଛେଦ ଚାହୁଁନାହାନ୍ତି। ନୂଆ ମୁଖ୍ୟ ଚୟନ ଲାଗି ସମୟ ଦେବାକୁ ସେ ପ୍ରସ୍ତୁତ ଅଛନ୍ତି। ରାହୁଲଙ୍କ ଏହି ନିଷ୍ପତ୍ତିରେ ତାଙ୍କ ମାଆ ସୋନିଆ ଗାନ୍ଧୀ ଏବଂ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କର ସହମତି ରହିଥିବା ଜଣାପଡିଛି। ପ୍ରଥମେ ସେମାନେ ରାହୁଲଙ୍କ ନିଷ୍ପତ୍ତି ବଦଳାଇବାକୁ ଉଦ୍ୟମ କରିଥିଲେ ହେଁ କଂଗ୍ରେସ ମୁଖ୍ୟ ସମେତ ଦଳରେ ସମ୍ପୂର୍ଣ୍ଣ ପରିବର୍ତ୍ତନର ଆବଶ୍ୟକତା ଥିବା ସ୍ୱୀକାର କରିଛନ୍ତି। ଦଳରେ ପରିବର୍ତ୍ତନ ପାଇଁ କଂଗ୍ରେସ ନେତାମାନେ କହିବା ସତ୍ତ୍ୱେ ରାହୁଲ ତାଙ୍କ ମନୋଭାବରେ ପରିବର୍ତ୍ତନ କରିନାହାନ୍ତି।

ରାହୁଲଙ୍କ ଇସ୍ତଫା ପ୍ରସ୍ତାବକୁ ଦଳ ସର୍ବସମ୍ମତି କ୍ରମେ ପ୍ରତ୍ୟାଖାନ କରିଥିବା ଶନିବାର କଂଗ୍ରେସ କହିଥିବାବେଳେ କାର୍ଯ୍ୟକାରୀ କମିଟିର ରୁଦ୍ଧଦ୍ୱାର ବୈଠକର ପବିତ୍ରତାକୁ ସମ୍ମାନ ଦେବା ଲାଗି ସୋମବାର ଗଣମାଧ୍ୟମକୁ କହିଛି। କୌଣସି ଗୁଜବରେ ନ ପଡି ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ଲାଗି ଉଦ୍ୟମକୁ ଅପେକ୍ଷା କରିବାକୁ କୁହାଯାଇଛି। ବରିଷ୍ଠ ନେତାମାନେ ଦଳ ସ୍ୱାର୍ଥ ଅପେକ୍ଷା ନିଜର ତଥା ପିଲାମାନଙ୍କ ପ୍ରାର୍ଥିତ୍ୱ ଉପରେ ଅଧିକ ଧ୍ୟାନ ଦେଲେ ବୋଲି କାର୍ଯ୍ୟକାରୀ କମିଟି ବୈଠକରେ ରାହୁଲ ଦୋଷାରୋପ କରିଥିଲେ। ସେ କାହା ନାଁ ନେଇ ନ ଥିଲେ। ତେବେ ଅନେକ ବରିଷ୍ଠ ନେତାଙ୍କ ପିଲାମାନେ ନିର୍ବାଚନରେ ପରାଜିତ ହୋଇଛନ୍ତି।

ଅନ୍ୟପକ୍ଷରେ ଦଳର ସ୍ୱାର୍ଥ ପାଇଁ ରାହୁଲ ଚାହିଁଲେ ସାଂଗଠନିକ ସ୍ତରରେ ଏବଂ କଂଗ୍ରେସ ଶାସିତ ରାଜ୍ୟ ସରକାରରେ ପରିବର୍ତ୍ତନ କରିପାରିବେ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ଏଥିପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ତାଙ୍କୁ କ୍ଷମତା ଦେଇଛି। ୫ ମାସ ତଳେ ଗେହଲଟଙ୍କ ନେତୃତ୍ୱରେ ରାଜସ୍ଥାନରେ କଂଗ୍ରେସ ସରକାର ଗଢ଼ିଥିବାବେଳେ ଲୋକ ସଭା ନିର୍ବାଚନରେ ଦଳକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଏଥିପାଇଁ ଗେହଲଟ ଦଳ ଭିତରେ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି।



## ୫ ବର୍ଷିଆ ଶିଶୁକନ୍ୟାଙ୍କୁ ବଳାତ୍କାର

**କଟକ ଅଫିସ, ୨୭।୫**

୫ ବର୍ଷ ବୟସର ଜଣେ ଶିଶୁକନ୍ୟା ବାରମ୍ବାର ବଳାତ୍କାର ଶିକାର ହୋଇଛନ୍ତି। ବଳାତ୍କାରର ଶିକାର ହେବା ପରେ ଶିଶୁକନ୍ୟାଙ୍କ ଯୌନାଙ୍ଗରେ ଭୟଙ୍କର ସଂକ୍ରମଣ ହେବାରୁ ଗତ ମଙ୍ଗଳବାର ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ଏବେ ଏସ୍‌ସିବିର ଚର୍ମରୋଗ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ବଳାତ୍କାର କରିଥିବା ବ୍ୟକ୍ତି ଜଣଙ୍କ ଗୁଣ୍ଡାଶ୍ରେଣୀର ହୋଇଥିବାରୁ ଶିଶୁକନ୍ୟାଙ୍କ ପରିବାର ଲୋକେ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ସାହସ କରିପାରୁନାହାନ୍ତି। ଖବରପାଇ ଚାଇଲ୍ଡଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳ ସୋମବାର ରାତିରେ ମେଡିକାଲରେ ପହଞ୍ଚି ଶିଶୁକନ୍ୟାଙ୍କ ମାଆଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ମଙ୍ଗଳବାର ଏ ନେଇ ସେ ଜିଲା ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରି ଥାନାରେ ଏତଲା ଦେବେ ବୋଲି କହିଛନ୍ତି।

# ଦିନକ ପରେ ୫ମ ପାଳି ଆରମ୍ଭ

- ଜଗନ୍ନାଥଙ୍କ ଦର୍ଶନ ପରେ ଶପଥ ନେବେ ନବୀନ
- ଶିଳ୍ପସଂସ୍ଥା, ରାଜନୈତିକ ଦଳ, ବିଭିନ୍ନ ସଂଗଠନ, ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ଚଳିତ ସାଧାରଣ ନିର୍ବାଚନରେ ବିଜେଡିକୁ ରାଜ୍ୟରେ ବିପୁଳ ବିଜୟ ମିଳିଛି। ୧୧୨ଟି ବିଧାନସଭା ଆସନ ଦଖଲ କରି ୫ମଥର ପାଇଁ ରାଜ୍ୟ ଶାସନ ମଙ୍ଗ ଧରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ସରକାର ଗଠନ ପାଇଁ ରାଜ୍ୟପାଳଙ୍କୁ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇ ସାରିଛି। ରାଜ୍ୟପାଳ ମଧ୍ୟ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ନିମନ୍ତ୍ରଣ କରିଛନ୍ତି। ଅପେକ୍ଷା କେବଳ ଶପଥ ଗ୍ରହଣକୁ। ନବୀନ ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ଆସନ୍ତା ବୁଧବାର ୧୦ଟା ୩୦ ମିନିଟ୍‌ରେ ଶପଥ ନେବେ। ରାଜ୍ୟପାଳ ଗଣେଶୀ ଲାଲ ଶପଥ ପାଠ କରାଇବେ। ଗତ ୪ ପାଳିରୁ ଏଥର ଶପଥ ଗ୍ରହଣ ସମ୍ପୂର୍ଣ୍ଣ ଭିନ୍ନ ହେବ। ବାତ୍ୟା ଫନୀ ପାଇଁ ପୂର୍ବରୁ ନିରାଡମ୍ବର ଶପଥ ଉତ୍ସବ ପାଳିବା ନେଇ ବିଜେଡି ପକ୍ଷରୁ ସଙ୍କେତ ଦିଆଯାଇଥିଲେ ମଧ୍ୟ ପରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ଖୋଲା ମଇଦାନରେ ବଡ଼ ଧୁମ୍‌ଧାମରେ ହେବ ଶପଥ ଗ୍ରହଣ ଉତ୍ସବ। ସେଥିପାଇଁ ରାଜଭବନ ପରିବର୍ତ୍ତେ ପ୍ରଦର୍ଶନୀ ପଡ଼ିଆକୁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ପାଇଁ ବଛାଯାଇଛି। ☞ପୃଷ୍ଠା-୪

## ମୋଦି, ଧର୍ମେନ୍ଦ୍ରଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ଆସନ୍ତା ୨୯ ତାରିଖରେ ପଞ୍ଚମ ଥର ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବା ଲାଗି ନବୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି। ଏଥିସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଔପଚାରିକତା ଦୃଷ୍ଟିରୁ ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରିମଣ୍ଡଳ ଶପଥ ଉତ୍ସବକୁ ବିଭିନ୍ନ ରାଜନୈତିକ ଦଳର ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ଡାକିଥାଆନ୍ତି। ନିର୍ବାଚନ ବେଳେ ରାଜନୈତିକ ଦଳର ନେତାମାନେ ପରସ୍ପରକୁ କଡ଼ା ସମାଲୋଚନା କରିବାକୁ ପଛାଇ ନ ଥାନ୍ତି। ଗତ ନିର୍ବାଚନ ପ୍ରଚାର ବେଳେ ଶାସନ ଗାଦିରେ ବସିବାକୁ ନେଇ ଉଭୟ ବିଜେଡି ଓ ଭାଜପା ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ନବୀନ ଭାଜପାକୁ ସମାଲୋଚନା କରି କହିଥିଲେ ଯେ, ଆମ ଦଳକୁ ସଂଖ୍ୟାଗରିଷ୍ଠ ଆସନ ମିଳିସାରିଛି। ପୁଣି ଆମେ କ୍ଷମତାକୁ ଫେରିବୁ। ଶପଥଗ୍ରହଣ ଉତ୍ସବକୁ ମୋଦିଙ୍କୁ ଏବଂ ଭାଜପାର ନେତାମାନଙ୍କୁ ନିମନ୍ତ୍ରଣ କରାଯିବ। ବିଜେଡି କ୍ଷମତାକୁ ପୁଣି ଫେରିଛି। ମୋଦି ଓ ଧର୍ମେନ୍ଦ୍ରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

# ଏଭରେଷ୍ଟ ତଳକୁ ଅଣାଗଲା କଳ୍ପନାଙ୍କ ମୃତଦେହ

**ଢେଙ୍କାନାଳ ଅଫିସ,୨୭।୫**

ଏଭରେଷ୍ଟ ଆରୋହଣ ପରେ ଫେରି ନ ପାରି ଗତ ଗୁରୁବାର ସେଠାରେ ଆଖି ବୁଜିଦେଇଥିବା ଢେଙ୍କାନାଳର କଳ୍ପନା ଦାଶଙ୍କ ମୃତଦେହ ସୋମବାର ପର୍ବତମାଳାର ପାଦଦେଶକୁ ଅଣାଯାଇଛି। ତାଙ୍କ ପୁତୁରା ଗୌରୀଶଙ୍କର ଦାଶ ରାତି ୮ଟା ୨୦ରେ ଫୋନ୍ ଯୋଗେ ଏହି ସୂଚନା ଦେଇଛନ୍ତି। ଆସନ୍ତା ୩ ଦିନ ମଧ୍ୟରେ ମରଶରୀରକୁ ଢେଙ୍କାନାଳ ଆଣିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜିଲା ପ୍ରଶାସନ ପକ୍ଷରୁ କରାଯାଉଛି। କଳ୍ପନା

**୩ ଦିନ ମଧ୍ୟରେ ଢେଙ୍କାନାଳ ଆସିପାରେ**

ଢେଙ୍କାନାଳବାସୀଙ୍କ ପାଇଁ ସବୁଦିନ ଅମର ରହିବେ। ତାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସହରର ଅନୁଷ୍ଠାନଗୁଡ଼ିକୁ ନେଇ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ଠାରେ ପୂର୍ବାହ୍ନ ସାଢେ ୧୦ଟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ ବୋଲି ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଳ୍ପନାଙ୍କ ☞ପୃଷ୍ଠା-୪






# ଆହୁରି ୨୪ ଘଣ୍ଟା ହିଟ୍ ୱେଭ୍

- ଆଜି ୯ ଜିଲାକୁ ସତର୍କତା ଜାରି
- ସୋନପୁର ଉତ୍ତପ୍ତ ସହର
- ୪୪ ଡିଗ୍ରୀ ଛୁଇଁଲା ୫ ଜିଲା



**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଗୁଳୁଗୁଳି ଯୋଗୁ ଘର ଭିତରେ ବି ରହି ହେଉନି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଲୋକେ ତାତିରେ ଛଟପଟ ହେଉଛନ୍ତି। ତେବେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଆହୁରି ନିଆଁ ବର୍ଷିବ ଓ ସାରା ରାଜ୍ୟରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ କଲବଲ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ୯ ଜିଲା ପାଇଁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି। ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାବାସୀଙ୍କୁ ସତର୍କ ରହିବାକୁ କୁହାଯାଇଛି। ଏସବୁ ଜିଲାରେ ଭୟଙ୍କର ତାତି ସହ ଝାଞ୍ଜିମାଡ଼ ହେବ। ଏହାପରେ ତାତିରେ ସାମାନ୍ୟ ପରିବର୍ତ୍ତନ ଆସିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

ତେବେ ସୋମବାର ସୋନପୁର ସବୁଠାରୁ ଉତ୍ତପ୍ତ ସହର ରହିଥିଲା। ଏଠାରେ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିଭଳି ୧୧ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୫ ସହରର ତାପମାତ୍ରା ୪୪ ଡିଗ୍ରୀ ଛୁଇଁଥିଲା। ସମ୍ବଲପୁର ୪୪.୭, ଟିଟିଲାଗଡ଼ ୪୪.୬, ତାଳଚେର ୪୪.୩, ଝାରସୁଗୁଡ଼ା ୪୪, ବଲାଙ୍ଗୀର ୪୩.୭, ହୀରାକୁଦ ୪୩.୬, ମାଲକାନଗିରି ୪୩.୨, ଭବାନୀପାଟଣା ୪୩, ଅନୁଗୋଳ ୪୨.୭, ସୁନ୍ଦରଗଡ଼ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟେ ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ ଅସହ୍ୟ ସ୍ଥିତି ଲାଗି ରହିଛି। ଯଦିଓ ଏଠାରେ ତାପମାତ୍ରା ଅଧିକ ରହୁନି, ତଥାପି ପ୍ରବଳ ଝାଞ୍ଜି ପବନ ଏଠାରେ ଯାତାୟାତରେ ବ୍ୟାଘାତ ସୃଷ୍ଟି କରୁଛି। ସକାଳ ୯ଟା ହେଲେ ବାହାରକୁ ବାହାରିବାକୁ ଡର ଲାଗୁଛି। ଅପରାହ୍ନ ପର୍ଯ୍ୟନ୍ତ ରାସ୍ତାଘାଟ ଶୁନ୍‌ଶାନ ହୋଇଯାଉଛି। ସୋମବାର ଭୁବନେଶ୍ୱରରେ ତାପମାତ୍ରା ୩୮.୨ ରହିଥିବାବେଳେ କଟକରେ ୩୭.୮ ଡିଗ୍ରୀ ରେକର୍ଡ କରାଯାଇଛି।

ସେପଟେ ରାତିରେ କାଳବୈଶାଖୀ ମଧ୍ୟ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ହେଉଥିବାରୁ ଏହି ସମୟରେ ଲୋକେ ଭୟ ଓ ଆଶଙ୍କାରେ ବାହାରକୁ ଯାଉଛନ୍ତି। ମଙ୍ଗଳବାର ମଧ୍ୟ ରାଜ୍ୟର କିଛି କିଛି ଅଞ୍ଚଳରେ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଞ୍ଜାମ ଆଦି ଜିଲାରେ କାଳବୈଶାଖୀ ହେବ। ଏହି ସମୟରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତର ସମ୍ଭାବନା ରହିଛି। ସେହିପରି ଉପକୂଳ ଓଡ଼ିଶାର ବାକି ଜିଲା ସହ କନ୍ଧମାଳ, ଅନୁଗୋଳ, ସୁନ୍ଦରଗଡ଼, ଦେବଗଡ଼ ଓ ବୌଦ୍ଧ ଜିଲାରେ ବଜ୍ରପାତ ହେବ। ଅନ୍ୟପଟେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

**ଆଜିର ସମ୍ପାଦକୀୟ**

ଦେଖଣାହାରି

**ଆଜିର ମନ୍ତବ୍ୟ**

"୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମେ ସବୁ ରେକର୍ଡ ଭାଙ୍ଗିବୁ।

-ଅରବିନ୍ଦ କେଜ୍‌ରିୱାଲ
ଏଏପି ଜାତୀୟ ଆବାହକ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ ମାସରେ ଦେଶର କୋଇଲା ଆମଦାନୀ ୧୩% ବୃଦ୍ଧି ଘଟି ୨୧ ନିୟୁତ ଟନ୍ ରହିଛି।

- କୋଇଲା ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 27.05.2019 | Venccobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 87 | 141 | 151 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers



ଦଳ ଦାୟିତ୍ୱ ଦେଲେ ଲୋକ ସଭାରେ କଂଗ୍ରେସ ନେତା ଭାବେ କାର୍ଯ୍ୟ ତୁଲାଇବାକୁ ପ୍ରସ୍ତୁତ ଅଛି ।
- ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା



# ବାରାଣସୀରେ ମୋଦି

■ ତୃଣମୂଳ ସ୍ତରର କର୍ମୀଙ୍କୁ ବିଜୟର ଶ୍ରେୟ ଦେଲେ
■ କାଶୀ ବିଶ୍ୱନାଥ ମନ୍ଦିରରେ କଲେ ପୂଜାର୍ଚ୍ଚନା

ବାରାଣସୀ,୨୭।୫(ପି.ଟି.)

ଲୋକ ସଭା ନିର୍ବାଚନରେ ତାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନିଜ ନିର୍ବାଚନ ମଣ୍ଡଳୀ ବାରାଣସୀ ଯାଇ ଭୋଟରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କର୍ମ ଓ କର୍ମୀ ବିସ୍ମୟ ସୃଷ୍ଟି କରିଥିବାରୁ ବିଜୟର ସମ୍ପୂର୍ଣ୍ଣ ଶ୍ରେୟ ସେ ତୃଣମୂଳ ସ୍ତରର କର୍ମୀମାନଙ୍କୁ ଦେଇଛନ୍ତି। ନିର୍ବାଚନ ଗଣିତ ଉପରେ ସମ୍ପର୍କର ବିଜୟ ହୋଇଥିବା ରାଜନୈତିକ ସମୀକ୍ଷକମାନଙ୍କୁ ଗ୍ରହଣ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଦେଶ ପାଇଁ ପ୍ରଧାନମନ୍ତ୍ରୀ, କିନ୍ତୁ ବାରାଣସୀର ଜନସାଧାରଣଙ୍କ ପାଇଁ ସେ ଜଣେ ଏମ୍‌ପି ଓ ସେମାନଙ୍କର ସେବକ ବୋଲି ନିଜକୁ ଅଭିହିତ କରିଛନ୍ତି। ତାଙ୍କ ବିରୋଧରେ ଲଢୁଥିବା ବିରୋଧୀ ନେତାମାନଙ୍କୁ ମୋଦି କୃତଜ୍ଞତା ଜଣାଇଛନ୍ତି। ପଶ୍ଚିମବଙ୍ଗ, ତ୍ରିପୁରା ଏବଂ କେରଳରେ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଥିବାରୁ ସେଠାରେ ଦଳ ରାଜନୈତିକ ଅସ୍ପୃଶ୍ୟତା ଓ ହିଂସାର ସମ୍ମୁଖୀନ ହୋଇଛି ବୋଲି ମୋଦି କ୍ଷୋଭର ସହ କହିଛନ୍ତି।

ନିର୍ବାଚନ ବିଜୟ ପରେ ପ୍ରଥମ ଥର ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ଅବସରରେ ପ୍ରଧାନମନ୍ତ୍ରୀ କାଶୀ ବିଶ୍ୱନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ୟୁପି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ସହ ମୋଦି ବିଶ୍ୱନାଥ ମନ୍ଦିରରେ ପ୍ରବେଶ କରି ପୂଜା କରିଥିଲେ।



କାଶୀ ବିଶ୍ୱନାଥ ମନ୍ଦିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂଜାର୍ଚ୍ଚନା କରୁଛନ୍ତି। ନିକଟରେ ଅଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ।

## ସଂକ୍ଷେପରେ

### ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ୬ରୁ



**ନୂଆଦିଲ୍ଲୀ,୨୭।୫:** ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ଜୁନ୍ ୬ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିପାରେ ବୋଲି ଜଣାପଡ଼ିଛି। ମେ ୩୦ରେ ପ୍ରଧାନମନ୍ତ୍ରୀଭାବେ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିବା ପରେ ୩୧ରେ ନୂଆ କ୍ୟାବିନେଟ୍‌ର ପ୍ରଥମ ବୈଠକ ବସିବ। ଏହି ବୈଠକରେ ଲୋକ ସଭାର ପ୍ରଥମ ଅଧିବେଶନ ସମ୍ପର୍କରେ ତାରିଖ ସ୍ଥିର କରାଯିବ। ଜୁନ୍ ୬ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେବେ। ସେହିଦିନ କାମଚଳା ବାଚସ୍ପତିଙ୍କୁ ନିଯୁକ୍ତି ଦିଆଯିବା ପରେ ନବନିର୍ବାଚିତ ସଦସ୍ୟଙ୍କୁ ସେ ଶପଥପାଠ କରାଇବେ। ୧୦ ତାରିଖରେ ବାଚସ୍ପତି ନିର୍ବାଚନ ହେବା ସମ୍ଭାବନା ରହିଛି। ମେ ୩୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ପ୍ରକାଶଥାଉ କି, କଂଗ୍ରେସ ନେତା ଜବାହରଲାଲ୍ ନେହେରୁ, ଇନ୍ଦିରା ଗାନ୍ଧୀ ଓ ମନମୋହନ ସିଂଙ୍କ ପରେ ଭାଜପା ନେତା ନରେନ୍ଦ୍ର ମୋଦି ଲଗାତର ଦ୍ୱିତୀୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

### ତେଜସ୍ୱୀଙ୍କୁ ଆର୍‌ଜେଡି ବିଧାୟକଙ୍କ ବିରୋଧ

**ପାଟ୍‌ନା,୨୭।୫**-ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ବିଧାୟକ ମହେଶ୍ୱର ଯାଦବ ବିରୋଧୀ ଦଳ ନେତା ପଦରୁ ତେଜସ୍ୱୀ ଯାଦବଙ୍କ ଇସ୍ତଫା ଦାବି କରିଛନ୍ତି। ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ନୈତିକତା ଦୃଷ୍ଟିରୁ ତେଜସ୍ୱୀ ଇସ୍ତଫା ଦେଇଦେବେ ଉଚିତ ବୋଲି ସେ କହିଛନ୍ତି। ମୁଜାଫରପୁରର ଗାଇଘାଟ ବିଧାନସଭା ଆସନରୁ ବିଧାୟକ ଥିବା ମହେଶ୍ୱର ନିର୍ବାଚନ ପରାଜୟର ସମୀକ୍ଷା ଲାଗି ଦଳ ପକ୍ଷରୁ ଡକାଯାଇଥିବା ବୈଠକ ପୂର୍ବରୁ ଏଭଳି ଦାବି କରିଛନ୍ତି। ଲାଲୁଙ୍କ ଉପରେ ବର୍ଷି ଆର୍‌ଜେଡିକୁ ଘରୋଇ ଜାଗିର୍‌ଦାରିରେ ପରିଣତ କରିସାରିଲେଣି ବୋଲି ସେ ଅଭିଯୋଗ କରିଛନ୍ତି। ବିହାରର ମୋଟ ୪୦ ଆସନରୁ ଏଥର ଆର୍‌ଜେଡିକୁ ଗୋଟିଏ ବି ଆସନ ମିଳିପାରିନାହିଁ। ଯାହାକୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି।



### ଭାଜପାରେ ଯୋଗଦେବେ ଅଳ୍ପେଶ ଠାକୁର

**ଗାନ୍ଧିନଗର,୨୭।୫:** ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ିଥିବା ଗୁଜରାଟ ବିଧାୟକ ଅଳ୍ପେଶ ଠାକୁର ଭାଜପାରେ ସାମିଲ ହେବେ ବୋଲି ଶୁଣାଯାଉଛି। ଏହି କଳ୍ପନାଜଳ୍ପନା ସହ ସେ ସୋମବାର ରାଜ୍ୟ ଉପମୁଖ୍ୟମନ୍ତ୍ରୀ ନୀତିନଭାଇ ପଟେଲ୍‌ଙ୍କୁ ସାକ୍ଷାତ କରିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ପଟେଲ କହିଛନ୍ତି ଯେ, ଭାଜପାରେ ସାମିଲ୍ ହେବାଲାଗି ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ଦ୍ୱାର ଖୋଲାରହିଛି । ପ୍ରକାଶଥାଉ କି, ୨୦୧୭ ଗୁଜରାଟ ବିଧାନସଭା ନିର୍ବାଚନ ପୂର୍ବରୁ ଅଳ୍ପେଶ୍ ସମର୍ଥକମାନଙ୍କ ସହ କଂଗ୍ରେସରେ ଯୋଗଦେଇ ରାଧନ୍‌ପୁର୍‌ରୁ ବିଜୟୀ ହୋଇଥିଲେ। ଗୁଜରାଟ୍‌ର ଜଣେ ଟାଣୁଆ ପଛୁଆ ବର୍ଗର ନେତାଭାବେ ସେ ବେଶ୍ ଜଣାଶୁଣା। ପଟିଦାର୍ ସମ୍ପ୍ରଦାୟର ସେ ଜଣେ ଟାଣୁଆ ନେତାଭାବେ ପରିଚିତ।

### ନାଗରିକତ୍ୱ ସଂଶୋଧନ, ତିନି ତଲାକ୍ ବିଲ୍ ରଦ୍ଦ

ନୂଆଦିଲ୍ଲୀ,୨୭।୫(ପି.ଟି.)-ଷୋଡ଼ଶ ଲୋକ ସଭା ଭଙ୍ଗ ହେବା ସହ ବିବାଦୀୟ ନାଗରିକତ୍ୱ (ସଂଶୋଧନ) ବିଲ୍ ଏବଂ ତିନି ତଲାକ ବିଲ୍ ରଦ୍ଦ ହୋଇଯାଇଛି। ଉଭୟ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲାବେଳେ ଗତ ବଜେଟ ଅଧିବେଶନରେ ରାଜ୍ୟ ସଭାରେ ଅନୁମୋଦନ ହୋଇ ନ ପାରି ପଡିରହିଥିଲା। ଷୋଡଶ ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବାକୁ ଥିବାବେଳେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବାରୁ କେନ୍ଦ୍ର କ୍ୟାବିନେଟରେ ସୁପାରିସ କ୍ରମେ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିମ୍ନ ସଦନକୁ ଭଙ୍ଗ କରିଛନ୍ତି।

## ଅରୁଣାଚଳପ୍ରଦେଶ: ବୁଧବାର ପେମା ଖଣ୍ଡୁଙ୍କ ଶପଥ ଗ୍ରହଣ

ଗୁଆହାଟୀ,୨୭।୫(ଆଇଏଏନ୍‌ଏସ୍)



ଭାଜପା ନେତା ପେମା ଖଣ୍ଡୁ ଦ୍ୱିତୀୟ ଥର ପାଇଁ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ସୋମବାର ଭାଜପା ବିଧାୟକ ଦଳ ବୈଠକ ବସି ଖଣ୍ଡୁଙ୍କୁ ନେତା ନିର୍ବାଚିତ କରାଯାଇଥିଲା। ପରେ ସେ ବିଧାୟକ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଚୌନା ମୈନ ଏବଂ ରାଜ୍ୟ ଭାଜପା ସଭାପତି ତଥା ଏମ୍‌ପି ତାବିର ଗାଓଙ୍କ ସହ ଯାଇ ରାଜ୍ୟପାଳ ବ୍ରିଗେଡିୟର ବି.ଡି. ମିଶ୍ରଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଛନ୍ତି। ୪୦ ନବନିର୍ବାଚିତ ବିଧାୟକ ସର୍ବସମ୍ମତିକ୍ରମେ ତାଙ୍କୁ ନେତା ବାଛିଥିବା ଖଣ୍ଡୁ ରାଜ୍ୟପାଳଙ୍କୁ କହିଥିଲେ। ସମ୍ବିଧାନର ଧାରା ୧୬୪(୧) ଅନୁଯାୟୀ ରାଜ୍ୟପାଳ ଖଣ୍ଡୁଙ୍କୁ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିବା ସହ ବୁଧବାର ଶପଥ ଗ୍ରହଣ ପାଇଁ ଆମନ୍ତ୍ରଣ କରିଛନ୍ତି। ଇଟାନଗରସ୍ଥିତ ଦୋର୍ଜୀ ଖଣ୍ଡୁ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ରବିବାର ପେମା ଖଣ୍ଡୁ ତାଙ୍କ ମନ୍ତ୍ରିମଣ୍ଡଳ ସହ ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ଦେବା ସହ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଥିଲେ। ରାଜ୍ୟପାଳ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ସହ ପରବର୍ତ୍ତୀ ସରକାର ଗଠନ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ଲାଗି ଅନୁରୋଧ କରିଥିଲେ।

## ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଗୋଲେ

ଗାଙ୍ଗଟକ୍,୨୭।୫(ପି.ଟି.)

ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ଏସ୍‌କେଏମ୍ (ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା) ଅଧ୍ୟକ୍ଷ ପ୍ରେମ୍ ସିଂ ତମାଙ୍ଗ ଓରଫ ପି.ଏସ୍. ଗୋଲେ ସୋମବାର ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହିତ ୧୧ ଏସ୍‌କେଏମ୍ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।



ରାଜ୍ୟପାଳ ଗଙ୍ଗା ପ୍ରସାଦ ମୁଖ୍ୟମନ୍ତ୍ରୀ ଭାବେ ପି.ଏସ୍. ଗୋଲେଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଉଛନ୍ତି।

ପାଲଜୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଗଙ୍ଗା ପ୍ରସାଦ ମୁଖ୍ୟମନ୍ତ୍ରୀ ଓ ବିଧାୟକମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ବିଧାୟକ ନ ଥିବା ଗୋଲେଙ୍କୁ ଶନିବାର ଏସ୍‌କେଏମ୍ ବିଧାୟକ ଦଳ ବୈଠକରେ ନେତା ନିର୍ବାଚନ କରାଯାଇଥିଲା। ଶପଥ ନେଇଥିବା ମନ୍ତ୍ରୀମାନେ ହେଲେ କୁଙ୍ଗା ନିମା ଲେପ୍‌ଚା, ସୋନମ୍ ଲାମା, ବେଦୁ ସିଂ ପନ୍ଥ, ଡ. ମଣିକୁମାର ଶର୍ମା, ଅରୁଣ କୁମାର ଉପ୍ରେତି, ସନ୍ଦୁପ୍ ଲାପ୍‌ଚା, ଲୋକନାଥ ଶର୍ମା, ମିଙ୍ଗ୍‌ମା ନୋର୍ବୁ ଶେର୍ପା, କର୍ମା ଲୋଡେ ଭୂଟିଆ, ଭୀମ୍ ହାଙ୍ଗ ଲିମ୍ବୁ ଏବଂ ସଞ୍ଜିତ ଖରେଲ।

ଗୋଲେ ନେପାଳୀ ଭାଷାରେ ଶପଥ ନେଇଥିବାବେଳେ ଷ୍ଟାଡିୟମ୍‌ରେ ହଜାର ହଜାର ଦଳୀୟ ସମର୍ଥକ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ବିଦାୟୀ ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମଲିଙ୍ଗ୍ ଏବଂ ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସ୍‌ଡିଏଫ୍)ର ବରିଷ୍ଠ ନେତାମାନେ ଯୋଗଦେଇ ନ ଥିଲେ। ୨୦୧୩ରେ ଗଠିତ ଏସ୍‌କେଏମ୍ ୩୨ ଆସନ ବିଶିଷ୍ଟ ସିକିମ ବିଧାନସଭାରେ ୧୭ ଆସନରେ ବିଜୟୀ ହୋଇଥିବାବେଳେ ଶାସକ ଦଳ ଏସ୍‌ଡିଏଫ୍‌କୁ ୧୫ ଆସନ ମିଳିଥିଲା। ଫଳରେ ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିଆସିଥିବା ଚାମ୍‌ଲିଙ୍ଗ୍ ସରକାରଙ୍କୁ ବିଦାୟ ନେବାକୁ ହୋଇଛି।

## ଜେଲରେ କଏଦୀଙ୍କ ମଧ୍ୟରେ ସଂଘର୍ଷ: ୧୫ ମୃତ

ସାଓ ପୌଲୋ(ବ୍ରାଜିଲ୍),୨୭।୫

ଉତ୍ତର ବ୍ରାଜିଲ୍‌ର ଆମାଜନ୍ସ ପ୍ରଦେଶରେ ଥିବା ଏକ ଜେଲ୍‌ରେ କଏଦୀଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରବିବାର ଜେଲ୍ ଭିତରେ ଏହି ସଂଘର୍ଷ ହୋଇଥିବାବେଳେ କାହାର ବି ମୃତ୍ୟୁ ହୋଇ ନ ଥିଲା ବୋଲି କଲୋନେଲ୍ ମାର୍କସ୍ ଭିନିସିୟସ୍ ଆଲ୍‌ମେଇଦା ପ୍ରକାଶ କରିଛନ୍ତି। କେତେଜଣ କଏଦୀଙ୍କୁ ଧାରୁଆ ଟୁଥ୍‌ବ୍ରଶ୍‌ରେ ଆକ୍ରମଣ କରାଯାଇଥିବାବେଳେ ଆଉ କେତେଜଣଙ୍କୁ ଗଳାଚିପି ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏନେଇ ତଦନ୍ତ କରାଯାଉଥିବା ଆଲ୍‌ମେଇଦା କହିଛନ୍ତି। ପ୍ରକାଶଥାଉ କି, ୨୦୧୭ ଜାନୁୟାରୀରେ ଏଭଳି ସଂଘର୍ଷ ଘଟି ୫୬ ଜଣଙ୍କ ମୃତ୍ୟୁ ଘଟିଥିଲା। ବ୍ରାଜିଲରେ ବିଶ୍ୱର ତୃତୀୟ ସର୍ବାଧିକ କଏଦୀ ରହୁଥିବାବେଳେ ଜେଲରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ଯୋଗୁ ସଂଘର୍ଷ ଏଭଳି ରୂପ ନେଇଥିବା କୁହାଯାଉଛି।

## ରାଜୀବ ଗୌବା ହୋଇପାରନ୍ତି କ୍ୟାବିନେଟ ସଚିବ

ନୂଆଦିଲ୍ଲୀ,୨୭।୫(ପି.ଟି.)



ସ୍ୱରାଷ୍ଟ୍ର ସଚିବ ଥିବା ରାଜୀବ ଗୌବା ପରବର୍ତ୍ତୀ କ୍ୟାବିନେଟ ସଚିବ ହୋଇପାରନ୍ତି ବୋଲି ଜଣାପଡିଛି। ବର୍ତ୍ତମାନ କ୍ୟାବିନେଟ ସଚିବ ଥିବା ପି.କେ. ସିହ୍ନାଙ୍କ ୪ ବର୍ଷର କାର୍ଯ୍ୟକାଳ ଆସନ୍ତା ଜୁନ୍ ୧୨ରେ ଶେଷ ହେବାକୁ ଯାଉଛି। ଗୌବାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ମୁଖ୍ୟ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍ ସ୍ୱରାଷ୍ଟ୍ର ସଚିବ ହେବା ନେଇ ଚର୍ଚ୍ଚା ହେଉଛି।

ସର୍ବବରିଷ୍ଠ ପ୍ରଶାସନିକ ଅଧିକାରୀ ଗୌବା କେନ୍ଦ୍ର ସରକାର ସମେତ ଝାଡଖଣ୍ଡ ଓ ବିହାର ସରକାରର ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ତୁଲାଇଛନ୍ତି। ସ୍ୱରାଷ୍ଟ୍ର ସଚିବ ଭାବେ ତାଙ୍କର ୨ ବର୍ଷ କାର୍ଯ୍ୟକାଳ ଅଗଷ୍ଟ ୩୧ରେ ଶେଷ ହେବାକୁ ଯାଉଛି। ତେଣୁ ସେ କ୍ୟାବିନେଟ ସଚିବ ହେବାର ସମସ୍ତ ସମ୍ଭାବନା ରହିଛି ବୋଲି ନିଯୁକ୍ତି ସମ୍ପର୍କିତ ନିଷ୍ପତ୍ତି ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୧୯୮୨ ବ୍ୟାଚ୍‌ର ଝାଡଖଣ୍ଡ କ୍ୟାଡର ଆଇଏଏସ୍ ଅଫିସର ଗୌବା ଯଦି କ୍ୟାବିନେଟ ସଚିବ ହୁଅନ୍ତି ତେବେ ସେ ଏହି ପଦବୀରେ ୨ ବର୍ଷ ରହିବେ। ପରେ ଏହି ଅବଧିକୁ ଆଉ ଦୁଇ ବର୍ଷ ବଢ଼ାଯାଇପାରିବ।

■ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବ

## ଯୋଗଦେବେ ୮ ରାଷ୍ଟ୍ରର ନେତା

ନୂଆଦିଲ୍ଲୀ,୨୭।୫

ଆସନ୍ତା ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଯାଉଥିବାବେଳେ ଏହି ଉତ୍ସବରେ ବାଂଲାଦେଶ, ମ୍ୟାନ୍‌ମାର, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ ଓ ଭୁଟାନର ନେତାମାନେ ଯୋଗଦେବେ। ଭାରତ ସରକାରଙ୍କ ପକ୍ଷରୁ ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରର ନେତାମାନଙ୍କୁ ଆମନ୍ତ୍ରଣ କରାଯାଇଛି। ପଡୋଶୀ ପ୍ରଥମ ନୀତିକୁ ସରକାର ପ୍ରାଧାନ୍ୟ ଦେଉଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହା ବ୍ୟତୀତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଅଧ୍ୟକ୍ଷ ଥିବା କିର୍‌ଗିଜ ରିପବ୍ଲିକ୍ ଏବଂ ଚଳିତ ବର୍ଷ ପ୍ରବାସୀ ଭାରତୀୟ ଦିବସରେ ମୁଖ୍ୟ ଅତିଥି ହୋଇଥିବା ମରିସସ୍ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଶପଥ ଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଥିବା ସରକାରୀ ମୁଖପାତ୍ର କହିଛନ୍ତି। ୨୦୧୪ରେ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବକୁ ସମସ୍ତ ସାର୍କ ନେତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଗୁରୁବାର ରାତି ୭ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟମାନଙ୍କୁ ଶପଥ ପାଠ କରାଇବେ। ରାଷ୍ଟ୍ରପତି ଭବନରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଶନିବାର ମୋଦିଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିଲେ ଏବଂ ସରକାର ଗଠନ ଲାଗି ତାଙ୍କୁ ଆମନ୍ତ୍ରଣ କରିଥିଲେ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୫୪୨ ଆସନ ଲାଗି ନିର୍ବାଚନ ହୋଇଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୩୫୩ ଆସନରେ ବିଜୟୀ ହୋଇଛି।



ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ୫୫ତମ ଶ୍ରାଦ୍ଧବାର୍ଷିକୀରେ ଶାନ୍ତିବନରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ସିବିଆଇରେ ହାଜର ହେଲେନି ରାଜୀବ କୁମାର

**କୋଲକାତା,୨୭।୫(ପି.ଟି.)**-ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ସୋମବାର ଜେରାର ସମ୍ମୁଖୀନ ହେବା ଲାଗି କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ରବିବାର ସିବିଆଇ ସମନ ଜାରି କରିଥିଲା। ଏହା ସତ୍ତ୍ୱେ ସେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇନାହାନ୍ତି। ସେ ସିବିଆଇକୁ ଏକ ପତ୍ର ଲେଖି ହାଜର ହେବା ପାଇଁ ଅଧିକ ସମୟ ଲୋଡିଛନ୍ତି। ଜଣେ ସିଆଇଡି ଅଧିକାରୀ ସିବିଆଇର ସଲ୍ଟ ଲେକ୍‌ସ୍ଥିତ କାର୍ଯ୍ୟାଳୟକୁ ଯାଇ ଉକ୍ତ ପତ୍ର ପ୍ରଦାନ କରିଥିଲେ। ରାଜୀବ ତିନିଦିନ ଛୁଟିରେ ଥିବାରୁ ସମନ ଅନୁଯାୟୀ ହାଜର ହୋଇପାରୁ ନାହାନ୍ତି ବୋଲି ଉକ୍ତ ପତ୍ରରେ ଲେଖିଛନ୍ତି। ଜେରାରୁ ମୁକ୍ତି ପାଇବା ପାଇଁ ସେ ଯେପରି କୌଣସି ଆଇନଗତ ପଦକ୍ଷେପ ଗ୍ରହଣ ନ କରନ୍ତି ସେଥିପାଇଁ ସିବିଆଇ ଅଧିକାରୀମାନେ ବାରାସାତ କୋର୍ଟରେ ଉପସ୍ଥିତ ଥିଲେ। ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଠାଇନେବା ପରେ ପଶ୍ଚିମବଙ୍ଗ ସରକାର ରବିବାର ରାଜୀବଙ୍କୁ ସିଆଇଡିର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ପୁନଃ ଅବସ୍ଥାପିତ କରିଥିଲେ।

## ପୁଣି ୩ ପ୍ରଦେଶ କଂଗ୍ରେସ ମୁଖ୍ୟଙ୍କ ଇସ୍ତଫା

**ନୂଆଦିଲ୍ଲୀ,୨୭।୫-** ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଏବେ ଦଳରେ ଇସ୍ତଫାର ସୁଅ ଛୁଟିଛି। ସୋମବାର ପୁଣି ୩ ରାଜ୍ୟର କଂଗ୍ରେସ ମୁଖ୍ୟ ନୈତିକତା ଦୃଷ୍ଟିରୁ ସେମାନଙ୍କର ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇଛନ୍ତି। ଏଥିସହ ଏପର୍ଯ୍ୟନ୍ତ ୬ ରାଜ୍ୟର କଂଗ୍ରେସ ମୁଖ୍ୟ ଇସ୍ତଫା ଦେଇସାରିଲେଣି।

ପଞ୍ଜାବର କଂଗ୍ରେସ ମୁଖ୍ୟ ସୁନୀଲ ଜାଖର ତାଙ୍କ ଇସ୍ତଫାପତ୍ର ଇମେଲ୍‌ରେ କଂଗ୍ରେସ ଅଧ୍ୟକ୍ଷଙ୍କ ନିକଟକୁ ପଠାଇଦେଇଛନ୍ତି। ସେ ଗୁର୍‌ଦାସପୁରରୁ ଭାଜପା ପ୍ରାର୍ଥୀ ସନ୍ନି ଦେଓଲ୍‌ଙ୍କଠାରୁ ପରାଜୟବରଣ କରିଥିଲେ। ଦଳକୁ ଏଠାରେ ୧୩ଟିରୁ ୮ଟି ଆସନରେ ସଫଳତା ମିଳିଥିଲା। ସେହିଭଳି ଝାଡ଼ଖଣ୍ଡରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ କଂଗ୍ରେସ ମୁଖ୍ୟ ଅଜୟ ରାୟ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏଠାରେ କଂଗ୍ରେସ ମୋଟ ୧୪ଟିରୁ ମାତ୍ର ଗୋଟିଏ ଆସନ ଜିତିବାରେ ସକ୍ଷମ ହୋଇଛି। ଅନୁରୂପଭାବେ ଆସାମ କଂଗ୍ରେସ ମୁଖ୍ୟ ରିପୁନ୍ ବୋରା ଦଳୀୟ ପରାଜୟ ଲାଗି ନିଜକୁ ଦାୟୀକରି ନୈତିକତା ଦୃଷ୍ଟିରୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ମୋଟ ୧୪ ଆସନରୁ କଂଗ୍ରେସ ଏଠାରେ ମାତ୍ର ୩ଟିରେ ବିଜୟର ସ୍ୱାଦ ଚାଖିବାରେ ସଫଳ ହୋଇଛି। ଏହା ପୂର୍ବରୁ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ ମୁଖ୍ୟ ଅଶୋକ ଚଭନ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିଲେ।

## ୪ ନୂଆ ବିଚାରପତି ଶପଥ ନେଲେ

**ନୂଆଦିଲ୍ଲୀ,୨୭।୫(ପି.ଟି.)**-ଦିଲ୍ଲୀ ହାଇକୋର୍ଟରେ ଜଣେ ମହିଳା ବିଚାରପତିଙ୍କ ସହ ୪ ନୂଆ ବିଚାରପତି ସୋମବାର ଶପଥ ଗ୍ରହଣ କରିଛନ୍ତି। ଏହାସହ କୋର୍ଟର ବିଚାରପତି ସଂଖ୍ୟା ୪୦ରେ ପହଞ୍ଚିଛି। ବିଚାରପତି ତଲ୍‌ୱନ୍ତ ସିଂ, ରଜ୍‌ନୀଶ୍ ଭଟ୍ଟନାଗର୍, ଆଶା ମେନନ୍ ଓ ବ୍ରିଜେଶ୍ ସେଠୀଙ୍କୁ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ୍ ପଦ ଓ ଗୋନୀୟତାର ଶପଥପାଠ କରାଇଥିଲେ। ଦିଲ୍ଲୀ ହାଇକୋର୍ଟରେ ଅନୁମୋଦିତ ବିଚାରପତି ସଂଖ୍ୟା ୬୦ ଥିବାବେଳେ ଏବେ ବି ଆଉ ୨୦ ବିଚାରପତିଙ୍କ ଆବଶ୍ୟକତା ରହିଛି। ସରକାରଙ୍କ ଦ୍ୱାରା ବିଚାରପତିଙ୍କ ନାମ ଚୂଡାନ୍ତ ହେବାପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଯୁକ୍ତି ଦେଇଥିଲେ।



ତିରୁପତି ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ।

## କର୍ତ୍ତାରପୁର କରିଡରକୁ ନେଇ ବୈଠକ


**ଚଣ୍ଡିଗଡ,୨୭।୫(ପି.ଟି.)**-ପଞ୍ଜାବର ଗୁର୍‌ଦାସପୁର ଜିଲାରେ ଥିବା ଡେରା ବାବା ନାନକଙ୍କ ପୀଠ ସହ ପାକିସ୍ତାନର କର୍ତ୍ତାରପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବଙ୍କ ପୀଠକୁ ଯୋଡିବା ଲାଗି ନିର୍ମାଣ କରିଡରର ରୂପାୟନକୁ ନେଇ ସୋମବାର ଭାରତ ଓ ପାକିସ୍ତାନର ଅଧିକାରୀମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇଘଣ୍ଟା ଧରି ବସିଥିବା ଏହି ବୈଠକରେ କରିଡର ନିର୍ମାଣ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଭାରତ ପକ୍ଷରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭାରତର ବନ୍ଦର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷର ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ।

## ଜୋର୍ ଧରିଲା ରାମମନ୍ଦିର ନିର୍ମାଣ ପ୍ରସଙ୍ଗ

■ ଭାଗବତ କହିଲେ, ନିଶ୍ଚୟ ହେବ
■ ମୌଲବୀଙ୍କ ତୀବ୍ର ପ୍ରତିକ୍ରିୟା

ଉଦୟପୁର,୨୭।୫

ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ବିପୁଳ ଭୋଟରେ ବିଜୟୀ ହେବା ପରେ ହିନ୍ଦୁ ସଙ୍ଗଠନରେ ଉତ୍ସାହ ଦେଖାଦେଇଛି। ଏଥିସହିତ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପ୍ରସଙ୍ଗ ପୁଣି ଥରେ ଜୋର୍ ଧରିଛି। ସେଠାରେ ନିଶ୍ଚୟ ରାମ ମନ୍ଦିର ନିର୍ମାଣ ହେବ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଆମକୁ ରାମଙ୍କ କାମ କରିବାକୁ ଅଛି ଏବଂ ଏହା ନିଶ୍ଚୟ କରି ରହିବୁ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ରାଜସ୍ଥାନର ଉଦୟପୁରଠାରେ ଏକ ଉତ୍ସବକୁ ଉଦ୍‌ବୋଧନ ଦେବା ଅବସରରେ ଜନସାଧାରଣ ସଚେତନ, ଶାନ୍ତିପୂର୍ଣ୍ଣ ସକ୍ରିୟ ଏବଂ ଦୃଢ଼ ରହିବାକୁ ଭାଗବତ ପରାମର୍ଶ ଦେଇଛନ୍ତି।



ମୋହନ ଭାଗବତ

ଅନ୍ୟପକ୍ଷରେ ଆରଏସ୍‌ଏସ୍ ମୁଖ୍ୟଙ୍କ ରାମ ମନ୍ଦିର ମନ୍ତବ୍ୟକୁ ନେଇ ମୁସଲମାନ ମୌଲବୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇଦଗାହ ଇମାମ ମୌଲାନା ଖଲିଦ ରଶିଦ ଫିରଙ୍ଗି ମହାଲି କହିଛନ୍ତି, ଅଯୋଧ୍ୟା ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାବେଳେ ଏଭଳି ମନ୍ତବ୍ୟ ଦେବା ଠିକ୍ ନୁହେଁ। ଅଦାଲତଙ୍କ ତତ୍ତ୍ୱାବଧାନରେ ବିବାଦୀୟ ରାମ ଜନ୍ମଭୂମି ମାମଲାର ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରହିଛି। ମୁସଲମାନମାନେ ନିଷ୍ପତ୍ତିକୁ ଅପେକ୍ଷା କରିଥିବାବେଳେ ହିନ୍ଦୁ ନେତାମାନେ ଧୈର୍ଯ୍ୟର ସହ ଅପେକ୍ଷା କରିବା ଉଚିତ ବୋଲି ସେ କହିଛନ୍ତି। ମଧ୍ୟସ୍ଥ ମାଧ୍ୟମରେ ବିବାଦର ସମାଧାନ ଲାଗି ଉଦ୍ୟମ ଜାରି ରହିଥିବାବେଳେ ଆରଏସଏସ୍ ମୁଖ୍ୟଙ୍କର ଏଭଳି ମନ୍ତବ୍ୟ ଦେବା ଉଚିତ ନ ଥିଲା ବୋଲି ଅଖିଳ ଭାରତ ମୁସଲମାନ ପର୍ସନାଲ ଲ ବୋର୍ଡ ତଥା ବାବ୍ରୀ ମସ୍‌ଜିଦ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଜାଫର୍‌ୟାବ ଜିଲାନି କହିଛନ୍ତି। ମାମଲା ଅଦାଲତଙ୍କ ବିଚାରାଧୀନ ଥିବାରୁ ଉଭୟ ସମ୍ପ୍ରଦାୟର ନେତାମାନେ ବିବୃତି ଦେବାରୁ ଦୂରେଇ ରହିବା ଲାଗି ସିହା ମୌଲବୀ ମୌଲାନା ୟାସୁବ୍ ଆବ୍ବାସ କହିଛନ୍ତି।

ଭାଜପାର ଆଦର୍ଶଗତ ଗୁରୁ କୁହାଯାଉଥିବା ଆର୍‌ଏସ୍‌ଏସ ଅଯୋଧ୍ୟାର ବିବାଦୀୟ ସ୍ଥଳରେ ରାମମନ୍ଦିର ନିର୍ମାଣ ଲାଗି କ୍ରମାଗତ ଭାବେ ଆହ୍ୱାନ ଦେଇଆସୁଛି। ଏଥିପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅଧ୍ୟାଦେଶ ଆଣିବା ଲାଗି ସେମାନେ ଦାବି କରିଥିଲେ। ଉଭୟ ହିନ୍ଦୁ ଓ ମୁସଲମାନ ସଂଗଠନ ଅଯୋଧ୍ୟା ଜମି ଉପରେ ସେମାନଙ୍କର ମାଲିକାନା ଦାବି କରିଆସୁଥିବାରୁ ଏହା ବିବାଦୀୟ ହୋଇ ରହିଛି।




# ଚିଲିକାରେ ଗ୍ରୀଷ୍ମକାଳୀନ ପକ୍ଷୀ ଗଣନା

- ରୌଦ୍ରତାପ ସତ୍ତ୍ୱେ ୧୦୬ ପ୍ରଜାତିର ୩୮ ହଜାର ପକ୍ଷୀଙ୍କ ସମାଗମ
- ଗତବର୍ଷ ଅପେକ୍ଷା କମିଛନ୍ତି ୧୨,୨୭୦ ପକ୍ଷୀ

**ବାଲୁଗାଁ,୨୭।୫(ଡି.ଏନ.ଏ.)**

ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ନୀଳାମ୍ବୁ ଚିଲିକାରେ ୧୦୬ ପ୍ରଜାତିର ୩୮ ହଜାର ୨୭୧ଟି ପକ୍ଷୀ ଅବସ୍ଥାନ କରିଛନ୍ତି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କରାଯାଇଥିବା ଗ୍ରୀଷ୍ମକାଳୀନ ପକ୍ଷୀଗଣନା ରିପୋର୍ଟରୁ ଏହା ଜଣାଯାଇଛି । ଗତବର୍ଷ ତୁଳନାରେ ଚଳିତବର୍ଷ ପକ୍ଷୀ ସଂଖ୍ୟା ହ୍ରାସ ପାଇଛି । ଗତବର୍ଷ ଏହି ସମୟରେ ୯୭ ପ୍ରଜାତିର ୫୦,୫୪୧ ପକ୍ଷୀ ଥିଲେ।

ଚଳିତବର୍ଷ ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନର ୫ଟି ରେଞ୍ଜ ଅଞ୍ଚଳରେ ଗ୍ରୀଷ୍ମକାଳୀନ ପକ୍ଷୀଗଣନା ଗତ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ବାଲୁଗାଁ, ଟାଙ୍ଗୀ, ସାତପଡ଼ା, ଚିଲିକା ଓ ରମ୍ଭା ରେଞ୍ଜର ସମସ୍ତ କର୍ମଚାରୀ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ସୋମବାର ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସମଗ୍ର ଚିଲିକାରେ ୧୦୬ ପ୍ରଜାତିର ୩୮ହଜାର ୨୭୧ ପକ୍ଷୀଙ୍କ ସମାଗମ ହୋଇଛି । ସେଥିମଧ୍ୟରୁ ବିଦେଶାଗତ ୫୩ପ୍ରଜାତିର ୨୮୯୩୨ ଥିବାବେଳେ ସ୍ଥାନୀୟ ମଧ୍ୟ ୫୩ ପ୍ରଜାତିର ୯୩୩୯ଟି ପକ୍ଷୀ ଅଛନ୍ତି। ମୋଟ ପକ୍ଷୀସଂଖ୍ୟା ମଧ୍ୟରୁ ନଳବଣରେ କେବଳ ୯୨୪୬ ପକ୍ଷୀ ସମାଗମ ହୋଇଛନ୍ତି। ସର୍ବାଧିକ ସଂଖ୍ୟାରେ ଓପୋନ୍ ବିଲ୍ ଷ୍ଟର୍କ (ଗେଣ୍ଡାଳିଆ) ପ୍ରଜାତି ଥିବାବେଳେ ଦେଶୀୟ ପାଣିକୁଆ ପ୍ରଜାତିର ଅଧିକ ସଂଖ୍ୟାରେ ଦୃଷ୍ଟିଗୋଚର ହୋଇଛି। ଟାଙ୍ଗୀ ରେଞ୍ଜର ଭୂଷଣ୍ଡପୁର ଓ ମଙ୍ଗଳାଯୋଡି ଚିଲିକା ଅଞ୍ଚଳରେ ସର୍ବାଧିକ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ବିକାଶ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ୨୧ ତାରିଖ ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ପ୍ରତି ଗ୍ରୁପକୁ ଗୋଟିଏ ଲେଖାଏ ଡଙ୍ଗା, ବାଇନାକୁଲାର, ୱାକିଟକି, ଜିପିଏସ୍ ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ଶୀତଦିନେ ବରଫାବୃତ ରାଷ୍ଟ୍ରାଞ୍ଚଳରେ ହିମ ବୃଷ୍ଟି ଯୋଗୁ ଅସହ୍ୟ ଶୀତରୁ ରକ୍ଷା ପାଇବା ଏବଂ ଉପଯୁକ୍ତ ଖାଦ୍ୟ, ବାସସ୍ଥାନ ଅନ୍ୱେଷଣରେ ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାରେ ଅବସ୍ଥାନ କରିଥାନ୍ତି। ମାର୍ଚ୍ଚ ପହିଲା ଆଡ଼କୁ ଗ୍ରୀଷ୍ମ ଅନୁଭୂତ ହେବା ମାତ୍ରେ ଏହି ପକ୍ଷୀମାନେ ପୁନର୍ବାର ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତେବେ କେତେକ ପ୍ରଜାତିର ପକ୍ଷୀ ସ୍ୱବାସସ୍ଥାନକୁ ନ ଫେରି ଚିଲିକାକୁ ଆଦରି ରହିଯାନ୍ତି। ପ୍ରତିବର୍ଷ ମେ' ମାସରେ ଏହି ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗଣନା କରାଯାଇଥାଏ।



**୫ବର୍ଷରେ ଗ୍ରୀଷ୍ମକାଳୀନ ପକ୍ଷୀ ସାରଣୀ**

| ମସିହା | ମୋଟ ପକ୍ଷୀ ସଂଖ୍ୟା | ପ୍ରଜାତି |
|---|---|---|
| ୨୦୧୫ | ୪୩୫୯୩ | ୧୦୮ |
| ୨୦୧୬ | ୪୩୧୫୬ | ୧୨୧ |
| ୨୦୧୭ | ୪୧୫୬୯ | ୧୧୩ |
| ୨୦୧୮ | ୫୦୫୪୧ | ୯୭ |
| ୨୦୧୯ | ୩୮୨୭୧ | ୧୦୬ |

## ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

- ଛେଳିପଲ ଉଜାଡ଼ିଲେ କାକୁଡ଼ି ଫସଲ

**ଆଠଗଡ଼,୨୭।୫(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଥାନା ଅଧୀନ ଉପର ବାଙ୍କୀ ମାଳବିହାରପୁର ଗ୍ରାମରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସୋମବାର ରାତି ପ୍ରାୟ ୯ଟା ୩୦ରେ ଏହି ଘଟଣା ଘଟିଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଗ୍ରାମବାସୀ ଓ ମେଡିକାଲ ସୂତ୍ରରୁ ଖବର ପାଇ ପୋଲିସ ହତ୍ୟାକାରୀ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ମାଳ ବିହାରପୁର ସବର ସହିର ନଣ୍ଡା ଦେହୁରିଙ୍କ ଛେଳିପଲ ପଡ଼ୋଶୀ ସ୍ୱର୍ଗତ ସମୀର ଖଟୁଆଙ୍କ ବାଡ଼ିରେ ପଶି କାକୁଡ଼ି ଫସଲ ନଷ୍ଟ କରୁଥିଲେ। ଏହା ଦେଖି ଛେଳିପଲଙ୍କୁ ଘଉଡ଼ାଇ ଆଣି ଆକଟ କରି ରଖିବା ପାଇଁ ସମୀରଙ୍କ ସ୍ତ୍ରୀ ମାମି ଖଟୁଆ (୪୦) ନଣ୍ଡାଙ୍କୁ କହିଥିଲେ। ଏଥିରେ ନଣ୍ଡା ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ମାମିଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ଫଳରେ ମାମି ଘଟଣାସ୍ଥଳରେ ରକ୍ତଜୁଡୁବୁଡୁ ହୋଇ ପଡ଼ି ରହିଥିଲେ। ଏହା ଦେଖି ଗ୍ରାମବାସୀ ନଣ୍ଡାଙ୍କୁ ଘଟଣାସ୍ଥଳରୁ ଗାଁ କୋଠଘରେ କାବୁ କରିଥିଲେ। ମାମିଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସରଣ୍ଡା ଫାଣ୍ଡି ପୋଲିସ ମାଳିବିହାରପୁରରୁ ନଣ୍ଡାଙ୍କୁ ନେଇ ବାଙ୍କୀ ଥାନାରେ ଅଟକ ରଖିଛି। ଆକ୍ରମଣ ସମୟରେ ମାମିଙ୍କୁ ରକ୍ଷା କରିବାକୁ ଯାଇ ସେହି ଗ୍ରାମର କୃପାସିନ୍ଧୁ ଜେନା ଆହତ ହୋଇଛନ୍ତି।

## ରାଜଧାନୀରେ ଜମି ଦେବାକୁ କହି ୬୫ ଲକ୍ଷ ଟଙ୍କା ଠକେଇ, ମୁଖ୍ୟ ଅଭିଯୁକ୍ତ ଗିରଫ

**ଭଦ୍ରକ ଅଫିସ, ୨୭।୫**

ରାଜଧାନୀ ଭୁବନେଶ୍ୱରରେ ଜମି ଦେବାକୁ କହି ଭଦ୍ରକର ଜଣେ ବ୍ୟବସାୟୀଙ୍କଠାରୁ ୬୫ ଲକ୍ଷ ଟଙ୍କା ଠକି ନିଆଯାଇଥିବା ଅଭିଯୋଗ ହୋଇଛି। ଏହି ଠକେଇ କାରବାରର ମୁଖ୍ୟ ଅଭିଯୁକ୍ତ ତିହିଡ଼ି ଆରସା ଗ୍ରାମର ଦେବୀପ୍ରସାଦ ପଣ୍ଡା ଓରଫ୍ ବାପିଙ୍କୁ ଟାଉନ ଥାନା ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଅନ୍ୟ ୩ ଜଣ ଅଭିଯୁକ୍ତ ଥିବା ପୋଲିସ ସୂଚନା ଦେଇଛି।

ଠକେଇର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଭଦ୍ରକ ସହରର ଅପର୍ତ୍ତିବିନ୍ଧା ନିବାସୀ ପୂର୍ଣ୍ଣଚନ୍ଦ୍ର ସାହୁ। ଭୁବନେଶ୍ୱରର ପାଣ୍ଡରାରେ ଏକ ୧୬ ଡିସିମିଲ ପରିମିତ ପ୍ଲଟ କିଣିବାକୁ ଗ୍ରାମାଞ୍ଚଳ ଥାନା ଅଧୀନ ବହୁଦରଡା ଗ୍ରାମର ପ୍ରକାଶ ମହାପାତ୍ର ତାଙ୍କୁ ପ୍ରବର୍ତ୍ତାଇଥିଲେ। ପ୍ରକାଶ ପୂର୍ଣ୍ଣଚନ୍ଦ୍ରଙ୍କୁ ଦେବୀପ୍ରସାଦଙ୍କ ସହିତ ଭେଟ କରାଇଥିଲେ। ଦେବୀପ୍ରସାଦଙ୍କ ଭଉଣୀ ହେମଲତା ତ୍ରିପାଠୀଙ୍କ ନାମରେ ଉକ୍ତ ଜମି ଥିଲା। ଯାହାକୁ ହେମଲତା ଦେବୀପ୍ରସାଦଙ୍କ ସ୍ତ୍ରୀ ନିରୁପମାଙ୍କ ନାମରେ ବିକ୍ରି କବଲା କରିଥିଲେ। ଦଲାଲଙ୍କ ଉପସ୍ଥିତିରେ ଉକ୍ତ ଜମିର ବିକ୍ରିମୂଲ୍ୟ ୭୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ବିଭିନ୍ନ ସମୟରେ ଅନ୍‌ଲାଇନ ଓ ଚେକ୍ ମାଧ୍ୟମରେ ମୋଟ ୬୫ ଲକ୍ଷ ଟଙ୍କା ପୈଠ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଜମି ମିଳି ନ ଥିଲା। ସେ ବାରମ୍ବାର ଧାଇଁବା ପରେ ମଧ୍ୟ ଜମି ମିଳିଲା ନାହିଁ କି ଟଙ୍କା ମଧ୍ୟ ଫେରସ୍ତ ପାଇଲେ ନାହିଁ। ଦଲାଲ ଓ ବିକ୍ରେତା ପୂର୍ଣ୍ଣଚନ୍ଦ୍ରଙ୍କୁ ଧରାଛୁଆଁ ଦେଲେ ନାହିଁ। ଶେଷରେ ପୂର୍ଣ୍ଣଚନ୍ଦ୍ର ରବିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ ଥାନା ଆଇଆଇସି ସରୋଜିନୀ ସିଂ ଏକ ମାମଲା(ନଂ.୧୫୫/୧୯) ରୁଜୁ କରି ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ଦେବୀପ୍ରସାଦଙ୍କୁ ଗିରଫ କରିଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସିଂ କହିଛନ୍ତି।

## ଜେଇଇ ଆଡ୍‌ଭାନ୍ସଡ୍: ଓଡ଼ିଶାରୁ ପରୀକ୍ଷା ଦେଲେ ୩ ହଜାର ଛାତ୍ରୀଛାତ୍ର

- ଆସନ୍ତା ୧୪ରେ ପ୍ରକାଶ ପାଇବ ର୍ୟାଙ୍କ୍ କାର୍ଡ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ଆଇଆଇଟିରେ ନାମଲେଖା ପାଇଁ ସୋମବାର ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ଦେଶର ୧ ଲକ୍ଷ ୭୬ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବାବେଳେ ଓଡ଼ିଶାରୁ ୩୨୬୧ ଜଣ ପରୀକ୍ଷା ଦେଇଛନ୍ତି। ଦୁଇଟି ପେପରରେ ପରୀକ୍ଷା ହୋଇଥିବାବେଳେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପେପର୍-୧ ଓ ଅପରାହ୍ନ ୨ଟାରୁ ୪ଟା ଯାଏ ପେପର୍-୨ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଗୋଟିଏ ଘଣ୍ଟା ଅଧିକ ସମୟ ମିଳିଥିଲା। ଓଡ଼ିଶାରେ ଭୁବନେଶ୍ୱର ସମେତ ବ୍ରହ୍ମପୁର, କଟକ ଓ ରାଉରକେଲାରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପରୀକ୍ଷା କିଭଳି ଭାବରେ ସୁରୁଖୁରୁରେ ପରିଚାଳିତ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଇଲେକ୍ଟ୍ରୋନିକ୍ସ ଡିଭାଇସ୍, ରିଙ୍ଗ୍, ବ୍ରେସ୍‌ଲେଟ୍, କାନଫୁଲ, ବଡ଼ ବଟମ୍ ଥିବା ଡ୍ରେସ୍ ପିନ୍ଧିବା ଉପରେ କଟକଣା ଜାରି ହୋଇଥିଲା। ତେବେ ଜୁନ୍ ୧୪ରେ ଅନ୍‌ଲାଇନ୍‌ରେ ର୍ୟାଙ୍କ୍ କାର୍ଡ ପ୍ରକାଶ ପାଇବ। କିନ୍ତୁ କୌଣସି ପରୀକ୍ଷାର୍ଥୀଙ୍କୁ ବ୍ୟକ୍ତିଗତ ଭାବେ ର୍ୟାଙ୍କ୍ ପଠାଯିବ ନାହିଁ ବୋଲି କୁହାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୋମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଗଙ୍ଗାଧର ମେହେର ଜୁନିୟର କଲେଜ

# ସ୍ଥାନାନ୍ତର, ବିଭାଜନକୁ ବିରୋଧ

- ରାସ୍ତାକୁ ଓହ୍ଲାଇଲେ ଛାତ୍ରୀଛାତ୍ର
- ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ସମ୍ବଲପୁର, ୨୭।୫ (ବ୍ୟୁରୋ)

ଗଙ୍ଗାଧର ମେହେର ଜୁନିୟର କଲେଜକୁ ଅନ୍ୟତ୍ର ସ୍ଥାନାନ୍ତର ଓ ବିଭାଜନକୁ ବିରୋଧ କରାଯାଇଛି। ସୋମବାର ଏ ନେଇ କଲେଜ ଛାତ୍ରୀଛାତ୍ର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ସେମାନେ ୫ଦଫା ସମ୍ବଳିତ ଏକ ସ୍ମାରକପତ୍ର ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ପ୍ରଦାନ କରିଛନ୍ତି। ସ୍ଥାନାନ୍ତର କି ବିଭାଜନ କଲେ ଆନ୍ଦୋଳନ ଭୟାବହ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସତ୍ୟବ୍ରତ ପ୍ରଧାନ, ମେହେନ୍ଦି କୁମାର, ଦୀପ୍ତିଶିଖା କୁଲୁ, ଅଲେଖ ପ୍ରସାଦ ପାତ୍ର, ସଙ୍ଗୀତା ମେହେର, ରୋଶନ କୁମାର, ଶ୍ୱାତୀ ହୋତା, ନିତୁ ପ୍ରଧାନ, ବିଜୟଲକ୍ଷ୍ମୀ ସାହୁ, ଶ୍ୱେତପଦ୍ମା ସାମଲ ପ୍ରମୁଖ ସକାଳ ୮ଟାରେ ଗଙ୍ଗାଧର ମେହେର କଲେଜ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ବାହାରି ଥିଲେ। ହସ୍ପିଟାଲ ରୋଡ, ମୁଦିପଡା ଛକ, କୁଞ୍ଜେଲପଡା ଛକ, ବଡସଡକ, ମ୍ୟୁନିସିପାଲିଟି ଛକ ଦେଇ ଏମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଗଙ୍ଗାଧର ମେହେର ଜୁନିୟର କଲେଜକୁ ଅନ୍ୟତ୍ର ସ୍ଥାନାନ୍ତର ଓ ବିଭାଜନକୁ ବିରୋଧ କରି ସ୍ଲୋଗାନ ଦେଇଥିଲେ। ପୁରାତନ ଛାତ୍ର ସଂଘ ସଭ୍ୟମାନେ ମଧ୍ୟ ଏଥିରେ ସାମିଲ ଥିଲେ। ଏ ନେଇ କଲେଜ ଦ୍ୱିତୀୟ ବର୍ଷ ଛାତ୍ରୀ ସଙ୍ଗୀତା ମେହେର କହିଛନ୍ତି, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ କଲେଜ ନାମିତ ହୋଇଛି। ଏହା ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବ। ତେଣୁ ଏହାର ସ୍ଥାନାନ୍ତର ପ୍ରଶ୍ନ ଉଠୁନାହିଁ। ସମ୍ବଲପୁର ସହରର କେନ୍ଦ୍ର ସ୍ଥଳରେ କଲେଜ ଅବସ୍ଥିତ। ଏଠାରୁ ରେଳ ଷ୍ଟେଶନ ଓ ବସଷ୍ଟାଣ୍ଡ ପାଖ। ତେଣୁ ହୀରାକୁଦ, ବୁର୍ଲା, ରେଙ୍ଗାଲି, ମାନେଶ୍ୱର, ଧମା, ଗୋଶାଳା ପ୍ରଭୃତି ଅଞ୍ଚଳର ଛାତ୍ରୀଛାତ୍ର ସୁବିଧାରେ କଲେଜ ଆସିଥାନ୍ତି। ଏଥିସହ ପଶ୍ଚିମ ଓଡିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ସ୍ଥାନ ସୁବିଧାଜନକ ହୋଇଥାଏ। ସେହିପରି କଲେଜ ଛାତ୍ର ହେମାନନ୍ଦ ରୋହିଦାସ କହନ୍ତି, କଲେଜର ଅବସ୍ଥିତି ଛାତ୍ରୀଛାତ୍ର ଓ ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ସୁହାଉଛି। ଅପରପକ୍ଷେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର ସୁବିଧାରେ ଦୈନନ୍ଦିନ ସାମଗ୍ରୀ ଓ ପାଠ୍ୟ ଉପକରଣ କିଣିବାକୁ କଲେଜ ସମ୍ମୁଖ ଦୋକାନଗୁଡିକୁ ଯିବା ଆସିବା କରିଥାନ୍ତି। ତେଣୁ ଏହାକୁ ସ୍ଥାନାନ୍ତର କଲେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି କଲେଜକୁ ସ୍ଥାନାନ୍ତର କରିବା ନିଷ୍ପତ୍ତିରୁ ନିବୃତ୍ତ ରୁହନ୍ତୁ। ନ ହେଲେ ବିରାଟ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବ।



ସୋମବାର ସମ୍ବଲପୁର ଜିଲାପାଳଙ୍କ ସମ୍ମୁଖରେ ଗଙ୍ଗାଧର ମେହେର ଜୁନିୟର କଲେଜ ସ୍ଥାନାନ୍ତର ବନ୍ଦ ଦାବିରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

### ସୁରଟ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ତତ୍ପର

# ୨୩ କୋଚିଂ ସେଣ୍ଟରରେ ଯାଞ୍ଚ



ଭୁବନେଶ୍ୱରର ଏକ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

- ଅଧିକାଂଶ କୋଚିଂ ସେଣ୍ଟରରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା
- ଦିଆଗଲା ୧୫ ଦିନିଆ ନୋଟିସ, ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ
- ପିଲାଙ୍କୁ ବୁଝାଇଲେ, ସଚେତନ କଲେ ଅଗ୍ନିଶମ କର୍ମଚାରୀ

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ନିକଟରେ ଗୁଜରାଟର ସୁରଟରେ ଘଟିଥିବା ଏକ କୋଚିଂ ସେଣ୍ଟର ଅଗ୍ନିକାଣ୍ଡରେ ୨୩ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଏହି ଘଟଣା ପରେ ଓଡିଶା ଅଗ୍ନିଶମ ବିଭାଗ ତତ୍ପରତା ଦେଖାଇଛି। ଅଗ୍ନିଶମ ଡିଜି ବି.କେ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ପର୍ଯ୍ୟାୟରେ ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱରରେ ଏକାଧିକ କୋଚିଂ ସେଣ୍ଟରରେ ସୋମବାରଠାରୁ ଚଢ଼ାଉ ଆରମ୍ଭ ହୋଇଛି। ଏହି ଚଢାଉରେ ୨୨ଟି ଟିମ୍ ସାମିଲ ରହିଥିବାବେଳେ ପ୍ରତି ଟିମ୍‌ରେ ୫ଜଣ କର୍ମଚାରୀ ରହିଛନ୍ତି। ପ୍ରତି ଟିମ୍ ଦାୟିତ୍ୱ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ସୋମବାର ଭୁବନେଶ୍ୱରରେ ୧୫ ଓ କଟକରେ ୮ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଏଥିସହ ଜରୁରିକାଳୀନ ପରିସ୍ଥିତିରେ କିଭଳି ନିଜକୁ ବଞ୍ଚାଇ ପାରିବ ସେନେଇ ସଚେତନ କରାଇଛନ୍ତି। ସେହିଭଳି କୋଚିଂ ସେଣ୍ଟରର ମାଲିକମାନଙ୍କୁ ଆବଶ୍ୟକ ଅଗ୍ନି ନିରାପତ୍ତା ଯନ୍ତ୍ର ମହଜୁଦ ରଖିବା ଓ ତାହାର ପରିଚାଳନା ତଥା ବ୍ୟବହାର ଉପରେ ସଚେତନ କରାଯାଇଛି। ନିଆଁ ଲାଗିଲେ ଛାତ୍ରୀଛାତ୍ରମାନେ କିପରି ନିଆଁ ଓ ଧୂଆଁ ଦାଉରୁ ନିଜକୁ ରକ୍ଷା କରିପାରିବେ ସେ ସମ୍ପର୍କରେ ନାନା ପରାମର୍ଶ ଦେଇଛନ୍ତି। ତେବେ ଯାଞ୍ଚ ସମୟରେ ବହୁ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଅଗ୍ନି ନିରାପତ୍ତା ଯନ୍ତ୍ରପାତି ଥିଲେ ମଧ୍ୟ ତାହା ଠିକ୍‌ଭାବେ କାର୍ଯ୍ୟକ୍ଷମ ନ ଥିଲା। ଆଉ କେତେକ ସ୍ଥାନରେ ଫାୟାର ଏକ୍ସଟିଂଗୁଇସର ବ୍ୟବହାର ଅନେକଙ୍କୁ ଜଣା ନ ଥିଲା। ବହୁ ସ୍ଥାନରେ ଘର, ଶିଡି ଓ ଅଗଣାଗୁଡିକରେ ଦହନୀୟ ପଦାର୍ଥ ଟାୟାର, କାର୍ଟୁନ, କାଠ, କାଗଜ, କପଡା ଆଦି ଅନାବଶ୍ୟକ ସାମଗ୍ରୀ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଆଉ କେତେକ ସ୍ଥାନରେ ପିଲାଙ୍କ ପାଇଁ ସତର୍କ ସୂଚନା ଫଳକ ନ ଥିଲା। ତେଣୁ ତୁରନ୍ତ ନିୟମ ପାଳନ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ଅନାବଶ୍ୟକ ଦହନୀୟ ସାମଗ୍ରୀ ହଟାଇବାକୁ କୋଚିଂ ସେଣ୍ଟର ମାଲିକ ଓ ପରିଚାଳକଙ୍କୁ ତାଗିଦ କରାଯାଇଥିଲା। ଯେଉଁ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ ସେସବୁ ସଂସ୍ଥାକୁ ୧୫ ଦିନିଆ ନୋଟିସ କରାଯାଇଛି। ଏହାପରେ ପୁଣି ଯାଞ୍ଚ କରାଯିବ। ଯଦି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଗ୍ନିଶମ ଡିଜି ବି.କେ. ଶର୍ମା କହିଛନ୍ତି। ତାଙ୍କ ସୂଚନାନୁସାରେ, ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସହରରେ ଥିବା ଛୋଟବଡ଼ କୋଚିଂ ସେଣ୍ଟରରେ ଚଢାଉ ଜାରି ରହିବ। ଏହାସହ ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ଯାଞ୍ଚ କଡାକଡି ହେବ।

ପ୍ରଥମ ପୃଷ୍ଠାରୁ...

## ଏଭରେଷ୍ଟ ତଳକୁ...

ଭାଇ ପ୍ରଦୀପ ଦାଶ, ଅନ୍ୟତମ ପର୍ବତାରୋହଣକାରୀ ଗଣେଶ ଜେନା ଏବଂ ଆଉଜଣେ ବ୍ୟକ୍ତିଙ୍କ ସହ ଏକ ୩ ଜଣିଆ ଦଳ ମରଶରୀରକୁ ଆଣିବା ପାଇଁ କାଠମାଣ୍ଡୁ ଅଭିମୁଖେ ଯାତ୍ରା କରିଛନ୍ତି । କାଠମାଣ୍ଡୁରେ ମୃତଦେହ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ। ଏଥିସହ ଆବଶ୍ୟକ ସମସ୍ତ କାଗଜପତ୍ର କାର୍ଯ୍ୟ ଶେଷ କରାଯିବ। ସବ୍‌ମିଟ୍ ସାର୍ଟିଫିକେଟ ଆଦି ସଂଗ୍ରହ ପରେ ମୃତଦେହ ଅଣାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବିଭାଜିତ...

ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ପ୍ରାର୍ଥୀ କରାଗଲା। ସମସ୍ତ କଳବଳ କୌଶଳ ଖର୍ଚ୍ଚ କରି ବିଜେଡି ନିର୍ବାଚନ ମଧ୍ୟ ଜିତିଲା। ଉପନିର୍ବାଚନରେ କଂଗ୍ରେସର ସିଂହଭାଗ ଭୋଟ ବିଜେଡିକୁ ସ୍ଥାନାନ୍ତରିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ତେଣୁ ବିଜେଡି ସାଧାରଣ ନିର୍ବାଚନରେ ଭାଜପାକୁ ଉଚିତ ଜବାବ ଦେଇପାରିବ ବୋଲି ଏକ ଧାରଣା ସୃଷ୍ଟି କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ଭାଜପାର ପ୍ରଦର୍ଶନ ଉତ୍ତମ ରହିଥିବା କାରଣରୁ ସେହି ଅଞ୍ଚଳର ଭୋଟକୁ ନିଜ ସପକ୍ଷରେ କରିବା ଉଦ୍ଦେଶ୍ୟରେ ଗତ ନିର୍ବାଚନରେ ନବୀନ ପଟ୍ଟନାୟକ ନିଜ ପାରମ୍ପରିକ ଆସନ ହିଞ୍ଜିଳି ସହିତ ବିଜେପୁର ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚିନ୍ତା କରାଯାଇଥିଲା ଯେ, ମୁଖ୍ୟମନ୍ତ୍ରୀଙ୍କ ପଶ୍ଚିମ ଓଡ଼ିଶା ଉପସ୍ଥିତି ଦଳକୁ ଶକ୍ତିଶାଳୀ କରିବ। ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ବରଗଡ ଲୋକ ସଭା ଆସନର ଏକ ଅଙ୍ଗ। ତେଣୁ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମଧ୍ୟ ସେହି ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ଭାଜପା ସୁରେଶ ପୂଜାରୀଙ୍କୁ ବରଗଡ଼ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବାରୁ ଏଥିରେ ଅସନ୍ତୁଷ୍ଟ ହୋଇ ଭାଜପା ନେତା ସୁବାସ ଚୌହାନ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଏପରି କି କିଛି ଭାଜପା ଜିଲା ପରିଷଦ ସଭ୍ୟ ମଧ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଆଶା କରାଯାଉଥିଲା ଯେ, ବରଗଡ଼ ଲୋକ ସଭା କ୍ଷେତ୍ରକୁ ବିଜେଡି ସହଜରେ ଅକ୍ତିଆର କରିପାରିବ। ମାତ୍ର ତାହା ହେଲା ନାହିଁ। ବରଗଡ଼ରେ ଭାଜପା ପ୍ରାର୍ଥୀ ପୂଜାରୀ ବିଜୟ ଲାଭ କଲେ । ସେତିକି ନୁହେଁ, ପଶ୍ଚିମ ଓଡ଼ିଶାର ସମସ୍ତ ୫ଟି ଆସନରେ ଭାଜପା ବିଜୟ ବାନା ଉଡ଼ାଇପାରିଲା, ଯାହାକି ନବୀନଙ୍କ ନେତୃତ୍ୱ ପ୍ରତି ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉତ୍ତର ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି। ମୟୂରଭଞ୍ଜ ଓ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଭାଜପା ବାଜିମାତ କରିଥିଲା। ସେହିଭଳି ବାଲେଶ୍ୱର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ଜିଲା ସଭାପତି କରାଯିବା ସହ, ବରିଷ୍ଠ ନେତା ରଘୁନାଥ ମହାନ୍ତିଙ୍କୁ ବିଦା କରିବାର ବାଟ ସୃଷ୍ଟି କରାଯାଇଥିଲା। ତାହାର କୁଫଳ ଶେଷରେ ବିଜେଡିକୁ ଭୋଗିବାକୁ ପଡିଲା। ଅନୁରୂପଭାବେ ଭୁବନେଶ୍ୱରରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାଜପା ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ ବିଜୟୀ ହୋଇଛନ୍ତି। ତେଣୁ ବିଜେଡି ନେତୃତ୍ୱ, ସ୍ଥାନୀୟ ସଙ୍ଗଠନକୁ ନେଇ ଏକାଧିକ ପ୍ରଶ୍ନ ଉଙ୍କି ମାରିଛି। ଲୋକ ସଭାରେ ବିଜେଡିର ମୋଟ ଭୋଟ ପ୍ରତିଶତ ୪୨.୭୬ ପ୍ରତିଶତ ଥିବାବେଳେ ଭାଜପାର ୩୮.୩୭ ରହିଛି। ଦୁଇ ଦଳ ମଧ୍ୟରେ ଭୋଟ ପ୍ରତିଶତ ଅନ୍ତର ମାତ୍ର ୪.୩୯ ପ୍ରତିଶତ ରହିଛି।

କେତେଜଣ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବାନୁଯାୟୀ, ବିଜେଡିରେ ନବୀନଙ୍କ ସାରା ରାଜ୍ୟରେ ଗ୍ରହଣୀୟତା କେତେକାଂଶରେ ହ୍ରାସ ପାଇଛି। ଏହାର କାରଣ ଲୋକ ସଭା ଫଳାଫଳରୁ ସ୍ପଷ୍ଟ ଅନୁମେୟ। ଅପରପକ୍ଷରେ ଭାଜପାରେ କୌଣସି ଗ୍ରହଣୀୟ ରାଜ୍ୟସ୍ତରୀୟ ନେତା ନ ଥିବାରୁ ବିଧାନସଭା ନିର୍ବାଚନ ଫଳାଫଳ ସମ୍ପୂର୍ଣ୍ଣ ବୀପରିତ ହୋଇଥିଲା।

## ଦିନକ ପରେ...

ସେଥିପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଜୋରଦାର ଚାଲିଛି। ବାତ୍ୟା ଫନୀ ପରେ ପ୍ରଦର୍ଶନୀ ପଡ଼ିଆରେ ଗଦାହୋଇ ରହିଥିବା ଭଙ୍ଗାକାଠ ଏବଂ କୁଡ଼କୁଡ଼ ଅଳିଆକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯାଇ ଚାଲିଛି ମଞ୍ଚ ପ୍ରସ୍ତୁତି। ମୁଣ୍ଡଫଟା ଖରା ସାଙ୍ଗକୁ ପ୍ରଚଣ୍ଡ ଗରମରେ ଶ୍ରମିକମାନେ ଜୀବନକୁ ବାଜି ଲଗାଇ ଦିନରାତି ମଞ୍ଚ ତିଆରିରେ ଲାଗିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ନେତାଙ୍କଠାରୁ ଆରମ୍ଭକରି ବହୁ ଜନତାଙ୍କର ସମାଗମ ହେବ। କଂଗ୍ରେସ, ଭାଜପା, ସିପିଆଇ, ସିପିଆଇ(ଏମ୍), ସମାଜବାଦୀ ପାର୍ଟି, ବହୁଜନ ସମାଜପାର୍ଟି, ତୃଣମୂଳ କଂଗ୍ରେସ, ଫରୱାର୍ଡ ବ୍ଲକ ଆଦି ରାଜ୍ୟର ସମସ୍ତ ରାଜନୈତିକ ଦଳର ସଭାପତିମାନଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଅନୁରୋଧ କରାଯାଇଛି। ଗତ ନିର୍ବାଚନରେ ନବୀନଙ୍କୁ ବିପୁଳ ବିଜୟ କରାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ଶିକ୍ଷକ ସଂଗଠନ, ନବ ନିର୍ମାଣ କୃଷକ ସଂଗଠନ ଭଳି ବହୁ ଚାଷୀ ସଂଗଠନ, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗ ଦେଇଥିବା ସମସ୍ତ ଶିଳ୍ପସଂସ୍ଥାକୁ ଏହି ଉତ୍ସବରେ ଯୋଗ ଦେବାକୁ ଡକରା ହୋଇଛି। ଏଥିସହିତ ଦଳର ଛାମୁଆ ସଂଗଠନଗୁଡ଼ିକ ମଧ୍ୟ ଏହି ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାଜା, ବାଣରେ ଫାଟିପଡ଼ିବ ସଭାସ୍ଥଳ। ଏଥିପାଇଁ ଦଳର ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଭିତିରିଆ ପ୍ରସ୍ତୁତ ଚାଲିଛି। ଶପଥ ଗ୍ରହଣ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସକାଳୁ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରୁ ଫେରି ସିଧା ପ୍ରଦର୍ଶନୀ ପଡ଼ିଆରେ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଧାୟକ, ଏମ୍‌ପି ଓ ଦଳୀୟ ନେତାମାନଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ ଅନେକ ମନ୍ତ୍ରୀ ପଦବୀ ପାଇବା ଆଶାରେ ରହିଛନ୍ତି। କାଳେ କେତେବେଳେ ନବୀନ ନିବାସରୁ ଫୋନ୍ ଆସିବ ସେ ନେଇ ଚାହିଁ ରହିଛନ୍ତି। ମନ୍ତ୍ରୀ ତାଲିକା ମଧ୍ୟ ପ୍ରସ୍ତୁତ ହୋଇସାରିଛି। ନୂଆ ମନ୍ତ୍ରିମଣ୍ଡଳରେ କେତେଜଣ ବରିଷ୍ଠ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ନବାଗତଙ୍କୁ ମନ୍ତ୍ରୀ ପଦବୀ ମିଳିବା ସମ୍ଭାବନା ରହିଛି। ତେବେ ଦଳ ପ୍ରତି ଆନୁଗତ୍ୟ, ନିର୍ବିବାଦୀୟ, ଦକ୍ଷ ସଂଗଠକ, ବିଜୟ ବ୍ୟବଧାନ ଆଦିକୁ ମୁଖ୍ୟ ମାନଦଣ୍ଡ ଧରାଯାଇଛି।


# classifieds Everyday
0674-2580101, 2549302



real estate

SALE

Revenue road gharabari plot for sale Hanspal Bhingarpur. 9 9 3 7 8 1 6 5 6 5 , 9937568585. D-12698

Now Matrimonial ads. only on Wednesday & Sunday Book 1 Get 1 FREE

**Ready to move 2BHK, 4BHK flat's at PENGUIN TOWER (Jaydev Vihar) @ 5500/- per sqft. Call: 9040007267 9040046767.** D-12665

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-12699

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାଙ୍କୁଲେଇ ପାଠଠାରେ 1200କୁ 3,00,000/- (outright) 9 3 4 8 8 1 7 6 4 9 , 8144706560. D-66377

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

ଭୁବନେଶ୍ୱର ପିତାପଲ୍ଲି NH-5 ଠାରୁ 20' ଦୂରତାରେ BDA ପ୍ଲଟ ମିଳୁଅଛି। 8339920771. D-66381

1500 sqft. (6nos), 2000 sqft (7nos) main road side Plot, infront Tata Ariana Ghatikia, Sankarpur, Bhubaneswar 30ft. Road, Electricity, supply water available: 8 1 1 4 7 4 4 4 9 5 , 8328943165. D-66473



to-let

2BHK pujaroom, 2toilets at Patia for IT Company Executive small family: 8895274787. D-12691

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Physiotherapy, full body massage by trained ladies/ gents therapy: 7008773793. D-66469

Experience full body massage with us (expert). Call: 7377048581, 0674- 2597822. D-66535

Herbal full body massage by smart/expert therapist. Contact: 8338067247. D-66541

Newly opening ayurvedic body massage smart therapist, Shree herbal. 7750020754. D-66542

Full body massage with refreshment, expert therapist. 7381239385, 0674-2540855. D-66534


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସମସ୍ୟା ବିଜଡ଼ିତ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। ପ୍ରଶାସନିକ ସ୍ତରରେ କିମ୍ବା ସାମାଜିକ କ୍ଷେତ୍ରରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବା ସହ ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଅଫିସ୍‌ର କାମ ଚାପ ପ୍ରଭାବରୁ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ପରିବାର କ୍ଷେତ୍ରର ସମସ୍ୟା ପ୍ରଭାବରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଆତ୍ମୀୟସ୍ୱଜନଙ୍କ ସହାନୁଭୂତିର ସୁଯୋଗ ଲାଭ କରିବେ। ଯେଉଁ କାମଟିକୁ ଆଜି ଯାଏଁ ଆପଣ କରି ପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଲେ ପ୍ରଶଂସିତ ହେବେ।

**କର୍କଟ** ଗତକାଲିଠାରୁ ଯାହା କରିବା ପାଇଁ ଚିନ୍ତା କରିଥିଲେ ସେଥିରେ କୌଣସି ପ୍ରକାରର ଅସୁବିଧା ହେବନାହିଁ, ବରଂ କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ।

**ସିଂହ** ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ସଂଗଠନ, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଭୁଲ୍ ବୁଝାମଣା ଜନିତ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇ ପାରନ୍ତି। ପରିବାରରେ ଶିକ୍ଷା ଓ ପରୀକ୍ଷା ସଂକ୍ରାନ୍ତୀୟ ଆଲୋଚନାକୁ ନେଇ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ ।

**କନ୍ୟା** ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ। ଅବଶ୍ୟ ଅନ୍ୟମାନଙ୍କ ସକାଶେ ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା ଅକ୍ଲେଶରେ ହୋଇଯିବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ , ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଆପଣଙ୍କ ନିରବଚ୍ଛିନ୍ନ ଉଦ୍ୟମ କାରଣରୁ ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ।

**ବିଛା** ଅଧିକାଂଶ ସମୟରେ ଅଯଥା ଭୟ, ଆଶଙ୍କା, ଉଦବେଗ ମଧ୍ୟରେ ଦିନଟିକୁ କଟାଇବାକୁ ପଡ଼ିପାରେ। ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବା ସହ ଯାତ୍ରାକୁ ସ୍ଥଗିତ ରଖିପାରେ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ** ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଯେ କୌଣସି କ୍ଷେତ୍ରରେ ମଧ୍ୟ ତରବର ନ ହୋଇ ଭାବିଚିନ୍ତି କାମ କରିବା ଭଲ ହେବ।


**ମକର** ଦ୍ୱାଦଶସ୍ଥ ଶନିଙ୍କ ପ୍ରଭାବରୁ ଧୀର ମନ୍ଥର ଗତିରେ ପ୍ରତ୍ୟେକ କାମ ସମାହିତ ହେବ। ଏହା ସାଙ୍ଗକୁ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଏଣେ ଯେତେ ଭଲକଥା କୁହନ୍ତୁ କିମ୍ବା କରନ୍ତୁ ନିଜ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା କରିବେ।

**କୁମ୍ଭ** ବନ୍ଧୁଙ୍କ ସହ ଶତ୍ରୁତା,ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିବେ ଯାହାକି ଆଜି ହିଁ ଏହି ଦୁଶ୍ଚିନ୍ତା ମନକୁ ଆକ୍ରମିତ କରିବ। ତଥାପି ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ କିଛି ଖବର ନେଇ ଆସିବେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତି କିମ୍ବା ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ମୀନ** କର୍ମକ୍ଷେତ୍ରରେ ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ପୂରାପୂରି ଭାରାକ୍ରାନ୍ତ ରହିବ। ଆଜି ଦିନଟି ଆର୍ଥିକ ଦୃଷ୍ଟି କୋଣରୁ ଦିନଟି ମନ୍ଦ ହେବନାହିଁ । ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ନବମୀ ଯୁକ୍ତ ଦଶମୀ ମଙ୍ଗଳବାର, ମେ ୨୮ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ୍/କୁମ୍ଭ, ଦିବା ଘ୧ ।୦୦ମି. ଗତେ ମୀନ ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ଉତ୍ତରଭାଦ୍ରପଦ୍ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ସକାଳ ଘ୮ ।୨୭ମି. ଗତେ ଘ୧୦ ।୦୪ମି. ମଧ୍ୟେ, ଘ୧୧ ।୦୧ମି. ଗତେ ଘ୧୨ ।୩୬ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୪ମି. ଗତେ ଘ୧୧ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୦୦ମି. ଗତେ ଘ୪ ।୩୮ମି. ମଧ୍ୟେ ରାହୁକାଳ।

DSPL-18
10003/13/0012/1920



# ଅଂଶୁଘାତ ପ୍ରତି ସତର୍କ ରୁହନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ କିମ୍ବା କଠିନ ଶାରୀରିକ ପରିଶ୍ରମ କରନ୍ତୁ ନାହିଁ ।
ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓ.ଆର୍.ଏସ୍. ଦ୍ରବଣ, ପଣା, ତୋରାଣି, ଘୋଳଦହି, ଆଖୁରସ ଇତ୍ୟାଦି ପିଅନ୍ତୁ ।

ଓ.ଆର୍.ଏସ୍ ପ୍ୟାକେଟ୍ ସମସ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଉପଲବ୍ଧ ।

ଅଂଶୁଘାତ ସନ୍ଦେହ ହେଲେ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ସୂଚନା ଦିଅନ୍ତୁ ।
ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।



NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ

facebook.com/HFWOdisha    http://www.health.odisha.gov.in/    @HFWOdisha

# ବିଜେଡିରେ ପରାଜୟ ମନ୍ଥନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୭।୫(ବ୍ୟୁରୋ)



- ନବୀନଙ୍କୁ ଭେଟିଲେ ପରାଜିତ ନେତା
- କଳିକେଶଙ୍କୁ ଦୋଷ ଦେଲେ ଆୟୁବ
- ନିଜକୁ ଦୋଷ ଦେଲେ ଯୋଗେଶ, ସୁନୀତା



ନବୀନ ନିବାସକୁ ଆସିଥିବା ବିଜେଡି ନେତା (ବାମରୁ) ଯୋଗେଶ ସିଂ ଏବଂ ଅନଙ୍ଗ ଉଦୟ ସିଂଦେଓ।

ନିର୍ବାଚନ ଫଳାଫଳ ପରେ ବିଜେଡି ୫ମ ଥର ପାଇଁ ରାଜ୍ୟରେ ସରକାର ଗଢିବାକୁ ଯାଉଛି। ହେଲେ ସରକାର ଗଢିବା ଖୁସି ଅପେକ୍ଷା ୯ ଲୋକ ସଭା ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନରେ ପରାଜୟ ଦଳର ମୁଣ୍ଡବିନ୍ଧାର କାରଣ ହୋଇଛି। ପରାଜୟର କାରଣ ଖୋଜିବା ପାଇଁ ଦଳ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ନବୀନ ନିବାସରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ପରାସ୍ତ ହୋଇଥିବା ନେତାମାନଙ୍କର ଭିଡ ଦେଖିବାକୁ ମିଳିଥିଲା। ସେମାନେ କେଉଁ କାରଣରୁ ହାରିଲେ, ସେ ନେଇ ଦଳୀୟ ଫୋରମ୍‌ରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ପରାଜିତ ପ୍ରାର୍ଥୀମାନେ ନିଜ ନିଜର ଅସଫଳତା ନେଇ ଏକ ରିପୋର୍ଟ ନେତୃତ୍ୱ ନିକଟରେ ପ୍ରଦାନ କରିଛନ୍ତି।

କେତେଜଣ ନେତା ନିଜ ପ୍ରଚାର ଶୈଳୀକୁ ପରାଜୟର କାରଣ ବୋଲି କହିବା ସହ କେତେକ ଦଳୀୟ ନେତାଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏପରିକି କେତେଜଣ ନେତା ଗଣମାଧ୍ୟମ ସମ୍ମୁଖରେ ନିଜ ଦଳୀୟ ନେତାଙ୍କ ବିରୋଧରେ କହିବାକୁ ପଛାଇ ନାହାନ୍ତି। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଆୟୁବ ଖାଁ, ବଲାଙ୍ଗୀରର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ଉପରେ ବର୍ଷିଛନ୍ତି। ଆୟୁବ କହିଛନ୍ତି ଯେ, କଳିକେଶ ଜିଲାରେ ଅନେକ ନେତାକୁ ବିଧାୟକ ହେବାର ସ୍ୱପ୍ନ ଦେଖାଇଲେ। ଏହା ଦ୍ୱାରା ଗୋଷ୍ଠୀ ବୃଦ୍ଧି ପାଇଲା, ଏହା ପରବର୍ତ୍ତୀ ସମୟରେ ଦଳର ପରାଜୟର ମଧ୍ୟ କାରଣ ହେଲା ବୋଲି ଆୟୁବ କହିଛନ୍ତି। ବଲାଙ୍ଗୀର ଲୋକ ସଭା ଏବଂ ଏହା ଅନ୍ତର୍ଗତ ବଲାଙ୍ଗୀର, ଲୋଇସିଂହା ଏବଂ କଣ୍ଟାବାଞ୍ଜି ଆସନ ବିଜେଡି ହାତରୁ ଚାଲିଯାଇଛି। ତେଣୁ ଏହି ପରାଜୟର ସମୀକ୍ଷା ପରେ କେତେଜଣ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଆୟୁବଙ୍କ ଅଭିଯୋଗ ଉପରେ କଳିକେଶଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ତାହା ଆମର ହସ୍ତଗତ ହୋଇପାରି ନାହିଁ। ସେହିପରି ସୁନ୍ଦରଗଡ ଲୋକସଭା ଏବଂ ଏହା ଅଧୀନ ସୁନ୍ଦରଗଡ, ତଳସରା, ବୀରମିତ୍ରପୁର, ରାଜଗାଙ୍ଗପୁର, ବଣାଇ ଆସନ ବିଜେଡି ହାତରୁ ଚାଲିଯାଇଛି। ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଯୋଗେଶ ସିଂ ଏବଂ ଲୋକ ସଭା ପ୍ରାର୍ଥୀ ସୁନୀତା ବିଶ୍ୱାଳ ପରାଜୟ ପାଇଁ ନିଜକୁ ଦାୟୀ କରିଛନ୍ତି। ହେଲେ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସୁନ୍ଦରଗଡ ଲୋକ ସଭା ପ୍ରାର୍ଥିନୀଙ୍କୁ ନେଇ ବିଜେଡିରେ ମତଭେଦ ରହିଥିଲା। ନିକଟ ଅତୀତରେ ଦଳକୁ ଆସିଥିବା ଜଣେ କଂଗ୍ରେସ ନେତାଙ୍କ ପ୍ରରୋଚନାରେ ସୁନୀତାଙ୍କୁ ପ୍ରାର୍ଥୀ କରାଯାଇଥିଲା। ସେହି ସମୟରେ ଅନ୍ୟ କାହା ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ସୁନ୍ଦରଗଡ ପ୍ରାର୍ଥୀ ଚୟନ ନେଇ ବିଜେଡି ଫେରିବାକୁ ଚାହୁଁଥିବା ଜଣେ ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ବିଜେଡିକୁ ନ ଫେରିବା ପାଇଁ ସୁନ୍ଦରଗଡ ଲୋକ ସଭା ପ୍ରାର୍ଥୀ ଚୟନ ଏବଂ ଆମଦାନୀ ନେତାଙ୍କୁ ଅଧିକ ଗୁରୁତ୍ୱ ଦେବା ପ୍ରମୁଖ କାରଣ ବୋଲି ରାଜନୈତିକ ପଣ୍ଡିତମାନେ ମତ ରଖିଛନ୍ତି। ଅପରପକ୍ଷରେ ଚଳିତ ନିର୍ବାଚନରେ କେତେଜଣ ବିଧାୟକ ପ୍ରାର୍ଥୀ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ କରାଇବାରେ ସହଯୋଗ କରିନାହାନ୍ତି। ଅନୁରୂପଭାବେ କେତେଜଣ ଏମ୍‌ପି ପ୍ରାର୍ଥୀ ଦଳ ଏବଂ ବିଧାୟକ ପ୍ରାର୍ଥୀଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇପଡିଥିଲେ, ଯାହା ପରୋକ୍ଷରେ ବିଜେଡିକୁ କ୍ଷତି କରିଥିବା ନେତୃତ୍ୱ ଅନୁଭବ କରିଛି।

# ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

କାମାକ୍ଷାନଗର/ଭାପୁର, ୨୭।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲାରେ ସୋମବାର ପୃଥକ ପୃଥକ ସ୍ଥାନରୁ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। କାମାକ୍ଷାନଗର ଥାନା ପଲୀକାଟେଣୀ ଗ୍ରାମରରେ ମଧ୍ୟାହ୍ନରେ ଭାରତ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କଠାରୁ ଦୁର୍ବୃତ୍ତମାନେ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। କମ୍ପାନୀ କର୍ମଚାରୀ ରାହୁଲ ନାଏକ, ବିଭୂତି ଭୂଷଣ ରାମ ଓ ମଦନ ଚରଣ ସାହୁ ସୋମବାର ଗ୍ରାମର ଏକ କମ୍ୟୁନିଟି ସେଣ୍ଟରରେ ବସି ୮୦ ହଜାର ଟଙ୍କା ସାପ୍ତାହିକ ଋଣ ଆଦାୟ କରିଥିଲେ। ରାହୁଲ ସେଠାରେ ବସିଥିବାବେଳେ ଅନ୍ୟ ଦୁଇଜଣ ଜଳଖିଆ କରିବା ପାଇଁ ଗ୍ରାମ ଭିତରକୁ ଯାଇଥିଲେ। ସେହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ପିସ୍ତଲ ଓ ଭୁଜାଲି ଦେଖାଇ ସମସ୍ତ ଟଙ୍କା ଲୁଟି ନେଇଥିଲେ। ସେହିପରି ସଦର ଥାନା ଭାପୁର ଫାଣ୍ଡି ଅଧୀନ ଘଟିପିରି-କଳାଙ୍ଗ ରାସ୍ତାର ମାଧପୁର ନିକଟରେ ଅପରାହ୍ନରେ ମୁଥୁଟ ମାଇକ୍ରୋ ଫିନ୍ ଲିମିଟେଡ୍‌ର କର୍ମଚାରୀ ସୁବୋଧ କୁମାର ଜେନାଙ୍କଠାରୁ ଲୁଟ୍ ହୋଇଛି। ୩ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ବାଇକ ସହ ପ୍ରାୟ ୨୮ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ସେ ଭାପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ବିପର୍ଯ୍ୟୟ କାରଣ ନେଇ ୩୦ରେ ଆଲୋଚନା

ଭୁବନେଶ୍ୱର,୨୭।୫(ବ୍ୟୁରୋ)

- ପିସିସି ସଭାପତି କାହିଁକି ପଦ ଛାଡ଼ିଲେ ବୁଝାପଡୁନି:ଶରତ
- ୩୦ରେ ବଛାଯିବ ବିଧାୟକ ଦଳ ନେତା: ନିରଞ୍ଜନ
- ତୁରନ୍ତ ପଦକ୍ଷେପ ନ ନେଲେ ଅସୁବିଧା: ପ୍ରଦୀପ

କଂଗ୍ରେସ ପ୍ରଦର୍ଶନ ଖରାପ ହେବାପରେ ରାଜ୍ୟରେ ଦଳୀୟ ନେତାମାନଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। ବାପ-ପୁଅ ରାଜନୀତି କଥା ଉଠାଇ ରବିବାର ବରିଷ୍ଠ ନେତା କାହ୍ନୁ ଲେଙ୍କା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ କଡା ସମାଲୋଚନା କରିଥିଲେ। ହେଲେ ନିରଞ୍ଜନ କଥା ବୁଲାଇ ଆଉ ଗୋଟିଏ ତଥ୍ୟ ରଖୁଛନ୍ତି। ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ଏଆଇସିସି ଓ ଜିଲା କମିଟି ପ୍ରାର୍ଥୀ କରିଥିବା ନିରଞ୍ଜନ କହିଛନ୍ତି। ହେଲେ କେବଳ ନିରଞ୍ଜନ ନୁହନ୍ତି ଦଳର ଆହୁରି ଅନେକ ନେତାଙ୍କ ପରିବାର ପିଛା ଦୁଇ ଦୁଇଟା ଟିକେଟ ମିଳିଲା। ନରସିଂହ ମିଶ୍ର ଏବଂ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ର, ଜର୍ଜ ତିର୍କୀ ଓ ରାଜେଶ ଜୋଶେଫ ତିର୍କୀ, ଅନନ୍ତ ସେଠୀ ଝିଅ ମଧୁମିତା ସେଠୀ, ଭକ୍ତ ଦାସ ପୁଅ ସାଗର ଦାସ ଏଥର ଟିକେଟ ନେଇ ନିର୍ବାଚନ ଲଢିଥିଲେ। ହେଲେ ଏମାନଙ୍କ ମଧ୍ୟରୁ ସମସ୍ତ ପ୍ରାର୍ଥୀ ହାରିଥିବା ବେଳେ କେବଳ ନରସିଂହ ମିଶ୍ର ବିଜୟୀ ହୋଇଛନ୍ତି। ପୂର୍ବରୁ ଏନେଇ ଦଳ ଭିତରୁ ବହୁ ନେତା ପ୍ରଶ୍ନ ଉଠାଇଥିଲେ। ହେଲେ ବର୍ତ୍ତମାନ ଫଳାଫଳ ପ୍ରକାଶ ପାଇବାପରେ ପାରିବାରିକ ରାଜନୀତି କଥାକୁ ନେଇ ନିରଞ୍ଜନଙ୍କ ବିରୋଧରେ ବିରୋଧୀ ସିଧାସିଧା ଅଭିଯୋଗ କଲେଣି।

ଅପରପକ୍ଷରେ ନିର୍ବାଚନରେ କଂଗ୍ରେସ ଖରାପ ପ୍ରଦର୍ଶନ କାରଣ ଖୋଜିବାକୁ ପିସିସି ସଭାପତି ଏକ ୨୧ଜଣିଆ କମିଟି ଗଠନ କରିଛନ୍ତି। ନରସିଂହ ମିଶ୍ରଙ୍କୁ କମିଟି ଅଧ୍ୟକ୍ଷଭାବେ ଦାୟିତ୍ୱ ଦିଆଯାଇଛି। କିନ୍ତୁ ୩୦ତାରିଖରେ ଏଆଇସିସିର ଏକ ଟିମ୍ ଏହି ପ୍ରସଙ୍ଗକୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟରେ ବୈଠକ କରିବେ। ବୈଠକରେ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ, ଟି.ଏସ୍ ସିଂ ଦେଓ ଏବଂ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ। ବିଜୟୀ ଓ ପରାଜିତ ପ୍ରାର୍ଥୀମାନେ ମଧ୍ୟ ଯୋଗଦେବେ ବୋଲି ଶୁଣିବାକୁ ମିଳୁଛି। ସେଦିନ କଂଗ୍ରେସ ବିଧାୟକ ଦଳ ନେତା ମଧ୍ୟ ବଛାଯିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ହେଲେ ଏସବୁ କାର୍ଯ୍ୟକ୍ରମକୁ ଦଳର ବହୁ ବରିଷ୍ଠ ନେତା ସମାଲୋଚନା କରିବା ଆରମ୍ଭ କଲେଣି। ନିରଞ୍ଜନଙ୍କ ଭୁଲ୍ ତ୍ରୁଟିକୁ ଘୋଡାଇବା ପାଇଁ ଏଭଳି ବାହାନା କରାଯାଉଥିବା କିଛି ନେତା କହିଲେଣି। ଅନ୍ୟପଟେ କାରଣ ଖୋଜିବା ପାଇଁ ଗଠନ କରାଯାଇଥିବା ୨୧ ଜଣିଆ କମିଟିକୁ ମଧ୍ୟ ସମସ୍ତେ ବିଶ୍ୱାସକୁ ନେଇପାରୁ ନାହାନ୍ତି। ହେଲେ ଆସନ୍ତା ୩୦ରେ ହେବାକୁ ଥିବା ବୈଠକରେ ଦଳୀୟ ନେତାଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେବାରେ ଲାଗିଛି।

ଦଳର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଦଳର ପ୍ରଦର୍ଶନ କାହିଁକି ଏତେ ଖରାପ ହେଲା ସେନେଇ ଖୋଲାଖୋଲି ଭାବେ ଆଲୋଚନା ହେଉ। କ'ଣ ତ୍ରୁଟି ରହିଲା ତାର ସମୀକ୍ଷା ହେବା ଆବଶ୍ୟକ। ନିର୍ବାଚନ ପରିଚାଳନାରେ ସମ୍ପୃକ୍ତ ଥିବା ନେତାଙ୍କ ମଧ୍ୟରୁ କେତେଜଣଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ତେବେ ସମୀକ୍ଷା ପୂର୍ବରୁ ପିସିସି ସଭାପତି ପଦ ନିରଞ୍ଜନ କାହିଁକି ଛାଡିଲେ ସେକଥା ସ୍ପଷ୍ଟ ହେବା ଆବଶ୍ୟକ। ତାଙ୍କ ଇସ୍ତଫା କଥା କେହି ଦାବି କରି ନାହାନ୍ତି, ଦଳର ଭୁଲ୍‌କୁ ଖୋଜି ତା'ର ସମାଧାନ କଥା କହିଥିଲୁ ବୋଲି ଛାଡିଛନ୍ତି। ବରିଷ୍ଠ ନେତା ଅନନ୍ତ ସେଠୀଙ୍କ କହିବା କଥା, ପିସିସି ସଭାପତି ଇସ୍ତଫା ଦେବାପରେ କୌଣସି କମିଟିରେ ଆମେ ନାହୁଁ। ଦଳ ବିରୋଧରେ ଏବେ ବହୁତ କଥା ଚର୍ଚ୍ଚା ହେବ। ଆଗକୁ କ'ଣ ହେଉଛି ତାହା ଦେଖିବା ଦରକାର। ବୈଠକ ହେବା ନେଇ କୌଣସି ଖବର ତାଙ୍କ ପାଖରେ ନ ଥିବା ଅନନ୍ତ କହିଛନ୍ତି।

ଏସବୁ ମଧ୍ୟରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, କଂଗ୍ରେସ ଯେଉଁ ରଣନୀତିରେ ନିର୍ବାଚନ ଲଢିଛି ତାହା ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବା ଆବଶ୍ୟକ। ଲୋକମାନେ ଏବେ ପ୍ରଲୋଭନର ଶିକାର ହେଲେଣି। କଂଗ୍ରେସର ଭୋଟ୍ ପ୍ରତିଶତ କମିବା ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା। ଏଥିପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ନଚେତ୍ ଦଳକୁ ଆହୁରି ନେତା ଓ କର୍ମୀ ଚାଲିଯିବେ ବୋଲି ପ୍ରଦୀପ କହିଛନ୍ତି।

**NOTICE**
This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

SBL
ସମ୍ବଲପୁରୀ ବସ୍ତ୍ରାଳୟ
ସାବିତ୍ରୀ ବ୍ରତ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା.୨୫.୦୫.୨୦୧୯ ରୁ ତା.୦୨.୦୬.୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

# ଗୋଛା ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀର ମୃତ୍ୟୁ

**ଦାନ୍ତ କାଟି ନେଇଛନ୍ତି ଶିକାରୀ**

ନୟାଗଡ଼ ଅଫିସ,୨୭।୫

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତାହାତୀର ମୃତ୍ୟୁ ହୋଇଛି। ସୋମବାର ରାତିରେ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ପ୍ରକାଶ ଯେ, କିଛିଦିନ ହେବ ଦଶପଲ୍ଲା ଜଙ୍ଗଲରୁ ୭ଟିକିଆ ହାତୀପଲ ଆସି ଗୋଛା ଜଙ୍ଗଲରେ ଚଳପ୍ରଚଳ କରୁଥିଲେ। ସେଥିମଧ୍ୟରୁ ସୋମବାର ଗୋଟିଏ ଦନ୍ତାହାତୀର ମୃତ୍ୟୁ ଘଟିଛି। ଖବର ପାଇଁ ପଞ୍ଚରିଡ଼ା, ଓଡ଼ଗାଁ ବନାଞ୍ଚଳ ଓ ନୟାଗଡ଼ ବନ ବିଭାଗ ଟିମ୍ ରାତ୍ର ସମୟରେ ଜଙ୍ଗଲକୁ ଯାଇଛନ୍ତି। ଶିକାରୀମାନେ ହାତୀର ଦାନ୍ତ କାଟି ନେଇଛନ୍ତି। ସେହିପରି ହାତୀ ମରି ପଡିଥିବା ସ୍ଥାନରେ ସେମାନେ ଚୁଲି ତିଆରି କରି ରୋଷେଇ କରି ଖାଇଥିବା ଜଣାପଡିଛି। ଶିକାରୀମାନେ ହାତୀକୁ ମାରି ତା'ର ଦାନ୍ତ ନେଇ ଯାଇଥିବାରୁ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ପଞ୍ଚରିଡ଼ା ରେଞ୍ଜର ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ କୁହନ୍ତି, ହାତୀ ମୃତ୍ୟୁ ହୋଇଥିବା ଖବର ପାଇ ଆମେ ଘଟଣାସ୍ଥଳକୁ ଯାଉଛୁ, ସେଠାରୁ ଫେରିଲା ପରେ ଯାହା ଜଣାପଡ଼ିବ।

# ବାଙ୍ଗାଲୋରକୁ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୨୭।୫:** ବାତ୍ୟା ଫନୀ ଯୋଗୁ ଟ୍ରେନ ଯାତ୍ରାରେ ଅସୁବିଧା ସାମ୍ନା କରିଥିବା ଯାତ୍ରୀଙ୍କ ଲାଗି କ୍ରୀଷ୍ଣାରାଜପୁରମ (ବାଙ୍ଗାଲୋର)କୁ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହା ଚଳିତ ମାସ ୨୯ରେ ସକାଳ ୭.୩୦ଟା ସମୟରେ ଭୁବନେଶ୍ୱରରୁ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିବ। ଟ୍ରେନଟିରେ ୧୪ ସ୍ଲିପର କ୍ଲାସ, ଦୁଇ ଦ୍ୱିତୀୟ ଶ୍ରେଣୀ, ୨ ଗାର୍ଡ କମ୍ ଲଗେଜ ଭ୍ୟାନ ରହିବ। ଟ୍ରେନଟି ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ, ବିଜୟନଗରମ, ବିଶାଖାପାଟଣା, ଦୁଭ୍ଭଡା ସମେତ ରାଜମହେନ୍ଦ୍ରୀ, ଏଲୁରୁ, ଅଙ୍ଗୋଲ, ନେଲୋର, ଗୁଡୁର, ରେଣିଗୁଣ୍ଟା, କଟପଡି, ଜୋଲାରପେଟାଇ ଏବଂ ବାଙ୍ଗରାପେଟ ଭଳି ଷ୍ଟେଶନରେ ରହଣି କରିବ। ଏହାର ଫେୟାରିଂ ଟ୍ରେନ ବାଙ୍ଗାଲୋରଠାରୁ ସୋମବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି।

CLASSIFIED DISPLAY



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

Apply for MBBS Course
Medical Education (MBBS) in China
**Kunming Medical University, China**
Approved and Accepted by Ministry of Education Beijing (MoE) & Medical Council in India (MCI)
announces it is accepting complete applications from outstanding Applicants for **MBBS** (Clinical Medicine in English) in 2019 through our Cooperation Partner
**The School of Chinese Language**
190 Sarat Bose Road, Kolkata-700029, India
Email: KMU@zhongwen.in, Ph: 7596011781-5
Local Contact in Odisha: **Dr. S.P. Dash**, Mob No. 8249817936

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**SHAKUNTALA BIDYADHAR PUBLIC SCHOOL, MULBAR**
At/Po: Mulbar, Via-Bhatli, Dist-Bargarh, 768030
Admission opens for section-2019-20
Class LKG to Class-VII
*Apply for 25% free admission for LKG class.*
1. 10% for SC / ST / SEBC
2. 10% for BPL category
3. 5% for homeless, landless and labour child etc.
Forms are available till 30.05.2019 at Shakuntala Bidyadhar Public School, Mulbar
CONTACT- 9348947041,9348387813
SD./- PRINCIPAL, MULABAR

ଧରିତ୍ରୀ DHARITRI
ମଙ୍ଗଳବାର, ୨୮ ମେ , ୨୦୧୯

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିକ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିଏ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା



# ଦେଖଣାହାରି

ଗୁଜରାଟ ସୁରଟର ଏକ କୋଚିଂ ସେଣ୍ଟରରେ ୨୪ ମେ'ରେ ହୋଇଥିବା ଅଗ୍ନିକାଣ୍ଡରେ ୨୨ ଛାତ୍ରଙ୍କ ମୃତ୍ୟୁ ଘଟିଛି । ନିଆଁ ଲାଗିଯିବା ପରେ ଭୟରେ ଉକ୍ତ ସୁଉଚ୍ଚ କୋଠା ଉପରୁ ପିଲାମାନେ ତଳକୁ ଡେଇଁ ପ୍ରାଣ ହରାଉଥିବା ଦୃଶ୍ୟସମ୍ବଳିତ ଭିଡିଓ ଏବେ ଭାଇରାଲ ହୋଇଛି। ଏଥିରେ ଦେଖିବାକୁ ମିଳୁଛି ଜଣଙ୍କ ପରେ ଜଣେ ତଳକୁ ଡେଇଁ ପଡୁଛନ୍ତି। ହେଲେ କୋଠା ତଳେ ହାଉଜାଉ ହେଉଥିବା ଅସଂଖ୍ୟ ଲୋକ ଏସବୁ ଦେଖି କେବଳ ଚିଲ୍ଲାଇବାରେ ବ୍ୟସ୍ତ। କିଛି ଭିଡିଓ ଶୁଟିଂ କରିବାରେ ଲାଗିପଡ଼ିଥିଲେ। ସାଧାରଣତଃ ଦେଖାଯାଉଛି କୌଣସି ଅସ୍ୱାଭାବିକ ଘଟଣା ବେଳେ ଉପସ୍ଥିତ ଲୋକେ ଅସୁବିଧାରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସୁନାହାନ୍ତି। ବରଂ ଫଟୋ ଉଠାଇବା, ସେଲ୍ଫି ନେବା ସହ ଭିଡିଓ ଶୁଟିଂ କରି ତାହାକୁ ପରେ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଯେଉଁମାନେ ଆଗକୁ ଆସି ସହାୟତାର ହାତ ବଢ଼ାଉଛନ୍ତି ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ। ଦୁର୍ଘଟଣା ପରେ ଯିଏ ଦୁଃସାହସିକ କାର୍ଯ୍ୟ କରି ଲୋକଙ୍କ ଜୀବନ ରକ୍ଷା କରୁଛନ୍ତି, ତାଙ୍କୁ ଆମେ 'ହିରୋ' ଆଖ୍ୟା ଦେଉଛେ। ହେଲେ ନିଜକୁ ସେଥିରେ ସାମିଲ କରିବାକୁ ଚେଷ୍ଟା କରୁନାହୁଁ। ବିପଦ ବେଳେ ଦେଖଣାହାରି ଚାହିଁଲେ ଅନେକ କିଛି କରି ଅସହାୟଙ୍କ ଜୀବନ ବଞ୍ଚାଇପାରନ୍ତେ। ସୁରଟ କୋଚିଂ ସେଣ୍ଟର ଉପରୁ ଯେଉଁଭଳି ଭାବେ ପିଲାମାନେ ତଳକୁ ଡେଇଁ ପଡୁଥିଲେ, ସେଠାରେ ଉପସ୍ଥିତ ଲୋକେ ହାତକୁ ହାତ ଛନ୍ଦି ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ବା ତଳେ ଜାଲ, ଗଦି କିମ୍ବା ତତ୍କ୍ଷଣାତ୍ କିଛି ଲୁଗା ବିଛାଇ ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ କେତେକଙ୍କ ଜୀବନ ରକ୍ଷା ହୋଇପାରିଥାଆନ୍ତା। କେବଳ ଦେଖଣାହାରି ପାଲଟିବା ଦ୍ୱାରା ଏ ଜାତି କେଉଁଆଡ଼େ ଯାଉଛି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ।

ଭାରତରେ ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟକୁ ରୋକିବା ଲାଗି ଅନେକ କୋଠାବାଡ଼ି ନିର୍ମାଣକାରୀ ସଂସ୍ଥା ପ୍ରାକ୍ ସାବଧାନତା ଅବଲମ୍ବନ କରୁନାହାନ୍ତି। ସରକାରୀ ହେଉ ବା ଘରୋଇ କୋଠାର ମାଲିକମାନେ ମଧ୍ୟ ସ୍ଥପତିଙ୍କଠାରୁ ପ୍ଲାନ୍ ଆଣିବା ବେଳେ ଏହି ଦିଗକୁ ବିଶେଷ ଧ୍ୟାନ ଦେଉନାହାନ୍ତି। ସ୍କୁଲ, କଲେଜ, ହଷ୍ଟେଲ, ହୋଟେଲ, ସିନେମା ହଲ୍, ଡାକ୍ତରଖାନା, ଅଡିଟୋରିୟମ୍, ଶପିଂ ମଲ୍ ଆଦି ସାଧାରଣରେ ବ୍ୟବହୃତ ବିଲ୍ଡିଂରେ ଅଗ୍ନିନିର୍ବାପକ ଯନ୍ତ୍ରପାତି ବା ଆନୁଷଙ୍ଗିକ ବ୍ୟବସ୍ଥା ଖଞ୍ଜିବାକୁ ବ୍ୟୟବହୁଳ ବୋଲି ଧରିନେଉଛନ୍ତି। ଏଭଳି ସଂକୀର୍ଣ୍ଣ ମନୋଭାବ ଅନେକ ସମୟରେ ବିପଦକୁ ଡାକି ଆଣୁଛି। ଏମାନଙ୍କୁ ସହାୟକ ହେଉଛି ଉନ୍ନୟନ କର୍ତ୍ତୃପକ୍ଷଙ୍କ ସାଲିସ। ପ୍ରତ୍ୟେକ ବର୍ଷ ଦେଶର କେଉଁଠି ନା କେଉଁଠି ଛୋଟବଡ଼ ଅଗ୍ନିକାଣ୍ଡ ଘଟୁଛି। ଏହାର ତାଲିକା ତିଆରି କଲେ ଲମ୍ବିଚାଲିବ। ନିକଟ ଅତୀତକୁ ଦେଖିଲେ ୨୦୧୬ରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ନିଆଁ ଲାଗିବାରୁ ୨୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୧ରେ କୋଲକାତାରେ ଘରୋଇ ହସ୍ପିଟାଲ ଆମ୍ରିରେ ନିଆଁ ଲାଗି ୮୯ ଜଣ ପ୍ରାଣ ହରାଇଥିଲେ। ୨୦୦୪ରେ ତାମିଲନାଡୁର କୁମ୍ଭକୋନାମ୍ ସ୍କୁଲ୍‌ରେ ନିଆଁ ଲାଗି ୯୪ ପିଲାଙ୍କ ଜୀବନ ଯିବା ସେତେବେଳେ ଦେଶବ୍ୟାପୀ ଦୁଃଖ ପହଞ୍ଚାଇଥିଲା। ଏହା ପୂର୍ବର ଘଟଣା ଦେଖିଲେ ୧୯୯୭ ମସିହାରେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ଅଗ୍ନିକାଣ୍ଡ ୫୯ ଜଣଙ୍କ ପ୍ରାଣ ନେଇଥିଲା। ଉପରଲିଖିତ ଦୁର୍ଘଟଣାକୁ ଦେଖିଲେ ସର୍ବସାଧାରଣ ବ୍ୟବହାର କରୁଥିବା କୋଠାରେ ବଡ଼ ବିପର୍ଯ୍ୟୟ ଘଟିଛି। ଘଟଣା ଘଟିବା ପରେ କିଛିଦିନ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଏ ଏବଂ ପରେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ମଉନ ହୋଇଯାଆନ୍ତି। ବିଶେଷକରି ବହୁସଂଖ୍ୟକ ଲୋକ ଯେଉଁ ବିଲ୍ଡିଂକୁ ବ୍ୟବହାର କରିଥାଆନ୍ତି, ସେଗୁଡ଼ିକର ବ୍ୟାପକ ଯାଞ୍ଚ ହେବା କଥା। ଏଥିସହିତ ଯେଉଁମାନଙ୍କ ଭୁଲ ଯୋଗୁ ଅମୂଲ୍ୟ ଜୀବନ ଯାଉଛି, ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇ ଦଣ୍ଡିତ କରାଯିବା ଉଚିତ।

ଏମିତି ଦେଖିଲେ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ଥିବା ଅଗ୍ନିଶମ ବା ବିପର୍ଯ୍ୟୟ ପରିଚାଳନା ବାହିନୀ ଆଧୁନିକ ଯନ୍ତ୍ରପାତି ଓ କୌଶଳ ଦିଗରେ ଦକ୍ଷ ହୋଇପାରୁନାହାନ୍ତି। ଘଟଣା ଘଟିବାର ବହୁ ସମୟ ପରେ ପୋଲିସ ଭଳି ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ କରୁଛି। ଭାରତରେ ଅନେକ ସ୍ମାର୍ଟ ସିଟି ଗଢ଼ାଯିବା ଲାଗି ଯୋଜନା ହେଉଛି। ଏପରିକି ଆମେରିକା ଭଳି ଭାରତ ସୁପରପାୱାର ହେବାର ଅନେକେ ସ୍ୱପ୍ନ ଦେଖୁଛନ୍ତି। ଏଠାରେ କହିବାକୁ ହେବ ଯେ, ଆମେରିକାରେ ଜରୁରିକାଳୀନ ସେବା ସହ ଭାରତର କୌଣସି ଆକାରରେ ତୁଳନା ନାହିଁ। ସେଠାକାର ଏମର୍ଜେନ୍ସି ରେସପନ୍ସ ନମ୍ବର ୯୧୧କୁ ଡାଏଲ କଲେ ତତ୍କ୍ଷଣାତ୍ ଉଦ୍ଧାରକାରୀ ଦଳ ଆସି ପହଞ୍ଚିଯାଆନ୍ତି। ଅଗ୍ନିକାଣ୍ଡ ହେଉ ବା ଅପରାଧ ଘଟଣା କିମ୍ବା ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବା ସମସ୍ୟା ସବୁଥିରେ ୯୧୧ କାମ ଦେଇଥାଏ। ଏଥିଯୋଗୁ ଅତି ଛୋଟ ପିଲାମାନେ ସେହି ନମ୍ବରକୁ ଘୋଷି ରଖିଥାଆନ୍ତି। ଭାରତରେ ବିଭିନ୍ନ ସେବା ସକାଶେ ଭିନ୍ନ ଭିନ୍ନ ନମ୍ବର ଏବଂ ଅଧିକାଂଶ କ୍ଷେତ୍ରରେ ଠିକ୍ ସମୟରେ ଏହିସବୁ ଜରୁରିକାଳୀନ ସେବା ମିଳିପାରେ ନାହିଁ। ଅନ୍ୟପକ୍ଷରେ ପାଶ୍ଚାତ୍ୟରେ ଅନେକ ସ୍କୁଲ ପାଠ୍ୟକ୍ରମରେ ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଲାଗି ଶିକ୍ଷା ଦିଆଯାଇଥାଏ, ଯାହା ସେମାନଙ୍କ ପାଠର ମୂଳ ଅଙ୍ଗ ବୋଲି ବିବେଚନା କରାଯାଏ। ଫଳରେ ବିପର୍ଯ୍ୟୟ ଘଟିଲେ ପିଲାମାନଙ୍କ ମୁଣ୍ଡକୁ ବୁଦ୍ଧି ଜୁଟେ। ଏପଟେ ଭାରତରେ ପାଠ୍ୟକ୍ରମରେ ଜରୁରିକାଳୀନ ପରିସ୍ଥିତିର ସାମ୍ନା କରିବାଠାରୁ ନୈତିକ ଶିକ୍ଷାକୁ ଅଧିକ ଓଜନ ଦିଆଯାଏ । ସେଥିପାଇଁ ଏଠାରେ ପିଲାମାନେ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହୋଇପାରନ୍ତି ନାହିଁ।

ଆଜିର ପରିସ୍ଥିତିରେ ସବୁକିଛି ଲାଗି ସରକାରୀ ସଂସ୍ଥା ବା ହାତଟେକାକୁ ଅପେକ୍ଷା କଲେ ସ୍ଥିତିରେ ପରିବର୍ତ୍ତନ ଆସିପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ୨୬ ମେ'ରେ ଅନୁଗୋଳ ଜିଲାରେ ଘଟିଥିବା ଏକ ଘଟଣାକୁ ଦେଖିଲେ ସ୍ଥାନୀୟ ବାସିନ୍ଦାଙ୍କ ଦେଖଣାହାରି ଚରିତ୍ର ପଦାକୁ ଆସିଛି। ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ନୂଆହତା ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଜଣେ ସାଇକେଲ ଆରୋହୀଙ୍କ ଉପରେ ପଡ଼ିଯିବାରୁ ସେ ଆହତ ହୋଇଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ କେହି ଆଗେଇ ନ ଆସି କେବଳ ଦେଖଣାହାରି ପାଲଟିଥିଲେ। ଏଥିରୁ ବୁଝିବାକୁ ହେବ ଯେ ଏଠାରେ କେହି କାହାରିକୁ ସାହାଯ୍ୟର ହାତ ବଢ଼ାଇବାକୁ ପ୍ରସ୍ତୁତ ନାହାନ୍ତି। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ଅଛନ୍ତି । ଏଭଳି ଚିନ୍ତାଧାରା ଦେଶକୁ କଦାପି ସୁଦୃଢ଼ କରିବ ନାହିଁ।

# ମୋଦି କାହିଁକି ଜିଣିଲେ



ସହଦେବ ସାହୁ

ମେ ୨୧ର ଅଧିକାଂଶ ଏକ୍‌ଜିଟ୍ ପୋଲ୍ ସତ ହେଲା- ଆଉ ୫ବର୍ଷ ମିଳିଗଲା ମୋଦିଙ୍କୁ। ଭାରତର ପସନ୍ଦ- ଆମର ମୋଦି ନା ଏକ ଅସନା ଗଣତନ୍ତ୍ର (The Choice in India: 'Our Trump' or a Messier Democracy), ଏ ଥିଲା ମେ ୨୦ ନ୍ୟୁୟର୍କ ଟାଇମ୍‌ସରେ ଜେଫ୍ରି ଜେଣ୍ଟଲ୍‌ମ୍ୟାନ୍‌ଙ୍କ ଏକ ଲେଖାର ଶୀର୍ଷକ। ବଙ୍ଗ ଭଳି ଓଡ଼ିଶା ଚାହିଁଥିଲା ଜାତୀୟ ସ୍ତରରେ ଭାଜପା ରଥକୁ ଅଟକାଇବାକୁ। ଭାରତ କ'ଣ ଚାହେଁ ମୋଦିକୁ ହଁ କି ନା। ହଙ୍ଗେରୀରେ ଭିକ୍ଟର ଅର୍ବାନ୍, ଇମିଗ୍ରାଣ୍ଟମାନଙ୍କୁ ରାକ୍ଷସ ନାଁ ଦେଲେ, ପୁଣି ଗାଦିକୁ ଆସିଲେ। ତର୍କିରେ ରିସେପ୍ ଟାଇପ୍ ଏର୍ଡୋଗାନ୍ ତାଙ୍କ ଶତ୍ରୁଙ୍କୁ ନିକାଲି ଦେଇ ପୁଣି ଥରେ ନିର୍ବାଚିତ ହେଲେ। ଅଷ୍ଟ୍ରେଲିଆରେ ସ୍କଟ୍ ମୋରିସନ୍ କଡ଼ା କାର୍ବନ ଏମିସନ୍ ବିରୋଧରେ ଯାଇ ଦ୍ୱିତୀୟ ଥର ଜିତିଲେ। ବିଶ୍ୱସାରା ଯୁଗ ହେଉଛି ରାଜନୈତିକ ବଡ଼ମଣିଷର। ୬୦ ବର୍ଷ ଧରି ମୋଦି ଭଳି ବୃହତ୍ତମ ଶକ୍ତିକୁ ଭାରତ ଜନ୍ମ ଦେଇ ନ ଥିଲା। ସେ ବୃହତ୍ ଜନଭିଡ଼ ତିଆରି କରନ୍ତି, ପଶୁଭଳି ଆକାଂକ୍ଷା ସୃଷ୍ଟି କରନ୍ତି। ଦଶ କୋଟି ପାଇଖାନା ୫ ବର୍ଷରେ। ପାରିଲେ ବି। କିନ୍ତୁ ଲକ୍ଷ ଲକ୍ଷ କାମ ଜୁଟାଇ ପାରିଲେ ନାହିଁ। ସିଏ ରାଷ୍ଟ୍ରପତି ଭଳି କାମ କରନ୍ତି, ପ୍ରଧାନମନ୍ତ୍ରୀ ଭଳି ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକା ଓ ଚାଇନା ଭଳି ଭାରତ ବିଶ୍ୱରେ ପ୍ରମୁଖ ଭୂମିକା ନେଉ ସେ ଚାହାନ୍ତି।

ଭାରତର ଲୋକେ ନେତାଙ୍କ ଭିତରେ ପୁରୁଷତ୍ୱ ଚାହାନ୍ତି। ୬୮ ବର୍ଷ ବୟସ୍କ ମୋଦି ପ୍ରତିଶ୍ରୁତିବଦ୍ଧତା ଦେଖାଉଛନ୍ତି, ପୌରୁଷ ଦେଖାଉଛନ୍ତି, କାମକରି ଦେଖାଇଦେବାର ଶକ୍ତି, ସାହସ, ଶକ୍ତି ପ୍ରଦର୍ଶନ- ଏକ ଜନାଦେଶ ଆକର୍ଷଣକାରୀ (ପପୁଲିଷ୍ଟ) ଲିଡର୍। ମୋଦି ଆଉ ଟ୍ରମ୍ପ- ମହାଦେଶୀୟ ବ୍ୟବଧାନ। ଜ୍ଞାନର ଅଭାବକୁ ଲୁଚାଇବାକୁ ଚାହାନ୍ତି; ଅତୀତକୁ ଗୌରବ ଭାବନ୍ତି। ନିଜକୁ କେନ୍ଦ୍ରାକର୍ଷଣ ଭାବନ୍ତି। ଟୁଇଟର ବ୍ୟବହାରରେ ରାଷ୍ଟ୍ରୀୟତା ବୃଦ୍ଧିରେ ସହାୟକ। ଭିତ୍ତିଭୂମିକୁ ଟାଣ କରିବାରେ, ଡର ବଢ଼ାଇବାରେ ସେ ସିଦ୍ଧହସ୍ତ। ଭାରତକୁ ବଡ଼ କର- ଏ ହେଉଛି ମୋଦିଙ୍କ ମନ୍ତ୍ର, ଟ୍ରମ୍ପ୍‌ଙ୍କ 'ଆମେରିକାକୁ ବଡ଼ କର' ଭଳି। ନିଜକୁ ବଡ଼ କରି ଦେଖାଇବାରେ ମୋଦି ସିଦ୍ଧହସ୍ତ। ନିର୍ବାଚନ ପ୍ରଚାର ସାରି ସେ କେଦାରନାଥ ମନ୍ଦିରରେ ପଥର ପାଚେରିରେ ଆଉଜି ପ୍ରାର୍ଥନା କରିବାର ଫିଲ୍ମ ଚାରିଆଡ଼େ ଦେଖାଇବା ଲୋକ।

ତାଙ୍କ ଦଳ ଭାଜପା ସବୁଠାରୁ ବେଶି ସଂଗଠିତ, ବେଶି ଧନୀ ନିର୍ବାଚନ ପ୍ରଚାର ଚଳାଇଥିଲା। ୫୦୦୦ କୋଟି ଟଙ୍କା ଆଦାୟ କରିଥିବାର ଅନେକ ମିଡ଼ିଆ କହନ୍ତି, ଯେଉଁ ପରିମାଣ ଅନ୍ୟ ସବୁ ଦଳର ଗାଏମୋଟ ମୂଲ୍ୟଠାରୁ ବହୁଗୁଣ ବେଶି। ବିଭିନ୍ନ ହିନ୍ଦୁ ଧର୍ମଗୋଷ୍ଠୀ ସହିତ ଭାଜପାର ସମ୍ପର୍କ ଭଲଥିବା ହେତୁ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀମାନେ ଭାରତ ସାରା ଘର ଘର ବୁଲି ଏପରିକି ଆପାର୍ଟମେଣ୍ଟ ବ୍ଲକ୍‌ର ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରି ଭାଜପା ସପକ୍ଷରେ ଭୋଟ ଦେବା ପାଇଁ କଥାବାର୍ତ୍ତା କରନ୍ତି। ଯେଉଁମାନେ କଂଗ୍ରେସକୁ ନିକଟ ଅତୀତରେ ରାଜ୍ୟଗୁଡ଼ିକରେ ଭୋଟ ଦେଇଥିଲେ ସେମାନେ ବି ମାନନ୍ତି ମୋଦିଙ୍କ ଭଳି ଜାତୀୟ ସ୍ତରର ନେତା ଆଉ କେହି ନାହିଁ।

ନେତାମାନେ ସମୟ ଅନୁଯାୟୀ ଜନ୍ମ ନିଅନ୍ତି, ବିଭିନ୍ନ ସମାଜରେ ଜଗତୀକରଣ ଲୋକଙ୍କୁ ହଇରାଣରେ ପକାଇଛି। ଲୋକଙ୍କ ଭିତରେ ଫେରିବାର ଇଚ୍ଛା ସେହି ପୁରୁଣା ସରଳ ଓ ଗର୍ବର ଅତୀତକୁ; ସେମାନେ ଚାହାନ୍ତି ନୂଆ ପିଢ଼ିର ଟାଣୁଆ ନେତା। ସେମାନଙ୍କ ସଫଳତାର ଅଙ୍ଗ ହେଉଛି ଭୋଟରମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବା। ଦୈନିକ ବଡ଼ ବଡ଼ କଥା କହନ୍ତି; ବନ୍ଧୁ ଭାବାପନ୍ନ ଟେଲିଭିଜନ୍ ନେଟ୍‌ୱର୍କରେ ସେଗୁଡ଼ିକ ପ୍ରକାଶ ପାଏ। ଟ୍ରମ୍ପଙ୍କ ଟୁଇଟରରେ ୬ କୋଟି ଅନୁଗାମୀ ଥିବା ବେଳେ ମୋଦିଙ୍କ ଅନୁଗାମୀ ସଂଖ୍ୟା ୪ କୋଟି ୭୦ଲକ୍ଷ। ଦୁନିଆରେ ଦ୍ୱିତୀୟ ବୃହତ୍ତମ ଅନୁଗାମୀ ରାଜନେତା ସେ। ଟେକ୍‌ନିକ୍ ଦୃଷ୍ଟିରୁ ଗଣତନ୍ତ୍ରରେ ସ୍ୱୈରତନ୍ତ୍ରୀ ବା ଅଟୋକ୍ରାଟ୍‌ମାନେ ଉଧେଇ ପାରନ୍ତି ନାହିଁ। ସୁପ୍ରିମ୍‌କୋର୍ଟ ବା ଗଣମାଧ୍ୟମ ସାଧାରଣ ଗାର୍ଡିଆନ୍ ହିସାବରେ କାମ କରେ। ଜବାହରଲାଲ ନେହେରୁ, ରାହୁଲଙ୍କ ପ୍ରପିତାମହ ୧୭ ବର୍ଷକାଳ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବ୍ୟକ୍ତିତନ୍ତ୍ର ଚଳାଇଥିଲେ। ୧୯୭୦ ଦଶକରେ ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଜାରି କରିଥିଲେ, ରାଜନୈତିକ ବିରୋଧୀମାନଙ୍କୁ ଜେଲ୍‌ରେ ପୂରାଇଥିଲେ। ତାଙ୍କ ଉପରେ ଲୋକେ ରାଗି ହରାଇ ଦେଇଥିଲେ। ତେଣୁ ବ୍ୟକ୍ତିବିଶେଷର ଶାସନ ବା ଅଟୋକ୍ରାସି ନ ଚାଲିବା ସପକ୍ଷରେ ଭାରତର ଗଣତନ୍ତ୍ର କାମ କରୁଛି।

ଫେବୃୟାରୀରେ ସେ ପ୍ରାୟ ପାକିସ୍ତାନ ସହ ଯୁଦ୍ଧ କରିବା ଅବସ୍ଥାକୁ ଆସିଥିଲେ। ପରବର୍ତ୍ତୀ ମାସରେ ସେ ମହାକାଶରେ ଭାସୁଥିବା ଉପଗ୍ରହଗୁଡ଼ିକୁ ଧ୍ୱଂସ କରିଦେବାର ଶକ୍ତି ପ୍ରଦର୍ଶନ କଲେ। ବିଭିନ୍ନ ଜନସମୁଦାୟ ତାଙ୍କ ଜରିଆରେ ଭାରତ ମହାନ ହେବା ଚାହାନ୍ତି। ଗରିବକୁ ସାହାଯ୍ୟ କରିବାର, ଭାରତକୁ ମହାନ୍ କରିବାର ଇଚ୍ଛାଶକ୍ତି ତାଙ୍କର ଅଛି। ସୋସିଆଲ୍ ମିଡ଼ିଆ ଛାଣି ଛାଣି ଲୋକଙ୍କୁ ଜଣାଏ ସେମାନେ କ'ଣ ଚାହାନ୍ତି ନାହିଁ। ମୋଦି- ଅମିତ ଶାହ ସବୁବେଳେ କହିହେଲେ ଯେତେ ତାଳି ପକାଇଲେ ବି ଛିଣ୍ଡାକପଡା କେବେ ଗୋଟିକିଆ ଭଲ କପଡା ଭଳି କାମ କରିବ ନାହିଁ। କେବଳ ଅଙ୍କ କଷିଦେଲେ ଯେ କାମ କରିହେବ ତା' ଠିକ୍ ନୁହେଁ। ମାୟାବତୀ-ଅଖିଳେଶ ମହାଗଠବନ୍ଧନ ଉତ୍ତରପ୍ରଦେଶରେ ଭାଜପାକୁ ଆହ୍ୱାନ ଦେଇପାରେ। କିନ୍ତୁ ସେମାନେ ବରଂ ପଦାରେ ପଡ଼ି ଯାଇଥିବା ଦଳଗୁଡ଼ିକୁ ଜାତି ବା ଧର୍ମ ବା ଉଭୟ ଭିତ୍ତିରେ ଯୋଡ଼ିହୋଇ ଏନ୍‌ଡିଏକୁ ସାହାଯ୍ୟ କଲେ।

ମହାଗଠବନ୍ଧନ ଦେଖାଇଦେଲା ଯେ, ବଡ଼ ଜାତୀୟ ଦଳ ନ ଥିଲେ ମିଳିତ ସରକାର ଭୁଶୁଡି ପଡ଼େ। କେହି ଠିକଣା ନିଷ୍ପତ୍ତି ନେଲା ଭଳି ନ ଥାନ୍ତି। ମାୟାବତୀ, ଅଖିଳେଶ କଂଗ୍ରେସକୁ ବାହାର କରିଦେଲେ, ମମତା ବାନାର୍ଜୀ କଂଗ୍ରେସ ବା ବାମପନ୍ଥୀ ସହ ହାତ ମିଳାଇ ଭାଜପାକୁ ଦୂରରେ ରଖିବା ଚେଷ୍ଟାରେ ଫେଲ୍ ମାରିଲେ, ଅମିତ ଶାହ ସାଙ୍ଗେ ସାଙ୍ଗେ ଶିବସେନା ଓ ଜେଡିୟୁ ସହ ଆସନ ବୁଝାମଣା କରିଦେଲେ। ଏପରିକି ଚନ୍ଦ୍ରାବାବୁ ନାଇଡୁ ୱାଇଏସ୍‌ଆର କଂଗ୍ରେସର ଆହ୍ୱାନ ସତ୍ତ୍ୱେ କଂଗ୍ରେସ ସହ ହାତ ମିଳାଇଲେ ନାହିଁ।

ଅର୍ଥନୈତିକ ସକ୍ରିୟତା ବା ନିଷ୍କ୍ରିୟତା ଏକଲା କିଛି ନୁହେଁ, ମୋଦି ବହୁତ କିଛି ଆଇନ ଆଣିଛନ୍ତି, ଦୀର୍ଘକାଳୀନ ଫଳ ଦେବ। ସ୍ୱଚ୍ଛ ଭାରତ ଗଢ଼ିବାରେ ମୋଦିଙ୍କ ସଫଳତା ଅବର୍ଣ୍ଣନୀୟ। ଗାଁ ଗହଳରେ ଦୁଃଖକଷ୍ଟ ଅଛି, ଭଲ କାମଦାମର ଅଭାବ, ଜିଏସ୍‌ଟି ସେତେ ଭଲ ନୁହେଁ, ବହୁତ ଛୋଟ ଦୋକାନୀଙ୍କୁ ଅସନ୍ତୁଷ୍ଟ କଲାଭଳି ଆଦି କହି ମୋଦିଙ୍କ ଦୋଷ ଧରିବା ଲୋକେ ଭାବୁଛନ୍ତି ଯେଉଁମାନେ ଭୋଟ ଦେଲେ ସେମାନେ କିଛି ପାଇଥିବେ।

ମିଛ ସେକୁଲାରିଜମ୍ ଆଉ ଚଳୁନାହିଁ। ଏକ୍‌ଜିଟ୍ ପୋଲ୍ ଠିକ୍ ହେବାରୁ ଭାଜପା ବିରୋଧରେ ଭୋଟ ଦେଇଛନ୍ତି ବୋଲି ସଂଖ୍ୟାଲଘୁ ମୁସଲିମ୍ ବେଶି ହରାଇବେ। ସମ୍ଭବତଃ କଂଗ୍ରେସରୁ ତୃଣମୂଳ କଂଗ୍ରେସ ଯାଏ ସମସ୍ତେ ଭାଜପାଠାରୁ ବେଶି ହିନ୍ଦୁପଣିଆ ଦେଖାଇଲେ। ସେକୁଲାରିଜମ୍ ମାନେ ସବୁ ଧର୍ମର ଲୋକଙ୍କୁ ସାଙ୍ଗରେ ନେବା। ସଂଖ୍ୟାଗରିଷ୍ଠକୁ ହତାଦର କରିବା ନୁହେଁ- ଏ କଥା ଭାଜପାର ମୋଦି ଶିଖାଇଲେ। ଅନ୍ୟମାନଙ୍କୁ ନୀଚ ଦେଖୁଥିବା 'ଲୁଟିଏଣ୍ଟ ଇଲାଇଟ୍' ବା 'କାବାଲ୍' ଯାହାକୁ ମୋଦି ଖାଁ ମାର୍କେଟ୍ ଗ୍ୟାଙ୍ଗ ନାମ ଦେଉଛନ୍ତି, ସେମାନେ ୨୦୧୪ର ଇଲାଇଟ୍‌ଙ୍କ ଉଠିବା ସହି ପାରିଲେନି। ସବୁ ସ୍ଥାନୀୟ ଦୁର୍ଘଟଣାକୁ (ଲୋକେ ଜମାହୋଇ ମାରିଦେବା ବା ଲିଞ୍ଚିଂ ବା ଦଳିତ ହତ୍ୟା) ଜାତୀୟ ବା ଅନ୍ତର୍ଜାତୀୟ ଗଣମାଧ୍ୟମ ମୋଦି ବା ଭାଜପା ବିରୋଧୀ ବିବରଣୀରେ ପ୍ରକାଶ କଲେ। ସେମାନେ ଭାବିପାରିଲେ ନାହିଁ ଯେ ଭାରତ ଏକ ଆକାଂକ୍ଷିତ ମଧ୍ୟବିତ୍ତ ଆୟ ଶ୍ରେଣୀକୁ ଉନ୍ନୀତ ହେଉଛି, ମୁଣ୍ଡପିଛା ବାର୍ଷିକ ୨୦୦୦ ଡଲାରରୁ ବେଶି ଆୟର ପରିବାର ସଂଖ୍ୟା ବଢୁଛି। ସେମାନେ ଚାହାନ୍ତି ନାହିଁ ମାଗଣା କିଛି, ସରକାରଙ୍କଠୁଁ ଭିକ ମାଗି ବଞ୍ଚିବାକୁ ଚାହାନ୍ତି ନାହିଁ। ମୋଦି ନବ-ଭୋଟରମାନଙ୍କ ଭାଷା କହୁଛନ୍ତି।

କେମିତି ସେ ଅସଫଳ ଅର୍ଥନୀତି, ସ୍ଥାଣୁ ନିବେଶ, ଖାଉଟି ଚାହିଦା କମିବା, କୃଷି ଯନ୍ତ୍ରଣା, କାମ ଅଭାବ, ଋଣ ସଙ୍କୋଚନ ଆଦି ସତ୍ତ୍ୱେ ଏନ୍‌ଡିଏକୁ ଜିତାଇଲେ? ସ୍ୱଚ୍ଛ ଭାରତ ଯୋଜନା, ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ଗ୍ରାମ୍ୟ ରାସ୍ତା ଓ ବିଜୁଳି ଯୋଗାଣ ଆଦିରେ ଉପା ସରକାରଠାରୁ ଭଲ କରିଛନ୍ତି। ଗରିବ ଲୋକେ ସମ୍ଭବତଃ ସଫା ପାଇଖାନା ଓ ଗ୍ୟାସ୍ ପ୍ରତି ବେଶି ଆକୃଷ୍ଟ। ବେଶି ତ୍ୱରାନ୍ୱିତ ବିକାଶ ଲୋକେ ଚାହାନ୍ତି। ରାହୁଲଙ୍କ ଲୋକପ୍ରଭାବୀ 'ସୁଟ୍ ବୁଟ୍ କି ସରକାର' ମୋଦିଙ୍କୁ ଧିମେଇଦେଲା। ଏ ଏକ ବାଇନାରୀ ବା ଦ୍ୱିପାକ୍ଷିକ ମିଛବାର୍ତ୍ତା ପ୍ରମାଣିତ ହେଲା। ଗରିବ ଲୋକ ବି ସୁଟ୍ ବୁଟ୍ ପିନ୍ଧିବା ଚାହେଁ। ଶିକ୍ଷାରେ ପରିବର୍ତ୍ତନ ଚାହେଁ। ମାନବ ସମ୍ବଳର ବିକାଶ ଚାହେଁ।

ରାଜ୍ୟରେ ଆଞ୍ଚଳିକ ଦଳ ସରକାର ରହିଲେ ବି ଜାତୀୟ ସ୍ତରରେ ଭିନ୍ନ ଦଳ ଦରକାର ବୋଲି ଓଡ଼ିଶା ଲୋକେ ଭାବନ୍ତି। ଜାତୀୟ ଦଳ ଏକ ପର୍ଯ୍ୟବେକ୍ଷକ ପଠାଇ ମୁଖ୍ୟମନ୍ତ୍ରୀ ତିଆରି କରନ୍ତି, ସେ ତ ହାଇକମାଣ୍ଡଙ୍କ ବଚସ୍କର ରହନ୍ତି। ପ୍ରଦେଶ ପାଇଁ କାମ ନ କରି ସେମାନେ ଜାତୀୟ ଦଳର ଚିନ୍ତାରେ ବ୍ୟସ୍ତ ରହନ୍ତି। ସେମାନଙ୍କର ଚିନ୍ତା, ପଇସା ଆଦାୟ କରି ଦଳର ଭଣ୍ଡାରକୁ କିପରି ପୂରଣ କରିବା। ଓଡ଼ିଆ ସ୍ୱାଭିମାନର ରକ୍ଷା ପାଇଁ ରାଜ୍ୟବାସୀ ବିଜେଡିକୁ ପାଞ୍ଚ ଥର ପାଇଁ ଭୋଟ ଦେଇଛନ୍ତି।

ଇ-ମେଲ୍: sahadevas@yahoo.com

# ନେତା ଚୟନର ଶାସ୍ତ୍ରୀୟ ବିଧି



ଡ. ଭାରତ ଭୂଷଣ ରଥ

ରାଜତନ୍ତ୍ର ଏବଂ ଗଣତନ୍ତ୍ରକୁ ନେଇ ବିଶ୍ୱର ଶାସନ ବ୍ୟବସ୍ଥା ପ୍ରଚଳିତ। କେତେକ ଦେଶରେ ଏବେ ବି ରାଜତନ୍ତ୍ର ଚାଲିଛି। ତେବେ ଭାରତ ଗଣତନ୍ତ୍ରକୁ ଆଦରି ନେଇଛି। ତା' ସତ୍ତ୍ୱେ ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଭାରତ ପୃଥିବୀର ଅନେକ ଦେଶ ତୁଳନାରେ ପଛରେ ରହିଯାଇଛି। ଏହା ପଛରେ ନେତା ଚୟନରେ ତ୍ରୁଟି ଅନ୍ୟତମ କାରଣ। ଏବେ ନିର୍ବାଚନ ଶେଷ ହୋଇଯାଇଛି ଏବଂ ଆମେ କେତେଦୂର ଯୋଗ୍ୟ ନେତାଙ୍କୁ ବାଛିପାରିଛୁ, ନିମ୍ନୋକ୍ତ ଆଲୋଚନାରୁ ତାହା ଜାଣିପାରିବା।

ଜଣେ ନେତାଙ୍କ ପାଖରେ ଯଦି ନିମ୍ନୋକ୍ତ ଗୁଣଗୁଡ଼ିକ ରହିଥିବ ସେ ଜଣେ ଉଚ୍ଚକୋଟୀର ଲୋକପ୍ରତିନିଧି ହୋଇପାରିବେ। ସେଗୁଡ଼ିକ ହେଲା: ବିନୟୀ, ପ୍ରିୟଦର୍ଶୀ, ତ୍ୟାଗୀ, ଦକ୍ଷ, ପ୍ରିୟଭାଷୀ, ଲୋକପ୍ରିୟ, ପବିତ୍ର, ବାଗ୍ମୀ, ପ୍ରସିଦ୍ଧ ବଂଶୋଦ୍ଭବ, ସ୍ଥିର, ଶାସ୍ତ୍ରଚକ୍ଷୁ ଓ ଧାର୍ମିକ। ରାମାୟଣ, ମହାଭାରତ, ମନୁସ୍ମୃତି ତଥା ଅନେକ ଶାସ୍ତ୍ରୀୟ ଗ୍ରନ୍ଥରେ ଦେଶଶାସନ ପ୍ରକ୍ରିୟା ତଥା ଶାସକଙ୍କର ସ୍ୱଭାବ ବିଷୟରେ ଉପଦେଶ ଦିଆଯାଇଛି। ଏ କ୍ଷେତ୍ରରେ ଦଶରୂପକ ଗ୍ରନ୍ଥକାର ଧନଞ୍ଜୟ କହିଛନ୍ତି, "ନେତା ବିନୀତୋ ମଧୁରସ୍ତ୍ୟାଗୀ ଦକ୍ଷଃ ପ୍ରିୟଂବଦଃ। ରକ୍ତଲୋକଃ ଶୁଚିର୍ବାଗ୍ମୀ ଉଚ୍ଚବଂଶଃ ସ୍ଥିରୋ ଯୁବା।। ବୁଦ୍ଧ୍ୟୁତ୍ସାହସ୍ମୃତିପ୍ରଜ୍ଞାକଳାମାନସମନ୍ୱିତଃ। ଶୂରୋ ଦୃଢ଼ଶ୍ଚ ତେଜସ୍ୱୀ ଶାସ୍ତ୍ରଚକ୍ଷୁଶ୍ଚ ଧାର୍ମିକଃ।।" ତେବେ ଉପରୋକ୍ତ ଅନେକ ଗୁଣ ମଧ୍ୟରୁ ଦଶଗୋଟି ଗୁଣକୁ ପ୍ରାଧାନ୍ୟ ଦିଆଯାଏ। ସେହି ଅମୃତତତ୍ତ୍ୱଗୁଡ଼ିକୁ ଯେଉଁ ରାଜନୈତିକ ବ୍ୟକ୍ତି ଏବଂ ରାଜନୈତିକ ଦଳ ନିଜର ଲକ୍ଷ୍ୟ ରୂପରେ ଗ୍ରହଣ କରିବେ ସେମାନେ ନିଶ୍ଚୟ ସଫଳତାର ଶିଖର ସ୍ପର୍ଶ କରିବେ। ଯଥା- ୧. ସର୍ବପ୍ରଥମେ ଜଣେ ରାଜନେତା ବିନୟୀ ହେବା ଆବଶ୍ୟକ। ଯେଉଁ ଜନସାଧାରଣଙ୍କର ପରମ କୃପାଭିକ୍ଷା ପାଇ ଜଣେ ବ୍ୟକ୍ତି ରାଜନୈତିକ ପଦ ମଣ୍ଡନ କରନ୍ତି, ସେ ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଖରେ ବିନୟୀ ରହିବା ଆବଶ୍ୟକ। ୨. ମଧୁର ଅର୍ଥାତ୍ ମିଷ୍ଟସ୍ୱଭାବଯୁକ୍ତ। ୩. ତ୍ୟାଗ। ତ୍ୟାଗ ରୂପକ ସଦ୍‌ଗୁଣଟି ନେତାଙ୍କୁ ଜୀବିତ କାଳରେ ଯେତିକି ସମ୍ମାନ ଦିଏ ମୃତ୍ୟୁ ପରେ ବି ସେତିକି ସମ୍ମାନ ଦିଏ। ଭଗବାନ ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ଶାସନ କରୁଥିବା ସମୟରେ ଏକ ତ୍ୟାଗପୂର୍ଣ୍ଣ ଜୀବନ ଅତିବାହିତ କରିଥିଲେ, ଯାହା ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଉପାଧିରେ ବିଭୂଷିତ କରିଥିଲା। ଜଣେ ପ୍ରକୃତ ନେତା ସମାଜ ପାଇଁ ବଞ୍ଚିରହନ୍ତି ଏବଂ ସମାଜ ମଙ୍ଗଳ ପାଇଁ ରାଜନୀତି କରନ୍ତି। ୪. ଦକ୍ଷତା। ଦେଶ ବା ରାଜ୍ୟ ଶାସନରେ ନେତା ଖୁବ୍ ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ। ଦେଶର ଜନସାଧାରଣଙ୍କର ଦୈନନ୍ଦିନ ସମସ୍ୟା, ଅର୍ଥନୀତି, ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବହୁବିଧ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗକୁ ନେତା ବିଚକ୍ଷଣ ବୁଦ୍ଧି ପ୍ରୟୋଗପୂର୍ବକ ସମାଧାନ କରିପାରୁଥିବା ଦରକାର। ନେତା ଯେତେ ଦକ୍ଷ ହେବେ ଦେଶ ସେତେ ବିକଶିତ ହେବ। ୫. ପ୍ରିୟଭାଷୀ ହେବା ନେତାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ। ପ୍ରତ୍ୟେକ ନେତା ନିଜର ବାଣୀ ଉପରେ ଖୁବ୍ ନିୟନ୍ତ୍ରଣ ରଖିବା ଆବଶ୍ୟକ। ୬. ନେତାଙ୍କ ପାଖରେ ଲୋକପ୍ରିୟ ଗୁଣ ରହିବା ଆବଶ୍ୟକ, ଯାହାଫଳରେ ଲୋକେ ତାଙ୍କ ପ୍ରତି ଅନୁରକ୍ତ ହେବେ। ୭. ଶୁଚି ବା ପବିତ୍ର ଶବ୍ଦଟିରେ ଅନେକ କିଛି ଗୂଢ ଅର୍ଥ ନିହିତ ଅଛି। ଏହା ମନର ଏବଂ ହୃଦୟର ନିର୍ମଳତାକୁ ପ୍ରତିପାଦନ କରେ। ନେତାଙ୍କର ମନ ସର୍ବଦା କାମନା ବାସନାଠାରୁ ଦୂରେଇ ରହିବା ଦରକାର। ସେ ସବୁ ପ୍ରକାର ଦୁର୍ନୀତିଠାରୁ ଦୂରରେ ରହିବା ଉଚିତ। ୮. ବାଗ୍ମିତା ପ୍ରତ୍ୟେକ ନେତାଙ୍କର ଏକ ବିଶିଷ୍ଟ ଗୁଣ। ବାଗ୍ମୀର ଅର୍ଥ ହେଲା ଭାଷଣରେ ନିପୁଣତା। ତେବେ ଜଣେ ବ୍ୟକ୍ତି ସେତେବେଳେ ଭାଷଣ ଦେବାରେ ନିପୁଣ ହୋଇପାରିବେ ଯେତେବେଳେ ସେ ଅନେକ କିଛି ଅଧ୍ୟୟନ କରିଥିବେ। ବିଦ୍ୟା, ବୁଦ୍ଧି ଏବଂ ଅନୁଭବକୁ ପାଥେୟକରି ଜଣେ ବ୍ୟକ୍ତି ବାଗ୍ମୀ ହୋଇପାରିବେ। ଯେଉଁ ରାଜ୍ୟ ବା ଦେଶର ନେତା ଯେତେ ବାଗ୍ମୀ ସେ ଦେଶ ବିଶ୍ୱରେ ସେତେ ପ୍ରଭାବଶାଳୀ ହୋଇପାରିବ। ୯. ପ୍ରସିଦ୍ଧ ବଂଶର ନେତା ଯଦି ରାଜନୀତିରେ ପ୍ରବେଶ କରନ୍ତି ଜନସାଧାରଣ ଖୁବ୍‌ଶୀଘ୍ର ତାଙ୍କୁ ଗ୍ରହଣ କରିନିଅନ୍ତି। ତେବେ ପ୍ରସିଦ୍ଧ ବଂଶର ବ୍ୟକ୍ତି ଜଣକ ରାଜନୀତିରେ ପ୍ରବେଶ କରି ନିଜର ବଂଶମର୍ଯ୍ୟାଦାକୁ ଦ୍ୱିଗୁଣିତ କରିବା ଆବଶ୍ୟକ। ୧୦. ସ୍ଥିରତା ବା ଧୀରତା ବା ଧୈର୍ଯ୍ୟ ପ୍ରତ୍ୟେକଟି ରାଜନୈତିକ ବ୍ୟକ୍ତିବିଶେଷଙ୍କର ଏକ ବିଶିଷ୍ଟ ଗୁଣ। ସ୍ଥିର ଗୁଣସମ୍ପନ୍ନ ବ୍ୟକ୍ତି ହିଁ ଦେଶରେ ସ୍ଥିର ଶାସନ ଦେବାରେ ସମର୍ଥ ହୁଅନ୍ତି। ନିଜର ବାଣୀ, ମନ ଏବଂ କାର୍ଯ୍ୟକଳାପରେ ସ୍ଥିରତାକୁ ପ୍ରକାଶ କରିବା ପ୍ରତ୍ୟେକ ରାଜନୈତିକ ବ୍ୟକ୍ତିଙ୍କର ଆୟୁଧ ହେବା ଆବଶ୍ୟକ। ଏହାଛଡ଼ା ନେତା ବୁଦ୍ଧି, ଉତ୍ସାହ, ସ୍ମୃତି, ପ୍ରଜ୍ଞା ଓ କଳାମାନସମନ୍ୱିତ ହେବା ସହ ସେ ବୀର, ଦୃଢ଼, ତେଜସ୍ୱୀ, ଶାସ୍ତ୍ରଚକ୍ଷୁ (ଶାସ୍ତ୍ର ଓ ସମ୍ବିଧାନ ସାହାଯ୍ୟରେ ଯେ ଦେଖନ୍ତି) ଓ ଧାର୍ମିକ ହେବା ଆବଶ୍ୟକ।

ଯେଉଁ ନେତାଙ୍କର ଉପରୋକ୍ତ ଗୁଣ ରହିଥାଏ ସେ ନିଶ୍ଚୟ ଜନସାଧାରଣଙ୍କ ହୃଦୟରେ ଚିରକାଳ ପାଇଁ ବଞ୍ଚିରହନ୍ତି। ସେ ହୋଇଯାନ୍ତି ରାଜନୀତି ଜଗତର ବାଦଶାହା। ପରାଜୟର ଭୟ ତାଙ୍କୁ ସ୍ପର୍ଶ ମଧ୍ୟ କରିପାରେ ନାହିଁ। ସେହି ରାଜନୀତିଜ୍ଞ ହିଁ ଏକ ସ୍ୱଚ୍ଛ ଓ ସ୍ଥିର ଶାସନ ଦେବାରେ ସମର୍ଥ ହୁଅନ୍ତି।

ମୋ-୮୮୯୭୪୨୬୨୪୩

## ଏଇ ଭାରତରେ

ବାହାଘରକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ହେଲେ ଗୁଜରାଟର ଛୋଟା ଉଦୟପୁରରେ ଥିବା ସୁରଖେଡା ଗାଁର ଆଦିବାସୀଙ୍କ ବିବାହ ପ୍ରଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। କନ୍ୟାକୁ ବିବାହ କରନ୍ତି ବରର ଭଉଣୀ। କାରଣ ଏଠାରେ ବର, କନ୍ୟା ଘରକୁ ବିବାହ ପାଇଁ ଯାଇ ନ ଥାଏ। ବର ନିଜ ଘରେ ମା'ଙ୍କ ପାଖରେ ରହି ଥାଆନ୍ତି। ବରଙ୍କଠାରୁ ସାନ ଅବିବାହିତ ଭଉଣୀ ଅବା ଘରର ଯେ କେହି ଅବିବାହିତ ଝିଅ ବରଘରକୁ ବିବାହ ପାଇଁ ଯାଇଥାଆନ୍ତି। ସେଠାରେ ସେ କନ୍ୟାକୁ ବିବାହ କରିବା ସହ ସାତଘେରା ମଧ୍ୟ ନେଇଥାଆନ୍ତି। ବରଙ୍କ ଅବିବାହିତ ଭଉଣୀ ବିବାହର ସମସ୍ତ କାର୍ଯ୍ୟ ସାରି କନ୍ୟାକୁ ନେଇ ଘରକୁ ଫେରିବା ପରେ ବରକନ୍ୟା ଏକାଠି ରହିଥାଆନ୍ତି। ଉକ୍ତ ଗ୍ରାମର ମୁଖିଆ ରାମସିଂ ଭାଇ ରାଥୱା କୁହନ୍ତି, ଲୋକଙ୍କର ବିଶ୍ୱାସ ରହିଛି, ଏମିତି ନ କଲେ ଉଭୟ ପରିବାରରେ ଅଘଟଣ ଘଟିଥାଏ। ସେଥିପାଇଁ ଏଠାକାର ୩ଟି ଗାଁର ଲୋକେ ଆଜି ପର୍ଯ୍ୟନ୍ତ ଏହି ପ୍ରଥା ପାଳନକରି ଆସୁଛନ୍ତି।

## ଚିରନ୍ତନୀ

ଉଭା ହେଲ ହେ ମାନବ ! ଉଚ୍ଚତମ ଗିରିରୂପେ ଆଜି
ମୌସୁମୀ ସମାନ ତହିଁ ଶତ ଯୁକ୍ତି ଲେଉଟଇ ବାଜି।
କେତେ ବଜ୍ର କେତେ ଝଞ୍ଜା ଅଙ୍ଗେ ତବ କରିଛି ନିନାଦ
ଜଳ ହୋଇ ଫେରିଅଛି କେତେ ତର୍କ କେତେ ପ୍ରତିବାଦ।
(ଜାଗ ଜାଗ ଗାନ୍ଧି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୪

- ଭାରତ ସ୍ୱିଡେନ ସହିତ ଦ୍ୱିପାକ୍ଷିକ ପୁଞ୍ଜି ବିନିଯୋଗ ସୁରକ୍ଷା ଗ୍ୟାରେଣ୍ଟି ଚୁକ୍ତି ସ୍ୱାକ୍ଷର ପାଇଁ ରାଜି ହୋଇଛି।
- ଭାରତର ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ୪ ଦିନିଆ ବୁଲଗେରିଆ ଗସ୍ତର ପ୍ରଥମ ଦିବସରେ ଭାରତ ଓ ବୁଲଗେରିଆ ମଧ୍ୟରେ ୬ଟି ଚୁକ୍ତି ସ୍ୱାକ୍ଷରିତ।

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 7 | 3 | | 5 | | 2 | 0 | |
| | 3 | 4 | | | 1 | | | | A | 9 | | 7 | | |
| 8 | E | 7 | 0 | 4 | | C | | | | | | 3 | | 6 |
| | | 1 | 2 | | | A | | | 4 | | | | B | |
| A | 6 | | | E | | 9 | | | | | | | | |
| | | | | B | | | 9 | | 7 | D | 0 | | 2 | |
| | | | 6 | 9 | | | D | | 8 | | | 1 | 5 | |
| E | 7 | 5 | | | | | | | | | 9 | | | |
| | 1 | C | D | | | 0 | | 7 | | | | | 6 | 4 |
| 9 | | | | | 4 | 1 | 2 | | | A | 6 | | | |
| 0 | C | | | 6 | | | 5 | | | | 4 | B | | |
| | | | A | | | | | | | | 3 | | | |
| | A | | C | | B | 6 | | | | | | | 1 | 8 |
| | 9 | | 8 | | D | B | | | 6 | | | | | |
| | | 8 | | | 0 | | | | | | 1 | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 0 | B | 3 | 2 | 6 | D | A | 1 | E | 8 | 5 | 7 | 4 |
| B | 2 | E | 8 | 7 | 5 | 1 | 9 | 4 | 6 | C | 3 | 0 | D | A |
| 8 | D | 1 | 0 | 4 | 6 | B | C | 5 | 2 | A | 7 | 9 | E | 3 |
| 5 | 6 | 3 | 9 | E | A | 8 | 2 | 7 | 4 | 0 | D | C | B | 1 |
| 7 | 4 | A | 1 | C | D | 3 | 0 | E | B | 9 | 5 | 8 | 6 | 2 |
| D | 7 | 8 | 3 | A | B | 4 | 1 | 6 | E | 5 | C | 2 | 9 | 0 |
| 1 | B | C | E | 0 | 9 | 5 | A | 2 | D | 4 | 6 | 3 | 8 | 7 |
| 2 | 5 | 6 | C | 1 | 8 | D | E | 9 | 3 | 7 | 0 | 4 | A | B |
| 0 | A | 9 | 5 | D | 4 | 7 | 3 | C | 8 | B | 2 | E | 1 | 6 |
| E | 3 | 4 | 2 | 6 | 7 | 0 | 8 | B | 9 | 1 | A | D | C | 5 |
| A | E | B | 4 | 8 | C | 2 | 7 | 1 | 0 | 3 | 9 | 6 | 5 | D |
| 6 | 9 | D | A | B | 3 | E | 5 | 0 | C | 2 | 1 | 7 | 4 | 8 |
| 3 | 1 | 2 | 6 | 5 | E | 9 | B | D | 7 | 8 | 4 | A | 0 | C |
| C | 0 | 7 | D | 2 | 1 | A | 4 | 8 | 5 | 6 | E | B | 3 | 9 |
| 4 | 8 | 5 | 7 | 9 | 0 | C | 6 | 3 | A | D | B | 1 | 2 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରିଲିଫ ହଡ଼ପ କରନ୍ତୁ ନାହିଁ

ମହାଶୟ,

ବନ୍ୟା ଓ ବାତ୍ୟା ସମୟରେ ଲୋକମାନେ ଘରଦ୍ୱାର, ଫସଲ ଓ ଗୋ-ମହିଷାଦି ପଶୁଙ୍କୁ ହରାଇଥାନ୍ତି। ଏହି ଅବସରରେ ସରକାର ଲୋକମାନଙ୍କୁ ପଲିଥିନ୍, ପାଲ, ଶୁଖିଲା ଖାଦ୍ୟ, ଔଷଧପତ୍ର ଓ ରନ୍ଧାଖାଦ୍ୟ ଆଦି ପ୍ରଦାନ କରିଥାନ୍ତି। ଗୃହନିର୍ମାଣ ପାଇଁ ଟଙ୍କା ମଧ୍ୟ ସାହାଯ୍ୟ ଦେଇଥାନ୍ତି। କିନ୍ତୁ କିଛି ସ୍ୱାର୍ଥାନ୍ୱେଷୀ ଓ ଲୋଭୀ ଲୋକ ଆତ୍ମମର୍ଯ୍ୟାଦାକୁ ଭୁଲି ଦୁଃଖରେ ପଡି ହାହାକାର କରୁଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ରିଲିଫ ସାମଗ୍ରୀକୁ ହାତେଇବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି। ମୋଟ ଉପରେ କହିବାକୁ ଗଲେ ଗାଡିମୋଟର ଥିବା, କୋଠାବାଡି ଥିବା ଓ ପ୍ରଭୂତ ସମ୍ପତ୍ତିର ମାଲିକମାନେ ଏହିପରି କାର୍ଯ୍ୟରେ ମଗ୍ନ ରହୁଛନ୍ତି। ସେମାନେ ବରଂ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁଯାୟୀ ଅନ୍ୟକୁ ସାହାଯ୍ୟ କରିବା ଉଚିତ, ଯେପରି ସରକାରଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଅନେକ ବଦାନ୍ୟ ବ୍ୟକ୍ତି ଲୋକମାନଙ୍କ ଦୁର୍ଦ୍ଦିନରେ ସହାୟତା ପ୍ରଦାନ କରିଆସୁଛନ୍ତି। ପ୍ରକୃତ ଥରେ ଭାବି ଦେଖନ୍ତୁ ତ, ଏ ରିଲିଫ କାହା ପାଇଁ? ବିବେକବାନ୍ ଲୋକେ ଏହାର ମର୍ମ ବୁଝି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। ଧନୀମାନେ ଗରିବ ଦୁର୍ଗତଙ୍କ ପାଇଁ ଉଦ୍ଦିଷ୍ଟ ରିଲିଫ୍ ହଡପ କରିବାରୁ ନିବୃତ୍ତ ରହିବା ଆବଶ୍ୟକ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଘରଭଙ୍ଗା ସିରିଏଲ

ମନୋରଞ୍ଜନ ପାଇଁ ଲୋକେ ଟିଭି ସିରିଏଲ ଦେଖୁଛନ୍ତି। ସିରିଏଲର ବିଷୟବସ୍ତୁ ଜନଜୀବନର ଦର୍ପଣ ସଦୃଶ। ତେବେ ସବୁ ସିରିଏଲରେ ଘରଭଙ୍ଗା ଖଳନାୟିକା ଅଛନ୍ତି। ଏହି ସିରିଏଲଗୁଡିକରେ ବିଭିନ୍ନ କର୍ମକୌଶଳ ଦେଖିବାକୁ ମିଳୁଛି, ଯେପରି ଖାଦ୍ୟରେ ବିଷ ମିଶାଇବା, ଚଟାଣରେ ତେଲ ଢାଳି ଶାଶୁ-ନଣନ୍ଦ-ଶ୍ୱଶୁରଙ୍କୁ ଅକର୍ମଣ୍ୟ କରିବା ଇତ୍ୟାଦି। ବେଶ ପୋଷାକରେ ସଂଯମ ନାହିଁ। ସବୁ ଦର୍ଶକ ବିଭିନ୍ନ ଡିଜାଇନ୍‌ର ଶାଢ଼ି, ବେଶପୋଷାକ, କେଶବିନ୍ୟାସକୁ ହୁଏତ ଅନୁକରଣ କରୁଛନ୍ତି। ଆମର ଓଡ଼ିଆ ଘରର ଜନଜୀବନ ଏତେ କଳୁଷିତ ନୁହେଁ। ଆମ ଝିଅବୋହୂ ଓ ବୟସ୍କା ମହିଳା ଏଭଳି ଖଳନାୟିକା ନୁହନ୍ତି। ସିରିଏଲର ବିଷୟବସ୍ତୁ ଓ ଚରିତ୍ର ନିର୍ବାଚନରେ ସୁଧାର ଆସୁ। ସମାଜବିଜ୍ଞାନୀମାନଙ୍କର ଏ ସମ୍ବନ୍ଧରେ ମତ ବାଞ୍ଛନୀୟ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବାଲେଶ୍ୱର: ସୋମବାର ଚାନ୍ଦିପୁରସ୍ଥିତ ସମନ୍ୱିତ ଟେଷ୍ଟ ରେଞ୍ଜରୁ ଭୂପୃଷ୍ଠରୁ ଆକାଶକୁ ଆକାଶ-ଏମ୍‌କେ-ଆଇଏସ୍ ମିଜାଇଲର ସଫଳ ପରୀକ୍ଷଣ କରାଯାଇଛି।



# ନିଲାମ ହେବ ଭାରତୀୟ ଐତିହାସିକ ସାମଗ୍ରୀ

**ନ୍ୟୁୟର୍କ:** ପାଖାପାଖି ୪୦୦ ପ୍ରକାର ଭାରତୀୟ ସାମଗ୍ରୀ ଆସନ୍ତା ମାସରେ ଏଠାରେ ନିଲାମ ହେବାକୁ ଯାଉଛି। ସେଗୁଡିକ ମଧ୍ୟରେ ରାଜମାତା ଗାୟତ୍ରୀ ଦେବୀଙ୍କ ମୁକ୍ତାଖଚିତ ଗଳାହାର, ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କ ମଣିଖଚିତ ଛୁରା ସ୍ଥାନ ପାଇଛି। 'ମହାରାଜାସ୍ ଆଣ୍ଡ ମୁଗଲ ମ୍ୟାଗ୍ନିଫେସେନ୍ସ' ନାମରେ ଏହି ନିଲାମ କାର୍ଯ୍ୟକ୍ରମ ଖ୍ରୀଷ୍ଟିଜ୍ ୱିଲ୍ ଶୋ'କେସ୍ ଦ୍ୱାରା ଆୟୋଜିତ ହେଉଛି। ସଂଗୃହୀତ ବିରଳ ଐତିହାସିକ ସାମଗ୍ରୀ ମଧ୍ୟରେ ଅତି ସୁନ୍ଦର ରତ୍ନ, ମଣିପଥର, ଖଡ୍‌ଗ, ଛୁରା ଏବଂ ସୁସଜ୍ଜିତ ପଦାର୍ଥ ସ୍ଥାନ ପାଇଛି। ଏହି ସାମଗ୍ରୀଗୁଡିକ ୫୦୦ବର୍ଷର ପୁରୁଣା। ଏଗୁଡିକ ବିଶେଷକରି ମୋଗଲ ଯୁଗରୁ ଆରମ୍ଭ କରି ରାଜରାଜୁଡା ଅମଳର ବୋଲି ଗ୍ଲୋବାଲ ଅକ୍ସନ୍ ହାଉସ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ କୁହାଯାଇଛି। ଜୁନ୍ ୧୯ରେ ଏହିସବୁ ବିରଳ ସାମଗ୍ରୀଗୁଡିକର ନିଲାମ କରାଯିବ।





ଦୀର୍ଘ ୫୦୦ ବର୍ଷ ତଳେ ଭାରତୀୟ ଉପମହାଦେଶରେ ମୋଗଲ ଶାସକ ଏବଂ ରାଜା ମହାରାଜାଙ୍କର ଅଖଣ୍ଡ ଆଧିପତ୍ୟ ଥିଲା। ସେହି ସମୟରେ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ଭାରତରେ ରାଜବଂଶ ଏବଂ ଆଭିଜାତ୍ୟ ପରିବାର ମଧ୍ୟରେ ସୀମିତ ଥିଲା।

ଶାହାଜାହାନ୍‌ଙ୍କ ଦ୍ୱାରା ବ୍ୟବହୃତ ଅକ୍ଷର ଖୋଦିତ ଛୁରି ମୂଲ୍ୟବାନ୍ ସାମଗ୍ରୀଗୁଡିକ ମଧ୍ୟରୁ ଅନ୍ୟତମ ହୋଇଥିବା ବେଳେ ଏହା ୧,୫୦୦,୦୦୦ ଆମେରିକୀୟ ଡଲାରରୁ ୨,୫୦୦,୦୦୦ ଡଲାର ମଧ୍ୟରେ ବିକ୍ରି ହେବ ବୋଲି ଅନୁମାନ କରାଯାଇଛି। ସେହିପରି ହାଇଦ୍ରାବାଦ୍‌ର ନିଜାମଙ୍କ ହୀରା ଖଚିତ ଖଡ୍‌ଗ ନିଲାମ ହେବ। ବିଭିନ୍ନ ରତ୍ନପଥର ଖଚିତ ଏହି ଖଡ୍‌ଗ ୧୦ଲକ୍ଷ ଡଲାରରୁ ୧୫ଲକ୍ଷ ଡଲାର ମଧ୍ୟରେ ନିଲାମ ହେବା ସମ୍ଭାବନା ଅଛି। ଆଉ ଏକ ମୂଲ୍ୟବାନ ସାମଗ୍ରୀ ହେଉଛି ମୁକ୍ତା ଏବଂ ହୀରାର ଗଳାହାର। ଏହା ଜୟପୁରର ମହାରାଜା ସାୱାଇ ମାନ୍ ସିଂଙ୍କ ସ୍ତ୍ରୀ ତଥା ରାଜମାତା ଗାୟତ୍ରୀ ଦେବୀଙ୍କ ଗଳାହାର।

ଏହିସବୁ ଦୁର୍ମୂଲ୍ୟ ସାମଗ୍ରୀ ଜୁନ୍ ୧୪ରୁ ୧୮ ମଧ୍ୟରେ ପ୍ରଦର୍ଶିତ ହେବ ଏବଂ ଜୁନ୍ ୧୯ରେ ନିଲାମ ହେବ।

# 'ଗୁରୁ ନାନକ ପ୍ୟାଲେସ୍' ଭାଙ୍ଗିଦେଲେ ଦୁର୍ବୃତ୍ତ



**ଲାହୋର:** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଦୀର୍ଘ ୪ ଶତାବ୍ଦୀ ତଳେ ନିର୍ମିତ 'ଗୁରୁ ନାନକ ପ୍ୟାଲେସ୍'କୁ ଦଳେ ଦୁର୍ବୃତ୍ତ ଭାଙ୍ଗିଦେଇ ଏହାର ମୂଲ୍ୟବାନ୍ ଝରକା ଏବଂ ଦରଜାକୁ ଚୋରି କରି ବିକ୍ରି କରିଦେଇଛନ୍ତି। ୪ ମହଲା ବିଶିଷ୍ଟ ଏହି ଅଟ୍ଟାଳିକାର କାନ୍ଥଗୁଡ଼ିକରେ ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ, ବିଭିନ୍ନ ହିନ୍ଦୁ ଶାସକ ଏବଂ ରାଜକୁମାରଙ୍କ ଛବି ଶୋଭାପାଉଥିଲା। ବାବା ଗୁରୁ ନାନକଙ୍କର ଏହି ରାଜପ୍ରାସାଦ ୪ଶହ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଭାରତ ସମେତ ବିଭିନ୍ନ ଦେଶରେ ବସବାସ କରୁଥିବା ଶିଖ ଧର୍ମାବଲମ୍ବୀ ଲୋକମାନେ ଏହି ପ୍ୟାଲେସ ପରିଦର୍ଶନ କରିବାକୁ ଆସନ୍ତି। ଲାହୋରଠାରୁ ପାଖାପାଖି ୧୦୦ କିଲୋମିଟର ଦୂରରେ ଅବସ୍ଥିତ ନାରୋୱାଲ୍‌ଠାରେ ନିର୍ମିତ ଏହି ଅଟ୍ଟାଳିକାରେ ୧୬ଟି କୋଠରି, ପ୍ରତି କୋଠରିରେ ୩ଟି ସୁରମ୍ୟ ଦ୍ୱାରଦେଶ ଏବଂ ୪ଟି ଭେଣ୍ଟିଲେଟର ରହିଥିଲା।

ସ୍ଥାନୀୟ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଅଟ୍ଟାଳିକାର କିଛି ଅଂଶ ଭାଙ୍ଗି ସେଥିରୁ ମୂଲ୍ୟବାନ୍ ଝରକା, ଦରଜା ଏବଂ ଭେଣ୍ଟିଲେଟର ବିକ୍ରି କରିଦେଇଥିବା ଡନ୍ ନ୍ୟୁଜରେ ରିପୋର୍ଟ ପ୍ରକାଶ ପାଇଛି।

ସ୍ଥାନୀୟ ବାସିନ୍ଦା ମହମ୍ମଦ୍ ଅସଲାମ୍‌ଙ୍କ କହିବାନୁଯାୟୀ, ଉକ୍ତ ଭବନକୁ ବାବା ଗୁରୁ ନାନକ ପ୍ୟାଲେସ କୁହାଯାଏ। ସ୍ଥାନୀୟ ଲୋକେ ଏହାକୁ ମହଲନ୍ କହନ୍ତି। ଏକଦା କାନାଡାରୁ ଜଣେ ମହିଳାଙ୍କ ସମେତ ଏକ ୬ଜଣିଆ ପ୍ରତିନିଧି ଦଳ ଏହି ଐତିହାସିକ ପ୍ରାସାଦ ସମ୍ପର୍କରେ ସୂଚନା ସଂଗ୍ରହ ପାଇଁ ଆସିଥିଲେ। ତେବେ ଏହାକୁ ପରିଦର୍ଶନ କରି ସେମାନେ ଅଭିଭୂତ ହୋଇଥିଲେ। ଉକ୍ତ ଅଟ୍ଟାଳିକାକୁ ଭାଙ୍ଗି ନଷ୍ଟ କରିଥିବା ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଭୀରୁ ଦେବଗନ୍‌ଙ୍କ ପରଲୋକ



**ମୁମ୍ବାଇ:** ବଲିଉଡ୍‌ର ବିଶିଷ୍ଟ ଆକ୍ସନ୍ କୋରିଓଗ୍ରାଫର ଭୀରୁ ଦେବଗନ୍‌ଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ସୋମବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ହୃଦ୍‌ଘାତ ଯୋଗୁଁ ସେ ପ୍ରାଣ ହରାଇଥିବା କୁହାଯାଉଛି। ବଲିଉଡ୍ ନାୟକ ଅଜୟ ଦେବଗନ୍‌ଙ୍କ ପିତା ହେଉଛନ୍ତି ଭିରୁ ଦେବଗନ। ବଲିଉଡ୍‌ର ପାଖାପାଖି ୮୦ଟି ଫିଲ୍ମରେ ସେ ଆକ୍ସନ୍ କୋରିଓଗ୍ରାଫର ଭାବେ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ୧୯୯୯ରେ ସେ 'ହିନ୍ଦୁସ୍ତାନ କି କସମ' ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏଥିରେ ଅଭିନୟ କରିଥିଲେ ମେଗାଷ୍ଟାର ଅମିତାଭ ବଚ୍ଚନ ଏବଂ ଅଜୟ ଦେବଗନ୍। ସେ 'ଆଜ୍‌କା ଅର୍ଜୁନ', 'ବିଜୟ ପଥ', 'ଦିଲୱାଲେ', 'ଏକ ହି ରାସ୍ତା', 'ପ୍ରେମ ରୋଗ' ଭଳି ଫିଲ୍ମରେ ଷ୍ଟଣ୍ଟ ସିନ୍ ପାଇଁ କୋରିଓଗ୍ରାଫର ଭାବେ କାର୍ଯ୍ୟ କରିଥିଲେ। କୋରିଓଗ୍ରାଫି ବ୍ୟତୀତ ସେ ଅଭିନୟ, ପ୍ରଯୋଜନା ଓ ସହ-ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ସୋମବାର ସନ୍ଧ୍ୟାରେ ଭିଲେ ପାର୍ଲେ ୱେଷ୍ଟ କ୍ରିମାଟୋରିୟମ୍‌ରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।

ଭୀରୁ ଦେବଗନ୍‌ଙ୍କ ବିୟୋଗରେ ଫିଲ୍ମ ପ୍ରଯୋଜକ ଅଶୋକ ପଣ୍ଡିତ ଗଭୀର ଶୋକ ପ୍ରକାଶ କରିବା ସହିତ ଅଜୟ ଦେବଗନ୍ ଏବଂ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଫିଲ୍ମ ନିର୍ଦ୍ଦେଶକ, ପ୍ରଯୋଜକ ତଥା ଲେଖକ କୁନାଲ କୋହଲି ଟୁଇଟ୍ କରି ଲେଖିଛନ୍ତି, 'ଭୀରୁ ଦେବଗନ୍‌ଜୀ ହେଉଛନ୍ତି ହିନ୍ଦୀ ସିନେମାର ଜଣେ କିମ୍ବଦନ୍ତୀ ପୁରୁଷ। ଯେଉଁ ସମୟରେ କେବଳ ଆକ୍ସନଭିତ୍ତିକ ଫିଲ୍ମ ଉପରେ ନିର୍ଭର କରାଯାଉଥିଲା ସେହି ସମୟରେ ସେ ତାଙ୍କ ପଦଚିହ୍ନ ଛାଡିଯାଇଛନ୍ତି।'

ଅଜୟ ଦେବଗନ୍ ଓ କାଜଲଙ୍କ ପ୍ରତି କୁନାଲ ଗଭୀର ସମବେଦନା ପ୍ରକାଶ କରିବା ସହିତ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

# 'ଇନ୍ଦୁ କି ଜୱାନି': ମୁଖ୍ୟ ଭୂମିକାରେ କିୟାରା

**ମୁମ୍ବାଇ:** ଅଭିନେତ୍ରୀ କିୟାରା ଆଡଭାନୀ 'ଇନ୍ଦୁ କି ଜୱାନି'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ସେଥିପାଇଁ ସେ ପ୍ରଯୋଜନା ସଂସ୍ଥା ଏମି ଏଣ୍ଟରଟେନ୍‌ମେଣ୍ଟ ଏବଂ ଏଥିସହ ଜଡିତ ନିଖିଲ ଆଡଭାନୀ, ମନୀଷ ଆଡଭାନୀ ଏବଂ ମଧୁ ଭୋଜୱାନିଙ୍କ ସହ କାର୍ଯ୍ୟ କରିବାକୁ ଉତ୍ସାହିତ ଅଛନ୍ତି। ନିରଞ୍ଜନ ଲାଏଙ୍ଗର, ରାୟନ ଷ୍ଟିଫେନ୍ ଏବଂ ଅବିର ସେନଗୁପ୍ତଙ୍କ ସହ ପ୍ରଥମକରି ସେ କାର୍ଯ୍ୟ କରିବାକୁ ଯାଉଛନ୍ତି। ଇନ୍ଦୁ ଭୂମିକାରେ ଅଭିନୟ ପାଇଁ ସେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା ଓ ସମର୍ଥନ ଆବଶ୍ୟକ କରିଛନ୍ତି। ତେବେ ଏହି ପ୍ରୋଜେକ୍ଟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଫିଲ୍ମର କାହାଣୀ ରଚନା କରୁଛନ୍ତି ଲେଖକ ତଥା ନିର୍ଦ୍ଦେଶକ ଅବିର ସେନଗୁପ୍ତ।

ଇନ୍ଦୁ ଚରିତ୍ରକୁ ଜୀବନ୍ତ କରିବା ପାଇଁ କିୟାରା ତାଙ୍କର ନିଖୁଣ ଅଭିନୟ ପ୍ରଦର୍ଶନ କରିବେ ବୋଲି ନିର୍ଦ୍ଦେଶକ ଆଶା ରଖିଛନ୍ତି। ସେ ମଧ୍ୟ କେତେକ ଫିଲ୍ମରେ କ୍ୟାରିୟର ରୋଲ୍‌ରେ ଅଭିନୟ କରିଛନ୍ତି। ତାଙ୍କର ଆଗାମୀ ଫିଲ୍ମଗୁଡିକ ହେଉଛି 'ଗୁଡ୍ ନ୍ୟୁଜ୍', 'କବିର ସିଂ', 'ଶେରଶାହା' ଏବଂ 'କାଞ୍ଚନ'ର ରିମେକ୍।



**COURT OF THE RECOVERY OFFICER**
**DEBTS RECOVERY TRIBUNAL, CUTTACK**
Plot No. C-71, Sector-7, CDA, Cuttack-753014
R.P. No. 171/2018/CTC
(Arising out of OA No. 301 of 2014)

**NOTICE FOR SETTLING A SALE PROCLAMATION**

(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**Andhra Bank, Khandagiri Branch,** P.O.: Khandagiri, Bhubaneswar .....Certificate Holder Bank

Vs.

**M/s Chandan Car Care & Others** .....Certificate Debtors

To,

1. **M/s Chandan Car Care,** At: Plot No. 194, Cuttack Road, Bomikhal, Bhubaneswar-751006 (Infront of New Kalika South Indian Hotel) (Represented through its Managing Director **Shri Chandrakanta Pattnaik).**
2. **Shri Chandrakanta Pattnaik,** S/o: Late Narendranath Pattnaik, Flat No. 406, Sibani Enclave, Canal Road, Bomikhal, Bhubaneswar-751010.
3. **Shri Parsuram Jena,** S/o: Late Dhuleswar Jena, At: Plot No. 1267/2794, Canal Road, Bomikhal, Bhubaneswar-751006.

WHEREAS in execution of Recovery Certificate **OA No. 301 of 2014, dt.26.07.2018** issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties:

**Schedule of Properties:**

Khata No. 641, Plot No.: 1267, Mutation Khata No. 1057/601, Mutation Plot No. 1267/2794, Area: Ac.0.042dec. with building Holding No. 6484 situated at Bhubaneswar Town, Unit No. 32, Gobindprasad, Dist.: Khurda, SRO/Tahasil: Bhubaneswar, P.S.: New Capital. Bounded by North: Road, South: Plot No. 1290, East: Plot No. 17, West: Plot No. 1268.

You are hereby informed that the (date) **20.06.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **17th day of May, 2019.**

**Sd/- (S. R. Parida)**
**Recovery Officer**

[ଇତିହାସର ଆଇନାରେ]

## ମେ ୨୮ର ପ୍ରମୁଖ ଘଟଣା

### ଏନ୍‌ଟି ରାମାରାଓଙ୍କ ଜନ୍ମ

୧୯୨୩ ମେ ୨୮ରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କର ଜନ୍ମ ହୋଇଥିଲା। ସେ ଏକାଧାରରେ ଜଣେ ଅଭିନେତା, ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ସମ୍ପାଦକ ଓ ରାଜନେତା ଥିଲେ। ସେ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଗଠନ କରି ୧୯୮୩ରୁ ତିନି ଥରରେ ୭ ବର୍ଷ ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ରହିଥିଲେ। ଜାତୀୟ ସାମ୍ମୁଖ୍ୟ ଗଠନରେ ତାଙ୍କର ମୁଖ୍ୟ ଭୂମିକା ଥିଲା।

### ଅୟଦ ଆଲାୱି ଇରାକ୍ ପ୍ରଧାନମନ୍ତ୍ରୀ

୨୦୦୪ ମେ ୨୮ରେ ଇରାକ୍‌ର ଗଭର୍ନିଂ କାଉନସିଲ୍ ଅୟଦ ଆଲାୱିଙ୍କୁ ଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ପାଇଁ ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ଇରାକ୍ ରାଷ୍ଟ୍ରପତି ସଦ୍ଦାମ୍ ହୁସେନଙ୍କୁ ବିରୋଧ କରି ସେ ଦୀର୍ଘଦିନ ନିର୍ବାସନରେ ରହିଥିଲେ। ୨୦୧୪ରୁ ୨୦୧୫ ମଧ୍ୟରେ ସେ ଇରାକର ଉପରାଷ୍ଟ୍ରପତି ଥିଲେ। ତାଙ୍କ ଭଳି ଜଣେ ଇରାକୀ ରାଜନେତା ପାଖାପାଖି ୩୦ବର୍ଷ ନିର୍ବାସନ ଦଣ୍ଡ ପାଇଥିଲେ।


# ମୁମ୍ବାଇରେ ଖୋଲିବ ଓସ୍କାର ଏକାଡେମୀ



**ଆଗ୍ରା:** ପ୍ରସିଦ୍ଧ ଓସ୍କାର ପୁରସ୍କାର ପ୍ରଦାନ କରୁଥିବା ହଲିଉଡ୍‌ର 'ଏକାଡେମୀ ଅଫ୍ ମୋସନ୍ ପିକ୍ଚର ଆର୍ଟ୍‌ସ ଆଣ୍ଡ ସାଇନ୍‌ସିଜ୍' (ଆମ୍ପାସ୍) ମୁମ୍ବାଇରେ ଏହାର ଅଫିସ ଖୋଲିବ। ବିଶ୍ୱରେ ଏହା ହେବ ଉକ୍ତ ଅନୁଷ୍ଠାନର ତୃତୀୟ ଦପ୍ତର।

ଆମ୍ପାସ୍ ପ୍ରେସିଡେଣ୍ଟ ଜନ୍ ବେଲି ଏବଂ ତାଙ୍କ ସ୍ତ୍ରୀ କାରୋଲ ଲିଟିଲ୍‌ଟନ୍ ସୋମବାର ଆଗ୍ରା ଗସ୍ତ କରିଥିବା ଅବସରରେ ଏହା ଘୋଷଣା କରିଛନ୍ତି। ଉଭୟ ପୂର୍ବରୁ ମୁମ୍ବାଇ ଗସ୍ତ କରିଥିଲେ। ଦୁହେଁ ମଙ୍ଗଳବାର ଦିଲ୍ଲୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ବେଲି ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମାଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ଘଣ୍ଟାଏ କାଳ ଆଲୋଚନା ହୋଇଥିଲା। ପାଶ୍ଚାତ୍ୟ ରାଷ୍ଟ୍ରରେ ପ୍ରଦର୍ଶନ ଲାଗି ଭାରତୀୟ ଫିଲ୍ମଗୁଡିକୁ ଇଂଲିଶ ଭାଷାରେ ରୂପାନ୍ତର କରିବା ଆବଶ୍ୟକ। ସେହିଭଳି ହଲିଉଡ୍ ଫିଲ୍ମଗୁଡିକ ହିନ୍ଦୀରେ ଡବିଂ କରାଯିବା ଉଚିତ ବୋଲି ବେଲି ମତ ଦେଇଥିଲେ।

ଉତ୍ତରପ୍ରଦେଶରେ ଫିଲ୍ମ ଶିଳ୍ପର ପ୍ରସାର ସହିତ ହଲିଉଡ୍ ସହ କିପରି ବଲିଉଡ୍ ଫିଲ୍ମର ଆଦାନ ପ୍ରଦାନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିବା ଶର୍ମା ପ୍ରକାଶ କରିଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୬.୬ |
| ଚାନ୍ଦବାଲି | ୩୯.୭ | ୨୭.୯ |
| କଟକ | ୩୭.୮ | ୨୬.୦ |
| ପାରାଦ୍ୱୀପ | ୩୨.୬ | ୨୮.୧ |
| ଭୁବନେଶ୍ୱର | ୩୮.୨ | ୨୭.୨ |
| ଗୋପାଳପୁର | ୩୨.୦ | ୨୬.୯ |
| ପୁରୀ | ୩୩.୮ | ୨୭.୪ |
| ଅନୁଗୋଳ | ୪୨.୭ | ୨୫.୦ |
| ବାରିପଦା | ୩୮.୨ | ୨୮.୨ |
| ଝାରସୁଗୁଡ଼ା | ୪୪.୦ | ୩୧.୦ |
| କେନ୍ଦୁଝର | ୩୮.୭ | ୨୫.୬ |
| ସମ୍ବଲପୁର | ୪୪.୭ | ୩୦.୮ |
| ସୁନ୍ଦରଗଡ଼ | ୪୦.୦ | ୨୪.୦ |
| ହୀରାକୁଦ | ୪୩.୬ | ୨୯.୯ |
| ତାଳଚେର | ୪୪.୩ | ୨୭.୩ |
| ଭବାନୀପାଟଣା | ୪୩.୦ | ୨୭.୮ |
| ବଲାଙ୍ଗୀର | ୪୩.୭ | ୨୯.୫ |
| କୋରାପୁଟ | ୩୫.୬ | ୨୨.୬ |
| ଫୁଲବାଣୀ | --- | ୨୫.୩ |
| ଟିଟିଲାଗଡ଼ | ୪୪.୬ | ୨୭.୦ |
| ମାଲକାନଗିରି | ୪୩.୨ | --- |
| ସୋନପୁର | ୪୪.୮ | ୨୭.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୩.୦ |

ଡିଗ୍ରୀ ସେଲ୍‌ସିୟସ୍

**IDBI BANK**

କ୍ଷେତ୍ରୀୟ କାର୍ଯ୍ୟାଳୟ: ୨ୟ ମହଲା, ଆଇଡିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୬୬୧୬୭୨୯, ୬୬୧୬୭୨୨, ୬୬୧୬୭୨୧

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ୨୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ମଧ୍ୟରେ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ମେଗା ଇ-ନିଲାମ ବିକ୍ରୟ ନୋଟିସ।

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତା (ଆଇଡିବିଆଇ ବ୍ୟାଙ୍କ ଲି.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତି ଗୁଡିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀମାନେ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତି ଗୁଡିକୁ ଭୌତିକ/ସାଙ୍କେତିକ ଦଖଲକୁ ନେଇଛନ୍ତି। ଋଣଗ୍ରହୀତାମାନଙ୍କଠାରୁ ଡିମାଣ୍ଡ ନୋଟିସ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଲି. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଛି।

**ସୁରକ୍ଷିତ ସମ୍ପତ୍ତିର ପ୍ରସ୍ତାବିତ ବିକ୍ରୟ ନିମ୍ନମତେ:**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ | କ) ଡ଼ିମାଣ୍ଡ ନୋଟିସ୍ ତାରିଖ, ଖ) ଦଖଲ ତାରିଖ, ଗ) ଦାବିକରାଯାଇଥିବା ରାଶି | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍‌ବୃଦ୍ଧି ରାଶ | RTGS / NEFT ମାଧ୍ୟମରେ ଅମାନତ ରାଶି ଦାଖଲ କରିବାର ଆକାଉଣ୍ଟ ଏବଂ IFSC Code ର ବିବରଣୀ | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ. |
|---|---|---|---|---|---|---|
| ୧. | ଋଣଗ୍ରହୀତାମାନେ: ଶ୍ରୀମତୀ ବିଜୟ ଲକ୍ଷ୍ମୀ ଅଗ୍ରୱାଲ ଏବଂ ଶ୍ରୀ ବିନୟ କୁମାର ଅଗ୍ରୱାଲ | କ) ୩୦.୦୭.୨୦୧୮ ଖ) ୦୪.୦୧.୨୦୧୯ ଗ) ଟ. ୮୧.୬୮ ଲକ୍ଷ ଏବଂ ସେବାବଦ ସୁଧ | ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୫ ଏବଂ ୧୬, ଷ୍ଟ୍ରିଟ୍ ନଂ.: ୩୩, ଖସରା ନଂ.: ୭୮୭୧, କ୍ଷେତ୍ର: ୦.୦୨ହେକ୍ଟର କିମ୍ବା ୨୪୦୦ ବର୍ଗଫୁଟ, ଗ୍ରାମ: କୋହକା, ବିବେକାନନ୍ଦ କଲୋନୀ, ୱାର୍ଡ: ଶାନ୍ତି ନଗର, ୱାର୍ଡ ନଂ.: ୧୧, ପି.ଏଚ୍ ନଂ.: ୧୪, ଆର୍.ଆଇ.ସି. ଦୁର୍ଗ-୧, ରେଜିଷ୍ଟ୍ରେସନ୍ ସବ୍-ଡିଷ୍ଟ୍ରିକ୍ଟ: ଭିଲ୍ଲାଇ ଏବଂ ଜିଲ୍ଲା: ଦୁର୍ଗ, ରାଜ୍ୟ: ଛତିଶଗଡ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୩ ଏବଂ ୧୪, ଦକ୍ଷିଣ: ପ୍ଲଟ୍ ନଂ.: ୧୭ ଏବଂ ୧୮, ପୂର୍ବ: କଲୋନୀ ରାସ୍ତା, ପଶ୍ଚିମ: ୩୦ଫୁଟିଆ କଲୋନୀ ରାସ୍ତା | ଟ. ୬୭,୫୦,୦୦୦/- / ଟ. ୬,୭୫,୦୦୦/- / ଟ. ୧୦,୦୦୦/- | A/c. No.: 121134915010014, IFSC Code: IBKL0001211 | ଶ୍ରୀ ଅନୁପ ବିଶ୍ୱକର୍ମା, ସହାୟକ ମହାପ୍ରବନ୍ଧକ, ଶାଖା ମୁଖ୍ୟ-୯୯୩୪୦୧୦୦୮୧ ଏବଂ ଶ୍ରୀ ଦିଲ୍ଲୀପ କୁମାର କେଶରୀ, ସହାୟକ ମହାପ୍ରବନ୍ଧକ, ରିକଭରୀ ଅଫିସର- ୮୭୭୭୩୨୪୫୧୬ |
| ୨. | ଋଣଗ୍ରହୀତାମାନେ: ଶ୍ରୀମତୀ ରେଖା ଦେବୀ ଏବଂ ଶ୍ରୀ ଜୟ ପ୍ରକାଶ | କ) ୦୮.୧୧.୨୦୧୪ ଖ) ୧୮.୦୮.୨୦୧୭ ଗ) ଟ. ୧୯.୭୬ ଲକ୍ଷ ଏବଂ ସେବାବଦ ସୁଧ | ଶାରଦା ଏନ୍‌କ୍ଲେଭ୍, ବ୍ଲକ୍-ବି ରେ ଥିବା ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା (କ୍ଷେତ୍ର: ୭୫୧ବର୍ଗଫୁଟ) ଯାହାର ମୌଜା: ଦିନ୍ଦିଲ, ଥାନା: ଆଦିତ୍ୟପୁର, ଥାନା ନଂ.: ୧୨୮, ୱାର୍ଡ ନଂ.: ୧୨୮, ଜିଲ୍ଲା: ଷଢ଼େଇକଳା, ଖରସୁଆଁ, ଝାଡଖଣ୍ଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଖୋଲା ଆକାଶ, ପଶ୍ଚିମ: ଫ୍ଲାଟ୍ ନଂ.: ୪୦୨, ଉତ୍ତର: ଫ୍ଲାଟ୍ ନଂ.: ୪୦୪ର ଷ୍ଟୋୟାର କେସ୍, ଦକ୍ଷିଣ: ଖୋଲା ଆକାଶ | ଟ. ୧୬,୨୨,୪୦୦/- / ଟ. ୧,୬୨,୦୦୦/- / ଟ. ୧୦,୦୦୦/- | A/c. No.: 88334915010014, IFSC Code: IBKL0000883 | ଶ୍ରୀ ବିରେନ୍ଦ୍ର ଜନ୍ ଲାକ୍ରା, ସହାୟକ ମହାପ୍ରବନ୍ଧକ, ରିକଭରୀ ଅଫିସର-୭୮୯୬୦୦୪୪୦୮ ଏବଂ ଶ୍ରୀ କଲ୍ୟାଣ ସିଂ, ପ୍ରବନ୍ଧକ, ରିକଭରୀ ଅଫିସର- ୯୬୯୧୧୯୯୮୬୦ |
| ୩. | ଋଣଗ୍ରହୀତା: ସୀତାରାମ ଟ୍ରେଡର୍ସ | କ) ୧୨.୦୧.୨୦୧୮ ଖ) ୧୦.୦୭.୨୦୧୮ ଗ) ଟ. ୩୯.୪୭ ଲକ୍ଷ ଏବଂ ସେବାବଦ ସୁଧ | ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୪/୮୦୧, କିସମ: ଘରବାରୀ, ମୌଜା: ଗୋଟାଳବିନ୍ଧା, ଥାନା: ବାଲିଅନ୍ତା, ଥାନା ନଂ.: ୩୯, ଏସ୍.ଆର୍.: ବାଲିଅନ୍ତା, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୩୨୨, ଜିଲ୍ଲା: ଖୋର୍ଦ୍ଧା, ପରିମିତ କ୍ଷେତ୍ର: ୬୭୫୧.୮ ବର୍ଗଫୁଟ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୫୫ (ଅଂଶ), ପୁନି ସୁନ୍ଦରାୟ ଏବଂ ୟୁ.ପି. ସ୍କୁଲ, ପଶ୍ଚିମ: ଅନାମ ସୁନ୍ଦରାୟ, ଉତ୍ତର: କେଦାର ସୁନ୍ଦରାୟ, ଦକ୍ଷିଣ: ରାସ୍ତା (ପୂର୍ବ) / ସରକାରୀ ଜମି | ଟ. ୩୯,୫୦,୦୦୦/- / ଟ. ୩,୯୫,୦୦୦/- / ଟ. ୧୦,୦୦୦/- | A/c. No.: 129534915010014, IFSC Code: IBKL0001295 | ଶ୍ରୀ ମଳୟ ପ୍ରକାଶ ବେହେରା, ସହାୟକ ମହାପ୍ରବନ୍ଧକ ଏବଂ ଶାଖା ମୁଖ୍ୟ-୯୧୬୩୮୪୭୩୭୯ ଏବଂ ଶ୍ରୀମତୀ ମିନାକ୍ଷୀ ଗୌଡ, ସହାୟକ ମହାପ୍ରବନ୍ଧକ, ରିକଭରୀ ଅଫିସର- ୯୯୩୭୪୧୦୭୩୬ |
| ୪. | ଋଣଗ୍ରହୀତା: ଅସ୍ମିତା ଏଣ୍ଟରପ୍ରାଇଜେସ୍ | କ) ୧୧.୦୮.୨୦୧୭ ଖ) ୦୫.୧୨.୨୦୧୭ ଗ) ଟ. ୯.୩୬ ଲକ୍ଷ ଏବଂ ସେବାବଦ ସୁଧ | ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୮୨/୧୦୩୫, ପ୍ଲଟ୍ ନଂ.: ୩୬/୨୨୬୩, ମୌଜା: ସାହାସପୁର, ଥାନା: ଭୁବନେଶ୍ୱର, ତହସିଲ: କଟଣୀ, କ୍ଷେତ୍ର: ଏକର୦.୦୫୫ ଡିସିମିଲି, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସବ୍ ପ୍ଲଟ୍ ନଂ.: ୧୧୪, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୧୧୧, ଉତ୍ତର: ପ୍ଲଟ୍ ନଂ.: ୩୬ (ଅଂଶ), ଦକ୍ଷିଣ: ରାସ୍ତା | ଟ. ୬,୪୮,୦୦୦/- / ଟ. ୬୪,୮୦୦/- / ଟ. ୧୦,୦୦୦/- | A/c. No.: 129534915010014, IFSC Code: IBKL0001295 | ଶ୍ରୀ ମଳୟ ପ୍ରକାଶ ବେହେରା, ସହାୟକ ମହାପ୍ରବନ୍ଧକ ଏବଂ ଶାଖା ମୁଖ୍ୟ-୯୧୬୩୮୪୭୩୭୯ ଏବଂ ଶ୍ରୀମତୀ ମିନାକ୍ଷୀ ଗୌଡ, ସହାୟକ ମହାପ୍ରବନ୍ଧକ, ରିକଭରୀ ଅଫିସର- ୯୯୩୭୪୧୦୭୩୬ |
| ୫. | ଋଣଗ୍ରହୀତା: ଶ୍ରୀ ନିରଜ ମଲ୍ଲିକ ଏବଂ ରଞ୍ଜୁ ମଲ୍ଲିକ | କ) ୨୫.୦୧.୨୦୧୭ ଖ) ୨୮.୦୪.୨୦୧୭ ଗ) ଟ. ୧୮.୫୮ ଲକ୍ଷ ଏବଂ ସେବାବଦ ସୁଧ | ମୌଜା: ବୋତଣ୍ଡା, ଖାତା ନଂ.: ୪୧ (ଏକ ଚାଳିଶି), ସ୍ଥିତିବାନ, ପ୍ଲଟ୍ ନଂ.: ୧୦୨ (ଏକ ଶହ ଦୁଇ) ଏବଂ ସମୁଦାୟ କ୍ଷେତ୍ର: ଏକର୧.୧୧୫ଡିସିମିଲିରୁ ଏକର ୦.୬୫୫.୩୭ଡିସିମିଲିରୁ ବିକ୍ରି କ୍ଷେତ୍ର: ଏକର୦.୦୩୬.୭୩ଡିସିମିଲି ଯାହାକି ୧୬୦୦ ବର୍ଗଫୁଟ, ଡୁପ୍ଲେକ୍ସ ନଂ.: ଏ୫ (୧୭), ବୈଷ୍ଣୋ ମାତା ଗ୍ରୀନ୍ ହୋମ୍ସ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଡୁପ୍ଲେକ୍ସ ନଂ.: ଏ-୫ (୧୮), ପଶ୍ଚିମ: ରାସ୍ତା, ଉତ୍ତର: ଡୁପ୍ଲେକ୍ସ ନଂ.: ଏ-୪ (୨୩), ଦକ୍ଷିଣ: ରାସ୍ତା। | ଟ. ୨୮,୭୧,୦୦୦/- / ଟ. ୨,୮୭,୧୦୦/- / ଟ. ୧୦,୦୦୦/- | A/c. No.: 04234915010014, IFSC Code: IBKL0000042 | ଶ୍ରୀମତୀ ମିନାକ୍ଷୀ ଗୌଡ, ସହାୟକ ମହାପ୍ରବନ୍ଧକ, ରିକଭରୀ ଅଫିସର-୯୯୩୭୪୧୦୭୩୬ ଏବଂ ଶ୍ରୀ ଅମିତ୍ ପୃଷ୍ଟି, ପ୍ରବନ୍ଧକ, ରିକଭରୀ ଅଫିସର, ଫୋନ.: ୯୯୦୩୪୨୭୯୦୬ |
| ୬. | ଋଣଗ୍ରହୀତା: ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁ | କ) ୧୫.୦୫.୨୦୧୫ ଖ) ୧୦.୦୧.୨୦୧୯ ଗ) ଟ. ୩୯.୯୭ ଲକ୍ଷ ଏବଂ ସେବାବଦ ସୁଧ | ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ଭୁବନେଶ୍ୱର, ଥାନା: ମଞ୍ଚେଶ୍ୱର, ନଂ.: ୨୩, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍-୪୧, ସ୍ଥିତିବାନ୍ ଖାତା ନଂ.: ୬୧୯/୧୧୭୦, ପ୍ଲଟ୍ ନଂ.: ୨୦୩, କ୍ଷେତ୍ର: ଏକର୦.୨୫୦ଡିସିମିଲି, କିସମ: ଘରବାରୀ, ଖଜଣା- ଟ.୭୫୦/-, ମୋଟ କ୍ଷେତ୍ର: ଏକର୦.୨୫୦ଡିସିମିଲି ରୁ ଅବିଭକ୍ତ ଅଂଶ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଅର୍ଥାତ ୮୭୧ ବର୍ଗଫୁଟ ଯାହାକି କ୍ରେତାଙ୍କ ନାମକୁ ସ୍ଥାନାନ୍ତର କରାଯାଇଛି। ଏହି ସମ୍ପତ୍ତି ଶ୍ରୀ ରେସିଡେନ୍ସି ନାମକ ଆପାର୍ଟମେଣ୍ଟର ୪ର୍ଥ ମହଲାର ଫ୍ଲାଟ୍ ନଂ.: ୪୦୧ ଅଟେ ଯାହାର କ୍ଷେତ୍ର: ୨୦୩୫ବର୍ଗଫୁଟ ସହିତ ଭର୍ଟିଫାଏଡ୍ ଟାଇଲ୍ ଫ୍ଲୋରିଂ ଏବଂ ପାର୍କିଂ ଏରିଆ ଅଛି। ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୨୦୧, ଦକ୍ଷିଣ: ରାସ୍ତା, ପୂର୍ବ: ଫ୍ଲାଟ୍ ନଂ.: ୨୦୨, ପଶ୍ଚିମ: ଏଚ୍‌ଆଇଜି ନିର୍ମାଣାଧୀନ ଗୃହ | ଟ. ୭୨,୨୧,୦୦୦/- / ଟ. ୭,୨୨,୧୦୦/- / ଟ. ୧୦,୦୦୦/- | A/c. No.: 111234915010014, IFSC Code: IBKL0001112 | ଶ୍ରୀମତୀ ମିନାକ୍ଷୀ ଗୌଡ, ସହାୟକ ମହାପ୍ରବନ୍ଧକ, ରିକଭରୀ ଅଫିସର-୯୯୩୭୪୧୦୭୩୬ ଏବଂ ଶ୍ରୀ ଅମିତ୍ ପୃଷ୍ଟି, ପ୍ରବନ୍ଧକ, ରିକଭରୀ ଅଫିସର, ଫୋନ.: ୯୯୦୩୪୨୭୯୦୬ |
| ୭. | ଋଣଗ୍ରହୀତା: ମା କାଳୀ ଫ୍ଲାଏ ଆସ୍ ବ୍ରିକ୍ସ | କ) ୧୪.୦୬.୨୦୧୮ ଖ) ୦୭.୦୯.୨୦୧୮ ଗ) ଟ. ୨୯.୮୨ ଲକ୍ଷ ଏବଂ ସେବାବଦ ସୁଧ | ସାଧନ କୁମାର ଘୋଷଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭଗତପଲ୍ଲି, ଥାନା: ଶାସନ, ତହସିଲ: ସମ୍ବଲପୁର ଏବଂ ଜିଲ୍ଲା: ସମ୍ବଲପୁର, ମୁଖ୍ୟ ବନ୍ଦୋବସ୍ତ ଖାତା ନଂ.: ୩୯୯, ପ୍ଲଟ୍ ନଂ.: ୩୯/୧୩୧, କ୍ଷେତ୍ର: ଏକର୦.୫୦୦ଡିସିମିଲି, କିସମ: ଘରବାରୀ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯/୭, ଦକ୍ଷିଣ: ପ୍ଲଟ୍ ନଂ.: ୭୨, ପୂର୍ବ: ପ୍ଲଟ୍ ନଂ.: ୭୩, ପଶ୍ଚିମ: ରାସ୍ତା ସହିତ ସେଠାରେ ଥିବା ସମସ୍ତ ଷ୍ଟ୍ରକ୍‌ଚର ଏବଂ ଇରେକ୍‌ସନ୍ ଯାହାକି ବର୍ତ୍ତମାନ କିମ୍ବା ଭବିଷ୍ୟତରେ ସ୍ଥାପନ ହେବାକୁ ଅଛି। | ଟ. ୩୧,୬୦,୦୦୦/- / ଟ. ୩,୧୬,୦୦୦/- / ଟ. ୧୦,୦୦୦/- | A/c. No.: 71434915010014, IFSC Code: IBKL0000714 | ଶ୍ରୀ ଅଭିଷେକ ସିଂ, ସହାୟକ ମହାପ୍ରବନ୍ଧକ, ଶାଖା ମୁଖ୍ୟ-୦୭୪୦୭୯୭୭୧୮୨ ଏବଂ ଶ୍ରୀ ଜ୍ୟୋତି ରଞ୍ଜନ ବସ୍ତିଆ, ପ୍ରବନ୍ଧକ, ରିକଭରୀ ଅଫିସର- ଫୋନ.: ୯୭୭୭୬୧୪୯୩୪ |
| ୮. | ଋଣଗ୍ରହୀତା: ଏ ଆର୍ ଲଜିଷ୍ଟିକ୍ସ | କ) ୧୫.୦୩.୨୦୧୮ ଖ) ୨୪.୦୭.୨୦୧୮ ଗ) ଟ. ୨୨.୯୨ ଲକ୍ଷ ଏବଂ ସେବାବଦ ସୁଧ | ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୨/୧୨୮୫ (କ୍ଷେତ୍ର: ଏକର୧.୧୧୦ଡିସିମିଲି), ଖାତା ନଂ.: ୯୭/୮୪, ଯାହାର ମୌଜା: ଡାଲକି ୟୁନିଟ୍ ନଂ.: ୫, ଥାନା: ବଡବିଲ, ତହସିଲ: ବଡବିଲ, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାଧିକା ଆପାତଙ୍କ ସମ୍ପତ୍ତି, ଉତ୍ତର: ଦୟା ନାୟକଙ୍କ ସମ୍ପତ୍ତି, ଦକ୍ଷିଣ: ମହମ୍ମଦ ଗୁଲାପ ହୁସେନଙ୍କ ସମ୍ପତ୍ତି | ଟ. ୬୯,୦୦,୦୦୦/- / ଟ. ୬,୯୦,୦୦୦/- / ଟ. ୧୦,୦୦୦/- | A/c. No.: 114534915010014, IFSC Code: IBKL0001145 | ଶ୍ରୀ ସତ୍ୟମ ଖଇତାନ, ପ୍ରବନ୍ଧକ, ଶାଖା ମୁଖ୍ୟ-୭୮୫୬୦୦୩୩୨୫ ଏବଂ ଶ୍ରୀ ଜ୍ୟୋତି ରଞ୍ଜନ ବସ୍ତିଆ, ପ୍ରବନ୍ଧକ, ରିକଭରୀ ଅଫିସର, ଫୋନ.: ୯୭୭୭୬୧୪୯୩୪ |
| ୯. | ଋଣଗ୍ରହୀତା: ଦୁତିଆ ଚନ୍ଦ୍ର ପଟେଲ | କ) ୨୦.୦୩.୨୦୧୮ ଖ) ୨୪.୦୭.୨୦୧୮ ଗ) ଟ. ୮.୩ ଲକ୍ଷ ଏବଂ ସେବାବଦ ସୁଧ | ଦୁତିଆ ଚନ୍ଦ୍ର ପଟେଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୮/୨୮୪୩, ଖାତା ନଂ.: ୩୦୨/୨୪୦, ଜମିର କ୍ଷେତ୍ର: ଏକର୦.୧୧୦ଡିସିମିଲି, ମୌଜା: ରେଙ୍ଗାଲୋଇ, ତହସିଲ: ରେଙ୍ଗାଲୀ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୫୧୧ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୫୦୮ (ଅଂଶ), ଉତ୍ତର: ପ୍ଲଟ୍ ନଂ.: ୫୧୦ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ.: ୫୦୭ (ଅଂଶ) ଏବଂ ରାସ୍ତା | ଟ. ୮,୦୦,୦୦୦/- / ଟ. ୮୦,୦୦୦/- / ଟ. ୧୦,୦୦୦/- | A/c. No.: 176134915010014, IFSC Code: IBKL0001761 | ଶ୍ରୀ ଲୋକନାଥ ଶତପଥୀ, ସହାୟକ ମହାପ୍ରବନ୍ଧକ, କେନ୍ଦ୍ର ମୁଖ୍ୟ-୦୮୯୦୮୦୧୧୬୩୧ ଏବଂ ଶ୍ରୀ ଜ୍ୟୋତି ରଞ୍ଜନ ବସ୍ତିଆ, ପ୍ରବନ୍ଧକ, ରିକଭରୀ ଅଫିସର, ଫୋନ.: ୯୭୭୭୬୧୪୯୩୪ |
| ୧୦. | ଋଣଗ୍ରହୀତା: ଗୋକୁଳ ଚନ୍ଦ୍ର ଜୟପୁରିଆ | କ) ୦୧.୧୧.୨୦୧୮ ଖ) ୧୨.୦୨.୨୦୧୯ ଗ) ଟ. ୬.୯୪ ଲକ୍ଷ ଏବଂ ସେବାବଦ ସୁଧ | ଶ୍ରୀ ଗୋକୁଳ ଚନ୍ଦ୍ର ଜୟପୁରିଆଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୩୫୨/୫୭୪୫ (ସମୁଦାୟ ଜମିର କ୍ଷେତ୍ର: ଏକର୦.୦୭୦ଡିସିମିଲି), ଖାତା ନଂ.: ୫୬୭/୧୫୮୭, ମୌଜା: ସମ୍ବଲପୁର ଟାଉନ ୟୁନିଟ୍ ନଂ.: ୧୩, ବରେଇପାଲି, ତହସିଲ: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୩୫୨, ପଶ୍ଚିମ: ପ୍ରସ୍ତାବିତ ରାସ୍ତା, ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୩୫୨ (ଅଂଶ) ଏବଂ ରାସ୍ତା, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ: ଓଡ଼ିଶା ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ପ୍ରାପ୍ତ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର | ଟ. ୧୩,୫୫,୦୦୦/- / ଟ. ୧,୩୫,୫୦୦/- / ଟ. ୧୦,୦୦୦/- | A/c. No.: 71434915010014, IFSC Code: IBKL0000714 | ଶ୍ରୀ ଲୋକନାଥ ଶତପଥୀ, ସହାୟକ ମହାପ୍ରବନ୍ଧକ, କେନ୍ଦ୍ର ମୁଖ୍ୟ-୦୮୯୦୮୦୧୧୬୩୧ ଏବଂ ଶ୍ରୀ ଜ୍ୟୋତି ରଞ୍ଜନ ବସ୍ତିଆ, ପ୍ରବନ୍ଧକ, ରିକଭରୀ ଅଫିସର, ଫୋନ.: ୯୭୭୭୬୧୪୯୩୪ |

ଅମାନତ ରାଶି ଜମାର ଅନ୍ତିମ ତାରିଖ : ୧୮.୦୬.୨୦୧୯ / ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୦୮.୦୬.୨୦୧୯ରିଖ ରୁ ତା.୧୮.୦୬.୨୦୧୯ରିଖ ମଧ୍ୟରେ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ

ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ : ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ରେ ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ । ୧. ଆଇଡିବିଆଇ ବ୍ୟାଙ୍କ ଲି. ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ପକ୍ଷରୁ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" "ଯାହା ଯେପରି ଅଛି ଭିତ୍ତିରେ, ସେଠାରେ ଯାହାଅଛି ଭିତ୍ତିରେ" ଏବଂ ବିନା ଆଇନଗତ ସହାୟତା ଭିତ୍ତିରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। ୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ଆଇଡିବିଆଇ ୱେବସାଇଟ୍: www.idbi.com ଏବଂ https://idbi.auctiontiger.net ରୁ ମଧ୍ୟ ଡାଉନଲୋଡ୍ କରିପାରିବେ । ୩) ଇ-ନିଲାମ ସେବା ପ୍ରଦାନକାରୀ e-procurement Technologies Limited ର ଇ-ନିଲାମ ପ୍ଲାଟ୍‌ଫର୍ମ https://idbi.auctiontiger.net ରେ ବିକ୍ରୟ ଅନୁଷ୍ଠିତ ହେବ। ଯୋଗାଯୋଗ : ଶ୍ରୀ ରାକେଶ ନାୟକ, ମୋ.: +୯୧ ୮୨୭୦୯୫୫୨୫୪, ଫୋନ୍.: +୯୧ ୯୨୬୫୫୬୨୮୨୧, ଇ-ମେଲ୍: support@auctiontiger.net & orissa@auctiontiger.net। ୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନହେଲା ତେବେ କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ଅଟେ। ୫) ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ସମୟରେ ବିକ୍ରୟ ମୂଲ୍ୟର ୨୫% (ଅମାନତରାଶି ବାଦ୍‌ଦେଇ) ଦାଖଲ କରିବାକୁ ପଡିବ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଅମାନତରାଶି ସହ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। ୬) ନିଲାମ ରାଶି ୨୫% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। ୭) କ୍ରେତା ସମସ୍ତ ଆଇନଗତ ଦେୟ / ଆଟେଣ୍ଡାଣ୍ଟ ଦେୟ / ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। ୮) ଏହି ପ୍ରକାଶନଟି ରୁଲ ୯(୧) ଏବଂ ରୁଲ ୮(୬) ଅନୁଯାୟୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ୧୫/୩୦ ଦିନିଆ ନୋଟିସ ଅଟେ। ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀର ପରବର୍ତ୍ତୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: www.idbi.com ଦେଖନ୍ତୁ / କିମ୍ବା ଉପରୋକ୍ତ ପ୍ରତ୍ୟେକ ସମ୍ପତ୍ତିର ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରନ୍ତୁ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୮.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍

**ସଂକ୍ଷେପରେ**

## ବେଆଇନ ଗିରଫ ପ୍ରତିବାଦରେ ଡଙ୍ଗରିଆଙ୍କ ଶୋଭାଯାତ୍ରା

■ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର



ଡଙ୍ଗରିଆଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ମୁନିଗୁଡା, ୨୭।୫(ଡି.ଏନ୍.ଏ.)- ନିୟମଗିରି ସୁରକ୍ଷା ସମିତି ସଦସ୍ୟ ଦଧି କାଡ୍ରାକାଙ୍କୁ ଗତ ୧୫ ତାରିଖରେ ପୋଲିସ ମାଓବାଦୀଙ୍କ ସହ ସମ୍ପର୍କ ଥିବା ଅଭିଯୋଗରେ ଗିରଫ କରିଛି। ଏହାର ପ୍ରତିବାଦରେ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ସୋମବାର ମୁନିଗୁଡା ବ୍ଲକ ମୁନିଖୋଲ ପଞ୍ଚାୟତ ଅଫିସ ନିକଟରୁ ଉପଦେଷ୍ଟା ଲିଙ୍ଗରାଜ ଆଜାଦଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାଟି ଥାନା ନିକଟରେ ପହଞ୍ଚିବା ପରେ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନିୟମଗିରିରେ ବସବାସ କରୁଥିବା ନିରୀହ ଡଙ୍ଗରିଆଙ୍କ ଉପରେ ପୋଲିସ ଜୁଲୁମ କରୁଛି। ମାଓବାଦୀଙ୍କ ସହ ସେମାନଙ୍କ ସମ୍ପୃକ୍ତି ରହିଥିବା ନେଇ ମିଛ ଅଭିଯୋଗ କରି ଗିରଫ କରୁଛି। ବେଦାନ୍ତ କମ୍ପାନୀକୁ ନିୟମଗିରି ସୁରକ୍ଷା ସମିତି ବିରୋଧ କରି ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ କଲାବେଳେ ପୋଲିସ କମ୍ପାନୀର ଦଲାଲ ସାଜି ମିଥ୍ୟା କେଶ୍‌ରେ ଆମକୁ ଗିରଫ କରୁଛି। ନିୟମଗିରି ପାହାଡ ଉପରେ କୋମ୍ବିଂ କରି ମାଓବାଦୀ ଆଖ୍ୟା ଦେଇ ମିଛରେ ନିୟମଗିରି ସୁରକ୍ଷା ସମିତିର ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି। ପୋଲିସ ଏଭଳି କାର୍ଯ୍ୟରୁ ନିବୃତ୍ତ ନ ରହିଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ନିୟମଗିରି ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ଏଥିସହ ଗିରଫ ଦଧି କାଡ୍ରାକାକୁ ଜେଲରୁ ଖଲାସ କରିବା ସହ ମିଥ୍ୟା କୋମ୍ବିଂକୁ ବନ୍ଦ କରାଯାଉ ବୋଲି ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା, ଲଦ ସିକ୍‌କା, ଉପେନ୍ଦ୍ର, ଦଧିପୁଷିକା, ଦାଶୁରୁ କାଡ୍ରାକା ପ୍ରମୁଖ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଏସଡିପିଓ ଚନ୍ଦ୍ରଶେଖର ହୋତାଙ୍କ ଜରିଆରେ ଏସ୍‌ପିଙ୍କୁ ଏକ ଦାବିପତ୍ର ସମିତି ପକ୍ଷରୁ ଦିଆଯାଇଛି। ଏଥିରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ଲାଗି ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ୫ ଆନ୍ତଃ ରାଜ୍ୟ ଡକାୟତ ଗିରଫ

■ସମସ୍ତେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ବାସିନ୍ଦା
■ଦେଶୀ ପିସ୍ତଲ, ଗୁଳି, ଖଣ୍ଡା, ଭୁଜାଲି ଜବତ
■ଡକାୟତି ଯୋଜନା ବେଳେ ଧରାପଡିଲେ
■୩ ଘଟଣାସ୍ଥଳରୁ ଚମ୍ପଟ

ରାଉରକେଲା ଅଫିସ,୨୭।୫- ପ୍ଲାଣ୍ଟସାଇଟ ପୋଲିସ ରବିବାର ବିଳମ୍ବିତ ରାତିରେ ୫ ଆନ୍ତଃ ରାଜ୍ୟ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ଶେଖ୍ ନୁର ଆଲମ, ଶେଖ ଚାନ୍ଦ, ଅନନ୍ତ ଜେନା, ତୋତନ ଦଲାଇ ଓ ମହମ୍ମଦ ହାଇଦର ଅଲ୍ଲି । ଏମାନେ ସମସ୍ତେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବାସିନ୍ଦା ବୋଲି ଜଣାଯାଇଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ୨ ରାଉଣ୍ଡ ଗୁଳି, ୨ ଖଣ୍ଡା, ଟର୍ଚ୍ଚ ଲାଇଟ୍, ୨ ଭୁଜାଲି, ୭ ମୋବାଇଲ ଫୋନ ଓ ୨ କ୍ୟାରି ବ୍ୟାଗ୍ ଜବତ କରାଯାଇଛି। ସୋମବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଏକ ମାମଲା (ନଂ ୧୬୭/୨୦୧୯) ରୁଜୁ କରାଯାଇଛି। ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ବନ୍ଧମୁଣ୍ଡା ଫଟାପାଇପ୍ ଅଞ୍ଚଳରେ ଏହି ଡକାୟତ ଦଳ ଲୁଚି ରହି ଡକାୟତି ଯୋଜନା କରୁଥିବା ପୋଲିସକୁ ଖବର ମିଳିଥିଲା। ସେହି ଅନୁସାରେ ଏକ ପୋଲିସ ଟିମ୍ ସତର୍କତାର ସହ ଘଟଣାସ୍ଥଳରେ ପହଞ୍ଚି ଏମାନଙ୍କୁ ଘେରିଯାଇ ଗିରଫ କରିବାକୁ ସକ୍ଷମ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ୩ ଡକାୟତ ଚମ୍ପଟ ମାରିଥିବା ପୋଲିସ କହିଛି। ଗିରଫ ଡକାୟତମାନଙ୍କ ନାମରେ ବହୁ ସଙ୍ଗିନ ମାମଲା ରହିଛି। ହତ୍ୟା, ଡକାୟତି ଓ ଲୁଟ୍ ଆଦି ମାମଲାରେ ସମ୍ପୃକ୍ତ ଏହି ଡକାୟତ ଦଳ ଷଢ଼େଇକଲା ଅଞ୍ଚଳରେ ରହି ସେମାନଙ୍କ ନେଟୱର୍କ ଚଳାଇଥିଲେ। ଏମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ରାଉରକେଲା ପୋଲିସ ସମ୍ପୃକ୍ତ ରାଜ୍ୟ ପୋଲିସ ସହ ଯୋଗାଯୋଗ କରିବ ବୋଲି ଡିଏସ୍‌ପି ଅଶ୍ୱିନୀ ପଣ୍ଡା କହିଛନ୍ତି।

■ରାଜ୍ୟ ସଭା ଉପରେ ନଜର

# ଆଶାୟୀ ଅନେକ, ପଦବୀ ୪

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ରାଜ୍ୟରେ ସାଧାରଣ ନିର୍ବାଚନ ଶେଷ ହୋଇଯାଇଛି। ଏହି ନିର୍ବାଚନରେ ଶାସକ ଦଳର ଅନେକ ତୁଙ୍ଗ ନେତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡିଛି। ମନ୍ତ୍ରିମଣ୍ଡଳ ଗଠନ ପରେ ସେମାନଙ୍କୁ ଥଇଥାନ କରିବା ପାଇଁ ଉଦ୍ୟମ ଆରମ୍ଭ ହେବ। ଦଳରେ ପୂର୍ବରୁ ପ୍ରଭାବ ବିସ୍ତାର କରି ଆସିଥିବା କେତେଜଣ ପରାଜିତ ଓ ଟିକେଟରୁ ବଞ୍ଚିତ ହୋଇଥିବା ପୂର୍ବତନ ବିଧାୟକଙ୍କୁ ବିଜେଡି ରାଜ୍ୟ ସଭା ପଠାଇବାକୁ ଯୋଜନା କରୁଥିବା ବେଳେ ଅନ୍ୟମାନଙ୍କୁ ବିଭିନ୍ନ ନିଗମରେ ଥଇଥାନ କରିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପରାଜିତ ନେତାମାନେ ମଧ୍ୟ ନିଜର ରାଜନୈତିକ ଭାଗ୍ୟକୁ ନେଇ ସନ୍ଦିହାନ ହୋଇପଡିଛନ୍ତି। ନିର୍ବାଚନ ସରିବାର ଦିନ କେଇଟା ପରେ ଖାଲି ପଡିଥିବା ରାଜ୍ୟ ସଭା ଆସନକୁ ହାତେଇବା ପାଇଁ କସରତ ଆରମ୍ଭ କରି ଦେଇଛନ୍ତି। ବିଜେଡିର ୬ ଜଣ ରାଜ୍ୟ ସଭା ସଦସ୍ୟ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ସରୋଜିନୀ ହେମ୍ବ୍ରମ, ଅନୁଭବ ମହାନ୍ତି, ପ୍ରତାପ କେଶରୀ ଦେବ, ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଅଚ୍ୟୁତ ସାମନ୍ତ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡା ଲୋକ ସଭା ଆସନରୁ ଅନୁଭବ ମହାନ୍ତି, କନ୍ଧମାଳ ଆସନରୁ ଅଚ୍ୟୁତ ସାମନ୍ତ ବିଜୟୀ ହୋଇଥିବା ବେଳେ ଆଳି ବିଧାନସଭା ଆସନରୁ ପ୍ରତାପ କେଶରୀ ଦେବ ଏବଂ ଖଣ୍ଡପଡା ଆସନରୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତେବେ ବରଗଡ ଲୋକ ସଭା ଆସନରୁ ନିଜର ଭାଗ୍ୟ ପରୀକ୍ଷା କରୁଥିବା ପ୍ରସନ୍ନ ଆଚାର୍ଯ୍ୟ ଓ ବାରିପଦା ବିଧାନସଭା ଆସନରୁ ସରୋଜିନୀ ହେମ୍ବ୍ରମ ଗତ ନିର୍ବାଚନରେ ପରାଜିତ ହୋଇଛନ୍ତି।

### ଆଗରେ ପ୍ରସନ୍ନ, ରବୀନ୍ଦ୍ର, ମହେଶ୍ୱର, ରମେଶ

ପ୍ରସନ୍ନ ଓ ସରୋଜିନୀ ରାଜ୍ୟ ସଭା ପଦବୀ ବଜାୟ ରଖିବା ବେଳେ ଅନ୍ୟ ୪ଟି ଆସନ ଖାଲି ହେବାକୁ ଯାଉଛି। ରାଜ୍ୟ ସଭାରେ ପ୍ରତାପ ଦେବଙ୍କ କାର୍ଯ୍ୟକାଳ ୨୦୨୨ ଜୁଲାଇ ୧ ତାରିଖ ଯାଏ ଥିବା ବେଳେ ଅନୁଭବ ମହାନ୍ତିଙ୍କର ୨୦୨୦ ଏପ୍ରିଲ ୨, ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୪ ଏପ୍ରିଲ ୩ ତାରିଖ ଯାଏ ରହିଛି। ୪ଟି ଆସନ ଖାଲି ହେଉଥିବା ବେଳେ ଆଶାୟୀଙ୍କ ସଂଖ୍ୟା ଢେର ଅଧିକ ରହିଛି। ନିର୍ବାଚନ ପୂର୍ବରୁ କେତେକ ନେତାଙ୍କୁ ଟିକେଟ ନ ଦିଆଯାଇ ରାଜ୍ୟ ସଭାକୁ ପଠାଇବା ଲାଗି ପ୍ରତିଶ୍ରୁତି ଦିଆଯାଇଥିବା କୁହାଯାଉଛି। ପ୍ରତିଶ୍ରୁତି ଅନୁସାରେ ରାଜ୍ୟ ସଭା ପାଇଁ ଆଗଧାଡିରେ ପୂର୍ବତନ ଏମପି ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏବଂ ଅନୁପ ସାଏ ନାମ ଶୁଣିବାକୁ ମିଳୁଛି। ଏହା ଛଡା ନିର୍ବାଚନରେ ପରାଜିତ ହୋଇଥିବା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ସଞ୍ଜୟ ଦାସ ବର୍ମା, ଦେବାଶିଷ ସାମନ୍ତରାୟ, ପୂର୍ବତନ ଏମପି ତଥା ବାଲେଶ୍ୱର ଲୋକ ସଭା ପରାଜିତ ପ୍ରାର୍ଥୀ ରବୀନ୍ଦ୍ର ଜେନା, ଭୁବନେଶ୍ୱର ଲୋକ ସଭା ପରାଜିତ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ସମ୍ବଲପୁର ଲୋକ ସଭା ଆସନରୁ ପରାଜିତ ହୋଇଥିବା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ମଧ୍ୟ ରାଜ୍ୟ ସଭା ଦୌଡରେ ରହିଛନ୍ତି। ଏହି ନେତାମାନେ ନିଜ ନିଜ ସ୍ତରରେ ଲବି ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏମାନଙ୍କୁ ବାଦ ଦେଇ ନିର୍ବାଚନ ଲଢି ନ ଥିବା ବିଜେଡି ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକଙ୍କ ନାମ ମଧ୍ୟ ଶୁଣାଯାଉଛି। ତେବେ ଏହି ରେସ୍‌ରେ ଆଗରେ ରହିଛନ୍ତି ରବୀନ୍ଦ୍ର ଜେନା, ପ୍ରସନ୍ନ ପାଟଶାଣୀ, ଅରୂପ ପଟ୍ଟନାୟକ, ମହେଶ୍ୱର ମହାନ୍ତି।

ରାଜ୍ୟ ସଭା ନିର୍ବାଚନ ଗଣିତକୁ ଯଦି ଦେଖା ଯାଏ ତେବେ ବିଜେଡି ୩ଟି ଆସନ ଆରାମରେ ଜିତି ପାରିବ। ବିରୋଧୀ କଂଗ୍ରେସ ଓ ଭାଜପା ଯଦି ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ତେବେ ୪ର୍ଥ ଆସନ ପାଇଁ କିଛି ମାତ୍ରାରେ ସମସ୍ୟା ସୃଷ୍ଟି ହୋଇ ପାରେ। ମାତ୍ର ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ କହିବା କଥା ହେଲା ୪ଟି ଯାକ ଆସନ ବିଜେଡି ସହଜରେ ଜିତି ପାରିବ। କାରଣ କଂଗ୍ରେସ କିମ୍ବା ଭାଜପା କୌଣସି ପରିସ୍ଥିତିରେ ଏକ ହୋଇ ପ୍ରାର୍ଥୀ ଛିଡା କରି ପାରିବେ ନାହିଁ। ବିରୋଧୀଙ୍କ ରଣନୀତି ଯାହା ହେଉନା କାହିଁକି ରାଜ୍ୟ ସଭାରେ ବିଜେଡିର ଖାଲି ହେବାକୁ ଯାଉଥିବା ସମସ୍ତ ସିଟ୍ ପୂରଣ କରିବାରେ ବିଜେଡିର କୌଣସି ସମସ୍ୟା ହେବ ନାହିଁ ବୋଲି ସମ୍ବିଧାନ ବିଶେଷଜ୍ଞ ମତ ଦେଉଛନ୍ତି। ତେବେ ରାଜ୍ୟ ସଭା ପାଇଁ କେଉଁମାନେ ପ୍ରାର୍ଥୀ ହେବେ ସେ ନେଇ ଚୂଡାନ୍ତ ମୋହର ମାରିବେ ଦଳର ସଭାପତି ନବୀନ ପଟ୍ଟନାୟକ ।

## ଭାଜପା ସହ ଲଢ଼ିବା କଂଗ୍ରେସ ଅପେକ୍ଷା କଷ୍ଟସାଧ୍ୟ ଥିଲା: ନବୀନ

■ଜାତୀୟ ଗଣମାଧ୍ୟମରେ ରଖିଲେ ମତ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

୨୦୧୯ ନିର୍ବାଚନରେ ଭାଜପା ସହ ଲଢ଼ିବା କଂଗ୍ରେସ ଅପେକ୍ଷା ଅଧିକ କଷ୍ଟସାଧ୍ୟ ଥିଲା। ଏହା ସତ୍ତ୍ୱେ ମଧ୍ୟ ବିଜେଡି ୨ ପ୍ରତିଶତ ଅଧିକ ଭୋଟ ପାଇଛି। କେନ୍ଦ୍ର ସହ ବିଜେଡି ସରକାର ଗଠନଧର୍ମୀ ସଂଘୀୟ ସମ୍ପର୍କ ରଖିବେ। ଲଗାତର ୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ନବୀନ ପଟ୍ଟନାୟକ ସୋମବାର ଏକ ଜାତୀୟ ଗଣମାଧ୍ୟମକୁ ନିର୍ବାଚନ ଫଳାଫଳ ପରେ ସାକ୍ଷାତ୍‌କାର ଦେଇ କହିଛନ୍ତି।

ସାକ୍ଷାତ୍‌କାରରେ ନବୀନଙ୍କ ପରେ ବିଜେଡିର ରାଜନୈତିକ ଉତ୍ତରାଧିକାରୀ କିଏ ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ନବୀନ କହିଥିଲେ ଯେ, ବିଜେଡି ଏପର୍ଯ୍ୟନ୍ତ ଉତ୍ତରାଧିକାରୀ ବାଛି ନାହିଁ। ବିଜେଡିର କିଏ ଉତ୍ତରାଧିକାରୀ ହେବ, ତାହାର ନିଷ୍ପତ୍ତି ଓଡ଼ିଶାବାସୀଙ୍କ ଦ୍ୱାରା ହିଁ ନିଆଯିବ। ରାଜ୍ୟବାସୀଙ୍କ ବିକାଶ ଓ ପ୍ରଗତିକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାକୁ ନୂତନ ଶିଖରକୁ ନେବା ପାଇଁ ଚେଷ୍ଟା କରାଯାଉଛି। ସେହିପରି ଦେଶ ଭଳି ରାଜ୍ୟରେ କଂଗ୍ରେସ ମଧ୍ୟ ଭଲ ପ୍ରଦର୍ଶନ କରିପାରିନାହିଁ। ଯାହାର ସିଧାସଳଖ ଫାଇଦା ଭାଜପାକୁ ଯାଇଥିବା ନବୀନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାତି ଦହିଖିଆ ଜରକୁ**
**ଟିଙ୍କିରା ଚାଷ କରକୁ**
**ଗାଁ ମୁଣ୍ଡ ଘର ଚୋରକୁ ।**
**ବୁଢ଼ାକାଳ ବିଭା ପରକୁ ।**

ରାତିରେ ଦହି ଖାଇଲେ ଜ୍ୱର ହୋଇଥାଏ। ଟିଙ୍କିରା ଚାଷ ଲାଭପ୍ରଦ ହୋଇ ନ ଥାଏ, ଯାହା ମିଳେ ସେସବୁ କର ଶୁଝିବାରେ ବ୍ୟୟ ହୋଇଯାଇଥାଏ। ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସର୍ବଦା ଆଖେଇଥାଏ। ସେହିପରି ସ୍ୱଳ୍ପ ବୟସ୍କା ବିବାହିତା କନ୍ୟା ସମୟକ୍ରମେ ପର ପୁରୁଷର ପ୍ରୀତିରେ ମଜ୍ଜିରହିବାର ଆଶଙ୍କା ରହିଥାଏ ବୋଲି ଉଲ୍ଲେଖ କରାଯାଇଛି।

**ରାହୁଆ ମାଟି**
**ଖରା କଲେ ଯାଏ ଫସର ଫାଟି**
**ମେଘ ବରଷିଲେ ବେଶର ବାଟି ।**

ରାହୁଆ ମାଟିକୁ ମଟାଳ ମାଟି କୁହାଯାଇଥାଏ। ଅତ୍ୟଧିକ ଖରା ହେଲେ ଏହି ଧରଣର ମାଟି ଶୁଷ୍କ ହୋଇ ଫାଟିଯାଇଥାଏ। ସେହିପରି ବର୍ଷା ଅଧିକ ପରିମାଣରେ ହେଲେ ଏହା କାଦୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପୋଖରୀରେ ବୁଡ଼ି ଦୁଇ ନାବାଳକ ମୃତ

ଗୋପାଳପୁର,୨୭।୫

ଗଞ୍ଜାମ ଜିଲା ଗୋପାଳପୁର ଥାନା ବିକ୍ରମପୁର ଗ୍ରାମ ନିକଟ ସାଲଙ୍ଗ ପୋଖରୀରେ ବୁଡ଼ି ସୋମବାର ସନ୍ଧ୍ୟାରେ ଦୁଇ ନାବାଳକ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋଳାବନ୍ଧ ପଞ୍ଚାୟତ ଆଡ଼ତଲାପଲ୍ଲୀ ଗ୍ରାମର କେ. ଧନଞ୍ଜୟଙ୍କ ପୁଅ କେ. ସବୀର(୧୩) ଓରଫ ଜଗନ ଓ ଗଞ୍ଜାମ ଥାନା ଅନ୍ତର୍ଗତ ମାଳଦା ଗ୍ରାମର ଆର୍. ପୀତାମ୍ବରଙ୍କ ପୁଅ ଆର୍. ବରୁଣ (୧୦)। ଜଗନ ଅଷ୍ଟମ ଶ୍ରେଣୀ ଓ ବରୁଣ ପଞ୍ଚମ ଶ୍ରେଣୀ ଛାତ୍ର ଥିଲେ। ପୋଲିସ ମୃତଦେହ ଦୁଇଟିକୁ ଜବତ କରିଛି। ଏ ନେଇ ଗୋପାଳପୁର ଥାନାରେ ନଂ.୧୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ବରୁଣ କିଛିଦିନ ହେଲା ଆଡ଼ତଲାପଲ୍ଲୀ ଗ୍ରାମସ୍ଥିତ ନିଜ ମାମୁଘରକୁ ଆସିଥିଲେ। ସୋମବାର ସନ୍ଧ୍ୟାରେ ଜଗନଙ୍କ ସହ ମିଶି ସେ ସାଲଙ୍ଗ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୁହେଁ ପହଁରା ଜାଣି ନ ଥିଲେ। କୌଣସି ପ୍ରକାରେ ସେମାନେ ପୋଖରୀ ମଧ୍ୟଭାଗକୁ ଯାଇ ବୁଡ଼ି ଯାଇଥିଲେ। ପୋଖରୀ ନିକଟ ଜମିରେ କାମ କରୁଥିବା ଜଣେ ବ୍ୟକ୍ତି ଏହା ଦେଖି ସ୍ଥାନୀୟ ଲୋକଙ୍କୁ ଡାକିବା ପରେ ଜଗନ ଓ ବରୁଣଙ୍କୁ ପାଣିରୁ ଉଦ୍ଧାର କରାଯାଇଥିଲା। ପରିବାର ଲୋକ ଗୁରୁତର ଅବସ୍ଥାରେ ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

FINANCE FINANCE

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675 8527858125
9454715754

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mob- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୫୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

BUSINESS BUSINESS

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357 9758645827

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415 8929609224
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303 9354145347

DHARITRI Career appointment Every Wednesday and Saturday

ଖର୍ଚ୍ଚ ଋଣରୁ କଟିବ
Mudra Finance
(Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ସମସ୍ତ ଋଣ
2% ସୁଧ, 40% ରିହାତି।
8278511947 8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଧାନସଭା ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଭୋଟ ବ୍ୟବଧାନ

| ଆସନ ସଂଖ୍ୟା | ନିର୍ବାଚନମଣ୍ଡଳୀ | ବିଜୟୀ ପ୍ରାର୍ଥୀ | ଦଳ | ବ୍ୟବଧାନ |
|---|---|---|---|---|
| ୧୨୦. | ଖଣ୍ଡପଡ଼ା | ସୌମ୍ୟରଞ୍ଜନ ପଟ୍ଟନାୟକ | ବିଜେଡି | ୮୧୪୩୦ |
| ୧୩୧. | ହିଞ୍ଜିଳି | ନବୀନ ପଟ୍ଟନାୟକ | ବିଜେଡି | ୬୦୧୬୦ |
| ୮୯. | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡି | ୫୭୯୯୫ |
| ୨. | ବିଜେପୁର | ନବୀନ ପଟ୍ଟନାୟକ | ବିଜେଡି | ୫୭୧୨୨ |
| ୯୮. | ଆଳି | ପ୍ରତାପ କେଶରୀ ଦେବ | ବିଜେଡି | ୫୫୬୦୧ |
| ୧୦୩. | ବାଲିକୁଦା-ଏରସମା | ରଘୁନନ୍ଦନଦାସ | ବିଜେଡି | ୫୪୫୮୩ |
| ୫୧. | ଧର୍ମଶାଳା | ପ୍ରଣବ କୁମାର ବଳବନ୍ତରାଏ | ବିଜେଡି | ୫୨୭୩୯ |
| ୧୨୫. | କବିସୂର୍ଯ୍ୟନଗର | ଲତିକା ପ୍ରଧାନ | ବିଜେଡି | ୪୯୦୨୮ |
| ୬୩. | ଆଠମଲ୍ଲିକ | ରମେଶ ଚନ୍ଦ୍ର ସାଏ | ବିଜେଡି | ୪୭୧୮୪ |
| ୭. | ଝାରସୁଗୁଡା | ନବକିଶୋର ଦାସ | ବିଜେଡି | ୪୫୬୯୯ |
| ୧୦୫. | କାକଟପୁର | ତୁଷାରକାନ୍ତି ବେହେରା | ବିଜେଡି | ୪୫୬୯୧ |
| ୨୨. | ଆନନ୍ଦପୁର | ଭାଗୀରଥି ସେଠୀ | ବିଜେଡି | ୪୪୧୯୩ |
| ୧୨୬. | ଖଲ୍ଲିକୋଟ | ସୂର୍ଯ୍ୟମଣି ବୈଦ୍ୟ | ବିଜେଡି | ୪୧୫୪୫ |
| ୫୨. | ଯାଜପୁର | ପ୍ରଣବ ପ୍ରକାଶ ଦାଶ | ବିଜେଡି | ୪୦୬୫୬ |
| ୧୩୪. | ଦିଗପହଣ୍ଡି | ସୂର୍ଯ୍ୟନାରାୟଣ ପାତ୍ର | ବିଜେଡି | ୪୦୪୫୨ |
| ୧୦୨. | ତିର୍ତ୍ତୋଲ | ବିଷ୍ଣୁଚରଣ ଦାସ | ବିଜେଡି | ୪୦୩୮୬ |
| ୧୩୩. | ବ୍ରହ୍ମପୁର | ବିକ୍ରମ କୁମାର ପଣ୍ଡା | ବିଜେଡି | ୩୫୪୮୪ |
| ୩୫. | ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ବିଜେଡି | ୩୫୪୪୩ |
| ୧୨୧. | ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା | ବିଜେଡି | ୩୫୨୯୧ |
| ୪୪. | ଭଦ୍ରକ | ସଞ୍ଜୀବ କୁମାର ମଲ୍ଲିକ | ବିଜେଡି | ୩୩୩୮୯ |
| ୨୧. | ଘଷିପୁରା | ବଦ୍ରିନାରାୟଣ ପାତ୍ର | ବିଜେଡି | ୩୨୬୮୮ |
| ୯୪. | ସାଲେପୁର | ପ୍ରଶାନ୍ତ ବେହେରା | ବିଜେଡି | ୩୨୨୧୦ |
| ୧୦୬. | ନିମାପଡ଼ା | ସମୀର ରଞ୍ଜନ ଦାଶ | ବିଜେଡି | ୩୨୦୦୮ |
| ୪୭. | ଝରିଗାଁ | ପ୍ରକାଶ ଚନ୍ଦ୍ର ମାଝି | ବିଜେଡି | ୩୧୩୭୦ |
| ୫୩. | କୋରେଇ | ଅଶୋକ କୁମାର ବଳ | ବିଜେଡି | ୩୦୭୨୪ |
| ୯୫. | ମାହାଙ୍ଗା | ପ୍ରତାପ ଜେନା | ବିଜେଡି | ୨୯୫୮୫ |
| ୧୧୪. | ଏକାମ୍ର ଭୁବନେଶ୍ୱର | ଅଶୋକ ଚନ୍ଦ୍ର ପଣ୍ଡା | ବିଜେଡି | ୨୮୬୫୭ |
| ୭୮. | ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର | ବିଜେଡି | ୨୭୮୫୯ |
| ୯୨. | ନିଆଳି | ଡ.ପ୍ରମୋଦ କୁମାର ମଲ୍ଲିକ | ବିଜେଡି | ୨୭୭୦୩ |
| ୧୨୮. | ଆସ୍କା | ମଞ୍ଜୁଳା ସ୍ୱାଇଁ | ବିଜେଡି | ୨୭୨୩୩ |
| ୨୫. | ଚମ୍ପୁଆ | ମୀନାକ୍ଷୀ ମହାନ୍ତ | ବିଜେଡି | ୨୬୪୦୮ |
| ୯୩. | କଟକ ସଦର | ଚନ୍ଦ୍ରସାରଥି ବେହେରା | ବିଜେଡି | ୨୬୦୭୯ |
| ୬୫. | ସୋନପୁର | ନିରଞ୍ଜନ ପୂଜାରୀ | ବିଜେଡି | ୨୫୭୨୬ |
| ୧୪୬. | ମାଲକାନଗିରି | ଆଦିତ୍ୟ ମାଢୀ | ଭାଜପା | ୨୫୫୬୯ |
| ୧୧୩. | ଭୁବନେଶ୍ୱର ଉତ୍ତର | ସୁଶାନ୍ତ କୁମାର ରାଉତ | ବିଜେଡି | ୨୫୪୧୪ |
| ୮୪. | ଫୁଲବାଣୀ | ଅଙ୍ଗଦ କହଁର | ବିଜେଡି | ୨୪୪୧୬ |
| ୮୮. | ବାଙ୍କୀ | ଦେବୀ ରଞ୍ଜନ ତ୍ରିପାଠୀ | ବିଜେଡି | ୨୪୧୧୮ |
| ୬୦. | ତାଳଚେର | ବ୍ରଜକିଶୋର ପ୍ରଧାନ | ବିଜେଡି | ୨୪୧୦୨ |
| ୧୩୦. | ସାନଖେମୁଣ୍ଡି | ରମେଶ ଚନ୍ଦ୍ର ଜେନା | କଂଗ୍ରେସ | ୨୩୭୨୭ |
| ୫. | ଭଟ୍ଲି | ସୁଶାନ୍ତ ସିଂ | ବିଜେଡି | ୨୩୨୩୨ |
| ୪. | ଅତାବିରା | ସ୍ନେହାଙ୍ଗିନୀ ଛୁରିଆ | ବିଜେଡି | ୨୨୩୯୬ |
| ୯୧. | ଚୌଦ୍ୱାର-କଟକ | ସୌଭିକ୍ ବିଶ୍ୱାଳ | ବିଜେଡି | ୨୧୫୮୪ |
| ୪୮. | ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବିଜେଡି | ୨୧୨୨୬ |
| ୧୨୭. | ଛତ୍ରପୁର | ସୁବାସ ଚନ୍ଦ୍ର ବେହେରା | ବିଜେଡି | ୨୧୦୫୧ |
| ୧୦୧. | ପାରାଦୀପ | ସମ୍ବିତ୍ ରାଉତରାୟ | ବିଜେଡି | ୨୦୯୯୨ |
| ୫୫. | ଢେଙ୍କାନାଳ | ସୁଧୀର କୁମାର ସାମଲ | ବିଜେଡି | ୨୦୬୪୦ |
| ୧୩୫. | ଚିକିଟି | ଉଷା ଦେବୀ | ବିଜେଡି | ୨୦୬୩୫ |
| ୭୧. | ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ | ବିଜେଡି | ୨୦୩୩୦ |
| ୧୧୬. | ବେଗୁନିଆ | ରାଜେନ୍ଦ୍ର କୁମାର ସାହୁ | ବିଜେଡି | ୨୦୦୪୮ |
| ୬୯. | ଟିଟିଲାଗଡ଼ | ଟୁକୁନି ସାହୁ | ବିଜେଡି | ୧୯୫୮୭ |
| ୩୩. | ବାରିପଦା | ପ୍ରକାଶ ସୋରେନ୍ | ଭାଜପା | ୧୯୪୧୧ |
| ୫୬. | ହିନ୍ଦୋଳ | ସୀମାରାଣୀ ନାୟକ | ବିଜେଡି | ୧୮୯୦୫ |
| ୧୧୧. | ଜୟଦେବ | ଅରବିନ୍ଦ ଢାଲି | ବିଜେଡି | ୧୮୭୦୦ |
| ୯୯. | ରାଜନଗର | ଧ୍ରୁବଚରଣ ସାହୁ | ବିଜେଡି | ୧୮୪୦୮ |
| ୮୭. | ବଡମ୍ବା | ଦେବୀପ୍ରସାଦ ମିଶ୍ର | ବିଜେଡି | ୧୮୦୧୯ |
| ୧୦୯. | ସତ୍ୟବାଦୀ | ଉମାକାନ୍ତ ସାମନ୍ତରାୟ | ବିଜେଡି | ୧୭୮୧୨ |
| ୩୬. | ଭୋଗରାଇ | ଅନନ୍ତ ଦାସ | ବିଜେଡି | ୧୬୮୭୫ |
| ୫୪. | ସୁକିନ୍ଦା | ପ୍ରୀତିରଞ୍ଜନ ଘଡାଇ | ବିଜେଡି | ୧୬୭୩୦ |
| ୫୭. | କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ | ବିଜେଡି | ୧୬୫୦୯ |
| ୧୦. | ବୀରମିତ୍ରପୁର | ଶଙ୍କର ଓରାମ୍ | ଭାଜପା | ୧୬୩୫୧ |
| ୮. | ତଳସରା | ଭବାନୀ ଶଙ୍କର ଭୋଇ | ଭାଜପା | ୧୬୧୮୮ |
| ୭୯. | ଧର୍ମଗଡ | ମୌଷଧୀ ବାଗ୍ | ବିଜେଡି | ୧୬୦୯୮ |
| ୧୧୦. | ପିପିଲି | ପ୍ରଦୀପ ମହାରଥୀ | ବିଜେଡି | ୧୫୭୮୭ |
| ୧୦୦. | ମହାକାଳପଡା | ଅତନୁ ସବ୍ୟସାଚୀ ନାୟକ | ବିଜେଡି | ୧୫୬୬୩ |
| ୧୩୭. | ପାରଳାଖେମୁଣ୍ଡି | କେ.ନାରାୟଣ ରାଓ | ଭାଜପା | ୧୫୩୩୫ |
| ୪୨. | ସିମୁଳିଆ | ଜ୍ୟୋତିପ୍ରକାଶ ପାଣିଗ୍ରାହୀ | ବିଜେଡି | ୧୪୯୫୯ |
| ୧୨୨. | ନୟାଗଡ | ଅରୁଣ କୁମାର ସାହୁ | ବିଜେଡି | ୧୪୮୫୫ |
| ୧୮. | ରେଢାଖୋଲ | ରୋହିତ ପୂଜାରୀ | ବିଜେଡି | ୧୪୬୩୨ |
| ୭୭. | ଲାଞ୍ଜିଗଡ | ପ୍ରଦୀପ କୁମାର ଦିଶାରୀ | ବିଜେଡି | ୧୪୩୦୮ |
| ୧୨୯. | ସୋରଡ଼ା | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ବିଜେଡି | ୧୩୯୯୬ |
| ୬୬. | ଲୋଇସିଂହା | ମୁକେଶ ମହାଲିଙ୍ଗ | ଭାଜପା | ୧୩୬୬୮ |
| ୩୮. | ବାଲେଶ୍ୱର | ମଦନମୋହନ ଦତ୍ତ | ଭାଜପା | ୧୩୪୦୬ |
| ୧୩୯. | ବିଷମକଟକ | ଜଗନ୍ନାଥ ସାରକା | ବିଜେଡି | ୧୩୩୩୨ |
| ୬୪. | ବୀରମହାରାଜପୁର | ପଦ୍ମନାଭ ବେହେରା | ବିଜେଡି | ୧୩୦୫୭ |
| ୧୨୪. | ପୋଲସରା | ଶ୍ରୀକାନ୍ତ ସାହୁ | ବିଜେଡି | ୧୨୭୩୯ |
| ୧୪. | ବଣାଇ | ଲକ୍ଷ୍ମଣ ମୁଣ୍ଡା | ସିପିଏମ୍ | ୧୨୦୩୦ |
| ୩୭. | ବସ୍ତା | ନିତ୍ୟାନନ୍ଦ ସାହୁ | ବିଜେଡି | ୧୧୮୬୪ |
| ୨୯. | ବାଙ୍ଗିରିପୋଷି | ସୁଦାମ ମାଣ୍ଡି | ବିଜେଡି | ୧୧୮୪୪ |
| ୬. | ବ୍ରଜରାଜନଗର | କିଶୋର କୁମାର ମହାନ୍ତି | ବିଜେଡି | ୧୧୬୩୪ |
| ୧୧୨. | ଭୁବନେଶ୍ୱରମଧ୍ୟ | ଅନନ୍ତ ନାରାୟଣ ଜେନା | ବିଜେଡି | ୧୧୪୪୨ |
| ୮୩. | ଜି.ଉଦୟଗିରି | ସାଲୁଗା ପ୍ରଧାନ | ବିଜେଡି | ୧୧୨୬୧ |
| ୩୨. | ବଡ଼ସାହି | ସନାତନ ବିଜୁଳି | ଭାଜପା | ୧୧୧୧୯ |
| ୬୭. | ପାଟଣାଗଡ଼ | ସରୋଜ କୁମାର ବେହେରା | ବିଜେଡି | ୧୧୦୨୮ |
| ୧୧୮. | ଚିଲିକା | ପ୍ରଶାନ୍ତ କୁମାର ଜଗଦ୍ଦେବ | ବିଜେଡି | ୧୦୮୫୬ |
| ୧୨. | ରାଉରକେଲା | ସାରଦା ପ୍ରସାଦ ନାୟକ | ବିଜେଡି | ୧୦୪୬୦ |
| ୮୬. | ବୌଦ୍ଧ | ପ୍ରଦୀପ କୁମାର ଅମାତ | ବିଜେଡି | ୧୦୪୪୮ |
| ୧୧୭. | ଖୋର୍ଦ୍ଧା | ଜ୍ୟୋତିରିନ୍ଦ୍ରନାଥ ମିତ୍ର | ବିଜେଡି | ୧୦୦୪୩ |
| ୭୩. | ଉମରକୋଟ | ନିତ୍ୟାନନ୍ଦ ଗଣ୍ଡ | ଭାଜପା | ୯୯୨୨ |
| ୪୫. | ବାସୁଦେବ ପୁର | ବିଷ୍ଣୁବ୍ରତ ରାଉତରାୟ | ବିଜେଡି | ୯୫୮୧ |
| ୧୨୩. | ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ | ବିଜେଡି | ୯୧୦୩ |
| ୮୧. | ନର୍ଲା | ଭୂପିନ୍ଦର ସିଂ | ବିଜେଡି | ୯୦୨୦ |
| ୪୩. | ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ | ବିଜେଡି | ୮୮୫୯ |
| ୬୧. | ଅନୁଗୋଳ | ରଜନୀକାନ୍ତ ସିଂ | ବିଜେଡି | ୮୮୨୩ |
| ୩୦. | କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ୍ | ବିଜେଡି | ୮୭୬୩ |
| ୧୦୪. | ଜଗତ୍ସିଂହପୁର | ପ୍ରଶାନ୍ତ କୁମାର ମୁଦୁଲି | ବିଜେଡି | ୮୬୪୨ |
| ୨୬. | ଯଶିପୁର | ଗଣେଶ ରାମସିଂ ଖୁଣ୍ଟିଆ | ଭାଜପା | ୮୫୫୨ |
| ୩. | ବରଗଡ | ଦେବେଶ ଆଚାର୍ଯ୍ୟ | ବିଜେଡି | ୮୪୫୨ |
| ୪୭. | ଚାନ୍ଦବାଲି | ବ୍ୟୋମକେଶ ରାଏ | ବିଜେଡି | ୮୦୮୦ |
| ୨୩. | ପାଟଣା | ଜଗନ୍ନାଥ ନାଏକ | ବିଜେଡି | ୭୭୯୬ |
| ୧୧୫. | ଜଟଣୀ | ସୁରେଶ କୁମାର ରାଉତରାୟ | କଂଗ୍ରେସ | ୭୫୨୨ |
| ୯. | ସୁନ୍ଦରଗଡ | କୁସୁମ ଟେଟେ | ଭାଜପା | ୭୩୬୪ |
| ୭୬. | ଡାବୁଗାଁ | ମନୋହର ରନ୍ଧାରୀ | ବିଜେଡି | ୭୩୬୩ |
| ୧୯. | ଦେବଗଡ଼ | ସୁବାସ ଚନ୍ଦ୍ର ପାଣିଗ୍ରାହୀ | ଭାଜପା | ୭୧୦୬ |
| ୮୨. | ବାଲିଗୁଡ଼ା | ଚକ୍ରମଣି କହଁର | ବିଜେଡି | ୬୯୧୦ |
| ୭୫. | ନବରଙ୍ଗପୁର | ସଦାଶିବ ପ୍ରଧାନୀ | ବିଜେଡି | ୬୮୭୮ |
| ୨୭. | ସାରସକଣା | ଡ.ବୁଧାନ ମୁର୍ମୁ | ଭାଜପା | ୬୮୧୩ |
| ୬୨. | ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା | ବିଜେଡି | ୬୭୯୪ |
| ୧୬. | ରେଙ୍ଗାଲି | ନାଉରି ନାୟକ | ଭାଜପା | ୬୭୪୩ |
| ୩୪. | ମୋରଡା | ରାଜକିଶୋର ଦାସ | ବିଜେଡି | ୬୭୦୪ |
| ୯୭. | କେନ୍ଦ୍ରାପଡା | ଶଶିଭୂଷଣ ବେହେରା | ବିଜେଡି | ୬୩୨୦ |
| ୧୪୪. | କୋରାପୁଟ | ରଘୁରାମ ପଡାଲ | ବିଜେଡି | ୬୨୮୫ |
| ୧୩୮. | ଗୁଣ୍ଡୁପୁର | ରଘୁନାଥ ଗମାଙ୍ଗ | ବିଜେଡି | ୬୨୭୦ |
| ୫୯. | ପାଲଲହଡା | ମୁକେଶ କୁମାର ପାଲ | ବିଜେଡି | ୬୨୧୪ |
| ୨୦. | ତେଲକୋଇ | ପ୍ରେମାନନ୍ଦ ନାୟକ | ବିଜେଡି | ୫୯୨୦ |
| ୧. | ପଦମ୍ପୁର | ବିଜୟ ରଞ୍ଜନ ସିଂ ବରିହା | ବିଜେଡି | ୫୭୩୪ |
| ୧୪୩. | ଜୟପୁର | ତାରାପ୍ରସାଦ ବାହିନୀପତି | କଂଗ୍ରେସ | ୫୪୫୧ |
| ୬୮. | ବଲାଙ୍ଗୀର | ନରସିଂହ ମିଶ୍ର | କଂଗ୍ରେସ | ୫୩୪୧ |
| ୪୧. | ସୋର | ପର୍ଶୁରାମ ଧଡା | ବିଜେଡି | ୪୯୩୬ |
| ୧୪୦. | ରାୟଗଡା | ମକରନ୍ଦ ମୁଦୁଲି | ସ୍ୱାଧୀନ | ୪୮୭୦ |
| ୮୦. | ଭବାନୀପାଟଣା | ପ୍ରଦୀପ୍ତ କୁମାର ନାୟକ | ଭାଜପା | ୪୬୮୪ |
| ୧୧. | ରଘୁନାଥପାଲି | ସୁବ୍ରତ ତରାଇ | ବିଜେଡି | ୪୬୮୪ |
| ୪୬. | ଧାମନଗର | ବିଷ୍ଣୁ ଚରଣ ସେଠୀ | ଭାଜପା | ୪୬୨୫ |
| ୧୭. | ସମ୍ବଲପୁର | ଜୟନାରାୟଣ ମିଶ୍ର | ଭାଜପା | ୪୩୮୦ |
| ୧୪୫. | ପଟ୍ଟାଙ୍ଗୀ | ପ୍ରିତମ ପାଢୀ | ବିଜେଡି | ୪୨୫୫ |
| ୧୧୯. | ରଣପୁର | ସତ୍ୟନାରାୟଣ ପ୍ରଧାନ | ବିଜେଡି | ୪୨୫୧ |
| ୩୯. | ରେମୁଣା | ସୁଧାଂଶୁ ଶେଖର ପରିଡା | ବିଜେଡି | ୪୧୧୮ |
| ୪୯. | ବରୀ | ସୁନନ୍ଦା ଦାସ | ବିଜେଡି | ୪୦୬୨ |
| ୧୦୭. | ପୁରୀ | ଜୟନ୍ତ କୁମାର ଷଡଙ୍ଗୀ | ଭାଜପା | ୪୦୦୮ |
| ୯୦. | ବାରବାଟୀ-କଟକ | ମହମ୍ମଦ ମୋକିମ୍ | କଂଗ୍ରେସ | ୩୮୨୭ |
| ୮୫. | କନ୍ଧମାଳ | ମହିଧର ରଣା | ବିଜେଡି | ୩୬୫୦ |
| ୧୫. | କୁଚିଣ୍ଡା | କିଶୋର ଚନ୍ଦ୍ର ନାୟକ | ବିଜେଡି | ୩୫୦୮ |
| ୭୨. | ଖରିଆର | ଅଧିରାଜମୋହନ ପାଣିଗ୍ରାହୀ | କଂଗ୍ରେସ | ୨୮୫୭ |
| ୨୮. | ରାଇରଙ୍ଗପୁର | ନବଚରଣ ମାଝି | ଭାଜପା | ୨୮୪୭ |
| ୧୩୨. | ଗୋପାଳପୁର | ପ୍ରଦୀପ କୁମାର ପାଣିଗ୍ରାହୀ | ବିଜେଡି | ୨୬୭୩ |
| ୧୪୨. | କୋଟପାଡ଼ | ପଦ୍ମିନୀ ଦିଆନ | ବିଜେଡି | ୨୬୩୧ |
| ୧୪୭. | ଚିତ୍ରକୋଣ୍ଡା | ପୂର୍ଣ୍ଣଚନ୍ଦ୍ର ବକା | ବିଜେଡି | ୨୫୪୫ |
| ୧୩୬. | ମୋହନା | ଦାଶରଥୀ ଗମାଙ୍ଗ | କଂଗ୍ରେସ | ୨୩୫୪ |
| ୧୦୮. | ବ୍ରହ୍ମଗିରି | ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର | ଭାଜପା | ୨୧୩୦ |
| ୪୦. | ନୀଳଗିରି | ସୁକାନ୍ତ କୁମାର ନାୟକ | ଭାଜପା | ୧୫୭୭ |
| ୫୦. | ବଡଚଣା | ଅମର ପ୍ରସାଦ ଶତପଥୀ | ବିଜେଡି | ୧୪୮୫ |
| ୩୧. | ଉଦଳା | ଭାସ୍କର ମଢେଇ | ଭାଜପା | ୧୪୩୩ |
| ୨୪. | କେନ୍ଦୁଝର | ମୋହନଚରଣ ମାଝୀ | ଭାଜପା | ୧୧୨୪ |
| ୧୩. | ରାଜଗାଙ୍ଗପୁର | ସି.ଏସ୍. ରାଜେନ ଏକ୍କା | କଂଗ୍ରେସ | ୯୪୬ |
| ୫୮. | ପରଜଙ୍ଗ | ନୃସିଂହ ଚରଣ ସାହୁ | ବିଜେଡି | ୭୪୦ |
| ୧୪୧. | ଲକ୍ଷ୍ମୀପୁର | ପ୍ରଭୁ ଜାନି | ବିଜେଡି | ୨୨୯ |
| ୭୦. | କଣ୍ଟାବାଞ୍ଜି | ସନ୍ତୋଷ ସିଂ ସାଲୁଜା | କଂଗ୍ରେସ | ୧୨୮ |

# ବିରୋଧୀ ଦଳ ନେତା ପଦକୁ ନେଇ ଚର୍ଚ୍ଚା

- ପଦ ପାଇଁ ଭାଜପାରେ ବଢ଼ୁଛି ଲବି, ଦାବି
- ଗୁରୁବାର କଂଗ୍ରେସର ବିଧାୟକ ଦଳ ନେତା ଚୟନ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ନିର୍ବାଚନ ପରେ ରାଜ୍ୟରେ ସରକାର ଗଠନ କରିବାକୁ ଯାଉଥିବା ବିଜେଡି ବିଧାୟକ ଦଳ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ନବୀନ ପଟ୍ଟନାୟକ ବିଧାୟକ ଦଳ ନେତାଭାବେ ଦାୟିତ୍ୱ ନେଇଛନ୍ତି। ସେହିପରି ଚଳିତ ନିର୍ବାଚନରେ ଭାଜପା ଦ୍ୱିତୀୟ ସ୍ଥାନ ପାଇ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇବ। ତେଣୁ ଭାଜପାର ବିଧାୟକ ଦଳ ବୈଠକ ମଧ୍ୟ ଏହା ଭିତରେ ହୋଇଯିବ ବୋଲି ଶୁଣିବାକୁ ମିଳୁଛି। ଦଳ ପକ୍ଷରୁ କାହାକୁ ବିରୋଧୀ ଦଳ ନେତା କରାଯିବ ସେନେଇ ମଧ୍ୟ ଭାଜପା ନେତାଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିବା ୧୦ ବିଧାୟକଙ୍କ ମଧ୍ୟରୁ କେହି ଜଣେ ହେଲେ ଏଥର ନିର୍ବାଚିତ ହୋଇନାହାନ୍ତି। ହେଲେ କେତେଜଣ ଅଭିଜ୍ଞ ନେତା ଏଥର ବିଧାନସଭା ପାଇଁ ନିର୍ବାଚିତ ହୋଇଛନ୍ତି। କିଏ ଏହିପଦ ପାଇଲେ କାହାକୁ କେମିତି ସୁହାଇବ ସେଥିନେଇ ଭିତରେ ଭିତରେ ଲବି, ଦାବି ଆରମ୍ଭ ହୋଇଥିବା ସୂଚନା ମିଳୁଛି। ଆସନ୍ତା ୩୦ରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ତେଣୁ ବିଧାୟକ ଦଳ ବୈଠକ ଆସନ୍ତା ୧ କିମ୍ବା ୨ ତାରିଖରେ ବସିବାର ସମ୍ଭାବନା ରହିଛି। ତେବେ ଭାଜପାର ବିଧାୟକ ଦଳ ନେତା ବଛାଯିବା ପୂର୍ବରୁ ଜଣେ କେନ୍ଦ୍ରୀୟ ନେତାଙ୍କୁ ଓଡ଼ିଶା ଦାୟିତ୍ୱ ମିଳିଥାଏ। କେଉଁ କେନ୍ଦ୍ରୀୟ ନେତା ରାଜ୍ୟରେ ବିଧାୟକ ଦଳ ବୈଠକରେ ଯୋଗଦେବା ପାଇଁ ଦାୟିତ୍ୱ ପାଇବେ ସେକଥା ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଳନ ଦିନ ଜଣାପଡିବ ବୋଲି ବିଜୟୀ ହୋଇଥିବା କେତେଜଣ ବିଧାୟକ ମତ ରଖିଛନ୍ତି। ଯେଉଁ କେନ୍ଦ୍ରୀୟ ନେତାଙ୍କୁ ଦାୟିତ୍ୱ ମିଳିବ ସେ ବିଧାୟକମାନଙ୍କ ସହ ଆଲୋଚନା କରି ସର୍ବସମ୍ମତିକ୍ରମେ ବିରୋଧୀ ଦଳ ନେତା ଚୟନ କରି ବୈଠକ ଶେଷରେ ଏକ ପ୍ରସ୍ତାବ ପାରିତ କରିବେ। ସୂଚନାଯୋଗ୍ୟ ଯେ, ଗତଥର ନିର୍ବାଚନ ପରେ ଭାଜପା ରାଜ୍ୟ ବିଧାୟକ ଦଳ ନେତା ବଛାଯିବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜଭଡେକରଙ୍କୁ ଓଡିଶା ଦାୟିତ୍ୱ ମିଳିଥିଲା ବୋଲି ଦଳର ଜଣେ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ଏଥର କାହାକୁ ଦାୟିତ୍ୱ ମିଳିବ ତାହା ମଧ୍ୟ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକ ମଧ୍ୟ ଆସନ୍ତା ଗୁରୁବାର ଅନୁଷ୍ଠିତ ହେବ ବୋଲି ପିସିସି ପକ୍ଷରୁ ସୂଚନା ମିଳିଛି। ସେହିଦିନ କଂଗ୍ରେସ ବିଧାୟକ ଦଳ ନେତା ମଧ୍ୟ ଚୟନ କରାଯିବ ବୋଲି ଜଣାପଡିଛି।

# ମନ୍ତ୍ରିମଣ୍ଡଳ ସହ ବିଜେଡିକୁ ଘାରିଛି ସଙ୍ଗଠନ ଚିନ୍ତା

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପଞ୍ଚମ ଥର ସରକାର ଗଢ଼ିବାକୁ ଯାଉଛି। ରାତି ପାହିଲେ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ। ମନ୍ତ୍ରିମଣ୍ଡଳରେ କାହାକୁ ସ୍ଥାନ ଦେବେ ଅଥବା ନ ଦେବେ, ସେ ଚିନ୍ତା ବିଜେଡି ସଭାପତିଙ୍କୁ ଘାରିଛି। ଅନୁରୂପ ଭାବେ ଆଗାମୀ ଦିନରେ ରାଜନୈତିକ ଚ୍ୟାଲେଞ୍ଜ ପାଇଁ କାହାକୁ ସଙ୍ଗଠନ ଦାୟିତ୍ୱ ପ୍ରଦାନ କରିବେ, ତାହା ମଧ୍ୟ ଚିନ୍ତାର କାରଣ ହୋଇଛି। ୨୦୧୭ରେ ସାଙ୍ଗଠନିକ ବ୍ୟାପାରକୁ ସୁଦୃଢ଼ କରିବା ପାଇଁ କେତେକ ମନ୍ତ୍ରୀଙ୍କୁ ଅପସାରଣ କରାଯାଇଥିଲା। ଅନୁରୂପଭାବେ କେତେକ ବରିଷ୍ଠଙ୍କୁ ମନ୍ତ୍ରୀପଦ ଦେଇ ସମ୍ମାନିତ କରାଯାଇଥିଲା। ହେଲେ ଦଳ ସେମାନଙ୍କଠାରୁ କରିଥିବା ଆଶା ଲୋକ ସଭା ଫଳାଫଳରେ ଦେଖିବାକୁ ମିଳିନାହିଁ। ତେଣୁ ସଙ୍ଗଠନ ଏବଂ ମନ୍ତ୍ରିମଣ୍ଡଳରେ କିପରି ସମନ୍ୱୟ ଅଣାଯିବ, ତାହା ବିଜେଡି ଶୀର୍ଷ ନେତୃତ୍ୱର ଚିନ୍ତାର କାରଣ ହୋଇଛି।

କୋରାପୁଟ ଓ ମାଲକାନଗିରି ଜିଲାର ଦାୟିତ୍ୱ ପ୍ରଣବ ପ୍ରକାଶ ଦାସଙ୍କୁ ପ୍ରଦାନ କରାଯାଇଥିଲା। ନିକଟରେ ସମାପ୍ତ ହୋଇଥିବା ନିର୍ବାଚନରେ ୨୦୧୪ରେ ଦଳ ପାଖରେ ଥିବା କୋରାପୁଟ ଲୋକ ସଭା ଆସନ ହାତଛଡ଼ା ହୋଇଛି। ଅନେକ ଦୃଷ୍ଟିରୁ ଗୁରୁତ୍ୱବହନ କରୁଥିବା ଜୟପୁର ଭଳି କେତେକ ଆସନ ବିଜେଡି ହାତେଇ ପାରିନାହିଁ। ତେଣୁ ମନ୍ତ୍ରିମଣ୍ଡଳ ଚୟନରେ ପ୍ରଣବଙ୍କ ପର୍ଯ୍ୟବେକ୍ଷକ ଭାବେ ପ୍ରଦର୍ଶନକୁ ମଧ୍ୟ ବିଚାର କରାଯାଇପାରେ। ସେହିପରି ମୟୂରଭଞ୍ଜ ଜିଲା ଦାୟିତ୍ୱ ଅରୁଣ ସାହୁଙ୍କ ମୁଣ୍ଡରେ ନ୍ୟସ୍ତ ଥିଲା। ବିଜାତଳା ଉପନିର୍ବାଚନ ଫଳାଫଳ ବିଜେଡି ସପକ୍ଷରେ ଯାଇଥିଲା। ହେଲେ ଅସଲ ପରୀକ୍ଷା ଲୋକ ସଭାରେ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡିଛି। ମୟୂରଭଞ୍ଜରେ ପଞ୍ଚାୟତ ନିର୍ବାଚନ ସ୍ଥିତି ସୁଧୁରିଥିଲେ ବି ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିବା ନେତୃତ୍ୱ ଅନୁଭବ କରୁଛି। ସେହିପରି ଗଜପତି ଜିଲା ଦାୟିତ୍ୱରେ ଥିବା ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରଦର୍ଶନକୁ ନେଇ ନେତୃତ୍ୱ ଖପ୍ପା ଥିବା ଜଣାପଡିଛି। ଜିଲାର କୌଣସି ଗୋଟିଏ ହେଲେ ବିଧାନସଭା ଆସନରେ ବିଜେଡି ଜିତି ନାହିଁ। ସୂର୍ଯ୍ୟନାରାୟଣ ପାତ୍ର ବଲାଙ୍ଗୀର ଜିଲା ଦାୟିତ୍ୱରେ ଥାଇ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି। ବଲାଙ୍ଗୀର ରାଜପରିବାର-ଅଣ ରାଜପରିବାର ନେତୃବର୍ଗଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଥିଲା, ଯାହାଦ୍ୱାରା ଲୋକ ସଭା ସମେତ ବଲାଙ୍ଗୀର, ଲୋଇସିଂହା ଏବଂ କଣ୍ଟାବାଞ୍ଜି ବିଧାନସଭା ସିଟ୍ ବିଜେଡି ହାତରୁ ଚାଲିଯାଇଛି। ତେଣୁ ସୂର୍ଯ୍ୟଙ୍କୁ ପୁନର୍ବାର ମନ୍ତ୍ରୀ କରିବା ପୂର୍ବରୁ ଏ କଥା ବିଚାର କରାଯାଉଛି ନା ନାହିଁ, ତାହା ଦେଖିବାକୁ ବାକି ରହିଲା। ବାଲେଶ୍ୱର ଦାୟିତ୍ୱ ଅତନୁ ସବ୍ୟସାଚୀଙ୍କୁ ପ୍ରଦାନ କରାଯାଇଥିଲା। ହେଲେ କେତେକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅତନୁ ପୂର୍ଣ୍ଣରୂପେ ଜିଲା ସଭାପତି ରବୀନ୍ଦ୍ର ଜେନାଙ୍କ ଉପରେ ନିର୍ଭରଶୀଳ ହୋଇ ପଡିଥିଲେ। ଏକାଧିକ ବିଧାନସଭା ସହ ବାଲେଶ୍ୱର ଲୋକ ସଭା ଏବେ ଭାଜପା ଖାତାକୁ ଚାଲିଯାଇଛି। ବହୁଚର୍ଚ୍ଚିତ ବରଗଡ଼ ଜିଲା ଦାୟିତ୍ୱରେ ଥିବା ପ୍ରଫୁଲ୍ଲ ମଲ୍ଲିକଙ୍କ ପ୍ରଦର୍ଶନକୁ ମଧ୍ୟ ଅନୁଧ୍ୟାନ କରାଯିବ। ସେ ଦାୟିତ୍ୱରେ ଥିବା ଅଞ୍ଚଳର ସବୁ ବିଧାନସଭା ଆସନରେ ବିଜେଡି ଜିତିଥିବା ବେଳେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଲୋକ ସଭା ଆସନରେ ହାରିଛନ୍ତି। ସଞ୍ଜୟ ଦାସବର୍ମା ରାୟଗଡା ଓ ନବରଙ୍ଗପୁର ଦାୟିତ୍ୱରେ ରହିଥିଲେ। ନବରଙ୍ଗପୁର ଲୋକ ସଭାରେ ପୂର୍ବାପେକ୍ଷା ବିଜେଡି ସାମାନ୍ୟ ଭଲ ପ୍ରଦର୍ଶନ କରିଛି। ହେଲେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କୁ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ବିଧାନସଭାରେ ପରାସ୍ତ କରିଛନ୍ତି। ସଞ୍ଜୟ ନିର୍ବାଚନ ହାରିଯାଇଥିବାରୁ ତାଙ୍କୁ ବର୍ତ୍ତମାନ ମନ୍ତ୍ରୀ ପଦ ମିଳିବାର ନାହିଁ। ହେଲେ ତାଙ୍କୁ ଭବିଷ୍ୟତରେ ସଙ୍ଗଠନ ଦାୟିତ୍ୱ ମିଳୁଛି କି ନାହିଁ, ତା' ଉପରେ ରାଜନୈତିକ ସମୀକ୍ଷକଙ୍କ ନଜର ରହିଛି। କଳାହାଣ୍ଡି ଏବଂ ନୂଆପଡା ଦାୟିତ୍ୱରେ ଥିବା ନିରଞ୍ଜନ ପୂଜାରୀଙ୍କ ପ୍ରଦର୍ଶନ ମଧ୍ୟ ଉତ୍ସାହଜନକ ନୁହେଁ। କଳାହାଣ୍ଡି ଲୋକ ସଭା ଏବଂ ଏହା ଅଧୀନ ବହୁ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ବିରୋଧୀଙ୍କ ହାତକୁ ଚାଲିଯାଇଛି। ସୁନ୍ଦରଗଡ଼ ବିଜେଡି ଦାୟିତ୍ୱରେ ଥିବା ପ୍ରଶାନ୍ତ ନନ୍ଦଙ୍କ ପୁତ୍ର ରିଷବ ନନ୍ଦ ଭାଜପା ପ୍ରାର୍ଥୀ ଭାବେ ବେଗୁନିଆ ଆସନରୁ ଲଢ଼ିଥିଲେ। ସୁନ୍ଦରଗଡ ଲୋକ ସଭାରେ ବିଜେଡି ପୂର୍ବାପେକ୍ଷା ଖରାପ ପ୍ରଦର୍ଶନ କରିବା ସହ ଏହା ଅଧୀନ ୫ ବିଧାନସଭା ବିରୋଧୀଙ୍କ ହାତକୁ ଯାଇଛି। ତେଣୁ ରାଜ୍ୟ ସଭା ଏମ୍‌ପି ଥିବା ପ୍ରଶାନ୍ତଙ୍କୁ ଭବିଷ୍ୟତରେ ସାଙ୍ଗଠନିକ ଦାୟିତ୍ୱରେ ରଖାଯାଉଛି ନା ଅପସାରଣ କରାଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଭାଜପା ୨୦୧୯ ନିର୍ବାଚନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହୋଇଛି। ସର୍ବଭାରତୀୟସ୍ତରରେ ସହରାଞ୍ଚଳରେ ଭାଜପାର ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ତେଣୁ କିଛିମାସ ପରେ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନକୁ ଆଖି ଆଗରେ ରଖି ସରକାର ଓ ସଙ୍ଗଠନ କିଭଳି ପ୍ରସ୍ତୁତ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ୧୮ ପ୍ରତିଶତରେ ଥିବା ଭାଜପା ୩୮ ପ୍ରତିଶତକୁ ପହଞ୍ଚିବା ବିଜେଡି ନେତୃତ୍ୱକୁ ଚିନ୍ତାରେ ପକାଇଥିବା ଏକାଧିକ ନିର୍ବାଚିତ ବିଧାୟକ, ଏମ୍‌ପି ନିଜ ନାମକୁ ଗୋପନ ରଖି ମତ ଦେଇଛନ୍ତି।

# କମ୍ୟୁନିଟି ସର୍ଭିସ ଅଫିସର ଗିରଫ

ଛତ୍ରପୁର,୨୭।୫(ଡି.ଏନ.ଏ.)

ଋଣଗ୍ରହୀତାଙ୍କଠାରୁ ଆଦାୟ କରିଥିବା ଟଙ୍କା ଜମା ନ କରି ଏକ ଘରୋଇ କମ୍ପାନୀ କମ୍ୟୁନିଟି ସର୍ଭିସ ଅଫିସର ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ କମ୍ପାନୀ କମ୍ୟୁନିଟି ସର୍ଭିସ ଅଫିସର ଚନ୍ଦ୍ରଶେଖର ସାହୁଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି। ଏହାପରେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ଗିରଫ ଚନ୍ଦ୍ରଶେଖରଙ୍କ ଘର ପୁରୀ ଅଞ୍ଚଳରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଛତ୍ରପୁରରେ ଥିବା ସାଟିନ୍ କ୍ରେଡିଟ୍ କେୟାର ନେଟୱର୍କ ଲିମିଟେଡ୍ ସଂସ୍ଥା ପକ୍ଷରୁ ୨୬ ଜଣଙ୍କୁ ଋଣ ଦିଆଯାଇଥିଲା। ଋଣ ଟଙ୍କା ଆଦାୟ ନିମିତ୍ତ ଗ୍ରହୀତାମାନଙ୍କ ଘରକୁ ଯାଇ କମ୍ୟୁନିଟି ସର୍ଭିସ ଅଫିସର ସାହୁଙ୍କୁ ସଂସ୍ଥା ପକ୍ଷରୁ ଏହାର ଦାୟିତ୍ୱ ଦିଆଯାଇଥିଲା। ସାହୁ ଘରକୁ ଘର ଯାଇ ୨୬ ଜଣ ଗ୍ରହୀତାଙ୍କଠାରୁ ୯୧ ହଜାର ଟଙ୍କା ଆଦାୟ କରିଥିଲେ। ମାତ୍ର ଉକ୍ତ ଟଙ୍କାକୁ ସେ ସଂସ୍ଥା କାର୍ଯ୍ୟାଳୟରେ ଜମା କରି ନ ଥିଲେ। ପରେ ଗ୍ରହୀତାଙ୍କଠାରୁ ଏ ସମ୍ପର୍କରେ ଜଣାପଡିବା ପରେ ସଂସ୍ଥା ଶାଖା ପରିଚାଳକ ସ୍ମୃତି ରଞ୍ଜନ ମିଶ୍ରଙ୍କ ପକ୍ଷରୁ ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ଉକ୍ତ ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# 'ଘୃଣା ସ୍ୱଭାବ ରଖିଲେ ଶୋଚନୀୟ ଜୀବନ ଜିଇବାକୁ ପଡ଼େ'



ଭିଏସ୍‌ଏସ୍‌ନଗର ସ୍ଥିତ କ୍ରିୟାଯୋଗ ଆଶ୍ରମରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପାକିସ୍ତାନର ହିନ୍ଦୁ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶାର ଧାର୍ମିକସ୍ଥଳ ପରିଦର୍ଶନରେ ଆସିଥିବା ପାକିସ୍ତାନର ୮୩ଜଣ ହିନ୍ଦୁ ପ୍ରତିନିଧିଙ୍କୁ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଏବଂ ଓଁକାର ନାଥ ମିଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭିଏସ୍‌ଏସ୍‌ନଗର ସ୍ଥିତ କ୍ରିୟାଯୋଗ ଆଶ୍ରମରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଓଁକାର ନାଥ ମିଶନର ମୁଖ୍ୟ ଗୁରୁ କିଙ୍କର ବିଠଲ ମହାରାଜ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ଧରିତ୍ରୀ' ତଥା 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପାକିସ୍ତାନର କରାଚୀ, ଇସ୍‌ଲାମାବାଦ ଓ ଲାହୋର ସହରକୁ ବୁଲିବାକୁ ଯାଇଥିବାବେଳେ ନିଜର ସ୍ମୃତି ଓ ଅନୁଭୂତି ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ପାକିସ୍ତାନର ଅଟୋ ଡ୍ରାଇଭର, ଦୋକାନୀ ଓ ରେଷ୍ଟୁରାଣ୍ଟରେ କାମ କରୁଥିବା ୱେଟର ଯେତେବେଳେ ଜାଣିବାକୁ ପାଆନ୍ତି ଯେ କେହି ହିନ୍ଦୁସ୍ଥାନରୁ ଆସିଛି, ତାହେଲେ ସେମାନଙ୍କ ବ୍ୟବହାର ବଦଳିଯାଏ। ସେମାନଙ୍କ ଆତିଥ୍ୟ, ଭଲପାଇବା, କୃତଜ୍ଞତା ଓ ସ୍ନେହ ସ୍ପଷ୍ଟ ଭାବେ ଜଣାପଡ଼େ। କିନ୍ତୁ ତାହା ତୁଳନାରେ ପାକିସ୍ତାନ ପ୍ରତି ଭାରତୀୟଙ୍କ ମନରେ ସେତିକି ଭଲପାଇବା ଓ ସ୍ନେହ ନାହିଁ। ଏମିତି କି ଓଡ଼ିଶାରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ମାନଚିତ୍ରରେ ପାକିସ୍ତାନ କେଉଁଠି କହିପାରିବେ ନାହିଁ, କିନ୍ତୁ ସେମାନେ ପାକିସ୍ତାନୀଙ୍କୁ ଘୃଣା କରନ୍ତି। ହିନ୍ଦୁ, ଇସଲାମ୍ ଓ ଖ୍ରୀଷ୍ଟିଆନ ଆଦି କୌଣସି ଧର୍ମ ଭଲ କିମ୍ବା ଖରାପ ମଣିଷ ତିଆରି କରେନି। ମଣିଷ କେବଳ ଅନ୍ୟ ଜଣେ ମଣିଷକୁ ଭଲପାଇବା ଓ ସ୍ନେହ ଦେବା ଦରକାର, ଘୃଣା ନୁହେଁ। ଯଦି ଜଣେ ମଣିଷ ଘୃଣାର ସ୍ୱଭାବ ରଖୁଛି, ତାହେଲେ ସେ ଶୋଚନୀୟ ଜୀବନଯାପନ କରିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର, ମୁମ୍ବାଇର ପୂର୍ବତନ ପୋଲିସ୍ ପ୍ରଶାସକ ଅରୂପ ପଟ୍ଟନାୟକ ଓ ସ୍ୱାମୀ ଶଙ୍କରାନନ୍ଦ ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା, ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ, ସାମାଜିକ କର୍ମୀ ସୁବାସ ଚୌହାନ, ଡ. ବିନାୟକ ରଥ, ବିଭୂତି ଭୂଷଣ କର, ପରେଶ ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଜାତୀୟ ସଂହତି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, ମୁମ୍ବାଇର ପୂର୍ବତନ ପୋଲିସ୍ କମିଶନର ଅରୂପ ପଟ୍ଟନାୟକ, ବିଶିଷ୍ଟ ଜ୍ୟୋତିର୍ବିଦ୍ ସୁଧାଂଶୁ ଦେଓ, ଲାଇନ୍ସ କ୍ଲବ୍‌ର ସମ୍ପାଦିକା ନମିତା ପଣ୍ଡା, ଆଇନଜୀବୀ ପ୍ରଶାନ୍ତ ସାହୁ, ସାମ୍ବାଦିକ ରାଜେନ ଚୌଧୁରୀ ଏବଂ ଜାଭିୟର ଗ୍ରୁପ୍‌ର ଟ୍ରଷ୍ଟି କୁଳଦୀପ ରଥ। ପ୍ରତିନିଧି ମଣ୍ଡଳର ମୁଖ୍ୟ ରମେଶ ଦାସ ପାକିସ୍ତାନରେ ଥିବା ହିନ୍ଦୁମାନଙ୍କର ଅବସ୍ଥା ଓ ଧର୍ମରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପାଠ କରିଥିଲେ। ଡ. ବଦ୍ରିନାଥ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷ ବିଭୂତି ଭୂଷଣ କର ଧନ୍ୟବାଦ ଅର୍ପଣ କରିଥିଲେ। କୁମୁଦିନୀ ପଣ୍ଡା, ଜୟପ୍ରକାଶ ମିଶ୍ର, ଇନ୍ଦିରା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।


ପାକିସ୍ତାନରୁ ଆସିଥିବା ୮୩ ଜଣ ହିନ୍ଦୁ ପ୍ରତିନିଧ ଓ ଅନ୍ୟମାନେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଷ୍ଟେନବଲ ଫାଉଣ୍ଡେଶନ ପକ୍ଷରୁ ଗୋଲ ଟେବୁଲ ବୈଠକ, ମାରିଅନ ହୋଟେଲ, ପୂର୍ବାହ୍ନ ୧୦ଟା ୩୦।
- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଶ୍ରୀଜଗନ୍ନାଥ ମହୋତ୍ସବ, କେ.ଏମ.ମୁନ୍ସୀ ସଭାଗୃହ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।
- ନୃତ୍ୟ ଏକାଡେମୀ ଦେବଦାସୀର ୧୫ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନାଟ୍ୟ ଅନୁଷ୍ଠାନ ଦି ଏକ୍ସପେରିମେଣ୍ଟ କମ୍ପାନୀର ବାର୍ଷିକ ଉତ୍ସବ, ଦୁର୍ଗା ମଣ୍ଡପ ପଡିଆ, ତାରିଣୀ ମନ୍ଦିର ପଛପଟ, ଶୈଳଶ୍ରୀ ବିହାର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- କାଇପଦର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମାରୋହ, କାଇପଦର, ରାତ୍ର ୭ଟା।

**ବାଲିଅନ୍ତା**

- ଚନ୍ଦନ ଯାତ୍ରା ଉପଲକ୍ଷେ ମାଗଣା ଯାତ୍ରା ପରିବେଷଣ, ହରିଦାସପୁର ସପ୍ତେଶ୍ୱର ମନ୍ଦିର ନିକଟ, ରାତି ୧୧ଟା।

# ରେଭେନ୍‌ଶା ହେବ ସର୍ବବୃହତ୍ ସ୍ପୋର୍ଟସ ହବ୍

**କଟକ ଅଫିସ, ୨୭।୫**



**ରାଜ୍ୟରେ ପ୍ରଥମ**

- ନିର୍ମାଣ ହେବ ହକି କୋର୍ଟ, ସୁଇମିଂ ପୁଲ୍, ଆଥ୍‌ଲେଟିକ ଟ୍ରାକ
- ଦ୍ୱିତୀୟ କ୍ୟାମ୍ପସରେ ନିର୍ମାଣ ପାଇଁ ଯୋଜନା

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହେବ ସର୍ବବୃହତ୍ ସ୍ପୋର୍ଟସ ହବ୍। ଏଠାରେ ଉପଲବ୍ଧ ରହିବ ଅନେକ କ୍ରୀଡ଼ାର ଅତ୍ୟାଧୁନିକ ଭିତ୍ତିଭୂମି। ପୂର୍ବରୁ ଏଠାରେ ଅନେକ କ୍ରୀଡ଼ାର ଭିତ୍ତିଭୂମି ଉପଲବ୍ଧ ଥିବାବେଳେ ଆଗାମୀ ଦିନରେ ଏଥିରେ ଯୋଡ଼ି ହେବ ହକି କୋର୍ଟ, ସୁଇମିଂ ପୁଲ୍ ଓ ଆଥ୍‌ଲେଟିକ ଟ୍ରାକ। ରାଜ୍ୟରେ କୌଣସି ସରକାରୀ ବିଶ୍ୱବିଦ୍ୟାଳୟରେ ଏଭଳି କ୍ରୀଡ଼ାର ଭିତ୍ତିଭୂମି ଉପଲବ୍ଧ ନାହିଁ।

ନରାଜସ୍ଥିତ ବ୍ରଜବିହାରୀପୁର ଠାରେ ନିର୍ମାଣ ଚାଲିଛି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ। ଏହାର ନାମ ମହାନଦୀ କ୍ୟାମ୍ପସ ଭାବେ ନାମକରଣ କରାଯାଇଛି। ଏଠାରେ ହକି କୋର୍ଟ, ସୁଇମିଂ ପୁଲ ଓ ଆଥ୍‌ଲେଟିକ ଟ୍ରାକ ନିର୍ମାଣ ନେଇ ଯୋଜନା ହୋଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ ପାଚେରି ଓ କିଛି ରାସ୍ତା ନିର୍ମାଣ ଶେଷ ହେଲାଣି। ପ୍ରାଥମିକ କାର୍ଯ୍ୟ ନିମନ୍ତେ ୧୦କୋଟି ଟଙ୍କାର ବଜେଟ ଧାର୍ଯ୍ୟ ହୋଇଥିବା ବେଳେ ବଳକା ଟଙ୍କାରେ ଦ୍ୱିତୀୟ କ୍ୟାମ୍ପସ ପରିସର ଭିତରର ଉନ୍ନତିରେ ଖର୍ଚ୍ଚ ହେବ। ଏବେ ୨୪କୋଟି ଟଙ୍କା ଅନୁଦାନ ମିଳିଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଖୁବ୍‌ଶୀଘ୍ର ପୁନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି। ଏବେ ଦ୍ୱିତୀୟ କ୍ୟାମ୍ପସରେ ପ୍ରଥମେ ଏକାଡେମିକ ବ୍ଲକ, ହଷ୍ଟେଲ ଓ ପାଠାଗାର ନିର୍ମାଣ କରାଯିବ। ଏହାପରେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ନେଇ କାର୍ଯ୍ୟ ଆରମ୍ଭ ହେବ ବୋଲି କୁଳପତି କହିଥିଲେ। ହକି କୋର୍ଟ ନିମନ୍ତେ ବଜେଟ ପ୍ରାୟ ୮କୋଟି ଟଙ୍କା ରହିଛି। ଅନ୍ତର୍ଜାତୀୟ ସ୍ତରର ଟର୍ଫ ଏଠାରେ ବିଛାଯିବ। ଏହାଛଡ଼ା ଗ୍ୟାଲେରି ବ୍ୟବସ୍ଥା ମଧ୍ୟ କରାଯିବ। ସେହିପରି ଦ୍ୱିତୀୟ କ୍ୟାମ୍ପସରେ ରହିବ ସିନ୍ଥେଟିକ ଆଥ୍‌ଲେଟିକ ଟ୍ରାକ। ଯାହାର ବଜେଟ ରହିଛି ପ୍ରାୟ ୬ କୋଟି ଟଙ୍କା। ସିନ୍ଥେଟିକ ଆଥ୍‌ଲେଟିକ ଟ୍ରାକ ରାଜ୍ୟରେ ହାତଗଣତି ସ୍ଥାନରେ ଥିବାବେଳେ କୌଣସି ସରକାରୀ ବିଶ୍ୱବିଦ୍ୟାଳୟରେ ନାହିଁ। ଏଣୁ ଏହା ବିଶ୍ୱବିଦ୍ୟାଳୟର ଆଥଲେଟମାନଙ୍କ ନିମନ୍ତେ ଉତ୍ସାହଜନକ ରହିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ସୁଇମିଂ ପୁଲ। ଏହି ୩ଟି ନୂତନ କ୍ରୀଡ଼ାର ଭିତ୍ତିଭୂମି ତିଆରି ହେବା ପରେ ରେଭେନ୍‌ଶା ରାଜ୍ୟର ସର୍ବବୃହତ ସ୍ପୋର୍ଟସ ହବ୍‌ର ମାନ୍ୟତା ପାଇବ ବୋଲି ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏବେ ବିଶ୍ୱବିଦ୍ୟାଳୟରେ ୨ଟି ଗ୍ରାଉଣ୍ଡ ରହିଛି। ଯେଉଁଠାରେ ଜାତୀୟ ସ୍ତରର କ୍ରିକେଟ ଟୁର୍ନାମେଣ୍ଟ ମଧ୍ୟ ଆୟୋଜନ ହେଉଛି। ଏହାଛଡ଼ା ଫୁଟବଲ ଗ୍ରାଉଣ୍ଡ, ବାସ୍କେଟବଲ କୋର୍ଟ, ଟେନିସ କୋର୍ଟ, ଭଲିବଲ ଫିଲ୍ଡ ରହିଛି। ଇନଡୋର ଗେମ୍ ମଧ୍ୟରେ ଅତ୍ୟାଧୁନିକ ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ କୋର୍ଟ ମଧ୍ୟ ରହିଛି। ଉଭୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ଅତ୍ୟାଧୁନିକ ଜିମ୍ ମଧ୍ୟ ବିଶ୍ୱବିଦ୍ୟାଳୟରେ ରହିଛି।

## ଇଂ. ଶୁଭେନ୍ଦ୍ର କୁମାର ଶତପଥୀଙ୍କ ପରଲୋକ

**ଭୁବନେଶ୍ୱର, ୨୭।୫:** ସର୍ବଭାରତୀୟ ରେଳ ଇଞ୍ଜିନିୟର୍ସ ମହାସଂଘର ସକ୍ରିୟ ଲିଡର ତଥା ପୂର୍ବତଟ ରେଳ ଇଞ୍ଜିନିୟର୍ସ ସଂଘର ସଦସ୍ୟ ଇଞ୍ଜିନିୟର ଶୁଭେନ୍ଦ୍ର କୁମାର ଶତପଥୀଙ୍କର ସ୍ଥାନୀୟ ଏକ ହସ୍ପିଟାଲରେ ପରଲୋକ ଘଟିଛି। ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ ଡିଭିଜନର



ଢେଙ୍କାନାଳଠାରେ ବରିଷ୍ଠ ସେକ୍ସନ ଇଞ୍ଜିନିୟର ଭାବେ ସେ କାର୍ଯ୍ୟରତ ଥିଲେ। ୧୯୯୨ରେ ସେ ରେଲୱେରେ ଯୋଗ ଦେଇଥିଲେ। କଠିନ ପରିଶ୍ରମ ଏବଂ ନିଷ୍ଠାପର କାର୍ଯ୍ୟଯୋଗୁ ପ୍ରଶାସନିକ ସ୍ତରରେ ସେ ବହୁବାର ପୁରସ୍କୃତ ମଧ ହୋଇଛନ୍ତି। ସର୍ବଭାରତୀୟ ରେଳ ମହାସଂଘରେ ସୂଚନା ଏବଂ ପ୍ରଯୁକ୍ତି ବିପ୍ଳବ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ତାଙ୍କ ପରିବାରରେ ସ୍ତ୍ରୀଙ୍କ ସମେତ ୨ ପୁଅ ଅଛନ୍ତି। ପରଲୋକରେ ପୂର୍ବତଟ ରେଳ ଇଞ୍ଜିନିୟର୍ସ ସଂଘ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନଠାରେ ଶୋକସଭା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘର ସଭାପତି ଇଂ ବବିନ ମହାନ୍ତି, ସାଧାରଣ ସମ୍ପାଦକ ଇଂ ବିପି ଦାସଙ୍କ ସମେତ ଶତାଧିକ ସଦସ୍ୟ ଶତପଥୀଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ସରିଲା ବାହାର ଚନ୍ଦନ ଯାତ୍ରା

# ଆଜିଠୁ ଭିତର ଚନ୍ଦନ



**ପୁରୀ ଅଫିସ, ୨୭।୫**

ଶ୍ରୀକ୍ଷେତ୍ରରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବାହାର ଚନ୍ଦନଯାତ୍ରା ସୋମବାର ଶେଷ ହୋଇଛି। ରବିବାର ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାରଠାରୁ ଭିତର ଚନ୍ଦନଯାତ୍ରା ଆରମ୍ଭ ହେବ। ଚନ୍ଦନଯାତ୍ରା ଲାଗି ସୋମବାର ଅପରାହ୍ନରେ ଠାକୁର ବିଜେ ହୋଇଥିଲେ। ସିଂହଦ୍ୱାରରୁ ପଟୁଆରରେ ପଞ୍ଚୁପାଣ୍ଡବଙ୍କ ସହ ବିଶାଳ ଶୋଭାଯାତ୍ରାରେ ଚନ୍ଦନ ଚକଡାରେ ପହଞ୍ଚିଥିଲେ। ପରେ ଠାକୁର ଚାପକୁ ବିଜେ ହୋଇଥିଲେ। ଚାପରେ ମୁଦିରସ୍ତ ସେବକମାନେ ଶ୍ରୀଦେବୀ, ଭୂଦେବୀ, ମଦନମୋହନଙ୍କୁ ପ୍ରସାଦ ଲାଗି କରିଥିଲେ। ପରେ ଚାପ ଆରମ୍ଭ ହୋଇଥିଲା। ନନ୍ଦାରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଏବଂ ଭଦ୍ରାରେ ଶ୍ରୀରାମକୃଷ୍ଣ, ପଞ୍ଚୁପାଣ୍ଡବ, ନରେନ୍ଦ୍ର ପୁଷ୍କରିଣୀରେ ଏକ ଘେରା ବୁଲି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ସରିବା ପରେ ନନ୍ଦା ଓ ଭଦ୍ରା ଏକାଠି ଯୋଡ଼ି ହୋଇଥିଲେ। ରାମକୃଷ୍ଣ ମଦନମୋହନ ଚାପକୁ ବିଜେ କରିଥିଲେ। ମୁଦିରସ୍ତ ସେବକ ହଳଦୀ ପାଣି ପିଚକାରୀ ମାରି ଦିଅଁଙ୍କ ଶ୍ରୀପୟର ଧୋଇଥିଲେ। ଭିତରଚ୍ଛ ବନ୍ଦାପନା କରି ସାରିବା ପରେ ମୁଦିରସ୍ତ ଚାମର ଆଲଟ କରି ରାଜନୀତି ସମ୍ପନ୍ନ କରିଥିଲେ। ଦିଅଁ ଚନ୍ଦନ ମଣ୍ଡପକୁ ବିଜେ ହୋଇଥିଲେ। ସେଠାରେ ମଇଲମ ବେଶ ହେଲା ପରେ ଶୀତଳ ଭୋଗ ବଢ଼ିଥିଲା। ଝୁଲଣ କୁଞ୍ଜ ଲାଗି ହୋଇ ଠାକୁରଙ୍କ ବେଶ ହୋଇଥିଲା। ଦିଅଁଙ୍କୁ ମାଣ୍ଡୁଅ ଭୋଗ ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଅଙ୍ଗନୱାଡି ସୁପରଭାଇଜରଙ୍କୁ ମାଡମାରି ଖାଦ୍ୟ ସାମଗ୍ରୀ ଛଡ଼ାଇ ନେଲେ

**ବ୍ରହ୍ମଗିରି, ୨୭।୫(ଡି.ଏନ୍.ଏ.):** ଜଣେ ଅଙ୍ଗନୱାଡି ସୁପର ଭାଇଜରଙ୍କୁ ମାଡ ମାରି ପିଲାମାନଙ୍କ ପାଇଁ ଆସିଥିବା ଶୁଖିଲା ଖାଦ୍ୟ ସାମଗ୍ରୀକୁ ରବିବାର ଦିନ କେତେଜଣ ଦୁର୍ବୃତ୍ତ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଖବର ଅନୁସାରେ ବ୍ରହ୍ମଗିରିର ଜଣେ ଅଙ୍ଗନୱାଡି କର୍ମଚାରୀ କୃଷ୍ଣପ୍ରସାଦ ବ୍ଲକ ସାତ ପଞ୍ଚାୟତରେ ସୁପରଭାଇଜର ଭାବେ କାମ କରନ୍ତି। ରବିବାର ଦିନ ୧୧ଟା ସମୟରେ ପିଲାମାନଙ୍କ ଶୁଖିଲା ଖାଦ୍ୟ ବିସ୍କୁଟ, କ୍ୟାଣ୍ଡେଲ, ଦିଆସିଲ ଇତ୍ୟାଦି ନେଇ ଯାଉଥିବା ସମୟରେ ଖଣ୍ଡୁଆଳ ଛକରେ କେତେଜଣ ଦୁର୍ବୃତ୍ତ ଗାଡିକୁ ଅଟକାଇ ସୁପରଭାଇଜରଙ୍କୁ ମାଡ଼ ମାରିବା ସହିତ ଜିନିଷ ପତ୍ର ଛଡାଇ ନେଇଥିଲେ। ଏନେଇ ସୁପରଭାଇଜର ଜଣକ ସିଡିପିଓଙ୍କୁ ଜଣାଇଥିଲେ ମଧ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଉତ୍ତର-ଅଶୀ ଓଡ଼ିଆ କବିତାର ଧାରା

**ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ସାରସ୍ୱତ ସମାରୋହ**

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ୧୯୮୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସାରସ୍ୱତ ସମାରୋହ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। '୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ଧାରା ଓ ଭାବଧର୍ମ' ବିଷୟବସ୍ତୁକୁ ନେଇ ଏହି ସମାରୋହରେ ବିଶେଷଭାବେ ଆଲୋଚନା କରାଯାଇଥିଲା। ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ଓ ଡ. ଅନାଦି ଚରଣ ବରାଳଙ୍କ ସହଯୋଗରେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. କୁଳମଣି ଓଝା। ଅଧ୍ୟାପକ ସୁଧା ଦାଶ, ଡ.



ସାରସ୍ୱତ ସମାରୋହରେ ଯୋଗ ଦେଇଥିବା ଅତିଥି ଓ ପୁରାତନ ଛାତ୍ରୀଛାତ୍ର।

ଶଚୀକାନ୍ତ ଜେନା, ଡ. କୁଳମଣି ଓଝା, ଡ.ବିଭୂତି ଭୂଷଣ ଆଚାର୍ଯ୍ୟ, ଡ. ବିଶ୍ୱଜିତ ବେଉରା, ଅଧ୍ୟାପକ ଶଶିକାନ୍ତ ଜେନା, ଡ. ବିନୋଦିନୀ ଦାସ, ଡ. ଜ୍ୟୋତ୍ସ୍ନା ବସ୍ତିଆ, ଅଧ୍ୟାପକ ସୁଧୀର ମହାନ୍ତି, ଡ. ଅନାଦି ଚରଣ ବରାଳ, ଅଧ୍ୟାପକ ରାଜକିଶୋର ସାହୁ ଓ ଅଧ୍ୟାପକ ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ତର-ଅଶୀ ଓଡ଼ିଆ କବିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମାରୋହରେ ମାନସୀ ଦାସ, ସାଗରିକା କେଶରୀ, ବିଦ୍ୟୁତପ୍ରଭା ରାୟ, ଡ. ସୁଜାତା କୁମାରୀ ସାହୁ, ରମା ଚାଟାର୍ଜୀ, ହୀରାବତୀ ଦାଶ, ନର୍ମଦା ପାଣି, ମିନତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ଓଡ଼ିଆ କବିତାର ଅଭିପ୍ରାୟ ଓ ଅଭିଯୋଗକୁ ନେଇ ବିଭିନ୍ନ ପ୍ରସଙ୍ଗର ଅବତାରଣା କରିଥିଲେ। ଆଲୋଚନା କ୍ରମରେ ଡ. ଶଚୀକାନ୍ତ ଜେନା ଓଡ଼ିଆ ଚଳଚ୍ଚିତ୍ରର ସାମ୍ପ୍ରତିକ ଗତି ଓ ସ୍ଥିତି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଗୀତ-କବିତାର ଯୁଗଳବନ୍ଦୀ ପରେ ଶେଷରେ ଅଧ୍ୟାପକ ଶଶିକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

## ରଥଖଳାରୁ



# ଜୋରସୋରରେ ଚାଲିଛି ଚକ ନିର୍ମାଣ

**ପୁରୀ ଅଫିସ, ୨୭।୫**

ଜୁଲାଇ ୪ରେ ପବିତ୍ର ଘୋଷଯାତ୍ରା। ଚଳଚଞ୍ଚଳ ରଥଖଳା। ତିନିରଥ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥକାମ। ରବିବାର ଶ୍ରୀକ୍ଷେତ୍ର ଭଉଁରୀରେ ତିନି ରଥର ଦୁଇଟି ଲେଖାଏ ଚକରେ ଅଖ ସଂଯୋଗ କରି ଚକା ଡେରା ନୀତି ସମ୍ପନ୍ନ ହୋଇଥିଲା। ଏହି ନୀତି ସରିବା ପରେ ମହାରଣା ସେବକମାନେ ଚକ ନିର୍ମାଣରେ ବ୍ୟସ୍ତ ଅଛନ୍ତି। କରତି ସେବକ କାଠ ଚିରଟ କରୁଛନ୍ତି। ମହାରଣାମାନେ ପହିରେ ବିନ୍ଧ କାମ କରୁଛନ୍ତି। ଭୋଇ ସେବକମାନେ ସିଙ୍ଗଡା ବାଡିଆ ଓ ବିଲେଇ ବାଡିଆ କରୁଛନ୍ତି। ରୂପକାର ସେବକ କଣଗୁଜରେ ଖୋଦେଇ କରୁଛନ୍ତି। ତିନି ରଥରେ ମୋଟ ୪୮କଣଗୁଜ ହୋଇଥାଏ ବୋଲି ରୂପକାର ସେବକ ପଞ୍ଚାନନ ମହାପାତ୍ର କହିଛନ୍ତି। କଣଗୁଜ ପରେ ପଟାଗୁଜରେ ଗଜସିଂହ, ଦରବିରାଳ, ଗଜବିରାଳ ଖୋଦେଇ କରାଯିବ। ସେହିପରି ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଆବଶ୍ୟକ ଲୁହାକଣ୍ଟା ପ୍ରସ୍ତୁତ କରୁଛନ୍ତି। କମାରସେବକ ଦାଶରଥି ମହାରଣା କୁହନ୍ତି, ତିନି ରଥର ୪୨ଟି ଚକରେ ୧୩୪୪ଟି ଅରକଣ୍ଟା, ୮୪ଟି ପନ୍ଦାରୀ ଓ ୧୬୮ଟି ପନ୍ଦାରୀ ଚାବି ଲାଗିବ। ଗୋଟିଏ ତୁମ୍ବରେ ୭ଟି ପନ୍ଦାରୀ ଓ ୪ଟି ପନ୍ଦାରୀ ଚାବି ଲାଗିଥାଏ। ରଥ ନିର୍ମାଣ ଶୈଳୀ ଦେଖିବା ଲାଗି ରଥଖଳାରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସନ୍ଧ୍ୟା



ସତ୍ୟବ୍ରତ



ହରିଶଙ୍କର



ଚିରଞ୍ଜୀବ



ସୋନି




ଶୁଭମ୍



ସଂଘମିତ୍ରା



ଭୂଷଣ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଣଦେଖା

# ବିପଦ ସାଜିପାରେ ଉଚ୍ଚ ଅଟ୍ଟାଳିକା

**କଟକ ଅଫିସ, ୨୭।୫**

- ଅନେକ ହସ୍ପିଟାଲ, ଆପାର୍ଟମେଣ୍ଟ, ଶିକ୍ଷାନୁଷ୍ଠାନ ମାନୁନାହାନ୍ତି ନିୟମ
- ୨ବର୍ଷରେ ଭୁବନେଶ୍ୱରର ୧୦୦୦, କଟକର ୪୦୦ ଉଲ୍ଲଂଘନକାରୀଙ୍କୁ ନୋଟିସ
- କାର୍ଯ୍ୟାନୁଷ୍ଠାନ ନଗଣ୍ୟ, ମାତ୍ର ୨ କୋଠା ସିଲ୍ ହୋଇଛି

ରାଜଧାନୀ ଭୁବନେଶ୍ୱର ଓ କଟକ ସହରରେ ଥିବା ବହୁ ଉଚ୍ଚ ଅଟ୍ଟାଳିକା ବିପଦ ସାଜିପାରେ। କାରଣ ସେଗୁଡ଼ିକରେ ଅଗ୍ନିକାଣ୍ଡ ଘଟିଲେ ଜୀବନ ବଞ୍ଚିଗଲା ଭଳି ନିରାପତ୍ତା ବ୍ୟବସ୍ଥା ନାହିଁ। ବହୁ ଉଚ୍ଚ ଅଟ୍ଟାଳିକାରେ ହସ୍ପିଟାଲ, ମଲ୍, ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି। ବିଭିନ୍ନ ସ୍ଥାନରେ ଛିଡ଼ା ହୋଇଛି ବଡ଼ ବଡ଼ ଆପାର୍ଟମେଣ୍ଟ। ହେଲେ ସେଥିମଧ୍ୟରୁ ଅନେକ ଅଗ୍ନି ନିରାପତ୍ତା ନିୟମକୁ ଅନୁପାଳନ କରୁନାହାନ୍ତି। ଏପରି କି କେତେକରେ ସାମାନ୍ୟତମ ବ୍ୟବସ୍ଥା ମଧ୍ୟ ନାହିଁ। ଦେଶର କୌଣସି ସ୍ଥାନରେ ବଡ଼ ଅଗ୍ନିକାଣ୍ଡ ଘଟିଲେ ଓଡ଼ିଶା ଅଗ୍ନିଶମ ବିଭାଗ ଚେଇଁ ଉଠୁଛି। କିଛିଦିନ ଯାଞ୍ଚ କରି ନୋଟିସ ଜାରି କରାଯାଉଛି। କିନ୍ତୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଉଚ୍ଚ ଅଟ୍ଟାଳିକାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବାଧ୍ୟତାମୂଳକ ବୋଲି ଗୁରୁତ୍ୱ ଦିଆଯାଉନାହିଁ।

ଗତ ୨୪ ତାରିଖରେ ଗୁଜରାଟର ସୁରଟସ୍ଥିତ ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ୨୩ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ ଘଟଣା ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିପୂର୍ବରୁ ୨୦୧୬ ଅକ୍ଟୋବରରେ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୩୦ ଜଣଙ୍କର ମୃତ୍ୟୁ ଘଟିଥିଲା। ସମ୍ ଘଟଣା ପରେ ୨୦୧୭ ଅକ୍ଟୋବରରେ ଓଡ଼ିଶା ଫାୟାର ପ୍ରିଭେନଶନ ଆଣ୍ଡ ଫାୟାର ସେଫ୍ଟି ରୁଲ୍‌କୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରାଯାଇଥିଲା। ତଦନୁଯାୟୀ ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଥିଲା। ଏହାକୁ ଅମାନ୍ୟ କଲେ ଜେଲ୍ ଓ ଜରିମାନା ବ୍ୟବସ୍ଥା କରାଯାଇଛି। ଏପରି କି ଉଚ୍ଚ ଅଟ୍ଟାଳିକାଗୁଡ଼ିକ ନିମନ୍ତେ ଜଣେ ଅଗ୍ନି ନିରାପତ୍ତା ସୁପରଭାଇଜର ନିଯୁକ୍ତି ଦେବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଆବାସିକ କୋଠାଗୁଡ଼ିକ ୧୫ ମିଟର ଉଚ୍ଚତା ବିଶିଷ୍ଟ ହୋଇଥିଲେ ଉକ୍ତ କୋଠାରେ ଏହି ନୂଆ ନିୟମ ଲାଗୁ କରାଯିବ। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକ ଉଚ୍ଚତା ଯଦି ୧୨ ମିଟର ହୋଇଥିବ ତେବେ ଏହି ନିୟମକୁ ସେଠାରେ କାର୍ଯ୍ୟକାରୀ କରାଯାଇଥିବାବେଳେ ୩୦ ବେଡ୍ ବିଶିଷ୍ଟ ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ଆଇସିୟୁ ଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ ତାହାକୁ ମାନିବାକୁ ବାଧ୍ୟତାମୂଳକ ବୋଲି ବ୍ୟବସ୍ଥା ହୋଇଥିଲା। କିନ୍ତୁ ନିୟମ ପ୍ରଣୟନ ହେବାକୁ ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏହାକୁ ଅନୁପାଳନ କରାଯାଇନାହିଁ।

ସୁରଟ ଅଗ୍ନି ଦୁର୍ଘଟଣା ପରେ ସୋମବାର ଅଗ୍ନିଶମ ବିଭାଗ ପକ୍ଷରୁ ଭୁବନେଶ୍ୱରର ୧୫ ଓ କଟକର ୮ଟି ଶିକ୍ଷାନୁଷ୍ଠାନ ଯାଞ୍ଚ କରାଯିବା ପରେ ଏବେ ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। କାରଣ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ନୂଆ ନିୟମକୁ ଅନୁପାଳନ କରି ନ ଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁ କହିଛନ୍ତି। କେତେକ ଶିକ୍ଷାନୁଷ୍ଠାନରେ ଫାୟାର ଏକ୍ସଟିଂଗୁଇସର ଥିବାବେଳେ ଆଉ କେତେକ ଅନୁଷ୍ଠାନରେ ଏହି ସାମାନ୍ୟତମ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ନ ଥିବା ସ୍ୱାଇଁ ସୂଚନା ଦେଇଛନ୍ତି। ଯେଉଁ କେତେକ ସ୍ଥାନରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି, ତାହା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଗ୍ନିଶମ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏପରିକି ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ କେତେକରେ ବାହାରିବା ବାଟ ଅବରୋଧ ଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଯାଞ୍ଚ ଆଗକୁ ଜାରି ରହିବ ବୋଲି ଅଗ୍ନିଶମ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

କେବଳ ଶିକ୍ଷାନୁଷ୍ଠାନ ନୁହେଁ, କଟକ ଓ ଭୁବନେଶ୍ୱରରେ ଥିବା ବଡ଼ ବଡ଼ ଆପାର୍ଟମେଣ୍ଟ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟ ଏହି ଆଇନକୁ ଫାଙ୍କି ଚାଲିଛନ୍ତି। ଅଗ୍ନିଶମ ବିଭାଗ କେବଳ ନୋଟିସ କରି ହାତବାନ୍ଧି ବସିଛି। ୨୦୧୭ରେ ଆଇନ କଡ଼ାକଡ଼ ଲାଗୁ ହେବା ପରେ ଭୁବନେଶ୍ୱରର ୧୦୦୦ ଓ କଟକର ୪୦୦ ଉଲ୍ଲଂଘନକାରୀଙ୍କୁ ନୋଟିସ କରାଯାଇଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଏପରି କି ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ଓ ଏସ୍‌ସିବି ମେଡିକାଲ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଏହି ନିୟମକୁ ମାନି ନ ଥିବାବେଳେ ଉଭୟ ସହରରେ ଥିବା ବହୁସଂଖ୍ୟକ କର୍ପୋରେଟ ହସ୍ପିଟାଲ ମଧ୍ୟ ନିୟମ ଉଲ୍ଲଂଘନ କରି ଚାଲିଛନ୍ତି। ଭୁବନେଶ୍ୱରରେ ୨୨ଟି ଘରୋଇ ହସ୍ପିଟାଲରେ ଆଇସିୟୁ ବ୍ୟବସ୍ଥା ଥିବାବେଳେ କଟକରେ ୭ଟି ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ଅଛି। ମାତ୍ର ଏହି ହସ୍ପିଟାଲଗୁଡ଼ିକ ଓଡ଼ିଶା ଫାୟାର ପ୍ରିଭେନସନ ଓ ଫାୟାର ସେଫ୍ଟି ରୁଲ୍‌କୁ ଅନୁପାଳନ କରିନାହାନ୍ତି।

ଏସ୍‌ସିବି ମେଡିକାଲରେ ଅତୀତରେ ଅନେକ ଥର ଅଗ୍ନିକାଣ୍ଡ ଘଟିଛି। ପୂର୍ବରୁ ଏସ୍‌ସିବିର ନ୍ୟୁରୋସର୍ଜରି, ସେଣ୍ଟ୍ରାଲ ଆଇସିୟୁ, କାର୍ଡିଓଲୋଜି କୋଠା ଆଦି ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଗତ ମାର୍ଚ୍ଚରେ ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ ଘଟି ବହୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ପୋଡ଼ିଯାଇଥିଲା। ତେବେ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଅତ୍ୟନ୍ତ ନଗନ୍ୟ ରହିଛି। ଗତ ୨ ବର୍ଷ ମଧ୍ୟରେ ଭୁବନେଶ୍ୱର ଓ ପୁରୀର ୨ଟି କୋଠାକୁ ଆଇନ ଉଲ୍ଲଂଘନ ପାଇଁ ସିଲ୍ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ସେମାନେ ନିୟମକୁ ପାଳନ କରିବାରୁ ସିଲ୍ ଖୋଲାଯାଇଥିବା ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ନେଇ ଗୋପ ଥାନା ଆଇଆଇସି ଗିରଫ



କଟକ ଅଫିସ/ଗୋପ, ୨୭।୫(ଡି.ଏନ୍.ଏ.): ୩ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପୁରୀ ଜିଲା ଗୋପ ଥାନା ଆଇଆଇସି ସୌମ୍ୟଚିତ ମିଶ୍ର। ସେ ଏହି ଥାନା ଅଧୀନ ନଇରା ଶାସନ ଗ୍ରାମର ଶିବପ୍ରସାଦ ଜେନାଙ୍କଠାରୁ ସୋମବାର ଲାଞ୍ଚ ଗ୍ରହଣ କରିଥିଲେ। ଭିଜିଲାନ୍ସ ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ଶିବପ୍ରସାଦଙ୍କୁ କେତେଜଣ ଲୋକ ମାଡ଼ ମାରିଥିଲେ। ଶିବପ୍ରସାଦଙ୍କ ଭାଇ ଅକ୍ଷୟ ଏ ନେଇ ଥାନାରେ ଏତଲା ଦାଏର କରିଥିଲେ। ମାତ୍ର ମାମଲା ରୁଜୁ କରିବା ପାଇଁ ଆଇଆଇସି ମିଶ୍ର ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମୂଲଚାଲ ପରେ ୫ହଜାର ଟଙ୍କା ୩ହଜାରରେ ଛିଡ଼ିଥିଲା। ଏହି ଅନୁଯାୟୀ ସୋମବାର ଶିବପ୍ରସାଦ ଲାଞ୍ଚ ଟଙ୍କା ଧରି ଥାନାକୁ ଆସିଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଟଙ୍କାକୁ ଶିବପ୍ରସାଦ ଆଇଆଇସିଙ୍କ ଟେବୁଲ ଉପରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଟଙ୍କା ଜବତ କରିବା ସହ ଆଇଆଇସିଙ୍କୁ ଗିରଫ କରିଥିଲେ। ପରେ ଭଦ୍ରକ ସମରାଇପୁର ଗ୍ରାମରେ ଥିବା ଆଇଆଇସିଙ୍କ ପୈତୃକ ଘର ଓ ଗୋପ ଥାନା କ୍ୱାର୍ଟରକୁ ଭିଜିଲାନ୍ସ ପକ୍ଷରୁ ତଲାସି କରାଯାଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୪/୨୦୧୯) ରୁଜୁ ହୋଇଛି।

### ଅଂଶୁଘାତ: ବିଦ୍ୟୁତ୍ ଖୁଣ୍ଟରୁ ଖସି ଯୁବକ ମୃତ

ପୁରୁଣା ଭୁବନେଶ୍ୱର,୨୭।୫(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଉତ୍ତରା ଫାଣ୍ଡି ଅଧୀନ ଜାଗୁଲିଆପଡ଼ା ବାରମାଣପାଟଣା ଗ୍ରାମର ବାବୁଲି ସାହୁ ରବିବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟରେ କାର୍ଯ୍ୟକରୁଥିବା ବେଳେ ପଡି ଚେତାଶୂନ୍ୟ ପରେ ମୃତ୍ୟୁ ହୋଇଛି। କିନ୍ତୁ ବାବୁଲିଙ୍କ ପରିବାର ପକ୍ଷରୁ ଏହା ଅଂଶୁଘାତରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଖବର ମୁତାବକ ବାବୁଲି ରବିବାର ଦ୍ୱିପ୍ରହରରେ ନିଜଗ୍ରାମରେ ବିଦ୍ୟୁତ ଖୁଣ୍ଟ ପୋତିବା କାର୍ଯ୍ୟରେ ଶ୍ରମଦାନ କରିଥିଲେ।



ପରେ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ଘରକୁ ଫେରିଆସି ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଉତ୍ତରଫାଣ୍ଡି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇ ଦେଇଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଥାଉ କି, ବାବୁଲି ଏକ କମ୍ପାନୀରେ କାର୍ଯ୍ୟକରି ଘର ଚଳାଉଥିଲେ। ତାଙ୍କର ମୃତ୍ୟୁରେ ଗାଁରେ ଶୋକରଛାୟା ଖେଳିଯାଇଛି। ତାଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ବାବୁଲିଙ୍କ ମୃତ୍ୟୁ ଅଂଶୁଘାତ କିମ୍ବା ହୃଦଘାତରେ ଘଟିଛି ତାହା ବ୍ୟବଚ୍ଛେଦର ରିପୋର୍ଟ ଆସିବାପରେ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ଅଶୋକ ଗୋଚ୍ଛାୟତ କହିଛନ୍ତି।

### କେନାଲରେ ବୁଡ଼ି ଯୁବକ ମୃତ

ବେଗୁନିଆ,୨୭।୫(ଡି.ଏନ୍.ଏ.): ବେଗୁନିଆ ଥାନା କଣ୍ଟାମଲିମ ଗ୍ରାମ ନିକଟରେ ଥିବା ମଧୁବନ କେନାଲରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ନାୟକ। ସୂଚନା ଅନୁଯାୟୀ, ସନ୍ତୋଷ ପୂର୍ବାହ୍ନ ପ୍ରାୟ ୧୦ଟା ରେ ଉକ୍ତ କେନାଲକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ହଠାତ୍ ସେ ଗଭୀର ଜଳକୁ ଚାଲି ଯାଇଥିଲେ। ଘରକୁ ଫେରିବାରେ ସନ୍ତୋଷଙ୍କ ବିଳମ୍ବ ହେବା ଯୋଗୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ କେନାଲରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା।

# ରାଜଧାନୀରେ ମାତିଛନ୍ତି କାର୍ କାଚଭଙ୍ଗା ଗ୍ୟାଙ୍ଗ୍

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

- ସରକାରୀ ଜାଗାରେ ପାର୍କିଂ କରି ନେଉଛନ୍ତି ଭଡ଼ା
- ବାହାରେ ରଖାଯାଉଥିବା କାରକୁ କରୁଛନ୍ତି ଟାର୍ଗେଟ



ଶୈଳଶ୍ରୀବିହାରରେ ଭଙ୍ଗାଯାଇଥିବା ଏକ କାର।

ରାଜଧାନୀରେ ଏକ ନୂଆ ଗ୍ୟାଙ୍ଗ୍ କିଛିଦିନ ହେବ ସକ୍ରିୟ ହୋଇଉଠିଛି। ସେମାନେ ସହରର ଗଳିକନ୍ଦିରେ ରହୁଥିବା ଏକାଧିକ ବ୍ୟକ୍ତିଙ୍କ କାର୍‌ର କାଚକୁ ବାଡ଼େଇ ଭାଙ୍ଗି ଦେଉଛନ୍ତି। ଏନେଇ କାର୍ ମାଲିକ ଥାନାରେ ଅଭିଯୋଗ କରୁଥିଲେ ମଧ୍ୟ ପୋଲିସ ଏହି ମାମଲାକୁ ହାଲ୍‌କା ଭାବେ ନେଉଛି। ଏ ନେଇ ମାମଲା ରୁଜୁ କରିବା ତ ଦୂରର କଥା ତଦନ୍ତ ବି କରୁନାହିଁ। ଫଳରେ ଏହି ଗ୍ୟାଙ୍ଗ୍ ଏବେ ଉତ୍ପାତ କରୁଛନ୍ତି। ଏବେ ଅନେକ ଲୋକ କାରକୁ ପାର୍କ କରିବାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ଏହି ଗ୍ୟାଙ୍ଗ୍ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର, ପଟିଆ, ରସୁଲଗଡ ଆଦି ଅଞ୍ଚଳରେ ଅଧିକ କାଣ୍ଡ ଭିଉଥିବା ଅଭିଯୋଗ ହେଉଛି। ଏହିସବୁ ଅଞ୍ଚଳର ଲୋକମାନେ ରାତି ଅନିଦ୍ରା ହୋଇ କାର୍ ଜଗୁଥିବା ଦେଖିବାକୁ ମିଳୁଛି। କେହି କେହି କାର୍ ପାର୍କ ହୋଇଥିବା ସ୍ଥାନରେ ସିସିଟିଭି ଲଗାଇ ଜଗିଲେଣି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ସେମାନେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ଜଣାଇବେ ବୋଲି କହିଛନ୍ତି। ପୋଲିସ ଯଦି ପାଟ୍ରୋଲିଂ ବଢ଼ାଇ ଦିଏ, ତା'ହେଲେ ଏଭଳି ଅପରାଧ କିଛି ମାତ୍ରାରେ କମିଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।

ଏନେଇ ଆମେ ବୁଝିବା ପରେ ଜଣାପଡିଥିଲା ଯେ, ସ୍ଥାନୀୟ ଅଞ୍ଚଳର କେତେଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଫାଙ୍କା ଥିବା ସରକାରୀ ଜାଗାକୁ ମାଡି ବସୁଛନ୍ତି। ସେମାନେ ସେଠାରେ ଅସ୍ଥାୟୀ ଗ୍ୟାରେଜ୍ କରି ପାର୍କ ପାଇଁ ଭଡାରେ ଦେଉଛନ୍ତି। ସେମାନଙ୍କୁ ବିଡିଏ କିମ୍ବା ସରକାରୀ ଅଧିକାରୀ ବିରୋଧ କରିବାକୁ ଡରୁଛନ୍ତି। କାର୍ ମାଲିକଙ୍କଠାରୁ ମାସିକ ଆକାରରେ ଟଙ୍କା ଅସୁଲ କରାଯାଉଛି। ଯେଉଁମାନେ ଗ୍ୟାରେଜ୍‌ରେ କାର୍ ରଖୁନାହାନ୍ତି ସେମାନଙ୍କୁ ଟାର୍ଗେଟ କରି ଭଙ୍ଗାରୁଜା କରୁଛନ୍ତି। ଫଳରେ କାର୍ ମାଲିକମାନେ ଭୟରେ ସେମାନଙ୍କ ଗ୍ୟାରେଜ୍‌ରେ ଭଡ଼ା ଦେଇ ବାଧ୍ୟ ହୋଇ କାର୍ ପାର୍କ କରୁଛନ୍ତି। ଯଦି କେହି ସେମାନଙ୍କୁ ବିରୋଧ କରୁଛନ୍ତ, ସେମାନଙ୍କ ନିକଟରେ ମାରଣାସ୍ତ୍ର ଥିବାରୁ ଘରେ ପଶି ହତ୍ୟା ଭଳି ଧମକ ଦେଉଛନ୍ତି।

ଗତ ମାସରେ ପଟିଆ ଅଞ୍ଚଳରେ ପ୍ରାୟ ୧୦ ଜଣ ବ୍ୟକ୍ତିଙ୍କ କାର୍ କାଚକୁ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ସକାଳୁ ଅନେକ କାର୍ ମାଲିକ ଏହା ଦେଖି ଚିନ୍ତାରେ ପଡିଥିଲେ। ସେମାନେ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ବସି ପଡିଲା। ସେହିଭଳି ରସୁଲଗଡ଼ ଜିଜିପି କଲୋନୀରେ ଏଭଳି ଘଟଣା ଘଟିଥିଲା। ଘର ନିକଟ ପଡିଆରେ ପାର୍କ ହୋଇଥିବା କାର୍‌ଗୁଡିକୁ ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ଏଭଳି ଘଟଣା ଘଟିବା ପରେ ମଧ୍ୟ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୁଣି ରବିବାର ରାତିରେ ଏଭଳି ଘଟଣା ଶୈଳଶ୍ରୀବିହାର ଅଞ୍ଚଳରେ ଘଟିଛି। ଦୁର୍ବୃତ୍ତ ଉକ୍ତ ଅଞ୍ଚଳରେ ଥିବା ପ୍ରାୟ ୭ଟି କାରର କାଚକୁ ଭାଙ୍ଗି ଦିଆଯାଇଛି। ଏନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ପୂର୍ବଭଳି ପୋଲିସ ନୀରବ ରହିଥିବା ଦେଖିବାକୁ ମିଳିଛି।

ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି,ଏଭଳି ଗ୍ୟାଙ୍ଗ୍ ବିଷୟରେ ସେ ଏବେ ଜାଣିବାକୁ ପାଉଛନ୍ତି। ଦୁର୍ବୃତ୍ତମାନେ କାର୍ କାଚ ଭାଙ୍ଗୁଥିବାରୁ ଏହା ଏକ ଅପରାଧ। ସେମାନଙ୍କୁ କିଭଳି ଗିରଫ କରାଯିବ ସେନେଇ ସ୍ଥାନୀୟ ଥାନାକୁ ନିର୍ଦ୍ଦେଶ ଦେବେ। ଏଭଳି ଅପରାଧ ଘଟାଉଥିବା ଗ୍ୟାଙ୍ଗ୍ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ସୋମବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ଦେବଦାସୀର ୧୫ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ନୃତ୍ୟାଞ୍ଜଳି'ରେ କଳାକାରଙ୍କ ନୃତ୍ୟ ପରିବେଷଣ।

## ନିଫ୍ଟର ୮ମ ସମାବର୍ତ୍ତନ ସମାରୋହ

# ଫ୍ୟାଶନ ଆଣିବ ବୈପ୍ଳବିକ ପରିବର୍ତ୍ତନ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**





- ଡିଗ୍ରୀ ହାସଲ କଲେ ୧୮୫ ଛାତ୍ରୀଛାତ୍ର
- ବାତ୍ୟା ପାଇଁ ନିରାଡମ୍ବର ଭାବେ ପାଳନ

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି (ନିଫ୍ଟ) ଭୁବନେଶ୍ୱର କ୍ୟାମ୍ପସର ୮ମ ସମାବର୍ତ୍ତନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଫନୀ ଯୋଗୁ ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଚଳିତବର୍ଷ ନିଫ୍ଟ ନିରାଡମ୍ବର ଭାବେ ଗ୍ରାଜୁଏଶନ ଡେ' ପାଳନ କରିଛି। ତେବେ ଚଳିତ ବର୍ଷ ଫ୍ୟାଶନ ଶୋ' ପରିବର୍ତ୍ତେ ପ୍ରତିଷ୍ଠାନରୁ ଫ୍ୟାଶନ୍ ଡିଜାଇନ୍, ଆସେସୋରିଜ୍ ଡିଜାଇନ୍, ଟେକ୍ସଟାଇଲ୍ ଡିଜାଇନ୍, ଫ୍ୟାଶନ୍ କମ୍ୟୁନିକେଶନ୍, ଫ୍ୟାଶନ୍ ଟେକ୍ନୋଲୋଜି ଓ ଫ୍ୟାଶନ୍ ମ୍ୟାନେଜମେଣ୍ଟ ଆଦି ୬ଟି ବିଭାଗରୁ ଉତ୍ତୀର୍ଣ୍ଣ ୧୮୫ଜଣ ଡିଗ୍ରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କଲେକ୍ସନ୍‌କୁ ପ୍ରଦର୍ଶିତ କରାଯାଇଛି। ଏହି ଅବସରରେ ନିଫ୍ଟ, ଭୁବନେଶ୍ୱରର ନିର୍ଦ୍ଦେଶକ ବିନୟ ଭୂଷଣ ଜେନା କହିଥିଲେ, କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ଏବେ ଜାରି ରହିଥିବା ବେଳେ ବର୍ତ୍ତମାନସୁଦ୍ଧା ୮୦ ପ୍ରତିଶତ ଛାତ୍ରୀଛାତ୍ର ନିଯୁକ୍ତି ପାଇସାରିଛନ୍ତି। କିଛି ଛାତ୍ରୀଛାତ୍ର ଉଦ୍ୟୋଗୀ ହେବା ପାଇଁ ରୁଚି ରଖିଥିବାବେଳେ ଆଉ କେତେଜଣ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ପ୍ରତିବର୍ଷ ନିଫ୍ଟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବା ଫ୍ୟାଶନ ଓ ଇଣ୍ଟେରିୟର ପ୍ରତି ଲୋକଙ୍କର ବଢୁଥିବା ଲୋକପ୍ରିୟତାକୁ ଦର୍ଶାଉଛି। ଫ୍ୟାଶନ ହିଁ ଭବିଷ୍ୟତରେ ଏକ ବିପ୍ଳବ ଆଣିପାରିବ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସେଣ୍ଟରର ଏକାଡେମିକ୍ କୋର୍ଡିନେଟର୍ ସୁସ୍ମିତା ବେହେରା, ଏଫ୍‌ଏମ୍‌ଏସ୍ ବିଭାଗର ମୁଖ୍ୟ ଡ. ସନ୍ତୋଷ ତରାଇ, ଟେକ୍ସଟାଇଲ୍ ଡିଜାଇନ୍ ବିଭାଗ ମୁଖ୍ୟ ସନ୍ଦିପ କିଡିଲେ, ଏଫ୍‌ଡି ବିଭାଗ ମୁଖ୍ୟ ଶୋଭାରାଣୀ ଲାକ୍ରା, ସୁଲଗ୍ନା ସାହା, ଫ୍ୟାଶନ କମ୍ୟୁନିକେଶନ ବିଭାଗ ମୁଖ୍ୟ ଅମିତ ଦାସ ପ୍ରମୁଖ ଫ୍ୟାଶନ, ଫ୍ୟାବ୍ରିକ୍ ଓ ପରିବର୍ତ୍ତନ ବିଷୟରେ ମତ ରଖିଥିଲେ। ଭାରତୀୟ ଫ୍ୟାଶନ ବଜାରକୁ ଅଧିକ ଭାଇବ୍ରାଣ୍ଟ କରିବା ପାଇଁ ଭାରତକୁ ଏବେ ଅଧିକ ଏଥିକାଲ୍ ଫ୍ୟାଶନ୍ ମ୍ୟାନେଜର ଆବଶ୍ୟକ। ଭାରତୀୟ ଫ୍ୟାବ୍ରିକ୍ ଡିଜାଇନ୍‌ରେ ଆମକୁ ନିଜର ସାଂସ୍କୃତିକ ଲୋକନୀତିର ବ୍ୟବହାର କରିବାର ଆବଶ୍ୟକତା ରହିଛି। ଭାରତୀୟ ଫ୍ୟାଶନ୍ ଇଣ୍ଡଷ୍ଟ୍ରି ଏକ ଦୀର୍ଘସ୍ଥାୟୀ ଫ୍ୟାଶନ୍ ଭ୍ୟାଲୁ ଚେନ୍ ଉପରେ ନିର୍ଭରଶୀଳ। ଭବିଷ୍ୟତରେ ଫ୍ୟାଶନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଏହି ଛାତ୍ରୀଛାତ୍ରମାନେ ଏକ ଭିନ୍ନ ଓ ରୁଚିକର ଉପାୟରେ ବିଶ୍ୱକୁ ଭାରତୀୟ ଫ୍ୟାଶନର ବାର୍ତ୍ତା ଦେବାପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରିବର୍ଗର ସିଓଓ ରିବ କପୁର, ଅସିମା ଗ୍ରୁପ୍‌ର ବ୍ରାଣ୍ଡ ହେଡ୍ ଆଲୋକ ଉପ୍ରେତି, ପିଡବ୍ଲୁସିର ଡାଇରେକ୍ଟର ଦେବୋପମ୍ ଦେବ, ଏବିଏଫ୍‌ଆର୍‌ଏଲ୍‌ର ଅପରେଶନ ହେଡ୍ ରାହୁଲ ଜିନ୍ଦଲ, ଓଡ଼ିଶା ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲର୍ ଲିମିଟେଡ୍‌ର ଗ୍ରୁପ୍ ମ୍ୟାନେଜର ଏଚ୍‌ଆର୍ ରିତ ଟିଗ୍‌ଗା, ଫିଲ୍ମମେକର୍ ବୀରେନ ଦାସ ଓ ଡିଜାଇନର୍ ସିଦ୍ଧାର୍ଥ ଦାସ ପ୍ରମୁଖ ଯୋଗଦେଇଥିଲେ।

# ୬୭ ବିଧାୟକଙ୍କ ନାଁରେ ରହିଛି ଆପରାଧିକ ମାମଲା

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

- ୪୯ ଜଣଙ୍କ ନାଁରେ ସଙ୍ଗିନ ଅପରାଧ
- ନବୀନ ସବୁଠୁ ଧନୀ, ନବ ଦାସ ଦ୍ୱିତୀୟ, ସୁଧୀର ସାମଲ ତୃତୀୟ
- ଗରିବ ବିଧାୟକ ମକରନ୍ଦ ମୁଦୁଲି

ବିଧାନସଭାକୁ ନବନିର୍ବାଚିତ ୧୪୬ ବିଧାୟକଙ୍କ ମଧ୍ୟରୁ ୬୭(୪୬%) ଜଣଙ୍କ ନାଁରେ ରହିଛି ଆପରାଧିକ ମାମଲା। ସେମାନଙ୍କ ମଧ୍ୟରୁ ୪୯(୩୪%) ଜଣଙ୍କ ନାମରେ ରହିଛି ସଙ୍ଗିନ ଆପରାଧିକ ମାମଲା। ଓଡିଶା ଇଲେକ୍ସନ ୱାଚ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ(ଏଡିଆର) ପକ୍ଷରୁ ପ୍ରସ୍ତୁତ ରିପୋର୍ଟରୁ ଏହି ତଥ୍ୟ ପଦାକୁ ଆସିଛି। ୨୦୧୪ରେ ବିଧାନସଭାର ୧୪୭ ଜଣ ବିଧାୟକଙ୍କ ମଧ୍ୟରୁ ୩୫ ପ୍ରତିଶତ ଅର୍ଥାତ୍ ୫୨ ଜଣଙ୍କ ନାମରେ ଆପରାଧିକ ମାମଲା ଥିଲାବେଳେ ୨୮ ପ୍ରତିଶତ ଅର୍ଥାତ୍ ୪୧ ଜଣଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ଥିଲା। ୨୦୧୯ରେ ବିଜେଡିର ନିର୍ବାଚିତ ୧୧୨ ବିଧାୟକଙ୍କ ମଧ୍ୟରୁ ୪୬ ଜଣ(୪୧%), ଭାଜପାର ୨୩ ଜଣ ବିଧାୟକଙ୍କ ମଧ୍ୟରୁ ୧୪ ଜଣ(୬୧%) ଏବଂ କଂଗ୍ରେସର ୯ ଜଣଙ୍କ ବିଧାୟକଙ୍କ ମଧ୍ୟରୁ ୫ (୫୬%) ଜଣଙ୍କ ନାମରେ ରହିଛି ଆପରାଧିକ ମାମଲା।

ଚଳିତ ବିଧାନସଭାକୁ ୯୫ ଜଣ କୋଟିପତି ବିଧାୟକ ନିର୍ବାଚିତ ହୋଇ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ବିଜେଡିରୁ ୭୯ ଜଣ, ଭାଜପାରୁ ୯ ଏବଂ କଂଗ୍ରେସରୁ ୭ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁଠାରୁ ଧନୀ ବିଧାୟକ। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୬୩ କୋଟି ବୋଲି ରିପୋର୍ଟରେ ଦର୍ଶାଯାଇଛି। ତାଙ୍କ ପଛକୁ ଅଛନ୍ତି ଝାରସୁଗୁଡା ବିଧାୟକ ନବ ଦାସ (୩୩ କୋଟି) ଏବଂ ତୃତୀୟ ଅଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ(୩୧ କୋଟି)। ରାୟଗଡ଼ାର ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ସବୁଠାରୁ ଗରିବ ବିଧାୟକ। ତାଙ୍କ ସମ୍ପତ୍ତିର ମୂଲ୍ୟ ୧୫ ହଜାର। ସୂଚନାଥାଉକି ୨୦୧୪ରେ ୭୬ ଜଣ ବିଧାୟକ କୋଟିପତି ଥିଲେ।

# ରଥଯାତ୍ରା ପୂର୍ବରୁ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ

**ପୁରୀ ଅଫିସ, ୨୭।୫**

**୪୩ ହଜାର ଗ୍ରାହକଙ୍କୁ ଦିଆଗଲାଣି ବିଦ୍ୟୁତ୍ ସଂଯୋଗ**

ବାତ୍ୟାରେ ପୁରୀ ଜିଲାରେ ବିଦ୍ୟୁତ୍ ବିଭାଗର ସବୁଠୁ ଅଧିକ କ୍ଷତି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାମ ଚାଲୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜିଲାର ଅନେକ ଅଞ୍ଚଳ ଅନ୍ଧାର ରହିଛି। ତଥାପି ୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବାରେ ନିୟୋଜିତ ଅଛନ୍ତି। ତେବେ ଏଭଳି ସମୟରେ ଧୈର୍ଯ୍ୟ ଧରି ପୁନରୁଦ୍ଧାର କାମରେ ସହଯୋଗ କରିବାକୁ ସେସୁର ପୁରୀ ଡିଭିଜନରେ ଇଞ୍ଜିନିୟର(ଏସ୍‌ଇ) ପ୍ରଦୀପ ସାହୁ କହିଛନ୍ତି।

ପୁରୀ ଜିଲାରେ ପୁରୀ ଡିଭିଜନରେ ପ୍ରାୟ ୧ଲକ୍ଷ ୫୦ ହଜାର ଗ୍ରାହକ ଅଛନ୍ତି। ସେଥିମଧ୍ୟରୁ ପୁରୀ ସହର ଏବଂ ଉପକଣ୍ଠ ଅଞ୍ଚଳରେ ୬୩,୦୦୦ ଉପଭୋକ୍ତା ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୩,୦୦୦ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ଆସନ୍ତା ୨/୩ ଦିନ ମଧ୍ୟରେ ସବୁ ଗ୍ରାହକଙ୍କ ପାଖରେ ବିଦ୍ୟୁତ୍ ପହଞ୍ଚାଇବାର ଲକ୍ଷ୍ୟ ରଖିଛୁ। ପୁରୀ ସହର ଏବଂ ଏହାର ଆଖପାଖ ଅଞ୍ଚଳକୁ ବାଦ୍ ଦେଲେ ସାକ୍ଷୀଗୋପାଳ, ଚନ୍ଦନପୁର, କଣାସ, ଗୋପ, ବ୍ରହ୍ମଗିରି, ସାତଶଙ୍ଖ, ଡେଲାଙ୍ଗ, ସାତପଡ଼ା ପ୍ରଭୃତି ଅଞ୍ଚଳରେ ୯୫,୦୦୦ ଗ୍ରାହକ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହିସବୁ ଅଞ୍ଚଳରେ ୩,୦୦୦ ଗ୍ରାହକଙ୍କୁ ସଂଯୋଗ ଦିଆଯାଇଛି। ମୁଖ୍ୟତଃ ବଜାରଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ଅନ୍ୟପକ୍ଷରେ ପୁରୀ ଡିଭିଜନରେ ଥିବା ୧୫ଟି ୩୩ କେଭି ସବ୍‌ଷ୍ଟେଶନକୁ ସଂଯୋଗ ଦିଆସରିଛି। ତେଣୁ ଆଗକୁ କାମ ଆହୁରି ତ୍ୱରାନ୍ୱିତ ହେବ। ତେବେ ଜୁନ୍ ମାସ ଶେଷ ଆଡକୁ ଅର୍ଥାତ୍ ରଥଯାତ୍ରା ପୂର୍ବରୁ ସମ୍ପୂର୍ଣ୍ଣ ଜିଲାକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ଲାଗି ଆଶା ରଖିଛୁ।



ମନୁଷ୍ୟତ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଚୌଦ୍ୱାର,୨୭।୫(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଗୁରୁତର ହୋଇଥିବା ସ୍ଥାନୀୟ ପଦାଗାଁର ବିଶ୍ୱରଞ୍ଜନ ବାରିକଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣ କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗୁଳି ଛକସ୍ଥିତ ତୃପ୍ତି ମୋଟର୍ସରେ କାମ କରୁଥିବା ବିଶ୍ୱରଞ୍ଜନ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ସେହି ସମୟରେ ମଙ୍ଗୁଳି ଛକସ୍ଥିତ ଫ୍ଲାଏ ଓଭର ତଳେ ପୂର୍ବରୁ ଲୁଚିଥିବା କେତେଜଣ ଯୁବକ ହଠାତ୍ ଖଣ୍ଡା ଓ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଶ୍ୱରଞ୍ଜନଙ୍କ କାନ୍ଧରେ ଗଭୀର ଆଘାତ ଲାଗିଛି। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଶ୍ୱରଞ୍ଜନଙ୍କୁ ପ୍ରଥମେ ଟାଙ୍ଗୀ ହସ୍ପିଟାଲକୁ ନେଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ଏକ ଖଣ୍ଡା ଜବତ କରିଛି।

### ନଡ଼ିଆ ତୋଳାକୁ ନେଇ ବୃଦ୍ଧାଙ୍କୁ ଆକ୍ରମଣ

**ନିଆଳି, ୨୭।୫(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ଜୁଆଙ୍ଗ ଗ୍ରାମର ଏକ ବିବାଦୀୟ ଜମିରେ ନଡ଼ିଆ ତୋଳାକୁ କେନ୍ଦ୍ରକରି ଜଣେ ବୃଦ୍ଧାଙ୍କୁ ଆକ୍ରମଣ ହୋଇଛି। ସେ ହେଲେ ଗୋଲାପ ପାଢ଼ୀ (୫୫)। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଅମୀୟରାଜ ମଲ୍ଲିକଙ୍କ ସହ ଏକ ଜମିକୁ ନେଇ ବିବାଦ ଲାଗି ରହିଥିଲା। କିଛିଦିନ ପୂର୍ବରୁ କୋର୍ଟ ଉକ୍ତ ବିବାଦୀୟ ଜାଗାଟି ସଦାଶିବ ପାଢ଼ୀଙ୍କର ବୋଲି ଜଣାଇଥିଲେ। ସଦାଶିବଙ୍କ ସ୍ତ୍ରୀ ଗୋଲାପ ଜଣେ ବ୍ୟକ୍ତିଙ୍କୁ ଡାକି ଉକ୍ତ ଜାଗାରେ ଥିବା ଗଛରୁ ନଡ଼ିଆ ତୋଳିଥିଲେ। ଏଥିରେ ଅମୀୟରାଜ ମଲ୍ଲିକ, ଭୂମିରାଜ ମଲ୍ଲିକ, ଦେବରାଜ ମଲ୍ଲିକ ଉତ୍କ୍ଷିପ୍ତ ହୋଇ ଗୋଲାପଙ୍କୁ ଲୁହାରଡରେ ଆକ୍ରମଣ କରିଥିଲେ। ଏଥିରେ ଗୋଲାପଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଶରୀରରେ ଗୁରୁତର ଆଘାତ ଲାଗିଛି। ଚିକିତ୍ସାଲାଗି ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୋଲାପଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅମୀୟରାଜ, ଭୂମିରାଜ ଓ ଦେବରାଜଙ୍କ ବିରୁଦ୍ଧରେ ଏକ ମାମଲା(ନଂ.୧୩୦/୧୯) ରୁଜୁ କରିଛି। ଅନ୍ୟପକ୍ଷରେ ସଦାଶିବ ଓ ତାଙ୍କ ପୁଅ ଇକୁ ମୋତେ ଆକ୍ରମଣ କରିଛନ୍ତି ବୋଲି ଅମୀୟରାଜ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୩୧/୧୯) ରୁଜୁ ହୋଇଛି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

## ଚୌଦ୍ୱାର ଅଞ୍ଚଳରେ ବାଲ୍ୟବିବାହ ଘଟଣା

# ଶାଶୁଘର ଯିବେନି ବାଳିକା ବଧୂ

**କଟକ ଅଫିସ, ୨୭।୫**

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ବିବାହକୁ ନେଇ ରବିବାର ଅଭାବନୀୟ ଘଟଣା ଘଟିଥିଲା। ଏହି ବାଲ୍ୟ ବିବାହ ରୋକିବାକୁ ଯାଇ ପୋଲିସ ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ହଟହଟା ହୋଇଥିଲେ। ପୋଲିସ ଭ୍ୟାନ୍‌ରୁ ନାବାଳିକାଙ୍କୁ ପରିବାର ଲୋକ ଜୋର ଜବରଦସ୍ତ ଛଡ଼ାଇ ନେଇଥିଲେ। ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କୁ ଏକ ଘରେ ବନ୍ଦ ରଖି ନାବାଳିକାଙ୍କ ବିବାହ ସମ୍ପନ୍ନ କରି ପରିବାର ଲୋକେ ତାଙ୍କ ଶାଶୁ ଘରକୁ ପଠାଇ ଦେଇଥିଲେ। ଚାଇଲ୍ଡ ଲାଇନ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ସୋମବାର ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ଶାଶୁଘରୁ ଉଦ୍ଧାର କରିବା ନିମନ୍ତେ ଚାଇଲ୍ଡ ଲାଇନ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। ତଦନୁଯାୟୀ ସୋମବାର ଚାଇଲ୍ଡ ଲାଇନ କର୍ମକର୍ତ୍ତାମାନେ ସମ୍ପୃକ୍ତ ନାବାଳିକାଙ୍କୁ ଶାଶୁଘର ପରିବର୍ତ୍ତେ ତାଙ୍କ ପିଉସୀଙ୍କ ଘର ଚୌଦ୍ୱାର ଥାନା ଅଧୀନ ପାଇକରାପୁର ଗ୍ରାମରୁ ଉଦ୍ଧାର କରିଛନ୍ତି। ପରେ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଉପସ୍ଥାପନ କରାଯାଇଥିଲା। କମିଟି ନିର୍ଦ୍ଦେଶ ଅନୁଯାୟୀ, ନାବାଳିକାଙ୍କୁ ବିବାହ ଯୋଗ୍ୟ ବୟସ ନ ହେବା ପର୍ଯ୍ୟନ୍ତ ସେ ସାମାଜିକ ଅନୁଷ୍ଠାନ ବସୁନ୍ଧରାରେ ରହିବେ। ଯଦି ନାବାଳିକାଙ୍କ ମା' ବାପା ଶିଶୁ ମଙ୍ଗଳ କମିଟି ନିକଟରେ ଝିଅକୁ ବିବାହ ବୟସ ନ ହେବା ପର୍ଯ୍ୟନ୍ତ ବିବାହ ଦେବେ ନାହିଁ ବୋଲି

**ବୟସ ନ ହେବା ପର୍ଯ୍ୟନ୍ତ ବସୁନ୍ଧରାରେ ରହିବେ**

ଅଣ୍ଡରଟେକିଂ ଲେଖି ଯିବେ ତେବେ ଝିଅକୁ ତାଙ୍କ ସହିତ ଘରକୁ ପଠାଯିବ ବୋଲି କମିଟି ସଦସ୍ୟ ଅମିୟ ଭୂଷଣ ବିଶ୍ୱାଳ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ନାବାଳିକାଙ୍କ ଶାଶୁଘରକୁ ମଧ୍ୟ କମିଟି ନିକଟରେ ହାଜର ହେବା ପାଇଁ ନୋଟିସ ଜାରି କରାଯାଇଥିବା ବିଶ୍ୱାଳ ସୂଚନା ଦେଇଛନ୍ତି। ନାବାଳିକାଙ୍କ ଜନ୍ମ ୨୦୦୨ ସେପ୍ଟମ୍ବର ୬ ତାରିଖରେ। ସୂଚନାଥାଉ କି, ସରକାରଙ୍କ ପକ୍ଷରୁ ସିଡିପିଓମାନଙ୍କୁ ବାଲ୍ୟ ବିବାହ ରୋକିବା ପାଇଁ ସିଏମ୍‌ପିଓ (ବାଲ୍ୟ ବିବାହ ନିରୋଧ ଅଧିକାରୀ) ଦାୟିତ୍ୱ ଦିଆଯାଇଛି। ମାତ୍ର ସିଡିପିଓମାନେ ଏ କ୍ଷେତ୍ରରେ ଆଦୌ ଯତ୍ନବାନ ନ ଥିବା ଚାଇଲ୍ଡ ଲାଇନ ପକ୍ଷରୁ ଅଭିଯୋଗ ହୋଇଛି। ଚୌଦ୍ୱାର ବାଲ୍ୟ ବିବାହ ଘଟଣାରେ ସିଡିପିଓଙ୍କ ପକ୍ଷରୁ ସହଯୋଗ ମିଳି ନ ଥିବା ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳ ସୋମବାର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ସିଡିପିଓମାନଙ୍କ ସହଯୋଗ ନ ମିଳିବାରୁ ବାଲ୍ୟ ବିବାହ ରୋକିବାରେ ଚାଇଲ୍ଡ ଲାଇନକୁ ନାନାଦି ସମସ୍ୟାର ସାମ୍ନା କରିବାକୁ ପଡୁଥିବା ଶୁକ୍ଳ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରାଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।



କଟକ ମଧୁପାଟଣା ତାଳଦଣ୍ଡା କେନାଲ ନିକଟ ରାସ୍ତାରେ ନର୍ଦ୍ଦମା ଜଳ ନିଷ୍କାସନ ନାଳ କାମ ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ଚୌଦ୍ୱାର, ୨୭।୫(ଡି.ଏନ୍.ଏ.)**

ଅଂଶୁଘାତରେ ଟିପିଏମ୍ ଫାଣ୍ଡି ଅଧୀନ ନୂଆପାଟଣା ତଳସାହିର ଅରକ୍ଷିତ ସାହୁ(୫୪)ଙ୍କ ମୃତ୍ୟୁ ଘଟିଥିବା ସୋମବାର ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ତାଙ୍କ ମୃତ୍ୟୁ ଅଂଶୁଘାତ ଜନିତ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅରକ୍ଷିତଙ୍କ ଭଣଜା ପ୍ରେମାନନ୍ଦଙ୍କ କହିବାନୁଯାୟୀ, ରବିବାର ସକାଳେ ଅରକ୍ଷିତ ସ୍ଥାନୀୟ ଏକ ଇଟା କାରଖାନାରେ କାମ କରିବାକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଘରକୁ ପଳାଇ ଆସିଥିଲେ। ଟାଣଖରା ଓ ଗୁଳୁଗୁଳି ଯୋଗୁ ତାଙ୍କର ଏଭଳି ହେଉଥିବା ପରିବାର ଲୋକେ ଭାବି ଘରୋଇ ଚିକିତ୍ସା କରିଥିଲେ। ହେଲେ ବିଳମ୍ବିତ ରାତି ସୁଦ୍ଧା ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲରୁ ଅରକ୍ଷିତଙ୍କ ମୃତଦେହକୁ ପରିବାର ଲୋକେ ଘରକୁ ନେଇ ଆସିଥିଲେ। ଅରକ୍ଷିତଙ୍କ ମୃତ୍ୟୁ ଅଂଶୁଘାତ ଜନିତ ହୋଇଥିବା ତାଙ୍କ ଦାଦା କୃଷ୍ଣଚନ୍ଦ୍ର ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨/୧୯) ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସ୍ଥାନୀୟ ଆରଆଇ ଘଟଣାର ଅନୁସନ୍ଧାନ କରିଥିବାବେଳେ କୟଲପଡ଼ା ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡିଛି।





କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆରେ ୧୪ତମ ମହାନଦୀ ଫେଷ୍ଟିଭାଲର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପଶ୍ଚିମବଙ୍ଗ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଟେଲିଫୋନ ଟାୱାର ଲୋଭ ଦେଖାଇ ୬ଲକ୍ଷ ଠକେଇ

**ଖୁଣ୍ଟୁଣୀ,୨୭।୫(ଡି.ଏନ୍.ଏ.)**

ପ୍ରଥମେ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା। ଉଠାଇବାରୁ କୁହାଗଲା ଆପଣଙ୍କ ବାରିରେ ଟେଲିଫୋନ ଟାୱାର ନିର୍ମାଣ ହେବ। ୪୦ଲକ୍ଷ ଟଙ୍କାର ବୀମା ରହିବ। ଆପଣଙ୍କୁ ମାସିକ ୨୦ହଜାର ଟଙ୍କା ଭଡ଼ା ସହ ୨ଜଣ ପରିବାରର ସଦସ୍ୟଙ୍କୁ ଚାକିରି ମିଳିବ, ମୋଟାମୋଟି ୫୦ହଜାର ଟଙ୍କା ମାସକୁ ମିଳିବ। ଏଭଳି ଆକର୍ଷଣୀୟ ଅଫର ଶୁଣି ଜଣେ ଶିକ୍ଷିତ ଯୁବକଙ୍କୁ ୬ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ଠିକାମିର ଶିକାର ହୋଇଥିବା ଯୁବକ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନୂଆଶାସନ ଗ୍ରାମର ଧନଞ୍ଜୟ ସାହୁ। ଏନେଇ ସେ ସୋମବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକ୍ରମେ ୪୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ କହିଛନ୍ତି। ପ୍ରକାଶ ଯେ, ଧନଞ୍ଜୟଙ୍କ ନିକଟକୁ ଗତ ଫେବୃୟାରୀ ମାସରେ ଏପରି ଲୋଭନୀୟ କଲ ଆସିଥିଲା। ଏଥିପାଇଁ ତାଙ୍କୁ ୬ଲକ୍ଷ ଟଙ୍କା ବାନ୍ଧିବାକୁ ପଡ଼ିବ ବୋଲି କହି ଆକାଉଣ୍ଟ ନମ୍ବର ଦିଆଯାଇଥିଲା। ଫଳରେ ଧନଞ୍ଜୟ ୬ଟି କିସ୍ତିରେ ୬ଲକ୍ଷ ଟଙ୍କା ଉକ୍ତ ଆକାଉଣ୍ଟରେ ଜମା କରି ମାସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ହେଲେ ଏବେ ସେ ଟେଲିଫୋନ କରିଥିବା ବ୍ୟକ୍ତିଙ୍କ ପାଖକୁ ଯୋଗାଯୋଗ କଲେ ମଧ୍ୟ ସେ ଫୋନ ଉଠାଉ ନଥିବା ଦେଖି ଧନଞ୍ଜୟ ସନ୍ଦେହ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଆଇଆଇସି ଦାସ ଉକ୍ତ ଆକାଉଣ୍ଟକୁ ଯାଞ୍ଚ କରିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି କହିଛନ୍ତି। ତେବେ ଯେଉଁ ଆକାଉଣ୍ଟରେ ଟଙ୍କା ଡିପୋଜିଟ କରାଯାଇଛି। ସେହି ଆକାଉଣ୍ଟ ନମ୍ବର ଗୋପନ ରଖାଯାଇଥିବା ଆଇଆଇସି କହିଛନ୍ତି।

## କାଠଯୋଡ଼ିରେ ବୁଡି ଇଞ୍ଜିନିୟରିଂ ଛାତ୍ର ନିଖୋଜ ଘଟଣା

# ୨୧ ଘଣ୍ଟା ପରେ ମୃତଦେହ ଉଦ୍ଧାର

**ନରାଜ/ବାରଙ୍ଗ,୨୭।୫(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ନରାଜ କାଠଯୋଡି ନଦୀରେ ରବିବାର ନିଖୋଜ ହୋଇଥିବା ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ଦୀର୍ଘ ୨୧ଘଣ୍ଟାର ଖୋଜାଖୋଜି ପରେ ସୋମବାର ସକାଳେ ଉଦ୍ଧାର ହୋଇଛି। ଉଦ୍ଧାର ପରେ ଗୋଡି ସାହି ଫାଣ୍ଡି ପୋଲିସ ନଂ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକସ୍ଥିତ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ମୃତକ ହେଲେ ଝାଡ଼ଖଣ୍ଡର ବିକି କୁମାର ରାଣା(୨୨)। ସେ ଚୌଦ୍ୱାର-ଟାଙ୍ଗୀସ୍ଥିତ ଡ୍ରିମ୍ସ କଲେଜରେ ଇଞ୍ଜିନିୟରିଂ ଛାତ୍ର ଥିଲେ। ପ୍ରକାଶ ଯେ, ରବିବାର ମଧ୍ୟାହ୍ନରେ ବିକି ତାଙ୍କର ୪ ସାଙ୍ଗ ସହ କାଠଯୋଡି ନଦୀ ପୁରୁଣାବନ୍ଧ ନିକଟକୁ ଗାଧୋଇବା ପାଇଁ ଆସିଥିଲେ। ଅସାବଧାନତାବଶତଃ ୫ଜଣ ପାଣିରେ ବୁଡ଼ି ଯିବାରୁ ସେଠାରେ ଥିବା ସ୍ଥାନୀୟ ଲୋକ ୪ଜଣଙ୍କ ଯୁବକଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେହି ସମୟରେ ବିକି ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ବହୁ ଖୋଜାଖୋଜି କରି ନ ମିଳିବାରୁ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସିଡିଏ କଟକ, ବାରଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସମେତ ମୁଣ୍ଡଳିସ୍ଥିତ ଏନଡିଆରଏଫ ଟିମ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ପରେ ସ୍ଥାନୀୟ ଗୋଡି ସାହି ଫାଣ୍ଡି ଓ ବାରଙ୍ଗ ପୋଲିସ ମଧ୍ୟ ସେଠାରେ ପହଞ୍ଚିଥିଲା। ଖୋଜିବା ବେଳେ ବହୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ଅଧାରୁ ବନ୍ଦ ରହିଥିଲା। ସୋମବାର ସକାଳେ ପୁଣି ଏନଡିଆର୍‌ଏଫ ଟିମର ଇନ୍ସପେକ୍ଟର ଅରବିନ୍ଦ ଗଜରାଜ, ଏସଆଇ ଏସ୍.ଏନ. ଦତ୍ତ, ଏସଆଇ ଏନ.କେ.ଭାସ୍କରଙ୍କ ତତ୍ତ୍ୱାବଧାନରେ ୨୪ଜଣିଆ ଟିମ ୮ଟା ୪୫ସମୟରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଅନ୍ୟପଟେ ଗୋଡି ସାହି ଫାଣ୍ଡି ଥାନାଧିକାରୀ ସୁବାସ ମଲ୍ଲିକ ସେଠାକାର ଏକ ମତ୍ସ୍ୟଦଳକୁ ମଧ୍ୟ ଖୋଜିବାରେ ସାହାଯ୍ୟ କରିବା ପାଇଁ କହିଥିଲେ। ଫଳରେ ଗ୍ରାମର ମତ୍ସ୍ୟଜୀବୀ ପିତବାସ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ଦଳ ଡଙ୍ଗାରେ ଖୋଜିଥିଲେ। ଏହି ସମୟରେ ୧୯ନଂ ପିଲର ପାଖରେ ନିଖୋଜ ବିକିଙ୍କ ମୃତଦେହ ଭାସୁଥିବାର ମତ୍ସ୍ୟଜୀବୀମାନେ ଦେଖି ଉଦ୍ଧାର କରିଥିଲେ। ପରେ ମୃତଦେହକୁ ଏନଡିଆର୍‌ଏଫ ଟିମକୁ ହସ୍ତାନ୍ତର କରିଥିଲେ। ଇତି ମଧ୍ୟରେ ଖବରପାଇ ମୃତ ବିକି କୁମାରଙ୍କ ବାପା ସଞ୍ଜୟ କୁମାର ରାଣା ମଧ୍ୟ ଥାନାରେ ପହଞ୍ଚିଥିଲେ।

## ଅକ୍ସିଜେନ କନ୍‌ସେନଟ୍ରେଟର ମିଳୁନି

# ୯ ମାସ ହେବ ଏସ୍‌ସିବିରେ ପଡ଼ିଛନ୍ତି ଯୁବକ

**କଟକ ଅଫିସ, ୨୭।୫**

ଅକ୍ସିଜେନ କନସେନଟ୍ରେଟର ମେଶିନ ଯଦି ସରକାର ଯୋଗାଇ ଦିଅନ୍ତେ ତେବେ ୩୦ ବର୍ଷୀୟ ଯୁବକ ପ୍ରଦୀପ୍ତ ମାଝି ଘରକୁ ଫେରିଯାଆନ୍ତେ। କାରଣ ଡାକ୍ତରଙ୍କ କହିବା ଅନୁଯାୟୀ, ଯଦି ଏହି ମେଶିନ ରୋଗୀ କିଣିପାରିବେ ତେବେ ଘରେ ରହି ମଧ୍ୟ ଚିକିତ୍ସିତ ହୋଇପାରିବେ। ମେଶିନର ଦାମ ୫୦ହଜାର ଟଙ୍କା। ଏତେ ଟଙ୍କା ଯୋଗାଡ କରିବା ପ୍ରଦୀପ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ୯ ମାସ ହେବ ମେଡିକାଲ ବେଡ୍‌ରେ ପଡ଼ି ରହିଛନ୍ତି। ପ୍ରଦୀପ୍ତଙ୍କ ବେଡ୍ ପାଖରେ ବସି ତାଙ୍କ ମା' ଜୟନ୍ତୀ ଆଖିରୁ ଲୁହ ଗଡ଼ାଉଛନ୍ତି। ପ୍ରଦୀପ୍ତଙ୍କ ଏଭଳି ଦୟନୀୟ ଅବସ୍ଥା ଦେଖି ସୋମବାର କେତେଜଣ ସାମାଜିକ କର୍ମୀ ଏସ୍‌ସିବି ଅଧୀକ୍ଷକଙ୍କୁ ଭେଟି ତାଙ୍କୁ ଏହି ମେଶିନ ଯୋଗାଇଦେବା ନିମନ୍ତେ ଦାବି ଜଣାଇଛନ୍ତି। ପ୍ରଦୀପ୍ତଙ୍କ ଘର ବାଲେଶ୍ୱର ଜିଲା ରଘୁନାଥପୁର ଗ୍ରାମରେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ପ୍ରଦୀପ୍ତ ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ଏସ୍‌ସିବି ପଲ୍‌ମନାରୀ ମେଡିସିନ ବିଭାଗରେ ଭର୍ତ୍ତି ହୋଇଥିଲେ। ଅକ୍ସିଜେନ କନ୍‌ସେନଟ୍ରେଟର ମେଶିନ ବିନା ପ୍ରଦୀପ୍ତ ନିଃଶ୍ୱାସ ନେଇପାରୁ ନାହାନ୍ତି। ତେଣୁ ଦୀର୍ଘଦିନ ଧରି ମେଡିକାଲରେ ଚିକିତ୍ସିତ ହେବା ପରେ ପ୍ରଦୀପ୍ତ ଘରକୁ ଯିବାକୁ ଡାକ୍ତରମାନଙ୍କୁ ଅନୁରୋଧ କରିଥିଲେ। ଯଦି ଏହି ମେଶିନ ପ୍ରଦୀପ୍ତ କିଣିପାରିବେ ତେବେ ଘରେ ରହି ମଧ୍ୟ ଏହାକୁ ସେ ବ୍ୟବହାର କରିପାରିବେ ବୋଲି ଡାକ୍ତରମାନେ କହିଥିଲେ। ମାତ୍ର ପ୍ରଦୀପ୍ତଙ୍କ କହିବା କଥା ହେଉଛି ସେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ଘରେ ବୃଦ୍ଧ ବାପ ଭତ୍ତା ଟଙ୍କାରେ ଚଳୁଥିବାବେଳେ ୯ ମାସ ହେବ ପ୍ରଦୀପ୍ତଙ୍କ ମା' ତାଙ୍କ ପାଖରେ ମେଡିକାଲରେ ରହୁଛନ୍ତି। ତେଣୁ ସରକାର ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଯଦି ଏହି ମେଶିନ ମଞ୍ଜୁର କରନ୍ତେ ତେବେ ସେ ଘରକୁଫେରିଯାଆନ୍ତେ। ଏସ୍‌ସିବିଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତିଙ୍କ କହିବା ଅନୁଯାୟୀ, ମେଶିନ ମଞ୍ଜୁର କରିଦେବା ବଡ଼ କଥା ନୁହେଁ। ଏହି ମେଶିନ ବିଦ୍ୟୁତ୍ ଦ୍ୱାରା ଚାଲିଥାଏ। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ତେଣୁ ମେଶିନ ସହିତ ରୋଗୀଙ୍କୁ ଜେନେରେଟର ଯୋଗାଇବା ସମ୍ଭବ ନୁହେଁ। ତେବେ ଏ କ୍ଷେତ୍ରରେ କ'ଣ କରିହେବ ସେ ନେଇ ଚିନ୍ତା କରାଯାଉଥିବା ମହାନ୍ତି କହିଛନ୍ତି।

## ଆଇନଜୀବୀ ଅମଳକୃଷ୍ଣ ରାୟଙ୍କ ଜୟନ୍ତୀ

**କଟକ ଅଫିସ, ୨୭।୫**

ଅମଳକୃଷ୍ଣ ରାୟ ସ୍ମୃତିସଂସଦ ଆନୁକୂଲ୍ୟରେ ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ କ୍ରୀଡା ସଙ୍ଗଠକ ସ୍ୱର୍ଗତ ଅମଳକୃଷ୍ଣ ରାୟଙ୍କର ଜୟନ୍ତୀ ସୋମବାର ସାହେବଜାଦା ବଜାରସ୍ଥିତ ସ୍ୱରାଜ ଆଶ୍ରମଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ତଥା ଚକ୍ଷୁ ରୋଗ ବିଶେଷଜ୍ଞ ଚଣ୍ଡୀ ଦାସ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଅଜୟ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ସଭାରେ କଟକ ସହର ତଥା ରାଜ୍ୟର ବହୁ ବ୍ୟକ୍ତିବିଶେଷ, କ୍ରୀଡାବିତ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗଦେଇ ଅମଳକୃଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସାମାଜିକ କର୍ମୀ ଅକ୍ଷୟ କୁମାର ଦାସ, ଆଇନଜୀବୀ ସଞ୍ଜୟ କୁମାର ମହାନ୍ତି, ତେଜେଶ୍ କୁମାର ସାହୁ, ସୁରଜିତ୍ ନାଥ, ଅଜିତ୍ ମହାପାତ୍ର, ଦିଲ୍ଲୀପ କୁମାର ସାହୁ, ଇଂ. ତ୍ରିଲୋଚନ ମାଝୀ, କେଦାରନାଥ ବେହେରା, ପ୍ରଦୀପ୍ତ କୁମାର ରାୟ, କ୍ରୀଡ଼ାବିତ ଶ୍ରୀମନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱର୍ଗତ ରାୟଙ୍କର ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାୟ ସର୍ବଦା ସାଲିସବିହୀନ ଲଢେଇକୁ ପସନ୍ଦ କରୁଥିଲେ। ଓକିଲାତି ତାଙ୍କର ପେସା ଥିଲେ ମଧ୍ୟ କ୍ରୀଡ଼ା ପ୍ରତି ତାଙ୍କର ଥିଲା ଦୁର୍ବଳତା। ଓଡ଼ିଶାରେ ହକିର ବିକାଶ ପାଇଁ ତାଙ୍କର ଉଦ୍ୟମ ଓ ଅବଦାନ ଅବିସ୍ମରଣୀୟ। ଛାତ୍ର ଜୀବନରେ ସେ ରେଭେନ୍‌ଶା ମହାବିଦ୍ୟାଳୟର କ୍ରୀଡ଼ା ସମ୍ପାଦକ ଓ ପରବର୍ତ୍ତୀ ସମୟରେ ହକି ଆସୋସିଏଶନର ସଭାପତି ଥିଲେ ବୋଲି ବକ୍ତାମାନେ କହିଛନ୍ତି।



ସ୍ୱରାଜ ଆଶ୍ରମ ପରିସରରେ ଥିବା ଅମଳକୃଷ୍ଣ ରାୟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ

# ୮ ଗୁରୁତର, ୧୦ ଗିରଫ


**ନିଆଳି, ୨୭।୫(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ ପୋଖରୀଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ଘଟିଛି। ଏଥିରେ ଉଭୟ ପକ୍ଷରୁ ୮ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୌତମ ଭୋଇ, ଅନ୍ତର୍ଯ୍ୟାମୀ ଭୋଇ, ମହେନ୍ଦ୍ର ଭୋଇ, ଭଜନ ଭୋଇ, ସ୍ୱପ୍ନେଶ୍ୱର ଭୋଇ, ରଞ୍ଜିତ ଭୋଇ, ପ୍ରଶାନ୍ତ ଭୋଇ, ନବଘନ ଭୋଇ, ବିନୋଦ ଭୋଇ ଓ ଶୋବନ ଭୋଇ। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଗୌତମ ଭୋଇ ଓ ସ୍ୱପ୍ନେଶ୍ୱର ଭୋଇଙ୍କ ମଧ୍ୟରେ ବହୁ ଆଗରୁ ଜମିଜମା ବିବାଦ ଲାଗି ରହିଥିଲା। ସୋମବାର ସକାଳୁ ଗୌତମ ଓ ତାଙ୍କ ସମର୍ଥକମାନେ ସ୍ୱପ୍ନେଶ୍ୱରଙ୍କ ଘରେ ପହଞ୍ଚି ବିବାଦୀୟ ଜମିକୁ ନେଇ ପଞ୍ଚାୟତ ଦେଇଥିବା ଫଇସଲା କାଗଜ ମାଗିଥିଲେ। ଏହାକୁ ନେଇ ଗୌତମ ଓ ସ୍ୱପ୍ନେଶ୍ୱରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଗୌତମଙ୍କ ସମର୍ଥକମାନେ ସ୍ୱପ୍ନେଶ୍ୱରଙ୍କ ପରିବାର ସଦସ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଖବରପାଇ ସ୍ୱପ୍ନେଶ୍ୱରଙ୍କ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା। ଖବରପାଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ଏଏସ୍‌ଆଇ ଏସ୍. ଜାଫୁରଉଲ୍ଲା, ଅନାମ ଚରଣ ନାୟକ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ଗଣ୍ଡଗୋଳରୁ ନିବୃତ୍ତ କରିଥିଲେ। ଗଣ୍ଡଗୋଳରେ ଆହତ ହୋଇଥିବା ଉଭୟ ପକ୍ଷର ୮ ଜଣଙ୍କୁ ପୋଲିସ ଗାଡିରେ ନିଆଳି ମେଡିକାଲକୁ ପଠାଇଥିଲା। ହେଲେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ଏହି ଘଟଣାରେ ଉଭୟ ପକ୍ଷର ଦୁଇଟି ବାଇକ୍ ଓ ଗୋଟିଏ ପାୱାରଟିଲର ପୋଡି ଯାଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା (ନଂ.୧୩୪,୧୩୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।



ପୋଡ଼ିଯାଇଥିବା ବାଇକ୍ ଓ ପାୱାରଟିଲର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ମେ, ୨୦୧୯



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ବେଆଇନ କୋଚିଂ ସେଣ୍ଟର ଉପରେ କଟକଣା ଲାଗୁ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ):** ବେଆଇନ କୋଚିଂ ସେଣ୍ଟର ଉପରେ ସରକାର କଟକଣା ଜାରି କରିବା ନିମନ୍ତେ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କମିଶନରଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ନିକଟରେ ଗୁଜରାଟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶାରେ ଚାଲୁଥିବା ବେଆଇନ କୋଚିଂ ସେଣ୍ଟରଗୁଡ଼ିକରେ ଉପଯୁକ୍ତ ସୁରକ୍ଷା, ଅଗ୍ନିଶମ ବିଭାଗ ତରଫରୁ ସୁରକ୍ଷା ପ୍ରମାଣପତ୍ର ପ୍ରଦାନ ଆଦି ବିଷୟରେ ଅବଗତ କରାଇଥିଲେ। କମିଶନର ଘଟଣାର ଗୁରୁତ୍ୱ ଉପଲବ୍ଧ କରି ଯଥାଶୀଘ୍ର ଏହାଉପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ମହାସଂଘର ସହ ଅଧକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସତ୍ୟବ୍ରତ ପରିଜା, ଭୁମୋହନ ପଟ୍ଟନାୟକ, ଅଶୋକ ପାଇକରାୟ, ସତ୍ୟନାରାୟଣ ବିଶ୍ୱାଳ, ନୃସିଂହ ସାହୁ, ପୁଣ୍ୟାଶ୍ଳୋକ ମହାନ୍ତି ପ୍ରମୁଖ ଥିଲେ।

### ବାତ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ

**ବାରଙ୍ଗ,୨୭।୫(ଡି.ଏନ୍.ଏ.):** ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରର ଦୁର୍ଗାପୁଜା ମଣ୍ଡପଠାରେ ଲାୟନ୍ସକ୍ଲବ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ ରିଲିଫ ବଣ୍ଟନ କ୍ୟାମ୍ପ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତରର ନବନିର୍ବାଚିତ ବିଧାୟକ ସୁଶାନ୍ତ ରାଉତ ଏହି ରିଲିଫ ବଣ୍ଟନର ଶୁଭାରମ୍ଭ କରିଥିଲେ। ଲାୟନ୍ସ କ୍ଲବ୍ ଇଣ୍ଟରନ୍ୟାଶନାଲର ଗଭର୍ନର ବିଶ୍ୱନାଥ ମହାନ୍ତି, ଲେଡି ଗଭର୍ନର ରେବତି ସ, ଉତ୍ତର ଭୁବନେଶ୍ୱର ଭସାଣି କମିଟିର ସଂଯୋଜକ ତଥା ଆଇନଜୀବୀ ସମରେନ୍ଦ୍ର ସାହୁ, ମନୋଜ ସାହୁ, ଦିଲୀପ ସାହୁଙ୍କ ସମେତ ଆଖପାଖର ମୁରବୀ ଓ ଲାୟନ୍ସ କ୍ଲବର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ବାତ୍ୟା ପ୍ରପୀଡିତ ୨ହଜାରେ ଲୋକଙ୍କୁ ସହାୟତା ସ୍ୱରୂପ ଶାଢ଼ି, ସମ୍ବଲପୁରୀ ଲୁଙ୍ଗି, ଷ୍ଟିଲ ଟିଫିନ ବାକ୍ସ, ଡାଲି, ଅଟା, ଗୁଡ, ଚିନି, ପାଣିବୋତଲ ଆଦି ପ୍ରଦାନ କରାଯାଇଥିଲା।

### ଜଳେଶ୍ୱରଙ୍କ ଚାପ ଖେଳ ଶେଷ ହେଲା

**ବାରଙ୍ଗ,୨୭।୫(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ କଳାରାହଙ୍ଗ ଗ୍ରାମର ଆରାଧ ତଥା ପୁରାତନ ଶୈବପୀଠ ଜଳେଶ୍ୱର ମହାଦେବଙ୍କ ମନ୍ଦିରରେ ଚନ୍ଦନ ଉତ୍ସବ ଓ ଚାପଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ୭ଦିନ ବ୍ୟାପୀ ଚନ୍ଦନଚାପ ସୋମବାର ସରିଛି। ସାତଦିନ ବ୍ୟାପୀ ଏହି ଚାପ ମନ୍ଦିର ପଛପଟେ ଥିବା ଚନ୍ଦନପୋଖରୀରେ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟା ସମୟରେ ଠାକୁର ଜଳେଶ୍ୱରଙ୍କୁ ମନ୍ଦିରରୁ ବିରାଟ ପଟୁଆରରେ ଚନ୍ଦନ ପୋଖରୀକୁ ଅଣାଯାଇଥାଏ। ସେଠାରେ ସୁସଜ୍ଜିତ ଏକ ଡଙ୍ଗାରେ ଜଳେଶ୍ୱରଙ୍କ ଚଳନ୍ତିପ୍ରତିମାକୁ ବସାଯାଇ ଚାପ ଖେଳାଯାଇଥାଏ। ବାଜାବାଣ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହେବା ସହ ସାମୟିକ ଭାବେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥାଏ। କଳାରାହଙ୍ଗ ଗ୍ରାମ ସହ ଆଖପାଖ ଗ୍ରାମରୁ ବହୁ ଭକ୍ତ ଏହି ମନୋରମ ଦୃଶ୍ୟକୁ ଦେଖିବାପାଇଁ ଭିଡ ଜମାଇଥରବାର ଦେକ୍ବାକୁ ମିଳିଥିଲା। ମନ୍ଦିର କମିଟି ସହ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

### ଚାନ୍ଦା ଆଦାୟ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ପଞ୍ଚାୟତ ଟାଙ୍ଗୀବନ୍ତ ଗ୍ରାମରେ ଚନ୍ଦନଯାତ୍ରା ପାଇଁ ଚାନ୍ଦା ଆଦାୟକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ପରେ ମାରପିଟ୍ ହୋଇଛନ୍ତି। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ଟାଙ୍ଗୀବନ୍ତ ଗ୍ରାମର ସଞ୍ଜୟ କୁମାର ମହାନ୍ତି ଓ ଅକ୍ଷୟ କୁମାର ମହାନ୍ତି। ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାତ୍ୟା 'ଫନୀ' ଯୋଗୁ ଟାଙ୍ଗୀବନ୍ତ ଗ୍ରାମରେ ଚଳିତ ବର୍ଷ ଚନ୍ଦନଯାତ୍ରକୁ କେତେଜଣ ଗ୍ରାମବାସୀ ବିରୋଧ କରିଥିବା ବେଳେ କେତେଜଣ ଯାତ୍ରା କରିବାକୁ ଜିଦ ଧରିଥିଲେ। ଚନ୍ଦନ ଯାତ୍ରା ପାଇଁ ଚାନ୍ଦା ଆଦାୟକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ରବିବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀଙ୍କ ମଧରେ ମାରପିଟ୍ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଆହତଦ୍ୱୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏନେଇ ସୋମବାର ଉଭୟ ପକ୍ଷରୁ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି।

# ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା

**କଟକ ରୋଡ,୨୭।୫(ଡି.ଏନ୍.ଏ.)**



ତହସିଲର ଏକ ଗୃହ ଭଗ୍ନ ଅବସ୍ଥାରେ ପଡ଼ିଛି।

- ୨୫ଦିନ ପରେ ହୋଇନି ସ୍ୱାଭାବିକ
- ମ୍ୟୁଟେସନ ସହ କନଭରସନ କାର୍ଯ୍ୟ ବନ୍ଦ
- ମରାମତି ଆରମ୍ଭ କରୁନି ପୂର୍ତ୍ତବିଭାଗ
- ରାଜସ୍ୱ ହରାଇଲାଣି ୪ଲକ୍ଷ ଟଙ୍କା

ବାତ୍ୟା 'ଫନୀ'ରେ ରାଜଧାନୀର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର କ୍ଷତି ଘଟିଛି। କେତେକ କାର୍ଯ୍ୟାଳୟ ଜନସାଧାରଣଙ୍କୁ ଜରୁରୀ ସେବା ଯୋଗାଉଥିବା ବେଳେ ଅଦ୍ୟାବଧି ସେଗୁଡିକ ସ୍ୱାଭାବିକ ହୋଇପାରୁନାହିଁ। ତହସିଲ, ସବରେଜିଷ୍ଟ୍ରାର, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସିଭିଲକୋର୍ଟ ବିଲ୍ଡିଂ, ସିବିଆଇ କୋର୍ଟ, ଫାଷ୍ଟଟ୍ରାକ କୋର୍ଟ, ବାର ଆସୋସିଏଶନ ଲାଇବ୍ରେରୀ ଓ ୱେଲଫେୟାର ବିଲ୍ଡିଂ, କୋର୍ଟ ପୋଷ୍ଟ ଅଫିସ, ଏନଡାଓମେଣ୍ଟ କାର୍ଯ୍ୟାଳୟ ଭଳି ୧୦ଟି କାର୍ଯ୍ୟାଳୟ କ୍ଷତି ଘଟିଥିବା ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ମରାମତି ପାଇଁ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ବିଭାଗ ଏକ ପ୍ରାଥମିକ ଆକଳନ ସହ ଅଟକଳ ଚିଠା ମଧ ପ୍ରସ୍ତୁତ କରିଛି। ଏହି କାର୍ଯ୍ୟାଳୟମାନଙ୍କ ମଧରେ ତହସିଲ, ସବ୍‌ରେଜିଷ୍ଟ୍ରାରଙ୍କ ଅଫିସ ଅଧିକ ଭାଙ୍ଗିରୁଜି ଯାଇଥିବା ନେଇ ଏହି ଦୁଇ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ବାତ୍ୟା ସମୟରେ ତହସିଲ କାର୍ଯ୍ୟାଳୟର ୯ଟି କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, ୩ ସ୍କାନର, ୨ଟି ଜେରକ୍ସ ମେଶିନ ସହ ୧୨ଟି ରୁମରେ ଚାଲିଥିବା ୧୮ବିଭାଗର କେସ ରେକର୍ଡ, ରେଜିଷ୍ଟର ସହ କେତେକ ଜରୁରୀ ଫାଇଲ ନଷ୍ଟ ହୋଇଥିବା ନେଇ ଭୁବନେଶ୍ୱର ତହସିଲଦାର ସସ୍ମିତ କୁମାର ଗଡ଼ନାୟକ ଏନେଇ ଖୋର୍ଦ୍ଧା ଜିଲାପାଳଙ୍କୁ ମେମୋ ନଂ.୧୦ ତା: ୪/୫/୧୯ ରେ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏଥିସହ ଉକ୍ତ ବିଲ୍ଡିଂ ମରାମତିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ-୨ଙ୍କ ସହ ଇଣ୍ଟରନେଟ ସେବା ଓ କାର୍ଯ୍ୟାଳୟ ବିଦ୍ୟୁତ୍ ବ୍ୟବସ୍ଥା ସୁଧାରିବା ପାଇଁ ମଧ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି। ବାତ୍ୟାର ୨୫ଦିନ ପରେ ବି ଉପରୋକ୍ତ ବିଭାଗର ଅଧିକାରୀ ତହସିଲ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ମରାମତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବାରେ ତୁରନ୍ତ ପଦକ୍ଷେପ ନ ନେବା ଯୋଗୁ ଦୈନିକ ତହସିଲକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସେକ୍ସନ ଅଚଳ ପରେ ଜମିଜମା ସଂକ୍ରାନ୍ତୀୟ ମ୍ୟୁଟେଶନ, କନଭରସନ ସହ ଜାତିଗତ ପ୍ରମାଣପତ୍ର ମିଳିବାରେ ଅସୁବିଧା ହେଉଛି। ଏଭଳି ସିଙ୍ଗଲୱିଣ୍ଡୋ ବ୍ୟବସ୍ଥା ମଧ ବନ୍ଦ ହେବା ଯୋଗୁ ସେବା ଯୋଗାଇବା ସମ୍ଭବ ହୋଇପାରୁ ନାହିଁ ବୋଲି ତହସିଲଦାର ଗଡ଼ନାୟକ କହିଛନ୍ତି। ଅନ୍ୟପକ୍ଷରେ କେତୋଟି ପ୍ରମାଣପତ୍ର କୌଣସି ମତେ ପ୍ରସ୍ତୁତ ହେଉଥିଲେ ମଧ କେତେଜଣ ଅଧିକାରୀ ଓ କାର୍ଯ୍ୟାଳୟରେ ରହୁ ନ ଥିବା ଯୋଗୁ ତାହା ପାଇବା କଷ୍ଟ ହେଉଛି ବୋଲି ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକ ସୁମନ୍ତ ମହାନ୍ତି କହିଛନ୍ତି। ସର୍ବାଧିକ ରାଜସ୍ୱ ହେଉଥିବା ମ୍ୟୁଟେସନ ଓ କନଭରସନ କାମ ବନ୍ଦ ହେବା ଫଳରେ ମାସିକ ଆୟ ହେଉଥିବା ପ୍ରାୟ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ କ୍ଷତି ହେଉଛି ବୋଲି ତହସିଲର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ବାତ୍ୟାର କ୍ଷତି ପରେ ସମାନ ଅବସ୍ଥା ଦେଖାଦେଇଛି। କାର୍ଯ୍ୟାଳୟର କେତେକ ଅଂଶ ଭାଙ୍ଗିଯିବା ଫଳରେ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଜମି ରେଜିଷ୍ଟ୍ରେଶନ ବନ୍ଦ ରହିଥିଲା। ଫଳରେ ସରକାରଙ୍କ ଏକ ପ୍ରମୁଖ ରାଜସ୍ୱ ଆଦାୟରେ କ୍ଷତି ଘଟିଥିଲା। ଏ ନେଇ ଖୋର୍ଦ୍ଧା ଜିଲା ସବ୍‌ରେଜିଷ୍ଟାର ଚିଠି ନଂ.୪୯୦ ତା:୧୦/୫/୨୦୧୯ ରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ ଏଠାରେ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗତ ୧୪ତାରିଖରୁ ପୁଣି ଜମି ରେଜିଷ୍ଟ୍ରେଶନ କାମ ଆରମ୍ଭ ହୋଇଥିବା ସବରେଜିଷ୍ଟ୍ରାର କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ପରେ ୧୧ଦିନ ପଞ୍ଜୀକରଣ ବନ୍ଦ ଯୋଗୁ ପ୍ରାୟ ୨୦କୋଟି ଟଙ୍କା ରାଜସ୍ୱହାନି ହୋଇଛି ବୋଲି ଅଧିକାରୀଜଣଙ୍କ କହିଛନ୍ତି। ଭୁବନେଶ୍ୱର ବାର ଆସୋସିଏଶନ ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ କୁହନ୍ତି, ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ତହସିଲ କାର୍ଯ୍ୟାଳୟ ମରାମତି ସହ ସମସ୍ତ ବ୍ୟବସ୍ଥା ଚାଲୁ ହେବା ଜରୁରୀ। ଏଥିସହ କୋର୍ଟ ପରିସରରେ କ୍ଷତି ହୋଇଥିବା ଅନେକ ବିଲ୍ଡିଂର ମରାମତି ପୂର୍ତ୍ତ ବିଭାଗ ଶୀଘ୍ର ଆରମ୍ଭ କରୁ ବୋଲି କହିଛନ୍ତି। ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ-୨ ପ୍ରଦୀପ କୁମାର ଦାସ କୁହନ୍ତି, ତହସିଲ ଓ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ବିଭାଗର କ୍ଷତି ବାବଦରେ ଆକଳନ କରାଯାଇ ଏଷ୍ଟିମେଟ ପ୍ରସ୍ତୁତ ହୋଇଛି। ଆସନ୍ତା ବୁଧବାର ସୁଦ୍ଧା ମରାମତି କାର୍ଯ୍ୟ ଆରମ୍ଭ କରାଯିବ।

### ମହିଳାଙ୍କ ଫଟୋ ଭାଇରାଲ ଧମକ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ମହିଳାଙ୍କ ଫଟୋକୁ ବିକୃତ କରି ସେଥିରେ ନଗ୍ନ ଫଟୋ ଯୋଡି ହଇରାଣ କରୁଥିବା ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ତପନ କୁମାର ଜେନା। ସୂଚନାମୁତାବକ ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳା ଏକ ବେସରକାରୀ ଅନୁଷ୍ଠାନରେ କାମ କରୁଥିବା ବେଳେ ଅଭିଯୁକ୍ତ ତପନଙ୍କ ସହ ବନ୍ଧୁତା ରହିଥିଲା। ପରବର୍ତ୍ତୀ ସମୟରେ ତପନ ମହିଳାଙ୍କୁ ଏକତରଫା ପ୍ରେମ ନିବେଦନ କରୁଥିଲେ। ଏଥିରେ ମହିଳାଜଣକ ଅରାଜି ହେବାରୁ ତପନ ସମ୍ପୃକ୍ତା ମହିଳାଙ୍କ କେତେକ ଫଟୋ ବିକୃତ କରି ସେଥିରେ ନଗ୍ନ ଫଟୋ ଯୋଡି ତାଙ୍କ ମୋବାଇଲକୁ ପଠାଇଥିଲେ। ଏ ନେଇ କାହାକୁ ନ କହିବା ସହ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏ ନେଇ ଗତ ୨୫ ତାରିଖରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୩୫/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଅଭିଯୁକ୍ତଙ୍କ ମୋବାଇଲକୁ ଟ୍ରାକ କରି ପୋଲିସ ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ଚଢାଉ କରି ତପନଙ୍କୁ ଗିରଫ କରିଥିଲା।

## ସ୍କୁଟି ଚୋରି ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ସ୍କୁଟି ଚୋରି ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟବିହାର ଅଞ୍ଚଳର ଆଶିଷ ମାହାଳ ଏବଂ ଯାଜପୁର ଟାଉନ ଅଞ୍ଚଳର ମହେଶ ଜେନା। ଏମାନଙ୍କ ନିକଟରୁ ଚୋରି ହୋଇଥିବା ସ୍କୁଟି ଜବତ ହୋଇଛି। ସୂଚନା ଅନୁଯାୟୀ, ସାଲେପୁର ହାଣ୍ଡିଭଙ୍ଗା ଗ୍ରାମର ସ୍ୱର୍ଣ୍ଣମୟୀ ଜେନା ଗତ ୨୧ତାରିଖରେ ରସୁଲଗଡ ଛକରେ ଥିବା ଏକ ରେଷ୍ଟୁରାଣ୍ଟକୁ ସାଙ୍ଗମାନଙ୍କ ସହ ଖାଇବାକୁ ଆସିଥିଲେ। ଖାଇବା ସାରି ବାହାରକୁ ଯାଇ ଦେଖିବାବେଳେ ପାର୍କିଂରେ ସ୍କୁଟି ନ ଥିବା ଦେଖି ଆଶିଷ ସମାନ ଜାଗାରେ ସ୍କୁଟି ପାର୍କିଂ କରିଥିବା କହିଥିଲେ। ଖୋଜାଖୋଜି ପରେ ସ୍କୁଟି ମିଳି ନ ଥିଲା। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୯୭/୧୯) ରୁଜୁ କରିଥିଲା। ପୋଲିସ ରେଷ୍ଟୁରାଣ୍ଟର ସିସିଟିଭି ଯାଞ୍ଚ କରିବା ପରେ ସମସ୍ତ ଘଟଣା ଜଣାପଡିଥିଲା। ସ୍ୱର୍ଣ୍ଣମୟୀଙ୍କ ବନ୍ଧୁ ଅଭିଯୁକ୍ତ ଆଶିଷ ବାହାରକୁ ଆସିବା ପରେ ଦୂରରେ ମୁହଁରେ କପଡା ବାନ୍ଧିଥିବା ଜଣେ ବ୍ୟକ୍ତିଙ୍କ ସହ କିଛି କଥା ହୋଇ ଚାଲିଯାଇଥିଲେ। ପରେ ଉକ୍ତ ଯୁବକ ସ୍କୁଟି ନେଇଯାଇଥିଲେ। ପରେ ପୋଲିସ ଆଶିଷଙ୍କ ଉପରେ ନଜର ରଖିଥଲା। ପଲାଶୁଣୀ ଅଞ୍ଚଳରେ ଆଶିଷଙ୍କ ସହଯୋଗୀ ମହେଶ ସ୍କୁଟି ଧରି ଛିଡା ହୋଇଥିବା ବେଳେ ପୋଲିସକୁ ସୂଚନା ମିଳିଥିଲା। ପରେ ପୋଲିସ ଆଶିଷଙ୍କ ସହଯୋଗରେ ମହେଶ ସ୍କୁଟି ଚୋରି କରିଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ ଗିରଫ କରିଥିଲା।

### ବିଧାୟକ ସୌଭିକ ବିଶ୍ୱାଳଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ନବନିର୍ବାଚିତ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ କାର ହଂସପାଳ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ସୌଭିକ ସାମାନ୍ୟ ଆହତ ହୋଇଥିବାବେଳେ କାରଟି କ୍ଷତିଗ୍ରସ୍ତ ହୋଇଛି। ସୂଚନା ମୁତାବକ, ସୌଭିକ ସୋମବାର ରାତି ୧୧ଟା ୩୦ରେ ଭୁବନେଶ୍ୱରରୁ କାମ ସାରି କଟକ ଫେରୁଥିଲେ। ସୌଭିକଙ୍କ ବନ୍ଧୁ କାର ଚଳାଉଥିଲେ। ହଂସପାଳ ଛକ ନିକଟରେ ପଛପଟରୁ ଏକ ଓଲା କାର ତାଙ୍କ କାରକୁ ଧକ୍କା ଦେଇଥିଲା। ସୌଭିକଙ୍କ ହାତ ଏବଂ ଆଣ୍ଠୁରେ ସାମନ୍ୟ ଆଘାତ ଲାଗିଛି। ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ କ୍ରେନ ସାହାଯ୍ୟରେ ଥାନାକୁ ଆଣିଛି।




ଭୁବନେଶ୍ୱର ଭାରତୀୟ ବିଦ୍ୟା ଭବନ ପରିସରରେ ସୋମବାର ଆୟୋଜିତ ଲୁପ୍ତପ୍ରାୟ ଲୋକକଳା 'କ୍ରିଷ୍ଣାଲୀଳା'ର ଏକ ଦୃଶ୍ୟ।

## ଆରମ୍ଭ ହେଲା ରେଟିନା ଅସ୍ତ୍ରୋପଚାର

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

**କ୍ୟାପିଟାଲ ହସ୍ପିଟାଲ**

ରାଜ୍ୟର ଅନ୍ୟତମ ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ରେଟିନା ଅସ୍ତ୍ରୋପଚାର ଆରମ୍ଭ ହୋଇଛି। ସୁନେତ୍ର ଯୋଜନାରେ ଆରମ୍ଭ ହୋଇଥିବା ଏହି ଅତ୍ୟାଧୁନିକ ବ୍ୟୟବହୁଳ ଚିକିତ୍ସା ଚକ୍ଷୁରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି। ଚକ୍ଷୁରୋଗୀଙ୍କୁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସେବା ବିନା ମୂଲ୍ୟରେ ଯୋଗାଇଦେବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଅନ୍ଧତ୍ୱ ଦୂରୀକରଣ ଲକ୍ଷ୍ୟ ହାସଲ ଲାଗି ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ନିର୍ଦ୍ଦେଶକ୍ରମେ ସୁନେତ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଏ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଏଥିପାଇଁ ଆବଶ୍ୟକ ଅତ୍ୟାଧୁନିକ ଓଟିର ମଧ ବ୍ୟବସ୍ଥା କରିଛନ୍ତି। ରେଟିନା ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଆରମ୍ଭ ହେବା ପରେ କ୍ୟାପିଟାଲ ହସ୍ପିଟାଲ ଚକ୍ଷୁରୋଗ ବିଶେଷଜ୍ଞ ଡା. ଅଶ୍ୱିନୀ ମେହେର୍ଦ୍ଦା ଦିଲ୍ଲୀ ଏମ୍‌ସକୁ ଯାଇ ତାଲିମ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ବେସରକାରୀ ସ୍ତରରେ ରେଟିନା ଅସ୍ତ୍ରୋପଚାର ପାଇଁ ରୋଗୀଙ୍କୁ ୬୦ରୁ ୭୦ ହଜାର ପର୍ଯ୍ୟନ୍ତ ଟଙ୍କା ବ୍ୟୟ କରିବାକୁ ପଡୁଛି। ଏବେ କ୍ୟାପିଟାଲ ହସ୍ପିଟାଲରେ ଏହି ସେବା ଆରମ୍ଭ ହେବା ପରେ ଦୈନିକ ପ୍ରାୟ ୧୦ ରୁ ୧୫ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହେଉଥିବା ଡା. ମେହେର୍ଦ୍ଦା ସୂଚନା ଦେଇଛନ୍ତି। ଏପରିକି ମଧୁମେହରେ ଆକ୍ରାନ୍ତ ହୋଇ ଚକ୍ଷୁରେ ଗ୍ଲୁକୋମା ସମସ୍ୟା ଭୋଗୁଥିବା ରୋଗୀଙ୍କୁ ମଧ ଆବଶ୍ୟକ ପଡୁଥିବା ଦାମୀ ଇଞ୍ଜେକ୍ସନ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି। ଗୋଟିଏ ଇଞ୍ଜେକ୍ସନର ମୂଲ୍ୟ ଖୋଲା ବଜାରରେ ୨୦ରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପଡୁଛି। କ୍ୟାପିଟାଲ ହସ୍ପିଟାଲରେ ସୁନେତ୍ର ଯୋଜନାରେ ଆରମ୍ଭ ହୋଇଥିବା ବ୍ୟୟବହୁଳ ରେଟିନା ଅସ୍ତ୍ରୋପଚାର ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମ ବୋଲି ଜଣାଯାଇଛି।

## ଟ୍ରାଫିକ କନଷ୍ଟେବଲଙ୍କୁ ଦୁର୍ବ୍ୟବହାର

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

**ଡ୍ରାଇଭର ଗିରଫ**

ବେପରୁଆ ଗାଡି ଚଳାଇବା ସହ ଟ୍ରାଫିକ ସିଗ୍‌ନାଲ ନ ମାନିବା ଓ କାର୍ଯ୍ୟରତ ଟ୍ରାଫିକ ପୋଲିସକୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ବାଙ୍କୀ ଘାସିପୁଟ ଅଞ୍ଚଳର ସୁବାସ ଚନ୍ଦ୍ର ମହାପାତ୍ର(୫୭)। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଟ୍ରାଫିକ କନ୍‌ଷ୍ଟେବଲ ସଞ୍ଜୟ କୁମାର ମଲ୍ଲିକ ଡମଣା ଟ୍ରାଫିକ ପୋଷ୍ଟରେ କାର୍ଯ୍ୟରତ ଥିଲେ। ଲାଲ୍ ସିଗ୍‌ନାଲ ଥିବାବେଳେ ସୁବାସ ମିନିଟ୍ରକକୁ ବେପରୁଆ ଭାବେ ଚଳାଇ ଟ୍ରାଫିକ ଛକ ଅତିକ୍ରମ କରିଥିଲେ। କାର୍ଯ୍ୟରତ ଟ୍ରାଫିକ କନଷ୍ଟେବଲ ସଞ୍ଜୟ ଉକ୍ତ ଟ୍ରକକୁ ଅଟାକଇବାକୁ ଚେଷ୍ଟା କରିଥିଲେ ମଧ ଡ୍ରାଇଭର ସୁବାସ ତାଙ୍କୁ ସାଇଡ୍ ମାରି ଚାଲିଯାଇଥିଲେ। ସଞ୍ଜୟ ଟ୍ରକଟିକୁ ପିଛା କରି ସୈନିକ ସ୍କୁଲ ନିକଟରେ ଅଟକାଇଥିଲେ। ଡ୍ରାଇଭର ସୁବାସ ଗାଡିରୁ ଓହ୍ଲାଇ କନଷ୍ଟେବଲ ସଞ୍ଜୟଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ସହ ଡ୍ରାଇଭର ସୁବାସଙ୍କୁ ଥାନାକୁ ଆଣିଥିଲା। ସଞ୍ଜୟଙ୍କ ଅଭିଯୋଗକ୍ରମେ ପୋଲିସ ୨୩୪/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁବାସଙ୍କୁ ପଚରାଉଚରା ପରେ ସୋମବାର କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ଜଳିଗଲା କମ୍ପ୍ୟୁଟର ଦୋକାନ

**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୨୭।୫(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ଥାନା ଅଧୀନ ରବି ଟକିଜ ନିକଟରେ ଥିବା ଏକ କମ୍ପ୍ୟୁଟର ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ସୂଚନା ଅନୁଯାୟୀ, ଏଠାରେ ସିଦ୍ଧାର୍ଥ ଟାୱାର ରୁମ ନଂ.୫ରେ ଏସ୍‌ବିଏଫ୍ ଟେକ୍ନୋଲୋଜି ନାମକ ଏକ କମ୍ପ୍ୟୁଟର ଦୋକନ ସନ୍ତୋଷ କରଙ୍କ ରହିଥିଲା। ମଙ୍ଗଳବାର ବଜାର ବନ୍ଦ ନେଇ ସୋମବାର ରାତି ୮ଟା ୩୦ରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହଠାତ୍ ଘରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖି ପାଖ ଦୋକାନୀ କମ୍ପ୍ୟୁଟର ଦୋକାନ ମାଲିକଙ୍କୁ ଖବର ଦେବା ସହ ଅଗ୍ନିଶମ କେନ୍ଦ୍ରକୁ ଜଣାଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବସନ୍ତ କୁମାର ମହାନ୍ତି କହିଛନ୍ତି।

## ରିଲିଫ ପାଣ୍ଠିକୁ ସିଟିଟିସିର ସହାୟତା



**ଭୁବନେଶ୍ୱର,୨୭।୫**

ଭାରତ ସରକାରଙ୍କ ଅଧିନ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି) ଫନୀ ପ୍ରଭାବିତଙ୍କ ସହାୟତା ଲାଗି ଆଗେଇ ଆସିଛି। ଅନୁଷ୍ଠାନର କର୍ମଚାରୀଙ୍କ ଗୋଟିଏ ଦିନର ଦରମା, ଛାତ୍ରୀଛାତ୍ରଙ୍କ ସ୍ୱେଚ୍ଛାକୃତଦାନ ସହଯୋଗୀ କର୍ମଚାରୀଙ୍କ ଦାନକୁ ମିଶାଇ ସଂଗ୍ରହ ହୋଇଥିବା ୨.୬୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶିବାଶିଷ ମାଇତି, ବରିଷ୍ଠ ଅଧିକାରୀ ଏସ୍.କେ.କର ଏବଂ ଏସ୍.କେ. ନନ୍ଦୀ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢୀଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ। ସେହିଭଳି ଥିରୁଭାନ୍ତପୁରମ ଆଇଆଇଏସ୍‌ୟୁ ଗ୍ରୁପର ଉପନିର୍ଦ୍ଦେଶକ ଆଥିପାଗବନ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

### ଜମାଟଙ୍କା ହଡ଼ପ ଅଭିଯୋଗ

## ଏଜେଣ୍ଟଙ୍କ ସ୍ତ୍ରୀଙ୍କୁ ତାଲା ପକାଇଲେ ଜମାକାରୀ


**ପୁରୁଣା ଭୁବନେଶ୍ୱର, ୨୭।୫(ଡି.ଏନ୍.ଏ.)**




ଉତ୍ତ୍ୟକ୍ତ ଜମାକାରୀଙ୍କ ଥାନା ଆଗରେ ହୋହଲ୍ଲା।

ଜମା ଟଙ୍କା ହଡ଼ପ ଏବଂ ଟଙ୍କା ନେଇଥିବା ଏକ ସଂସ୍ଥା ବନ୍ଦ ଦାବିରେ ସୋମବାର ରାଜଧାନୀ ଉପକଣ୍ଠ ଉତ୍ତରା ଫାଣ୍ଡି ଅଧୀନ ଦୀନ ଉଦ୍ଧାରଣ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଟଙ୍କା ଜମା କରିଥିବା ଜମାକାରୀମାନେ ସମ୍ପୃକ୍ତ ଏଜେଣ୍ଟଙ୍କ ସ୍ତ୍ରୀ ଓ ପୁଅ ଗ୍ରାମକୁ ଆସିଥିବାବେଳେ ତାଙ୍କୁ ମାଡ଼ ମାରି ତାଲା ପକାଇ ଟଙ୍କା ଫେରାଇଦେବାକୁ ଦାବି କରିଥିଲେ। ଖବର ଅନୁଯାୟୀ, ଏହି ଗ୍ରାମର ଜଣେ ବ୍ୟକ୍ତି ଏକ ଘରୋଇ କମ୍ପାନୀର ଏଜେଣ୍ଟ ଭାବରେ କାମ କରୁଥିଲେ। ଫିକ୍ସ ଡିପୋଜିଟ୍ କିମ୍ବା ଅନ୍ୟାନ୍ୟ ଡିପୋଜିଟ୍ କଲେ ଆକର୍ଷଣୀୟ ରାଶିର ସୁଧ ମୂଳ ବହୁ ପରିମାଣରେ ମିଳିବା ନେଇ ସେ ଲୋକଙ୍କୁ ଲୋଭ ଦେଖାଇ ଟଙ୍କା ଆଦାୟ କରୁଥିଲେ। ଏହି ବ୍ୟବସାୟ ବଢିବା ପରେ ସ୍ଥାନୀୟ ଅଞ୍ଚଳରୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର କରିଥିଲେ। ୨୦୧୬ ପର୍ଯ୍ୟନ୍ତ ଟଙ୍କା ଦେଣନେଣ ଠିକ୍ ଥିବାବେଳେ କେତେକଙ୍କ ମାଚ୍ୟୁରିଟି ସମୟ ହେବାରୁ ଗ୍ରାହକମାନେ ମାଗିବାରୁ ଟଙ୍କା ଫେରିପାଇ ନ ଥିଲେ। ପରେ ଏହା ଏକ ଠକ ବୋଲି ସନ୍ଦେହ କରି ଟଙ୍କା କଥା କହିବାରୁ ବ୍ୟକ୍ତିଜଣକ ଧରାଛୁଆଁ ଦେଇ ନ ଥିଲେ। ସୋମବାର ତାଙ୍କ ସ୍ତ୍ରୀ ଓ ଦିବ୍ୟାଙ୍ଗ ପୁଅ ଘରକୁ ଆସିଥିବାବେଳେ ଜମାକାରୀ ଏହା ଜାଣିପାରି ତାଙ୍କୁ ମାଡ଼ ମାରିବା ସହ ଏକ ଘରେ ତାଲା ପକାଇଦେଇଥିଲେ। ପରେ ଖବରପାଇ ଉତ୍ତରା ଫାଣ୍ଡି ପୋଲିସ ଅଧିକାରୀ ଅଶୋକ ଗୋଚ୍ଛାୟତ ଓ ଉକ୍ତ ପହଞ୍ଚି ସେମାନଙ୍କୁ ମୁକୁଳାଇ ଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ଏଜେଣ୍ଟ ଗ୍ରାହକଙ୍କୁ ଦେଇଥିବା ବଣ୍ଡ୍ ନକଲି ଏବଂ ତା'ର କାର୍ଯ୍ୟାଳୟ କେଉଁଠି ଦେଖାଅ ବୋଲି ଦାବିକରି ଥାନା ଆଗରେ ହୋହଲ୍ଲା କରିଥିଲେ। ପୋଲିସ୍ ଗ୍ରାହକଙ୍କ ଅଭିଯୋଗକୁ ଭିତ୍ତିକରି ବ୍ୟକ୍ତିଗତ ଟଙ୍କା ଜମା ତଥ୍ୟ ଯାଞ୍ଚ କରିବାପରେ ସମ୍ପୃକ୍ତ ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉତ୍ତରା ଫାଣ୍ଡି ଅଧିକାରୀ କହିଛନ୍ତି। ଅନ୍ୟପଟେ ପ୍ରତିଶ୍ରୁତି ପାଇବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ଏଜେଣ୍ଟ ଜଣକ କୁହନ୍ତି, ସମସ୍ତ ଗ୍ରାହାକଙ୍କ ସମସ୍ତ ଜମା ଟଙ୍କା ସୁରକ୍ଷିତ ରହିଛି। ଧୀରେ ଧୀରେ କମ୍ପାନୀ ଏଗୁଡ଼ିକ ସୁଚାରୁରୂପେ ପୈଠ କରିବାପରେ ସୁଧାର ଆଣିବ। ପୁଣି ଗ୍ରାହକମାନେ ତାଙ୍କ ସ୍ତ୍ରୀ ଏବଂ ପୁତ୍ରକୁ ମାଡ଼ ମାରିଥିବା ନେଇ ଅଭିଯୋଗ କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ମେ, ୨୦୧୯



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଦୁର୍ଘଟଣା: ହାଇୱା ଡ୍ରାଇଭରଙ୍କ ମୃତ୍ୟୁ

**ଯାଁଳା, ୨୭।୫(ଡି.ଏନ୍.ଏ):** ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଭୁଆଶୁଣି ମନ୍ଦିର ନିକଟରେ ସୋମବାର ଏକ ହାଇୱା ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା କାଇପଦର ଅଞ୍ଚଳର ଫଗୁଚରଣ ମାର୍ଥା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏହି ହାଇୱା ସହିତ ଅନ୍ୟ ଏକ କାର୍ ଆଗ ପଛ ହୋଇଆସୁଥିଲେ। ତେବେ ଓଭରଟେକ୍‌କୁ ନେଇ ହାଇୱା ଭାରସାମ୍ୟ ହରାଇ ଡିଭାଇଡର ଉପରେ ଚଢ଼ିଯାଇଥିଲା। ଏହି ସମୟରେ ଡ୍ରାଇଭର ଫଗୁଚରଣ ତଳକୁ ଡେଇଁପଡ଼ିଥିଲେ। କିନ୍ତୁ ନିଜ ହାଇୱା ଚକରେ ସେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜାତୀୟ ରାଜପଥରେ ଘଣ୍ଟାଏ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଯାଁଳା ଫାଣ୍ଡି ପୋଲିସ ସ୍ଥିତି ସ୍ୱାଭାବିକ କରିଥିଲା।

## ଓଭରବ୍ରିଜ୍ ଉପରେ ଧକ୍କା ଦେଲା ଟ୍ରକ

# ୩୦ ଫୁଟ ତଳକୁ ଖସି ବାପ, ପୁଅ ମୃତ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥ ଓଭରବ୍ରିଜ୍ ପାଲଟିଛି ଡେଥ୍ ଜୋନ୍। ଦୁର୍ଘଟଣା ନେଉଛି ବହୁ ଜୀବନ। ସୋମବାର ସକାଳେ ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟବିହାର ଛକ ନିକଟ ଓଭରବ୍ରିଜ ଉପରେ ଆଉ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ସ୍କୁଟିରେ ଯାଉଥିବା ବାପା ଓ ପୁଅ ଓଭରବ୍ରିଜର ୩୦ଫୁଟ ତଳକୁ ଖସିପଡ଼ିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ମଦନପୁର ଗ୍ରାମର ଗଙ୍ଗାଧର ମହାରଣା(୫୫) ଓ ପୁଅ ଲକ୍ଷ୍ମଣ ମହାରଣା(୨୫)। ପୋଲିସ ଉଭୟଙ୍କ ମୃତଦେହକୁ ଜବତ କରି କେସ୍ ନଂ.୨୩୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



### ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ କମିଶନରଙ୍କ ନିର୍ଦ୍ଦେଶ

ଟୁଇନ ସିଟି ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ବଢ଼ିବା ସହ ଅକାଳରେ ଅନେକ ଜୀବନ ଚାଲିଯାଉଛି। ସପ୍ତାହକ ଭିତରେ ଭୁବନେଶ୍ୱରରେ ୫ଜଣଙ୍କ ଜୀବନ ଯିବା ପରେ କମିଶନରେଟ ପୋଲିସର ଚେତା ପଶିଛି। ଦୁର୍ଘଟଣା ରୋକିବା ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, କଟକ ଭୁବନେଶ୍ୱରର ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ 'ବ୍ଲାକ୍ ସ୍ପଟ' ଭାବେ ଚିହ୍ନଟ କରାଯିବ। ତୁରନ୍ତ ସେଠାରେ ସ୍ପିଡ୍ ବ୍ରେକର ଓ ବ୍ୟାରିକେଡ୍ ବ୍ୟବସ୍ଥା କରିବା ପାଇଁ ଟ୍ରାଫିକ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାସ୍ତାରେ ଗାଡିମୋଟରର ବେଗ କମାଇବା ପାଇଁ ସ୍ପିଡ୍ ଇଣ୍ଟରସେପ୍ଟର ଭ୍ୟାନ ପ୍ୟାଟ୍ରୋଲିଂ କରିବାକୁ କୁହାଯାଇଛି।

### ସପ୍ତାହ ମଧ୍ୟରେ ଓଭରବ୍ରିଜ୍‌ରେ ଗଲାଣି ୫ ଜୀବନ

ହଂସପାଳ ଛକରୁ ବରମୁଣ୍ଡା ଓଭରବ୍ରିଜ୍ ଉପରେ ଗତ ସପ୍ତାହ ମଧ୍ୟରେ ଏକାଧିକ ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ଘଟିଛି। ଇସ୍କନ ମନ୍ଦିର ସମ୍ମୁଖ ଓଭରବ୍ରିଜରେ ବାଉଁଶ ବୋଝେଇ ଟ୍ରକ୍ ପଛରେ ଏକ ଟ୍ୟାଙ୍କର ପିଟି ହୋଇ ଜଣଙ୍କର ମୃତ୍ୟୁ ଘଟିଥିଲା। ଟ୍ୟାଙ୍କର ଡ୍ରାଇଭର ପେଟରେ ବାଉଁଶ ପଶି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ଜୀବନ ଯାଇଥିଲା। ବରମୁଣ୍ଡା କାଳୀ ମନ୍ଦିର ନିକଟ ଜାତୀୟ ରାଜପଥରେ ସ୍କୁଟିରେ ଯାଉଥିବା ୩ ଛାତ୍ରଙ୍କ ଉପରେ ଟ୍ରକ୍ ଚଢ଼ି ଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଓଭରବ୍ରିଜରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏବେ ଲୋକେ ଏହା ଉପର ଦେଇ ଯାତାୟାତ କରିବାକୁ ଭୟ କଲେଣି।

ସୂଚନା ଅନୁଯାୟୀ, ବାପା ଗଙ୍ଗାଧରଙ୍କ ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ପୁଅ ଲକ୍ଷ୍ମଣ ଏକ ସ୍କୁଟି(ଓଡି-୨୫ଏଚ୍-୬୪୬୦)ରେ ବସାଇ ନୟାଗଡରୁ ସକାଳୁ ବାହାରିଥିଲେ। ସେମାନେ କଟକ ବଡ଼ ମେଡିକାଲକୁ ଯାଇଥାନ୍ତେ। ସକାଳ ପ୍ରାୟ ୯ଟାରେ ସେମାନେ ଆଚାର୍ଯ୍ୟ ବିହାର ଛକ ଉପର ଓଭରବ୍ରିଜ୍ ଦେଇ ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିବା କୁହାଯାଉଛି। ଫଳରେ ଉଭୟ ଗଙ୍ଗାଧର ଓ ଲକ୍ଷ୍ମଣ ସ୍କୁଟିରୁ ଛିଟିକି ଓଭରବ୍ରିଜ୍‌ରୁ ତଳକୁ ଖସି ପଡିଥିଲେ। ଘଟଣାସ୍ଥଳରେ ଗଙ୍ଗାଧରଙ୍କର ମୃତ୍ୟୁ ଘଟିଥିବାବେଳେ ଲକ୍ଷ୍ମଣ ଗୁରୁତର ଆହତ ହୋଇଥିଲେ। ପୋଲିସ ଲକ୍ଷ୍ମଣଙ୍କୁ ପିସିଆର ଭ୍ୟାନରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଜଟିଳହେବାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବୋମା ତିଆରି ବେଳେ ପୋଲିସ ଚଢ଼ାଉ: ୨ଅଟକ

**ବ୍ରହ୍ମଗିରି, ୨୭।୫(ଡି.ଏନ୍.ଏ.):** ପୁରୀ ସଦର ଥାନା ଅନ୍ତର୍ଗତ କଉଗାଡିଆଠାରେ ସୋମବାର ଦୁଇ ଯୁବକ ବୋମା ତିଆରି କରୁଥିବା ସମୟରେ ବ୍ରହ୍ମଗିରି ପୋଲିସ ଖବର ପାଇ ସେଠାରେ ପହଞ୍ଚି ବୋମା ଜବତ କରିବା ସହ ୨ଜଣଙ୍କୁ ଅଟକ ରଖିଛି। ପୋଲିସ ସେଠାରେ ୧୫ରୁ ଉର୍ଦ୍ଧ୍ୱ ବୋମା ନିଷ୍କ୍ରିୟ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କଉଗାଡିଆ ନିକଟରେ ଦୁଇ ଜଣ ଯୁବକ ବୋମା ପ୍ରସ୍ତୁତ କରୁଥିଲେ। ଏ ସମ୍ପର୍କରେ ବ୍ରହ୍ମଗିରି ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚିଥିଲା। ଦୁଇ ଯୁବକ କଡ଼ାଜିତ ଗ୍ରାମର ବୋଲି ଜଣାପଡ଼ିଛି। ଶନିବାର ରାଜନୈତିକ ଶତ୍ରୁତାକୁ ନେଇ ଭାଟପଡ଼ା ଗ୍ରାମରେ ବୋମାମାଡ଼ ହୋଇଥିଲା।



# ସାମାନ୍ୟ ବଚସାରୁ ଲୁଗା ଦୋକାନ ଉପରକୁ ବୋମାମାଡ଼

**ପୁରୀ ଅଫିସ, ୨୭।୫**

ବିଗୁଡୁଛି ଚନ୍ଦନପୁରରେ ଆଇନଶୃଙ୍ଖଳା ପରିସ୍ଥିତି। ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅପରାଧୀଙ୍କୁ ଦମନ କରିବାରେ ବିଫଳ ହୋଇଛି ଚନ୍ଦନପୁର ପୋଲିସ। ସୋମବାର ଅପରାହ୍ନ ୪ଟା ସମୟରେ ଚନ୍ଦନପୁର ପୋଲିସ ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ଏକ ଲୁଗା ଦୋକାନ ଉପରକୁ ବୋମାମାଡ ହୋଇଛି। ଏହି ସମୟରେ ଦୋକାନରେ ଗ୍ରାହକ ଥିଲେ। ସୌଭାଗ୍ୟ ବଶତଃ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ବୋମାମାଡ ପରେ ଭୟରେ ବଜାରରେ ଥିବା ଅନ୍ୟ ଦୋକାନୀ, ଉଠାଦୋକାନୀମାନେ ଦୋକାନ ବନ୍ଦ କରିଦେଇଥିଲେ। ବଜାର ବସ୍‌ଷ୍ଟାଣ୍ଡରେ ଉପସ୍ଥିତ ଥିବା ଯାତ୍ରୀମାନେ ଭୟରେ ଏଣେତେଣେ ଦୌଡ଼ିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଚନ୍ଦନପୁର ବଜାରରେ ଥିବା ଗଣପତି ବସ୍ତ୍ର ଭଣ୍ଡାରକୁ ଅପରାହ୍ନରେ ଦୁଇ ଜଣ ଯୁବକ ଲୁଗା କିଣିବା ଲାଗି ଆସିଥିଲେ। ଲୁଗା କିଣିସାରିବା ପରେ ଟଙ୍କା ଦେଣ ନେଣକୁ ନେଇ ଦୋକାନ ମାଲିକ ଓ ଯୁବକ ଦ୍ୱୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଯୁବକଦ୍ୱୟ ସେଠାରୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପୁଣି ଦୋକାନ ପାଖକୁ ଆସି ୨ଟି ବୋମାମାଡ କରି ଫେରାର ହୋଇଯାଇଥିଲେ। ଗତ କିଛିଦିନ ଧରି ଚନ୍ଦନପୁରରେ ବୋମାମାଡ଼ ଏବଂ ରାତିରେ ଲୁଟେରାଙ୍କ ଆତଙ୍କରାଜ ବଢ଼ି ଚାଲିଥିବାବେଳେ ପୋଲିସ ଏସବୁକୁ ଦମନ କରିବାରେ ବିଫଳ ହୋଇଛି। ଅନ୍ୟପଟେ ଚନ୍ଦନପୁରର ନୂତନ ଥାନାଧିକାରୀ ଭାବେ ବାମାଦେବ ନନ୍ଦ ଯୋଗଦାନ କରିବାର କେଇ ଘଣ୍ଟା ନ ପୂରୁଣୁ ଅପରାଧୀ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ପରେ ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି।

Tel No. 06792-261343(O)/261344(Fax)/E-Mail:- serwcbaripada@nic.in

No.07-O

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, BARIPADA
"e" Procurement Notice for Road Work
Identification No.- Online Tender- Road N.C.B. No. 159 for 2019-20.

Letter No. 1453 Date. 24.05.2019

1. Name of the work :- Construction of OMBADC Road work in the District of Mayurbhanj during 2018-19.
2. Total No. of work :- 01 No. (One)
3. Estimated Cost :- Rs.33.62 Lakhs (approximately).
4. Eligible Class of Contractor :- As per Annexure in the DTCN.
5. Period of Completion :- As per Annexure in the DTCN.
6. Other details :-

| Procurement Officer | Bid identification No. | Availability of tender online for bidding | | Last Date & time of seeking tender clarification | Date & time of opening of tender in O/O S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | Road On-line N.C.B. No.159 | Dt.31.05.2019 at 11.00 A.M. | Dt. 17.06.2019 upto 3.00 P.M. | Dt.13.06.2019 upto 1.00 P.M. | Dt.18.06.2019 at 11.00 A.M. | Will be intimated Separately |

- Further details can be seen from the website: www.tendersorissa.gov.in
- Any Corrigendum / Addendum will be displayed in the above e_tender website only.

25130/11/0001/1920

Superintending Engineer
R.W. Circle, Baripada.

TDCCOL
TRIBAL DEVELOPMENT CO-OPERATIVE CORPORATION OF ORISSA LTD.
Tel. 0674-2542475 / 2542617, Fax-2544828
Email: admin@tdccorissa.org, website: www.tdccodisha.org
Notice No. 1250, dated 27.05.2019

Tender Call Notice for Supply of Plastic Packaging Material for Packaging of different Minor Forest Produce & Surplus Agriculture Produce

**No. CAD-28:-** Sealed Tender(s) are invited from only registered dealers/ manufacturers/ authorized suppliers/ registered SHGs/ Producer Groups for supply of plastic packaging material for packaging of different Minor Forest Produce and Surplus Agriculture Produce. The detail terms and conditions can be downloaded from the official website- www.tdccodisha.org. The last date and time of receipt of tender documents is up to 4:00pm on 17.06.2019.

26005/11/0002/1920 *Sd./- Managing Director*

Directorate of Sch. Castes & Sch. Tribes Research & Training Institute Bhubaneswar-3
No.01-V

TENDER NOTICE

**No.1326/M-4/19 Date:25/05/2019**

Sealed tenders are hereby invited from interested agencies/firms for "Enriching Interactive Kiosks for the use of Visitors of Odisha State Tribal Museum, Bhubaneswar" in SCSTRTI. The bid must be addressed to Director & Spl. Secy. to Govt, SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is 17.06.2019 at 03:PM The interested Agency/firms can log on to the Govt. website (www.odisha.gov.in and www.scstrti.in) for detail.

Sd./-
Director &Spl. Secy. to Govt.
26026/11/0001/1920 SCSTRTI, Bhubaneswar.

### ୨ ହାଇୱେ ଲୁଟେରା ଗିରଫ: ବନ୍ଧୁକ, ଗୁଳି ଜବତ

**ଜଟଣୀ, ୨୭।୫(ଡି.ଏନ୍.ଏ)**

୧୬ନଂ. ଜାତୀୟ ରାଜପଥ ଗଙ୍ଗପଡ଼ା ଟୋଲଗେଟ ନିକଟରୁ ଜଟଣୀ ପୋଲିସ ୨ହାଇୱେ ଲୁଟେରାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା କୁମ୍ଭିଲୋ ଗ୍ରାମର ସଞ୍ଜୟ ବଡ଼ଜେନା ଓ ଆସ୍କାର ବିଷ୍ଣୁ ଜେନା। ଏମାନଙ୍କ ନିକଟରୁ ଗୋଟିଏ ସେମିଅଟୋମେଟିକ୍ ପିସ୍ତଲ, ୭ଟି ଗୁଳି ଓ ୨ଟି ମୋବାଇଲ ଫୋନ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଯାଁଳା ଫାଣ୍ଡି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଙ୍ଗପଡ଼ା ଟୋଲ୍‌ଗେଟ୍ ନିକଟରେ ଦୁଇ ଅଭିଯୁକ୍ତ ସନ୍ଦେହଜନକ ଭାବେ ବୁଲୁଥିବା ନେଇ ସେମାନଙ୍କୁ ଧରିଥିଲେ। ପରେ ପୋଲିସ ସେମାନଙ୍କ ଠାରୁ ବନ୍ଧୁକ ଓ ଗୁଳି ପାଇଥିଲେ। ଜାତୀୟ ରାଜପଥ ଓ ଅନ୍ୟାନ୍ୟ ସ୍ଥାନରେ ପଥଚାରୀଙ୍କଠାରୁ ଏମାନେ ଲୁଟ୍ କରିଥାନ୍ତି ବୋଲି ଜଟଣୀ ଥାନା ଇନିସପେକ୍ଟର ବିଶ୍ୱରଞ୍ଜନ ସାହୁ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୭୬/୧୯)ରୁଜୁ ହୋଇଛି।

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
NIT No. 13/E-PROC/OMC/2019
OMC | ODISHA NEW OPPORTUNITIES

No.CAD-19:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work in month | Class of contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Installation of PVC over head tank to sector-III quarters at Daitari in the district of Keonjhar. | 33.46 | 6 months | C&B | 33,500/- | 6000/- +18% GST |
| 2. | Construction of rest shelter at Putulpani mines of Gandhamrdhan Region in the dist of Keonjhar. | 27.02 | 4 months | C&B | 27,100/- | 6000/- +18% GST |

1. Available of Bid document in Govt. portal from dt.31.05.2019 to 10.06.2019 up to 5.00 PM.
2. Last date of on-line submission of tender in the portal is dt.10.06 .2019 up to 5.00 PM.
3. Date of opening of Technical Bid is dt.11.06.2019 at 11.00 AM.

All other details can be seen from DTCN available at Govt. website www.tendersorissa.gov.in The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0001/1920 GM (Civil)

OFFICE OF THE EXECUTIVE ENGINEER
UPPER KOLAB IRRIGATION DIVISION
At/PO: Borigumma, Dist: Koraput,
Email id: eeukid4borigumma@gmail.com
QUOTATION CALL NOTICE NO. 01/2019-20 DT. 25.05.2019

**No.10-A:-** Sealed quotations/tenders are invited from interested reputed Travel Agencies/ Tour Operators or private individuals for providing 3 (Three) Nos. of Non AC Diesel driven vehicle having sitting capacity not more than ten including driver, which shall conform to the Terms and conditions (Annexure-II) for official use in the office of the Executive Engineer Upper Kolab Irrigation Division, Borigumma, Dist- Koraput on monthly rent basis.

| Sl. No. | Type of vehicle | Minimum Average Milease |
|---|---|---|
| 1 | Engagement of Private vehicle (Bolero/Marshal/ Tata Sumo/ Mahindra Max) for use of Upper Kolab Irrigation Division, Borigumma for the year 2019-20 | 10 Kmpl |
| 2 | Engagement of Private vehicle (Bolero/Marshal/ Tata Sumo/ Mahindra Max) for use of Upper Kolab Irrigation Sub-Division No-I, Borigumma for the year 2019-20 | 10 Kmpl |
| 3 | Engagement of Private vehicle (Bolero/Marshal/ Tata Sumo/ Mahindra Max) for use of Upper Kolab Irrigation Sub-Division No-III, Kotpad for the year 2019-20 | 10 Kmpl |

1. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for playing of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of NSC/TDR/ Postal Pass Book and duly pledged in favour of the Executive Engineer, Upper Kolab Irrigation Division, Borigumma and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 10.00 Kms. Per litre.
7. The details of the make and year of manufacture of the vehicle registration No mileage (kms Covered per litre) and name of the driver with driving license No and period of validity should be specifically Provided in the general bid information to be furnished with the Quotation/Tender (Annexure-III).
8. The quotation completed in all respect should reach the undersigned on or before 07.06.2019 by 10.00 Hour and shall be opened on the same day at 11.00 Hour in presence of the bidders or their authorized representatives.
9. The application form of quotation/tender containing General Bid Information & Terms and conditions for hiring of vehicles etc. will be available in the office of the Executive Engineer, Upper Kolab Irrigation Division, Borigumma, Dist: Koraput on payment of Rs. 100/- (One hundred) only from date 28.05.2019 to 07.06.2019 upto 10.00 Hour or can be downloaded from Odisha Govt Website www.odisha.gov.in from Date 28.05.2019 to 07.06.2019 upto 10.00 Hour. In case the application form is downloaded from Govt. website the applicant shall furnish a demand draft for an amount Rs. 100/- (Rupees one hundred) only towards the cost of application. The Demand Draft issued from any Nationalized Bank payable at S.B.I. Main Branch, Jeypore, Dist-Koraput drawn in favour of the Executive Engineer, Upper Kolab Irrigation Division, Borigumma, Dist-Koraput (Odisha) along with the application.
10. The authority reserves all rights to reject any or all quotations without assigning any reason thereof.

Er. S.K. Sahu
Executive Engineer,
32054/11/0001/1920 U.K. Irrigation Division, Borigumma

OFFICE OF THE
DIVISIONAL FOREST OFFICER, KHARIAR DIVISION, KHARIAR
At/Po- Khariar, Dist.- Nuapada, Odisha-766107, E-mail ID- dfokhariar@gmail.com, Phone No- 06671-224237

Office Order No. 73 TENDER CALL NOTICE /Date 24.05.2019

**No. 03-MM:-** Sealed Tender are invited from intending manufacturers/ Authorised distributers/ Suppliers, Government Agencies for supply of the following Materials.

1. Vermi-Compost
2. Bio-fertiliser (NPK Based)
3. Insecticide (Neem Cake)

Materials should be supplied as per prescribed specification of the above items for utilization in plantation programme under MGNREGA 2019-20 of Khariar Forest Division. The quantity of fertilizer may vary as per requirement. The EMD amount of Rs.10,000/- (Rupees Ten Thousand) only should be submitted in shape of Bank Draft in favour of the Divisional forest Officer, Khariar Forest Division, Khariar along with the tender. The sealed tenders are to be submitted for the above products separately itemwise with all required documents. Last date of receipt of tenders is 10.06.2019 at 01.00PM and date of opening of tender is on dt.12.06.2019 at 10.00AM. Sealed tenders should be submitted to the Office of the Divisional Forest Officer, Khariar Forest Division, Khariar, Dist.- Nuapada, Odisha, Pin- 766107 through Speed Post/ Regd. Post or in the Tender Box kept in the Office. The purchase Committee (consist of ACFs, Range Officer and Dealing Assistant of MGNREGS Section) reserve the right to accept or reject the tenders without assigning any reason thereof.

**Samples of products may be submitted** in the O/o the Divisional Forest Officer, Khariar Forest Division, Khariar on the day of opening of Tender.

(i) The Tender Papers will be opened in presence of the tenderers or the authorized representatives on dt.12.06.2019 at 10.00 AM in the Office of the Divisional Forest Officer, Khariar forest Division.
(ii) Samples will be verified and demonstrated by the suppliers on dt.12.06.2019 at 10.00 AM before the purchase Committee.

**"Name of the items should be superscribed on the top of the envelope"**

**LIST OF DOCUMENTS TO BE SUBMITTED ALONG WITH TENDER**

1. Copy of valid GSTIN
2. Copy of PAN Registration
3. Copy of TIN Registration
4. Marketing License for the business of fertilizer
5. Copy of Nutrient contains of the product
6. Organic certificate from any reputed organization

The finalized product as approved by the Purchase Committee of Divisional Forest Officer, Khariar Division shall place the order for supply of Vermi-Compost, Bio-fertiliser (NPK Based), Insecticide (Neem Cake) by following the prescribed Norms.

**Terms and Conditions**

1. The quotations received incomplete or after the scheduled date and time are liable to be rejected.
2. The price quote should be inclusive of all taxes, transportation and deliveries at Range head quarters under Khariar Forest Division.
3. The stock should be delivered in good condition within 10 days from the date of issue of purchase order with challan/ credit bill along with bank account information. No advance payment will be made.
4. Samples of Vermi-Compost, Bio-fertiliser (NPK Based), Insecticide (Neem Cake) may be brought on the date of opening of quotations for inspection and test.
5. The stock should be supplied by successful bidders as per samples submitted.
6. The rate of successful bidder may be valid up to 31.03.2020 or next call/ Tender Call.
7. The undersigned reserves the right to reject/cancel any or all the quotation without assigning any reason thereof and terminate the order in case of changes in Government Procedure or policy of instruction/direction.
8. All the disputes shall be subject to the jurisdiction of Civil Court situated at Nuapada only.

08029/11/0001/1920 *Sd./- Divisional Forest Officer, Khariar Division*

GOVERNMENT OF ODISHA
No. 08-A
DAM REHABILITATION AND IMPROVEMENT PROJECT
REQUEST FOR EXPRESSION OF INTEREST
EOI No.: NCB-UMB/ - 01/ 2019-20
No. // Dated:

Consultancy Services for "Implementation of Resettlement Action Plan" for the work Construction of Additional Spillway of Hirakud Dam on Left of Gandhi Hillock, Burla, Odisha, India. A consultant will be selected in accordance with the World Bank guidelines: Selection and Employment of Consultants under IBRD Loans and IDA Credits and Grants by World Bank Borrowers of January 2011, based on the "Fixed budget Based Selection" method criterion.

| | |
|---|---|
| Financial Institution | International Bank for Reconstruction and Development (IBRD) and International Development (IDA), jointly called the World Bank |
| The Borrower | GOVERNMENT OF ODISHA, Department of Water Resources, through Government of India |
| The Execution Agency | Chief Engineer & Basin Manager, Department of Water Resources, Govt. of Odisha, Burla, Dist-Sambalpur, Pin-768017, Odisha, India. |
| The Project for Civil Construction | Construction of Additional Spillway of Hirakud Dam |
| The Assignment | "Consultancy Services for Implementation of Resettlement Action Plan" for the work Construction of Additional Spillway of Hirakud Dam on Left of Gandhi Hillock, Burla, Odisha, India |
| Period of Consulting Services | Period of Consulting Services 12 months |
| Language | English |
| Start downloading E O I documents from www.dowrodisha.gov.in | Date: 25.05.2019 Time: 16:00 Hrs |
| Address for correspondence and requests for information | Executive Engineer, Additional Spillway Division, Department of Water Resources, Govt. of Odisha, Hirakud, Camp Office- Burla, Dist-Sambalpur, Pin-768017, Odisha, India, Phone No.: 91-0663-2430080, email: eeasdhirakud@gmail.com |
| Last date for seeking information | Date: 03.06.2019 Time: up to 13:00 Hrs |
| Submission of E O I for Consultancy | Expressions of Interest must be submitted in the "drop box" in office of the Executive Engineer, Additional Spillway Division, Hirakud Department of Water Resources, Govt. of Odisha, Camp Office- Burla, Dist- Sambalpur, Pin-768017, Odisha, India, by 15:00 Hrs. on 24.06.2019. The EOI envelope shall also contain 2 CDs with scanned copies of the original EOI. |
| Date and Hour of Opening of "drop box" | Date 24.06.2019 Time: 16:00 Hrs |
| Place of Opening of E O I on 24.06.2019 at 16:00 Hrs | O/o Executive Engineer, Additional Spillway Division, Department of Water Resources, Govt. of Odisha, Hirakud, Camp Office- Burla, Dist-Sambalpur, Pin-768017, Odisha, India |

*Sd./- Chief Engineer& Basin Manager*
32048/11/0001/1920 *Upper Mahanadi Basin, W.R.D. Burla, Dist- Sambalpur. Pin-768017, (Odisha)*

# ଏନ୍‌ଏଚ୍ ୩୫୩ ପାଇଁ ଅର୍ଥନୈତିକ ଅବରୋଧ

**ନୂଆପଡ଼ା ଅଫିସ,୨୭।୫**

ସରକାର ଦିନକୁ ୩୦ କି.ମି. ଜାତୀୟ ରାଜପଥ ନିର୍ମାଣ କରୁଥିବା କହୁଥିବା ବେଳେ ନୂଆପଡା ଜିଲାର ଲାଇଫ୍ ଲାଇନ କୁହାଯାଉଥିବା ଜାତୀୟ ରାଜପଥ ୩୫୩ କାମ (୬୫ କି.ମି.) ଆଜକୁ ୫ ବର୍ଷ ହେବ ଶେଷ ହେବାର ନାଁ ଧରୁନାହିଁ । ବାରମ୍ବାର ପ୍ରତିବାଦ, ଧାରଣା ଦେବା ପରେ ମଧ୍ୟ ସୁଫଳ ନ ମିଳିବାରୁ ଶେଷରେ ନାଗରିକ ମଞ୍ଚ ତରଫରୁ ସୋମବାର ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ କରାଯାଇଥିଲା। ଦୀର୍ଘ ୫ ଘଣ୍ଟା ଧରି ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଥିଲେ। ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଅଧିକାରୀମାନେ ଆଗାମୀ ୧୦ ଦିନ ମଧ୍ୟରେ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ନୂଆପଡା-ଖଡିଆଳ ଉକ୍ତ ରାସ୍ତାକୁ ଆନ୍ଧ୍ର ପ୍ରଦେଶର ଏକ ଠିକା କମ୍ପାନୀ ୫ ବର୍ଷ ତଳେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଠିକାଦାର ଏବଂ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଠିକ୍ ସମୟରେ ସେହି କାମ ଶେଷ ହୋଇ ନ ଥିଲା। ଫଳରେ ଏଥିଯୋଗୁ ବହୁ ଧନଜୀବନ ନଷ୍ଟ ହୋଇଛି। ବର୍ତ୍ତମାନ ସୁଦ୍ଧା କାମର ୮୦ ପ୍ରତିଶତ କାମ ଶେଷ ହୋଇଥିଲେ ମଧ୍ୟ ଜିଲାର ବାଣ୍ଡିବାହାଲ, ବଣ୍ଡାରୀ, ଉଦ୍ୟାନବନ୍ଧ, କୋମନା, ପେଣ୍ଡ୍ରାବନ୍ଧ ଭଳି ପ୍ରମୁଖ ଜାଗାରେ କାମ ଅଧାପନ୍ତରିଆ ଅବସ୍ଥାରେ ଛାଡି ଦିଆଯାଇଛି । ଫଳରେ ନିକଟସ୍ଥ ଗ୍ରାମବାସୀ ହଇରାଣ ହେଉଥିବାବେଳେ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଲୋକେ ବାରମ୍ବାର ଆନ୍ଦୋଳନ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ, ଠିକା କମ୍ପାନୀ ମିଛ ପ୍ରତିଶ୍ରୁତି ଦେଇଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି ।



ଅଧିକାରୀମାନେ ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି ।

- ୮ ଘଣ୍ଟା ପରେ ଓହରିଲେ ଆନ୍ଦୋଳନକାରୀ
- ୧୦ ଦିନ ମଧ୍ୟରେ ରାସ୍ତା ନିର୍ମାଣ ଶେଷ ହେବ

ଆଗକୁ ବର୍ଷାଦିନ ଆସୁଥିବାରୁ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ୭ ଦିନ ତଳେ କୋମନା ନାଗରିକ ମଞ୍ଚ ତରଫରୁ ଦାବି କରାଯାଇଥିଲା। ତଥାପି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନ ହେବାରୁ ସୋମବାର ସକାଳ ୬ଟାରୁ ବାଣ୍ଡିବାହାଲ ଗାଁ ନିକଟରେ ଜାତୀୟ ରାଜପଥରେ ଧାରଣା ଆରମ୍ଭ କରାଯାଇଥିଲା। ରାସ୍ତାରେ ଶତାଧିକ ଟ୍ରକ, ପିକଅପ୍ ଆଦି ମାଲବାହୀଯାନ ସବୁ ଅଟକି ରହିଥିଲା। ମଧ୍ୟାହ୍ନ ୧୨ଟାରେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାମନ୍ତରାୟ ଧାରଣାସ୍ଥଳରେ ପହଞ୍ଚିଥିଲେ । ଧାରଣାକାରୀଙ୍କ ସହ ଆଲୋଚନା କରି ଆସନ୍ତା ୧୦ ଦିନ ମଧ୍ୟରେ (ବାଣ୍ଡିବାହାଲ) ଏହି କାମକୁ ଶେଷ କରିବା ସହ ଜୁନ ଶେଷ ସୁଦ୍ଧା ଜିଲାର ସମସ୍ତ କାମକୁ ଶେଷ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିଲା। ଆବାହକ ଅର୍ଜୁନ ଜଗତ, ତରୁଣ କୁମାର ରଥ, ବିରାଟ ବାଗ, ପରଦେଶୀ ମେହେର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିବାବେଳେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ହେମନ୍ତ କୁମାର କର, ଜିତେନ୍ଦ୍ର ସାହୁ, ରଞ୍ଜିତ ଭୋଇ, ସୁବୋଧ ଭୋଇ, ଇନ୍ଦ୍ର ପ୍ରଧାନ, ଗୋକୁଳ ମେହେର, ଚନ୍ଦ୍ର ଶବର, ସୋମନାଥ ଶବର, ବିକ୍ରମ ବିଶ୍ୱାଳ, ଗଙ୍ଗା ମାଝି, ଲାଲସିଂ ଠାକୁର ପ୍ରମୁଖ ସାମିଲ ଥିଲେ । ପୋଲିସ ତରଫରୁ ଏସ୍‌ଡିପିଓ ଅଜୟ କୁମାର ପଟ୍ଟନାୟକ, କୋମନା ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶାଲିମାର ଏକ୍ସପ୍ରେସ୍‌ରେ ନିଆଁ ଆତଙ୍କ

**ରାଉରକେଲା ଅଫିସ,୨୭।୫**



ଚକ୍ରଧରପୁର-ଲୋଟାପାହାଡ଼ ମଧ୍ୟବର୍ତ୍ତୀ ସ୍ଥାନରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ମୁମ୍ବାଇ-ହାୱଡ଼ା ଶାଲିମାର ଏକ୍ସପ୍ରେସ ଚକରୁ ହଠାତ ପ୍ରଚୁର ଧୂଆଁ ବାହାରିବାରୁ ଯାତ୍ରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଟ୍ରେନରେ ନିଆଁ ଲାଗିଯାଇଛି ବୋଲି ଆତଙ୍କ ଖେଳି ଯାଇଥିଲା । ଯାତ୍ରୀମାନେ ଚେନ୍ ଟାଣି ଟ୍ରେନରୁ ଓହ୍ଲାଇ ପଡିଥିଲେ । ଯାଞ୍ଚ ପରେ ପ୍ରାୟ ୪୫ ମିନିଟ ବିଳମ୍ବରେ ଟ୍ରେନଟି ପୁଣି ଥରେ ଯାତ୍ରା ଆରମ୍ଭ କରିଥିଲା ।

ମିଳିଥିବା ସୂଚନା ଅନୁଯାୟୀ, ସାମାନ୍ୟ ବିଳମ୍ବରେ ଚାଲିଥିବା ଏହି ଟ୍ରେନ୍‌ର ଏସ୍-୧୧ ବଗି ତଳୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଚକ ଓ ଆକ୍ସିଲ ଘଷିହେବା ଯୋଗୁ ଅଧିକ ଗରମ ହୋଇ ଧୂଆଁ ବାହାରିଥିବା ଟ୍ରେନ୍ କର୍ମଚାରୀ ଜାଣିବାକୁ ପାଇଥିଲେ। ଖବର ପାଇ ରେଳ ବିଭାଗ ଉଚ୍ଚ ଅଧିକାରୀ ଏବଂ ବୈଷୟିକ କର୍ମଚାରୀ ଘଟଣାସ୍ଥଳକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିଯୋଗୁ ଟ୍ରେନ୍ ଚଳାଚଳ ପ୍ରାୟ ୪୫ ମିନିଟ ବିଳମ୍ବ ହୋଇଥିଲା। କୌଣସି ବଡ଼ ବିପଦ ନ ଥିବା ବିଭାଗ ପକ୍ଷରୁ ଆଶ୍ୱାସନା ମିଳିବା ପରେ ଯାତ୍ରୀମାନେ ଟ୍ରେନ୍‌ରେ ଚଢ଼ିଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଏସ୍‌ଆଇଏଚ୍‌ଏମ୍‌ରେ ଡିଗ୍ରୀ ପାଠ୍ୟକ୍ରମକୁ ଅନୁମତି

**ଭୁବନେଶ୍ୱର, ୨୭।୫(ବ୍ୟୁରୋ):** ବଲାଙ୍ଗୀରସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଆଇଏଚ୍‌ଏମ୍)ରେ ୨୦୧୯-୨୦ ଶିକ୍ଷାବର୍ଷରୁ ଡିଗ୍ରୀ ଶ୍ରେଣୀରେ ପାଠପଢ଼ା ହେବ। ହୋଟେଲ ମ୍ୟାନେଜମେଣ୍ଟରେ ଡିଗ୍ରୀ ପାଠପଢ଼ା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ମିଳିଛି। ଏନେଇ କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏସ୍‌ଆଇଏଚ୍‌ଏମ୍‌ରେ ହସ୍ପିଟାଲିଟି ଆଣ୍ଡ୍ ହୋଟେଲ ଆଡ଼ମିନିଷ୍ଟ୍ରେଶନ (ଏଚ୍‌ଏଚ୍‌ଏ) ବିଷୟରେ ତିନି ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ପ୍ରଚଳନ ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ନ୍ୟାଶନାଲ କାଉନ୍‌ସିଲ ଫର୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ୍ କ୍ୟାଟରିଂ ଟେକ୍ନୋଲୋଜି (ଏନ୍‌ସିଏଚ୍‌ଏମ୍‌ସିଟି)କୁ ଅନୁରୋଧ କରାଯାଇଥିଲା। ଏହାକୁ କେନ୍ଦ୍ରର ଅନୁମୋଦନ ପରେ ଆସନ୍ତା ଅଗଷ୍ଟରୁ ନୂତନ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି ଶିକ୍ଷା ବର୍ଷରେ ୬୦ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖାଯିବ ଓ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ସରିଛି ବୋଲି ଏନ୍‌ସିଏଚ୍‌ଏମ୍‌ସିଟିର ନିର୍ଦ୍ଦେଶକ ଏଲ୍.କେ. ଗାଙ୍ଗୁଲି ସୂଚନା ଦେଇଛନ୍ତି। ସେହିଭଳି ଦ୍ୱିତୀୟ ଓ ତୃତୀୟ ବର୍ଷ ପାଇଁ ଅଧିକ ଭିତ୍ତିଭୂମିର ଆବଶ୍ୟକତା ରହିଥିବାରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗଠିତ ହୋଇଥିବା ଏସ୍‌ଆଇଏଚ୍‌ଏମ୍ ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିଆସୁଛି। ଏହି ଶିକ୍ଷାନୁଷ୍ଠାନରେ ସମଗ୍ର ଦେଶରୁ ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ କରୁଛନ୍ତି। ୨୦୦୪ ମସିହାରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନରେ ୪ଟି ବିଭାଗରେ ଶିକ୍ଷାଦାନ କରାଯାଉଛି।


## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, ROURKELA**
**e-Mail: eeolicrourkela@gmail.com**

**SHORT TENDER CALL NOTICE NO.01/2019-20** **Dt. 27.05.2019**

**No.CAD-10:-** Sealed tenders are invited from the reputed Registered Travel Agency/ Vehicle Owners/ Vehicle operators for providing vehicle of **BOLERO Brand** in good condition on monthly hiring basis for office of Lift Irrigation Divisin, Rourkela. The terms and conditions along with the tender schedule can be obtained from the office of the Executive Engineer, Lift Irrigation Division, Rourkela on all working days between **8.00 AM** to **12.30 PM** from **03.06.19 to 06.06.19** on payment of Rs. 200/- (Rupes Two Hundred) only + 12% GST (E-Challan) in shape of Demand Draft to be drawn in favour of the Executive Engineer, Lift Irrigation Division, Rourkela. The tenders shall be received on or before **07.06.19** upto **11.30 PM** and will be opened on same day at **12.30 PM** at L.I. Division, Rourkela in presence of the tenderer or their authorized representative if any.

The authority reserve the right to accept or reject any or all tenders without assigning any reason thereof.

| PKG No. | Particulars | Place | Security Deposit |
|---|---|---|---|
| 1 | Private Diesel Vehicle (Bolero) having sitting capacity not more than ten including driver for Office of L.I. Division, Rourkela | **L.I. Sub-Division, Rourkela** | 5000/- in shape of Account Payee BD in favour of Executive Engineer, L.I. Division, Rourkela |
| 2 | Private Diesel Vehicle (Bolero having sitting capacity not more than ten including driver for Office of L.I. Sub-Division, Rourkela | **L.I. Sub-Division, Rourkela** | 5000/- in shape of Account Payee BD in favour of Executive Engineer, L.I. Division, Rourkela |

**32332/11/0001/1920** **Sd./- Executive Engineer, Lift Irrigation Division, Rourkela**

## ODISHA POWER TRANSMISSION CORPORATION LIMITED
**(A Government of Odisha Undertaking)**
**OFFICE OF THE SENIOR GENERAL MANAGER (construction), ZONAL OFFICE-II, SAMBALPUR.**
**At: 132/33 KV Grid Sub-station, Ganesh Nagar, BohidarNuapali, P.O.: Sankarma, Via: Remed, Dist.: Sambalpur-768006, Phone/Fax: 0663-2540974, Email id: sgm.con2.sbp@optcl.co.in**

**No/ SGM (C) Zone-II/164 Notification/1074** **Date: 27.05.19**

### NOTIFICATION

In accordance with section-164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006, dated the 9th March 2006, the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction, Zonal office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 01 | Construction of 132KV LILO line on D/C tower from existing 132KV Tentulikhunti-Dabugaon SC line to proposed 132/33KV sub-Station of Nabarangpur at village Taragaon. | 1. Tahasil-Nandahandi, RI Circle- Mentri, Village-Dhandra, 2. Tahasil- Tentulikhunti, RI Circle- Kukudabai, Village-Bijraguda, Kangara, Kukudabai 3. Tahasil- Nabarangpur, (a) RI Circle- Baghasiuni, Village-Jamuguda, Baminikote, Baghasiuni, Atakobeda, (b) RI Circle- Chikili, Village-Badakumuli, Hatibeda, Chikili, Taragaon | 39.17 Crore | Deputy General Manager (Elect.), EHT (Construction) Division, Jeypore | To develop quality power supply in & around areas of Nabarangpur |

**Sd./- Senior General Manager (Const.)**
**Zone-II, OPTCL, Sambalpur**

## ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
## ST & SC DEVELOPMENT DEPARTMENT
## PROGRAMME MANAGEMENT UNIT
**2ND FLOOR, TDCC BUILDING, RUPALI SQUARE, BHUBANESWAR-751022**

WALK-IN-INTERVIEW

**FOR THE POSITION OF JUNIOR AGRICULTURE OFFICER UNDER OPELIP**

**No.CAD-13:-** A walk-in-interview will be conducted for empanelment of **Junior Agriculture Officer** to be positioned at different Micro Project Agencies under OPELIP on purely **contractual basis.** Interested eligible candidates may report at PMU, OPELIP, 2nd Floor, TDCCOL Building, Rupali Square, Bhoinagar, Bhubaneswar-751022 with the prescribed filled-in application along with all original & self-attested photocopy of qualification and experience certificates on dt. **06.06.2019 at 9.00 AM** for registration. The Registration time is 9.30 AM to 11.30 AM. No application shall be entertained after registration time. The prescribed application form and detailed ToR may be downloaded from our official website i.e. **www.opelip.org.** Programme Director, OPELIP reserves the right to accept or reject the applications without assigning any reason thereof.

**26024/11/0001/1920** **Sd./- Programme Director**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL
### TENDER CALL NOTICE

No. 6211/DWH Date: 25.05.2019

**No. 07-E:-** Sealed tenders are invited from authorized firms for supply & installation of Ultrasound Machine to Kandhamal district. The details are available in the district website: www.kandhamal.nic.in. The pre-bid discussion will be held on 06.06.2019 at 12Noon. The eligible bidders may submit their tender papers on or before 17.06.2019 by 5PM through Registered Post / Speed Post / Courier / drop in the Tender Box available at O/o CDM&PH, Phulbani. The Technical Bid will open on 18.06.2019 at 5PM and the Price Bid document will open on 19.06.2019 at 5PM by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

***Sd./- Chief District Medical & PH Officer Kandhamal***

10015/11/0001/1920

## CUTTACK MUNICIPAL CORPORATION
**Ref. No.4511** **Date: 27.05.19**

File No- ED-UC(Auction)/01/2019

### CORRIGENDUM

Due to imposition of Model Code of Conduct for General Election-2019, the date of opening of tenders OF SAIRAT Sources of CMC 2019-20 were postponed vide Corrigendum Order No.2861 dated: 29.03.2019 As the MCC has been lifted vide letter No.4376/INST/ECI/FUNCT/MCC, Dt: 26.05.2019 hence the date of opening of tender has been fixed on 31.05.2019 at 11.30 A.M in the Mini Conference Hall of Commissioner at Biju Bhawan for finalization of bidder in respect of different Sairat Sources of CMC as per CMC Tender Call Notice No.2198, dated: 02.03.2019.

Bidders are hereby informed to remain present on above mentioned schedule with Original Govt. issued identity cards with their Quoted amount (CASH/DD) for issue of Money Receipt to the highest bidder.

***By Order of Commissioner***
Sd./- Deputy Commissioner
Cuttack Municipal Corporation

**Dept. of Fisheries and Animal Resources Development**
**Govt. of Odisha**

### OFFICE OF THE
## JOINT DIRECTOR, FROZEN SEMEN BANK
**KHAPURIA, CUTTACK - 753 010, ODISHA**
An ISO 9001:2015 Certified Unit
E-Mail- jdfsbctc@gmail.com, Tel. No.- 0671-2344532
NO. 1371/ FSB Date 25.05.19

### NOTICE INVITING TENDER

**No. 03-M:-** Sealed tenders are invited from reputed Firms/ Suppliers registered under GST in two bid system for supply of Liquid Nitrogen (LN2) at six different locations in Odisha for the year 2019-20. A complete set of Tender Papers containing the details of item with specifications, terms and conditions will be available at office of the Joint Director, Frozen Semen Bank, Khapuria, Cuttack from 28.05.2019 to 25.06.2019 upto 01.00PM on working days within office hours on payment of non-refundable fees of Rs.11800/- (Rupees Eleven thousands Eight hundred only) by cash / Demand Draft, which includes cost of tender paper at Rs.10000/- + GST @18% i.e. Rs.1800/- . The sealed tender will be received from 28.05.2019 to 25.06.2019 upto 03.00PM. The tender papers can also be downloaded from website www.orissaahvs.com/ www.cuttack.nic.in / www.olrds.com and submitted along with the above cost in shape of bank draft drawn in favour of "The Joint Director, Frozen Semen Bank, Khapuria, Cuttack' payable at SBI, Kalyaninagar Branch, Cuttack. Tender papers downloaded and submitted without the cost of the tender paper shall be liable for rejection.

***Sd./- Joint Director***
***Frozen Semen Bank, Cuttack***

06080/11/0001/1920

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
**ଆକାଶ ଶୋଭା ବିଲ୍‌ଡିଂ**
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
**ପତ୍ର ସଂଖ୍ୟା: ୧୩୨୧୭/ଭୁ.ଉ.କ., ଭୁବନେଶ୍ୱର ତା୨୫।୦୫।୨୦୧୯ରିଖ**
**KNH - 2152/93**

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର HIG Plot No.K୨ B-45 କୁ ଶ୍ରୀ ଉମାକାନ୍ତ ତ୍ରିପାଠୀ, ପିତା- ସ୍ୱର୍ଗତ ମାଧବାନନ୍ଦ ତ୍ରିପାଠୀ, ଗ୍ରାମ/ପୋ.ଅ-ବେଣୀପୁର, ଥାନା/ଜିଲ୍ଲା-କେନ୍ଦ୍ରାପଡା, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଉମାକାନ୍ତ ତ୍ରିପାଠୀ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ପ୍ରୀତିରେଖା ତ୍ରିପାଠୀ, ପିତା-ଉମାକାନ୍ତ ତ୍ରିପାଠୀ, ଗ୍ରାମ/ପୋ.ଅ-ବେଣୀପୁର, ଥାନା/ଜିଲ୍ଲା-କେନ୍ଦ୍ରାପଡାଙ୍କ ନାମରେ ଦାନସୂତ୍ରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ଦାନସୂତ୍ରେ ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଭୁବନେଶ୍ୱର**

## OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR
**(At:- Ambapua, Po:- Engineering School Near Income Tax Office, Berhampur-760011), E-Mail:- serwbpr2004@yahoo.com, Tel/FAX:- 0680-2404287**

NOTICE

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. Online Tender/01-2019-20/PMGSY/BPR**

**No.11-O:- The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids **(EXCLUSIVE OF GST)** in electronic tendering system for construction of **Roads Works** under Pradhan Mantri Gram Sadak Yojana in the districts of **Ganjam & Kandhamal for 19 (Nineteen)** number of packages with estimated cost totalling to **Rs 31.55 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **31.05.2019.**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in.** The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at Three places i.e. **O/o Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Berhampur // Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 17.06.2019 upto 3.00 P.M**

For further details and corrigendum (if any) please log on to **www.pmgsytenders.gov.in.**

**Sd./- Superintending Engineer**
**R.W.Circle, Berhampur**

**25071/11/0004/1920**

## ଜିଲ୍ଲାପାଳ, ଖୋର୍ଦ୍ଧା

No.3-F:- ତା.୧୭।୧୦।୨୦୧୬ରିଖରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡରେ ଗୁରୁତ୍ୱର ଭାବେ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ମାତ୍ର ନିମ୍ନ ସୂଚିତ ଆହତ ବ୍ୟକ୍ତିଙ୍କ ସଠିକ ଠିକଣା ଅଭାବରୁ ସହାୟତା ରାଶି ପ୍ରେରଣ କରାଯାଇପାରିନାହିଁ। ଏଣୁ ସମ୍ବାଦପତ୍ରରେ ବିଜ୍ଞାପନ ପ୍ରକାଶନ ମାଧ୍ୟମରେ ହିତାଧିକାରୀମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ବିଜ୍ଞାପନ ପାଇବାର ୩୦ଦିନ ମଧ୍ୟରେ ସେମାନେ ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ଜିଲ୍ଲା ଆପତ୍‌କାଳୀନ ଉପବିଭାଗରେ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରନ୍ତୁ।

**ଜିଲ୍ଲାପାଳ, ଖୋର୍ଦ୍ଧା**

| | ହିତାଧିକାରୀଙ୍କ ନାମ | ଚିକିତ୍ସିତ ହେଉଥିବା ହସ୍ପିଟାଲ |
|---|---|---|
| ୧ | ଚହିଦନ ବିବି, ମାର୍ଫତ-ଅବଦୁଲ ଜଲୀଦ, ଭୁବନେଶ୍ୱର | କୀମ୍‌ସ ହସ୍ପିଟାଲ, ଭୁବନେଶ୍ୱର |
| ୨ | ରାଧା ଶ୍ୟାମ ମଲ୍ଲିକ | ଆଦିତ୍ୟ କେୟାର ହସ୍ପିଟାଲ, ଭୁବନେଶ୍ୱର |
| ୩ | ଜ୍ୟୁତି ଜେନା | ଆଦିତ୍ୟ କେୟାର ହସ୍ପିଟାଲ, ଭୁବନେଶ୍ୱର |
| ୪ | ରାକେଶ କୁମାର ଲେଙ୍କା | ଆଦିତ୍ୟ କେୟାର ହସ୍ପିଟାଲ, ଭୁବନେଶ୍ୱର |
| ୫ | ପୁରୁଷୋତ୍ତମ ଦାଶ | ଆପୋଲୋ ହସ୍ପିଟାଲ, ଭୁବନେଶ୍ୱର |
| ୬ | ବୈଦ୍ୟନାଥ ରଥ, ମାର୍ଫତ-ସ୍ୱର୍ଗତ ଖଲି ରଥ, ପୁରୀ | ଆପୋଲୋ ହସ୍ପିଟାଲ, ଭୁବନେଶ୍ୱର |
| ୭ | ରେବତୀ ପରିଡା, ପଶ୍ଚିମ ମେଦିନାପୁର, ପଶ୍ଚିମ ବଙ୍ଗ | ବିବେକାନନ୍ଦ ହସ୍ପିଟାଲ, ଭୁବନେଶ୍ୱର |
| ୮ | ଶୋଭନ ଆସେ, ବାଲେଶ୍ୱର | ବିବେକାନନ୍ଦ ହସ୍ପିଟାଲ, ଭୁବନେଶ୍ୱର |
| ୯ | ରାଧାକାନ୍ତ ବେହେରା | ଆମ୍ରି ହସ୍ପିଟାଲ, ଭୁବନେଶ୍ୱର |
| ୧୦ | ଶିଶୁ ଭବାନୀ, କଳାପଥର, କଟକ | ଆମ୍ରି ହସ୍ପିଟାଲ, ଭୁବନେଶ୍ୱର |
| ୧୧ | ଜଗନ୍ନାଥ ମଲ୍ଲିକ, ବଲାଙ୍ଗୀର | ଆମ୍ରି ହସ୍ପିଟାଲ, ଭୁବନେଶ୍ୱର |
| ୧୨ | ପଞ୍ଚେଇ ବସ୍ତିଆ, ନିଆଳି | ଆମ୍ରି ହସ୍ପିଟାଲ, ଭୁବନେଶ୍ୱର |

24013/11/0001/1920

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ
### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ଦୁଇଭାଇଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ସାଇକର୍ଣାଶ୍ରମ ବାଲନିକେତନ, ରାସଗୋବିନ୍ଦପୁର, ମୟୂରଭଞ୍ଜରେ ରଖାଯାଇଅଛି। ଉକ୍ତ ଶିଶୁ ଦୁଇଟିର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ(୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ ନଂ-୦୬୭୯୨-୨୫୫୫୬୨ କିମ୍ବା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ଫୋନ ନଂ-୦୬୭୯୨-୨୬୨୨୪୬କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ ଦୁଇଟିଙ୍କୁ କିଶୋର ନ୍ୟାୟ ଆଇନ୍ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| | |
|---|---|
| ଶିଶୁର ନାମ: ଆୟୁଷ<br>ଲିଙ୍ଗ: ପୁଅ<br>ଜନ୍ମ ତାରିଖ:<br>୨୧।୧୧।୨୦୧୩<br>ଉଦ୍ଧାର ହୋଇଥିବା ସ୍ଥାନ:<br>ବଡ଼ଜୁନବଣି, କୁଳିଅଣା,<br>ମୟୂରଭଞ୍ଜ |  |
| ଶିଶୁର ନାମ: ପୀୟୂଷ<br>ଲିଙ୍ଗ: ପୁଅ<br>ଜନ୍ମ ତାରିଖ:<br>୨୧।୧୧।୨୦୧୩<br>ଉଦ୍ଧାର ହୋଇଥିବା ସ୍ଥାନ:<br>ବଡ଼ଜୁନବଣି, କୁଳିଅଣା,<br>ମୟୂରଭଞ୍ଜ |  |

**ଜିଲ୍ଲାପାଳ, ମୟୂରଭଞ୍ଜ**

## ODISHA SPACE APPLICATIONS CENTRE (ORSAC)
Deptt. of Science and Technology, Govt. of Odisha
Plot No.45/48, Jayadev Vihar, Near Gopabandhu Academy of Administration Unit-16, Bhubaneswar-751023

No. CAD-26

### TENDER NOTICE No. 07/2019
### For AMC OF AIRCONDITIONERS

Sealed tenders are invited for Annual Maintenance Contract of Airconditioners for the office at Bhubaneswar from bonafide Manufacturers / Service Providers with established set up in the serviceable reach of the above location. Bidding agencies should have Technical & Financial capabilities along with adequate experience in the concerned field.

| | |
|---|---|
| Tender Paper Cost | : Rs.1000.00 |
| Date of Issue of Tender Paper | : 30.05.19 to 21.06.19 (11 AM-4PM) |
| Last date of submission of Tender | : 22.06.19 (3 PM) |
| Opening of Tender (Technical/Commercial Bid) | : 25.06.19 (3.30 PM) |
| EMD | : Rs.10,000.00 |

ORSAC reserves the right to change the above programme, or part thereof, without assigning any reason thereof.

For details, please visit http://www.odisha.gov.in or http://www.orsac.gov.in or in the above office for the tender papers.

CHIEF EXECUTIVE

28007/11/0001/1920

# ପିଲାଙ୍କ ସ୍ପେଶାଲ ସମର ଭ୍ୟାକେଶନ



ସମର ଭ୍ୟାକେଶନ ପିଲାଙ୍କ ପାଇଁ ଯେତିକି ଖାସ୍ ବାପାମା'ଙ୍କ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ପିଲାଙ୍କୁ ବିଜି ରଖିବା ପାଇଁ ଯେକୌଣସି କ୍ଲାସ୍‌ରେ ଭର୍ତ୍ତି କରିଦେବାଟା ଠିକ୍ ନୁହେଁ। ପ୍ରଥମେ ତା'ର ପସନ୍ଦ ନାପସନ୍ଦକୁ ବୁଝନ୍ତୁ ଓ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ହେବାଭଳି କ୍ଲାସ୍‌କୁ ପଠାନ୍ତୁ। ଜାଣନ୍ତୁ ସେନେଇ କିଛି ଟିପ୍ସ...।

**ପବ୍ଲିକ୍ ସ୍ପିକିଂ**

ପବ୍ଲିକ୍ ସ୍ପିକିଂ କେବଳ ପିଲାଙ୍କ ପାଇଁ ନୁହେଁ ବରଂ ପ୍ରତ୍ୟେକଙ୍କ ପାଇଁ ଜରୁରୀ। ଏହାଦ୍ୱାରା ସେ ନିଜ କଥାକୁ ଅନ୍ୟ ଜଣଙ୍କ ଆଗରେ ଠିକ୍ ଭାବେ ପରିପ୍ରକାଶ କରିପାରିବ। ଆତ୍ମବିଶ୍ୱାସ ବଢ଼ିବା ସହ କୌଣସି ପ୍ରକାର ପ୍ରେଜେଣ୍ଟେଶନ ବେଳେ ସେ ଭୟଭୀତ ହେବନାହିଁ।

**ଡ୍ୟାନ୍ସ, ଡ୍ରାମା, ଆକ୍ଟିଂ**

ଏହା ହେଉଛି ଏପରି କ୍ଷେତ୍ର, ଯେଉଁଠି ପିଲାଙ୍କୁ ଷ୍ଟେଜ୍‌ରେ ନିଜ କଳା ପ୍ରଦର୍ଶନ କରିବାର ସୁଯୋଗ ମିଳିଥାଏ। ଏହାଦ୍ୱାରା ପିଲାଙ୍କ ଆତ୍ମବିଶ୍ୱାସ ବଢ଼ିବା ସହ ବ୍ୟକ୍ତିତ୍ୱରେ ଉତ୍ତମ ପରିବର୍ତ୍ତନ ଆସିଥାଏ।

**ସ୍ପୋର୍ଟସ**

ପିଲାର ଯେଉଁ ସ୍ପୋର୍ଟସ ପ୍ରତି ରୁଚି ଅଛି ତାକୁ ସେହି ଦିଗରେ ଉତ୍ସାହିତ କରନ୍ତୁ। ଆଜିକାଲି ଅଧିକାଂଶ ପିଲାଙ୍କ ଶରୀରରେ ଭିଟାମିନ୍ ଡିଓ ଏବଂ ଭିଟାମିନ୍ ବି୧୨ କମ୍ ରହୁଛି। କାରଣ ସାରାଦିନ ଘରେ ରହି ଗ୍ୟାଜେଟ୍‌ସରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ଶରୀରର ଏକ୍ସରସାଇଜ୍ ହୋଇପାରୁନି। ତେଣୁ ସମର୍ ଭ୍ୟାକେଶନରେ ପିଲାକୁ ଏପରି କ୍ଲାସ୍‌କୁ ପଠାନ୍ତୁ, ଯେଉଁ ଆଉଟ୍‌ଡୋରରେ ସ୍ପୋର୍ଟସ ଶିଖାଯାଉଥିବ।

**ପ୍ରାକ୍ଟିକାଲ ସାଇନ୍ସ**

ବହି ପଢ଼ି ପିଲା ଯେତିକି ଶିଖି ନ ପାରିବେ ତା'ଠାରୁ ଅଧିକ ପ୍ରାକ୍ଟିକାଲ କ୍ଲାସ ଯାଇ ଏକ୍ସପେରିମେଣ୍ଟ କରି ଶିଖିପାରିବେ।

**କୁକିଂ**

ପୁଅ ହେଉ ଅବା ଝିଅ, ରୋଷେଇର ବେସିକ୍ ଜ୍ଞାନ ରହିବା ଆବଶ୍ୟକ। ପିଲାମାନେ ବି ଜାଣିବା ଦରକାର ଯେ ରୋଷେଇ କରିବାରେ କିପରି ପରିଶ୍ରମର ଆବଶ୍ୟକତା ରହିଛି। ଏହା ଦ୍ୱାରା ସେମାନେ ଆଉ ଖାଦ୍ୟ ନଷ୍ଟ କରିବେ ନାହିଁ।



# ତମାଖୁ ସେବନ ଓ ମହିଳାଙ୍କ ସ୍ୱାସ୍ଥ୍ୟ



(ମେ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ)



ସାରା ପୃଥିବୀରେ ମେ ୩୧ ତାରିଖ ଦିନ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଓ ତା'ର ସହଯୋଗୀ ରାଷ୍ଟ୍ରମାନେ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳନ କରିଥା'ନ୍ତି । ଏହି ଦିନ ପ୍ରାୟ ୨୪ ଘଣ୍ଟା ପାଇଁ ତମାଖୁ ସେବନ ଓ ଧୂମପାନ ନ କରିବା ଲାଗି ସମସ୍ତଙ୍କୁ ଉତ୍ସାହିତ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତମାଖୁ ସେବନକୁ ସମାଜର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ବୋଲି ମନେକରନ୍ତି। କାରଣ ଏଥିପାଇଁ ପ୍ରାୟ ୫.୪ ନିୟୁତ ଲୋକ ମୃତ୍ୟୁବରଣ କରିଥା'ନ୍ତି । ତମାଖୁ ସେବନ ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। । ୨୦୧୯ ପାଇଁ ଏହି ଦିବସର ବାର୍ତ୍ତା ହେଉଛି 'ତମାଖୁ ସେବନ ଫୁସଫୁସ୍‌ର ସ୍ୱାସ୍ଥ୍ୟ' । ଏହା ଫୁସଫୁସ ରକ୍ତକୁ ବିଶୁଦ୍ଧ କରିବା ସହ ମଣିଷକୁ ସୁସ୍ଥ ରଖିବା ପାଇଁ ନିଃଶ୍ୱାସରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ତ୍ୟାଗ କରିଥାଏ ଏବଂ ତମାଖୁ ସେବନ ଦ୍ୱାରା କ୍ରନିକ ରେସ୍‌ପିରେଟରୀ ଡିଜିଜ୍ ଯଥା ଶ୍ୱାସରୋଗ ଓ ଫୁସଫୁସ ସଂକ୍ରମଣ ଠାରୁ ଆରମ୍ଭ କରି କର୍କଟ ରୋଗ ହୋଇଥାଏ ।

**ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍‌ରେ କ'ଣ ଅସୁବିଧା ହୋଇଥାଏ**

**ଫୁସ୍‌ଫୁସ୍ କର୍କଟ:** ତମାଖୁ ସେବନ ଫୁସଫୁସ୍ କର୍କଟ ରୋଗର ମୁଖ୍ୟ କାରଣ । ଏଥିପାଇଁ ଦୁଇ ତୃତୀୟାଂଶ କର୍କଟ ରୋଗୀ ମୃତ୍ୟୁବରଣ କରିଥା'ନ୍ତି । ଘରେ ବା ବାହାରେ ନିଷ୍କ୍ରିୟ ଧୂମପାନ ବା ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଂ ଫୁସଫୁସ କର୍କଟ ରୋଗର ବିପଦ ବହୁମାତ୍ରାରେ ବଢିଯାଏ । ଧୂମପାନ ବନ୍ଦ କରିବା ଦ୍ୱାରା ଏହି କର୍କଟ ରୋଗର ଆଶଙ୍କା କମିଯାଏ । ପ୍ରାୟ ୧୦ ବର୍ଷ ଯାଏ ଧୂମପାନ ନ କଲେ କର୍କଟ ରୋଗର ଆଶଙ୍କା ଶତକଡା ୫୦ ଭାଗ କମିଯାଏ ।

କ୍ରନିକ ରେସ୍‌ପିରେଟୋରି ଡିଜିଜ୍ ବା ସିଓପିଡି ତମାଖୁ ସେବନ ଦ୍ୱାରା ଫୁସଫୁସର ଛୋଟ ଛୋଟ ବାୟୁ କୋଷରେ ପୂଯମିଶା ନାଳ ସୃଷ୍ଟି ହୋଇ କାଶ କଫ ଓ ନିଃଶ୍ୱାସ ନେବାରେ ଅସୁବିଧା ହୁଏ । ଯେଉଁମାନେ ଅତି ଅଳ୍ପ ବୟସରେ ଧୂମପାନ କରିଥାଆନ୍ତି, ଏହାର ଧୂଆଁ ଫୁସ୍‌ଫୁସ୍‌କୁ ବିକଶିତ କରିବାରେ ବିଳମ୍ବ କରିଥାଏ । ଶ୍ୱାସ ସଂକ୍ରମଣ ଓ ଶ୍ୱାସରୋଗ ତମାଖୁ ସେବନ କରିବା ଦ୍ୱାରା ବଢ଼ି ଯାଇଥାଏ ଏବଂ ଧୂମପାନ ଛାଡିଦେଲେ ଶ୍ୱାସରୋଗ କମିଯାଏ । ଗର୍ଭାବସ୍ଥାରେ ଗର୍ଭବତୀ ମା' ଧୂମପାନ କଲେ ବା ନିଷ୍କ୍ରିୟ ଧୂମପାନର ଶିକାର ହେଲେ, ଏଥିରେ ଥିବା ବିଷ ଯୋଗୁଁ ଗର୍ଭସ୍ଥ ଶିଶୁ ନିଜେ ବଢ଼ିପାରେ ନାହିଁ ଏବଂ ତା'ର ଫୁସଫୁସ ମଧ୍ୟ ବଢ଼େ ନାହିଁ । ବେଳେବେଳେ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥାଏ ।

**ମହିଳାମାନଙ୍କର ଧୂମପାନ ଯୋଗୁଁ ଉପୁଜୁଥିବା ରୋଗ:** ନିଷ୍କ୍ରିୟ ଧୂମପାନ ଯୋଗୁଁ ଛୋଟ ଝିଅଟିର ମୁଣ୍ଡବ୍ୟଥା, କାଶ, ବାନ୍ତି, ମୁଣ୍ଡ ବୁଲାଇବା ଓ ଆଖିରେ ପାଣି ଜମିବା ଭଳି ରୋଗ ଦେଖାଦେଇଥାଏ ।

**ମାସିକ ଋତୁସ୍ରାବରେ ଅନିୟମିତତା:** କିଶୋରୀ ବୟସରେ ଧୂମପାନ କଲେ ଝିଅଟିର ରୁଗ୍‌ଣ ସ୍ୱାସ୍ଥ୍ୟ ହୋଇଥାଏ, କାଶ ଓ ଶ୍ୱାସ ସାଙ୍ଗକୁ ଝିଅଟର ମାସିକ ଋତୁସ୍ରାବରେ ଅନିୟମିତତା ଏବଂ ମାନସିକ ଅବସାଦ ମଧ୍ୟ ଦେଖାଦେଇଥାଏ ।

**ବନ୍ଧ୍ୟାଦୋଷ:** ବିବାହିତା ମହିଳାମାନେ ଧୂମପାନ କଲେ ସେମାନଙ୍କର ବନ୍ଧ୍ୟାଦୋଷ ହୋଇଥାଏ । ଯେଉଁ ସ୍ୱାମୀମାନେ ୨୦ଟି ସିଗାରେଟରୁ ଅଧିକ ଧୂମପାନ କରନ୍ତି, ସେମାନଙ୍କର ପତ୍ନୀମାନଙ୍କର ଗର୍ଭଧାରଣ କ୍ଷମତା ଶତକଡା ୩୪ ଭାଗ କମିଯାଏ । ଏହା ଦ୍ୱାରା ପୁରୁଷମାନଙ୍କର ଶୁକ୍ର ଓ ମହିଳାମାନଙ୍କ ଡିମ୍ବକୋଷରୁ ନିର୍ଗତ ହେଉଥିବା ଡିମ୍ବରେ ଅସ୍ୱାଭାବିକତା ପରିଲକ୍ଷିତ ହୁଏ ।

**ବାରମ୍ବାର ଗର୍ଭନଷ୍ଟ:** ଯେଉଁ ମହିଳାମାନେ ଧୂମପାନ କରିଥା'ନ୍ତି, ସେମାନଙ୍କର ପ୍ରଥମ ୩ ମାସରେ ବାରମ୍ବାର ଗର୍ଭନଷ୍ଟ ହୋଇଥାଏ । ଧୂମପାନରେ ପ୍ରାୟ ୪୦୦୦ ପ୍ରକାରର ବିଷ ଥାଏ । ଏଥିରେ ନିକୋଟିନ ହେଉଛି ପ୍ରଧାନ ବିଷ। ଏହା ଗର୍ଭ ନଷ୍ଟ କରାଇଥାଏ। ଏହାଛଡା ଧୂମପାନ କରୁଥିବା ମହିଳାମାନଙ୍କର ଗର୍ଭସ୍ଥ ଶିଶୁଟି ଭଲ ଭାବେ ବଢିପାରେ ନାହିଁ। ତେଣୁ ଅଳ୍ପ ଓଜନର ହୋଇଥାଏ । ବେଳେବେଳେ ଶିଶୁଟି ବିକଳାଙ୍ଗ ହେବାର ମଧ୍ୟ ଆଶଙ୍କା ଥାଏ । ଅନେକ ସମୟରେ ଅପରିଣତ ପ୍ରସବ ଓ ଗର୍ଭରେ ଶିଶୁମୃତ୍ୟୁ ହୋଇଥାଏ । ଧୂମପାନ କରୁଥିବା ମହିଳାମାନଙ୍କର ଶ୍ୱାସରୋଗ ଓ ହୃଦ୍‌ରୋଗ ହେବାର ଆଶଙ୍କା ଥିବାରୁ ପ୍ରସବ ସମୟରେ ଅସୁବିଧା ହୋଇଥାଏ । ସିଜରିଆନ ଅସ୍ତ୍ରୋପଚାର ହେବାର ଆଶଙ୍କା ବେଶୀ ହୋଇଥାଏ ଏବଂ ପ୍ରସବ ପରେ ମଧ୍ୟ ଶୀଘ୍ର ସୁସ୍ଥ ହେବା ପାଇଁ ଅସୁବିଧା ହୋଇଥାଏ । ଧୂମପାନ କରୁଥିବା ମହିଳାମାନଙ୍କର ଖୁବ୍ କମ୍ କ୍ଷୀର ହୋଇଥାଏ । ତେଣୁ ସେମାନେ ଶିଶୁଟିକୁ ମଧ୍ୟ ସ୍ତନ୍ୟପାନ କରାଇ ପାରନ୍ତି ନାହିଁ।

**ବୟସ୍କା ମହିଳା ଓ ଧୂମପାନ:** ଆମ ଦେଶ ଅପେକ୍ଷା ପାଶ୍ଚାତ୍ୟ ଦେଶରେ ବୟସ୍କା ମହିଳାମାନେ ବେଶି ଧୂମପାନ କରିଥା'ନ୍ତି। କାରଣ ସେମାନେ ନିଃସଙ୍ଗ ଜୀବନଯାପନ କରିଥା'ନ୍ତି, ମାନସିକ ଅବସର ଭୋଗିଥା'ନ୍ତି ଏବଂ ସେମାନଙ୍କର ଦାମ୍ପତ୍ୟ ମଧ୍ୟ ସୁଖକର ହୋଇ ନ ଥାଏ। ବେଳେବେଳେ ଏହି ମହିଳାମାନେ ନିଷ୍କ୍ରିୟ ଧୂମପାନର ଶିକାର ହୋଇଥା'ନ୍ତି। ଫଳରେ ସେମାନଙ୍କର ଖୁବ୍‌ଶୀଘ୍ର ଋତୁସ୍ରାବର ବିରତି ହୋଇଥାଏ (ଆର୍ଲି ମେନୋପଜ୍) । ହାଡ ପୋରିଆରୋଗ (୫ରୁ ୧୦ ପ୍ରତିଶତ ବେଶୀ), ଉଚ୍ଚ ରକ୍ତଚାପ, ସ୍ମୃତି ବିଭ୍ରମ (ଆଲ୍‌ଝିମର୍ସ) ହୃଦ୍‌ରୋଗ ଓ କର୍କଟ ରୋଗ ବେଶି ପରିମାଣରେ ହୁଏ।

**ହୃଦ୍‌ଘାତ:** ଧୂମପାନରେ ଥିବା ନିକୋଟିନ୍ ବା ବିଷ ହୃତ୍‌ସ୍ପନ୍ଦନ ବଢ଼ାଇଦିଏ, ତଦ୍ୱାରା ହୃତ୍‌ପିଣ୍ଡକୁ ରକ୍ତ ସଂଚାଳନ ଠିକ୍‌ଭାବେ ହୋଇପାରେ ନାହିଁ। ରକ୍ତଚାପ ବଢ଼ିଯାଏ ତଥା ହୃତ୍‌ପିଣ୍ଡକୁ ରକ୍ତ ଯୋଗାଉଥିବା ଧମନୀ ଭିତରେ ରକ୍ତ ଜମାଟ ବାନ୍ଧିଯାଏ ଏବଂ କରୋନାରୀ ଧମନୀର ଆଭ୍ୟନ୍ତରୀଣ ପରଦାରେ ଥିବା ରକ୍ତ କୋଷଗୁଡିକ ନଷ୍ଟ ହୋଇଯାଏ। ତେଣୁ ହୃଦ୍‌ଘାତ ହୁଏ। ସେହିଭଳି ଧୂମପାନ ଓ ଉଚ୍ଚ ରକ୍ତଚାପ ଯୋଗୁଁ ମସ୍ତିଷ୍କାଘାତର ଆଶଙ୍କା ମଧ୍ୟ ବେଶୀ ବଢ଼ିଯାଏ।

**କର୍କଟ ରୋଗ:** ଧୂମପାନ କରୁଥିବା ମହିଳାମାନଙ୍କର ଫୁସ୍‌ଫୁସ୍ କର୍କଟ ରୋଗ ଓ ସ୍ତନ କର୍କଟ ରୋଗ ହେବାର ଆଶଂକା ଅଧିକ ଥାଏ। ଯେଉଁମାନେ ଦୋକ୍ତା ଓ ଗୁଣ୍ଡି ଖାଇଥା'ନ୍ତି ସେମାନଙ୍କ ପାଟିରେ କର୍କଟ ରୋଗ ହୋଇଥାଏ। ନାରୀଟିଏ, ମା'ଟିଏ ସାରା ପରିବାରର କେନ୍ଦ୍ରବିନ୍ଦୁ। ତା' ଉପରେ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧର ତଥା ପରିବାରର ସମସ୍ତେ ନିର୍ଭରଶୀଳ ହୋଇଥା'ନ୍ତି। ତେବେ ଏ କେନ୍ଦ୍ରବିନ୍ଦୁଟି ଯଦି ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଧୂମପାନର ଶିକାର ହୋଇ ମୂଳ ଦଣ୍ଡଟିକୁ ଦୋହଲାଇ ଦିଏ, ତେବେ ସାରା ପରିବାର ଓ ସମାଜ କ'ଣ ଦୋହଲିଯାଇ, ସାରା ପୃଥିବୀରେ ୫ ବର୍ଷରୁ କମ୍ ବୟସର ୧ ଲକ୍ଷ ୫୦ ହଜାର ଶିଶୁ ବର୍ଷକୁ ନିଷ୍କ୍ରିୟ ଧୂମପାନ ଦ୍ୱାରା ମୃତ୍ୟୁବରଣ କରିଥା'ନ୍ତି।

**ଯକ୍ଷ୍ମାରୋଗ:** ଯକ୍ଷ୍ମାରୋଗ ଦ୍ୱାରା ଫୁସ୍‌ଫୁସ୍‌ର କାର୍ଯ୍ୟ କରିବାର ଶକ୍ତି କମିଯାଏ। ଏହା ଉପରେ ତମାଖୁସେବନ କଲେ ଫୁସ୍‌ଫୁସ୍ ସଂକ୍ରମଣ ବୃଦ୍ଧି ପାଇ ଖୁବ୍‌ଶୀଘ୍ର ମୃତ୍ୟୁ ହୋଇଥାଏ। ତମାଖୁସେବନ ଦ୍ୱାରା ବାୟୁ ପ୍ରଦୂଷଣ ବଢ଼ିଯାଏ। ଏଥିରେ ୭୦୦୦ କେମିକାଲ ଥାଏ ଏବଂ ତନ୍ମଧ୍ୟରୁ ୬୯ଟି କେମିକାଲ କର୍କଟ ରୋଗ କରିଥାଏ। ସାରା ପୃଥିବୀର ଧୂମପାନକାରୀ ବ୍ୟକ୍ତିଙ୍କ ମଧ୍ୟରୁ ୨୦% ହେଉଛନ୍ତି ମହିଳା। ୧୫୧ ଦେଶର ସଂଗୃହୀତ ତଥ୍ୟରୁ ଜଣାଯାଇଛି ଯେ, ପ୍ରାୟ ୭% କିଶୋରୀ ଧୂମପାନ କରିଥା'ନ୍ତି। ଆମ ଦେଶରେ ମହିଳା ଓ ଶିଶୁମାନେ ବିଶେଷ ଭାବରେ ନିଷ୍କ୍ରିୟ ଧୂମପାନର ଶିକାର ହୋଇଥା'ନ୍ତି। ବିଶ୍ୱ ତମାଖୁ ନିରୋଧ ଦିବସରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଧୂମପାନରୁ ଓ ତଜ୍ଜନିତ ବିପଦରୁ ମହିଳା ଓ ଶିଶୁମାନଙ୍କୁ ରକ୍ଷା କରିବା ସମାଜ ତଥା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**-ଡା. ସରୋଜିନୀ ଷଡ଼ଙ୍ଗୀ**
ଲିଙ୍କ୍ ରୋଡ଼, କଟକ
ମୋ: ୯୪୩୭୦୫୫୦୦୭

# ଶାଢ଼ି ଫ୍ୟାଶନ୍

ଶାଢ଼ି ଗେଟ୍‌ଅପ୍ ପ୍ରତିଟି ଅକେଜନ ପାଇଁ ପରଫେକ୍ଟ ଲାଗିବା ସହ ପର୍ସନାଲିଟିକୁ ଦ୍ୱିଗୁଣିତ କରିଥାଏ। ତେବେ ଯୁଗ ବଦଳିବା ସହ ଏବେ ଶାଢି ନୂଆ ରୂପରେ ଆସିଲାଣି। ପଲୁ, ବର୍ଡର ଏବଂ ପ୍ଲିଟ୍‌ସରେ ଏହା ଲାଗୁଛି ଆହୁରି ଆକର୍ଷକ। ତେବେ ପର୍ସନାଲିଟିକୁ ମ୍ୟାଚ୍ କଲାଭଳି ଶାଢି ଚୟନ କରିବା ଜରୁରୀ। ଯଦି ବାହାଘର, ପାର୍ଟି କିମ୍ବା ଫଙ୍କ୍‌ଶନ ପାଇଁ ଏହି ଶାଢ଼ି ବାଛୁଛନ୍ତି ତେବେ ଜାଣି ରଖନ୍ତୁ ନିମ୍ନୋକ୍ତ କିଛି ଟିପ୍ସ...



**ଜ୍ୟୋମେଟ୍ରିକାଲ ପ୍ରିଣ୍ଟ**

ଫ୍ଲୋରାଲ୍, ଚେକ୍ ଏବଂ ବାନ୍ଧନୀ ପ୍ରିଣ୍ଟ ବ୍ୟତୀତ ଜ୍ୟୋମେଟ୍ରିକାଲ୍ ପ୍ରିଣ୍ଟ ଶାଢ଼ିର ଏବେ ରହିଛି ଡିମାଣ୍ଡ। ସିଫନ୍, ଜର୍ଜେଟ୍ ଏବଂ ସିଲ୍କ ଭଳି କମ୍ଫର୍ଟେବଲ୍ ଏବଂ ଷ୍ଟାଇଲିସ୍ ଫ୍ୟାବ୍ରିକ୍‌ରେ ଏହା ମାର୍କେଟରେ ମିଳୁଛି। କଲେଜ ହେଉକି ଅଫିସ, ଉଭୟ ସ୍ଥାନରେ ଷ୍ଟାଇଲିସ୍ ଲୁକ୍ ପାଇଁ ଏହି ଶାଢ଼ି ହିଁ ବେଷ୍ଟ ଅପ୍ସନ।

**ଷ୍ଟାଇଲିସ ବର୍ଡର**

ପ୍ଲେନ୍ ସିଲ୍କ ଶାଢ଼ି ହେଉ ଅବା କଟନ୍, ଉଭୟର ବର୍ଡର ଓ ପାଟର୍ନ ଅଲଗା ଅଲଗା ଓ ଷ୍ଟାଇଲିସ ହେବା ଦରକାର। ବିବାହ, ପାର୍ଟି ବ୍ୟତୀତ ଯେକୌଣସି ସ୍ଥାନକୁ ଗଲେ ଆପଣ ଏହି ଶାଢ଼ିକୁ ପିନ୍ଧିପାରିବେ।

**ଫ୍ରିଞ୍ଜ, ରଫଲ୍, ଟ୍ୟାସଲ୍ ବର୍ଡର**

ପୂର୍ବେ ଫ୍ରିଞ୍ଜ, ରଫଲ୍ ପାଟର୍ନ ୱେଷ୍ଟର୍ନ ଆଉଟ୍‌ଫିଟ୍‌ରେ ଦେଖିବାକୁ ମିଳୁଥିଲା। ହେଲେ ଏବେ ଟ୍ରାଡିଶନାଲ୍ ୱେର୍‌କୁ ଷ୍ଟାଇଲିଶ୍, ଓ କ୍ଲାସି ଲୁକ୍ ଦେବା ପାଇଁ ଏହାକୁ ବ୍ୟବହାର କରାଯାଉଛି। ଶାଢ଼ିର ପଲୁ ଏବଂ ବର୍ଡରରେ ୟୁନିକ୍ ଲୁକ୍ ପାଇଁ ଫ୍ରିଞ୍ଜ ଓ ଟ୍ୟାସଲ୍‌ର ଅଧିକ ଡିମାଣ୍ଡ ରହିଛି।

**ବିନା ପ୍ଲିଟ୍‌ସରେ ଶାଢ଼ି**

ଏଥନିକ୍ ଏବଂ ୱେଷ୍ଟର୍ନ ଉଭୟ ଲୁକ୍ ପାଇଁ ଏହି ଶାଢ଼ିକୁ ଆପଣ ୱାର୍ଡରୋବ୍‌ରେ ସାମିଲ କରିପାରିବେ।



## ସୌନ୍ଦର୍ଯ୍ୟ



# ବ୍ଲସର ସିଲେକ୍ସନ

ମେକ୍‌ଅପ୍‌ରେ ବ୍ଲସର ଭୂମିକା ମୁଖ୍ୟ। କାରଣ ଏହା ମେକ୍‌ଅପ୍‌କୁ ଆହୁରି ଆକର୍ଷଣୀୟ କରିଥାଏ। ତେବେ ଏହାର ଚୟନ ବେଳେ ତ୍ୱଚାର ରଙ୍ଗ ଏବଂ ପ୍ରକାରଭେଦ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

- କୌଣସି ବ୍ଲସର୍ କିଣିବା ପୂର୍ବରୁ ତାହା ଆପଣଙ୍କ ତ୍ୱଚାକୁ ସୁଟ୍ କରୁଛି କି ନାହିଁ ପରୀକ୍ଷା କରନ୍ତୁ।
- ସାଧାରଣତଃ ଦିନ ଏବଂ ରାତିରେ ଅଲଗା ଅଲଗା ବ୍ଲସର ଲଗାଯାଇଥାଏ। ଦିନରେ ବ୍ୟବହାର ଲାଗି ବେବି ପିଙ୍କ୍ କିମ୍ବା ପିଚ୍ କଲର ଏବଂ ରାତିରେ ବ୍ରାଉନ୍ ଏବଂ ପିଚ୍ କଲର ବ୍ଲସର ଭଲ ଲାଗିଥାଏ। ତେଣୁ ମେକ୍‌ଅପ୍ ନେବା ପୂର୍ବରୁ ବ୍ଲସରର ଠିକ୍ ଶେଡ୍‌ସ ଚୟନ କରନ୍ତୁ।
- ତୈଳୀୟ ତ୍ୱଚାରେ ପାଉଡର ଏବଂ ତେଲଯୁକ୍ତ ବ୍ଲସର ଲଗାଇଲେ ଭଲ ଲାଗିଥାଏ।
- ଯଦି ଆପଣଙ୍କ ତ୍ୱଚା ସାମାନ୍ୟଠୁ ଟିକେ ଶୁଷ୍କ ହୋଇଥାଏ, ତେବେ କ୍ରିମ୍‌ଯୁକ୍ତ ବ୍ଲସର ବ୍ୟବହାର କରନ୍ତୁ।




- ତ୍ୱଚାର ରଙ୍ଗ କଳା କିମ୍ବା ଶ୍ୟାମଳ ହୋଇଥିଲେ ହାଲ୍‌କା ସେଡ୍‌ସର ବ୍ଲସର ବ୍ୟବହାର କରନ୍ତୁ।
- ଚିକ୍ ବୋନ୍ସକୁ ହାଇଲାଇଟ୍ କରିବା ପାଇଁ ଲାଇଟ୍ ବ୍ରାଉନ୍ କଲର ବ୍ଲସର ସିଲେକ୍ସନ କରନ୍ତୁ।
- ଶୁଷ୍କ ତ୍ୱଚା ଏବଂ ମୁହଁରେ ଦେଖା ଯାଉଥିବା କୁଞ୍ଚନକୁ ଲୁଚାଇବା ପାଇଁ କ୍ରିମ୍‌ଯୁକ୍ତ ବ୍ଲସର ବ୍ୟବହାର କରନ୍ତୁ।
- ବ୍ଲସରକୁ ଅଧିକ ସମୟ ରଖିବା ପାଇଁ ପ୍ରଥମେ ମୁହଁରେ କ୍ରିମ୍ ଲଗାଇବା ପରେ ପାଉଡର ବ୍ଲସ କୋଟ୍ ଦିଅନ୍ତୁ।
- ବ୍ଲସର ବ୍ରାଇଟ୍‌ନେସ୍ କମ୍ କରିବାକୁ ଚାହୁଁଥିଲେ ଏହା ଲଗାଇସାରିବା ପରେ ଟ୍ରାନ୍ସଲ୍ୟୁସେଣ୍ଟ ପାଉଡର ଲଗାନ୍ତୁ।

Dollar 69.51 (2) | Sensex 39,683.29 (248.57) | Nifty 11,924.75 (80.65) | Gold 32,770.00 (₹40) | Silver 37,500.00 (₹90)

ଶ୍ରେୟୀ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ ନିଜର ଗ୍ରାହକ ସମ୍ପର୍କକୁ ବୃଦ୍ଧି କରୁଛି। କମ୍ପାନୀ ନିଜ ପାଖରେ ଯଥେଷ୍ଟ ନଗଦ ରଖି ବ୍ୟବସାୟକୁ ଆଗେଇ ନେଉଛି।

–ହେମନ୍ତ କାନୋରିଆ, ଅଧ୍ୟକ୍ଷ, ଶ୍ରେୟୀ ଇନ୍‌ଫ୍ରାଷ୍ଟ୍ରକ୍ଚର



ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍(ଏପିଏସ୍‌ଇଜେଡ୍) ଏହାର କାର୍ଯ୍ୟକୁଶଳତା ବଳରେ ଲାଭକୁ ବଢ଼ାଇପାରିଛି। ଲଜିଷ୍ଟିକ୍ସ ଓ ଅନ୍ୟ କ୍ଷେତ୍ରରେ ଅଭିବୃଦ୍ଧି ପ୍ରତି କମ୍ପାନୀ ଅଧିକ ଦୃଷ୍ଟି ଦେବ।

– କରନ ଆଦାନୀ, ସିଇଓ, ଏପିଏସ୍‌ଇଜେଡ୍



## ସଂକ୍ଷେପରେ

### ପିଏମ୍‌ଓରେ ନାହିଁ ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କର ଆୟକର ରିଟର୍ନ ତଥ୍ୟ

ନୂଆଦିଲ୍ଲୀ,୨୭-୫: ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ନିକଟରେ ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କର ଆୟକର ରିଟର୍ନ ତଥ୍ୟ ନାହିଁ। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅଧୀନରେ ଏ ସମ୍ପର୍କରେ ତଥ୍ୟ ମଗାଯାଇଥିଲେ ହେଁ ତାହା ମିଳି ନ ଥିଲା। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆୟକର ରିଟର୍ନ ସମ୍ପର୍କରେ ପ୍ରଶ୍ନ ପଚରାଯାଇଥିଲେ ହେଁ ପିଏମ୍‌ଓ ତାହା ଦେଇ ନ ଥିଲେ। ଆର୍‌ଟିଆଇ ଆଇନ ଅଧୀନରେ ତଥ୍ୟ ଦେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ସେଥିରେ କୁହାଯାଇଛି ଯେ, ମଗାଯାଇଥିବା ସୂଚନା ବ୍ୟକ୍ତିଗତ ସମ୍ପର୍କିତ ହୋଇଥିବାରୁ ଆର୍‌ଟିଆଇ ଆଇନର ଧାରା ୮(୧)(ଆଇ) ଅଧୀନରେ ମୋଦିଙ୍କ ଆୟକର ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

### ୧୦୫୦ କୋଟିରେ ବିଗ୍ ଏଫ୍‌ଏମ୍‌କୁ ବିକିବେ ଅନିଲ ଅମ୍ବାନୀ

ମୁମ୍ବାଇ,୨୭-୫: ଋଣରେ ବୁଡ଼ି ରହିଥିବା ଉଦ୍ୟୋଗପତି ଅନିଲ ଅମ୍ବାନୀ ବିଗ୍ ଏଫ୍‌ଏମ୍ ଚଳାଉଥିବା ରିଲାଏନ୍ସ ବ୍ରଡ୍‌କାଷ୍ଟ ନେଟ୍‌ୱର୍କ(ଆର୍‌ବିଏନ୍)କୁ ବିକ୍ରି କରିଦେବେ। ପ୍ରାୟ ୧୦୫୦ କୋଟି ଟଙ୍କାରେ ଜାଗରଣ ପ୍ରକାଶନ ସଂସ୍ଥା ଅଧୀନ ମ୍ୟୁଜିକ ବ୍ରଡକାଷ୍ଟ ଲିମିଟେଡ ଏହାକୁ କିଣିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ଦିନେ ଦୁଇଦିନ ଭିତରେ ଘୋଷଣା କରାଯିବ। ସରକାରଙ୍କଠାରୁ ଅନୁମତି ମିଳିବାରେ ବିଳମ୍ବ କାରଣରୁ ଜୀ ଗ୍ରୁପ୍ ସହ ଅନିଲଙ୍କ ଡିଲ୍ ବିଫଳ ହୋଇଥିଲା। ତେବେ ହିନ୍ଦୀ ଖବର କାଗଜ ପ୍ରକାଶ କରୁଥିବା ଜାଗରଣ ପ୍ରକାଶନ ସଂସ୍ଥା ସହ ତାଙ୍କର ଆଲୋଚନା ଶେଷ ହୋଇଛି। ଜାଗରଣ ପ୍ରକାଶନ ବୋର୍ଡରୁ ଅନୁମତି ମିଳିବା ପରେ ବିଗ୍ ଏଫ୍‌ଏମ୍‌କୁ କିଣିବା ନେଇ ଚୁକ୍ତି ହେବ ବୋଲି ଜାଗରନର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି।

### ବଢୁଛି ନରେଶ ଗୋୟଲଙ୍କ ଅଡୁଆ

ନୂଆଦିଲ୍ଲୀ,୨୭-୫: ସାମୟିକ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ପ୍ରମୋଟର ନରେଶ ଗୋୟଲଙ୍କ ବିରୋଧରେ ଏବେ ଦୁଇଟି ସରକାରୀ ତଦନ୍ତକାରୀ ଏଜେନ୍ସି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଫଳରେ ତାଙ୍କର ଅଡୁଆ ବଢ଼ିବାରେ ଲାଗିଛି। ଅର୍ଥ ମନ୍ତ୍ରଣାଳୟ ଅଧୀନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ଏସ୍‌ଏଫ୍‌ଆଇଓ ପକ୍ଷରୁ ପ୍ରାଥମିକ ଯାଞ୍ଚ ଆରମ୍ଭ ହୋଇଯାଇଛି। ଏହି କାରଣରୁ ଜେଟ୍ ମାଲିକ ତଥା ପୂର୍ବତନ ଅଧକ୍ଷ ନରେଶ ଗୋୟଲ ଓ ତାଙ୍କ ସ୍ତ୍ରୀ ଅନୀତା ଗୋୟଲଙ୍କୁ ଦୁବାଇ ଯାଉଥିବା ବିମାନରୁ ଓହ୍ଲାଇ ଦିଆଯାଇଥିଲା। ସେମାନଙ୍କ ବିଦେଶ ଯାତ୍ରା ଉପରେ ଏବେ କଟକଣା ଜାରି କରାଯାଇଛି। ଆର୍ଥିକ ଅନିୟମିତତା କାରଣରୁ ଜେଟ୍ ଏୟାରୱେଜ୍ ବନ୍ଦ ହୋଇଛି କି ନା ଜାଣିବା ଲାଗି ଇଡି ପକ୍ଷରୁ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିବା ବେଳେ ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍(ଏସ୍‌ଏଫ୍‌ଆଇଓ) ମଧ୍ୟ ସ୍ୱତନ୍ତ୍ର ଭାବେ ତଦନ୍ତ ଆରମ୍ଭ କରିଛି।

### ଜିଏସ୍‌ଟିରେ ସାମିଲ ହୋଇପାରେ ପ୍ରାକୃତିକ ବାଷ୍ପ, ଏଟିଏଫ୍

ନୂଆଦିଲ୍ଲୀ,୨୭-୫: ଏନ୍‌ଡିଏ ସରକାର ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପେଟ୍ରୋଲିୟମ ପଦାର୍ଥ ମଧ୍ୟରୁ ଅନ୍ତତଃପକ୍ଷେ ଦୁଇଟି ସାମଗ୍ରୀ ଜିଏସ୍‌ଟି ଅଧୀନକୁ ଆସିପାରେ। ଅର୍ଥ ମନ୍ତ୍ରଣାଳୟ ଇତିମଧ୍ୟରେ ଜିଏସ୍‌ଟି କାଉନସିଲ୍‌ର ଆସନ୍ତା ବୈଠକର ଏଜେଣ୍ଡା ପ୍ରସ୍ତୁତିରେ ଲାଗିପଡ଼ିଛି। ଏହି ଏଜେଣ୍ଡାରେ ଉକ୍ତ ଦୁଇ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟିରେ ସାମିଲ କରିବା ନେଇ ଆଲୋଚନା କରାଯିବ। ପେଟ୍ରୋଲ ଓ ଡିଜେଲ ସମେତ ୫ ପେଟ୍ରୋଲିୟମ ପଦାର୍ଥକୁ ଅଦ୍ୟାବଧି ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ଇତିପୂର୍ବେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପ୍ରାକୃତିକ ବାଷ୍ପ ଏବଂ ଏଟିଏଫ୍‌କୁ ଜିଏସ୍‌ଟିରେ ସାମିଲ କରିବାକୁ ପ୍ରସ୍ତାବ ଦେଇସାରିଛି। ଜିଏସ୍‌ଟିକୁ ନେଇ ରାଜ୍ୟଗୁଡ଼ିକ ସହ ଏକମତ ହେବା ଲକ୍ଷ୍ୟରେ ପୂର୍ବରେ ଏନ୍‌ଡିଏ ସରକାର ୫ ପେଟ୍ରୋଲିୟମ ପଦାର୍ଥ ଯଥା: ଅଶୋଧିତ ତେଲ, ପେଟ୍ରୋଲ, ଡିଜେଲ, ଏଟିଏଫ୍ ଓ ପ୍ରାକୃତିକ ବାଷ୍ପକୁ ଏଥିରୁ ବାଦ୍ ଦେଇଥିଲେ। ତେବେ ରୋଷେଇ ଗ୍ୟାସ୍(ଏଲ୍‌ପିଜି), କିରୋସିନ ଏବଂ ନାଫ୍‌ଥାକୁ ଜିଏସ୍‌ଟିରେ ସାମିଲ କରାଯାଇଥିଲା। ଏଥିଯୋଗୁ ତୈଳ କମ୍ପାନୀଙ୍କୁ ବହୁ ଅସୁବିଧା ହେଉଛି କାରଣ ସେମାନଙ୍କୁ ଉଭୟ ପୁରୁଣା ଏବଂ ନୂଆ ଟିକସ ବ୍ୟବସ୍ଥା ସହ ତାଳଦେଇ ଚାଲିବାକୁ ଓ ହିସାବ କରିବାକୁ ପଡୁଛି।

# ଧମାକା କରିବ ଜିଓର ପିଓଏସ୍



- ୭୧୦ ନିୟୁତ ଡଲାର ଖୁଚୁରା ବଜାର
- ୯୦% କିରାନା ଦୋକାନ ଅସଂଗଠିତ କ୍ଷେତ୍ରରେ ରହିଛି
- ୧୫% ଛୋଟ ଦୋକାନୀ ପିଓଏସ୍ ମେଶିନ ଖର୍ଚ୍ଚ ବହନ କରିପାରୁଛନ୍ତି

ମୁମ୍ବାଇ,୨୭-୫

ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ମେଶିନ ଲଞ୍ଚିଂରୁ ପେମେଣ୍ଟ କମ୍ପାନୀଙ୍କ ମଧ୍ୟରେ କିରାନା ଷ୍ଟୋର୍ସକୁ ନେଇ ଲଢ଼େଇ ହେବ। ଏହାଦ୍ୱାରା ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ରିଲାଏନ୍ସ ଜିଓ ଦ୍ୱାରା ଏକ ଧମାକା ହେବାକୁ ଯାଉଛି। ପିଓଏସ୍ ଅଥବା କାର୍ଡ ସ୍ୱାଇପ୍ ଟର୍ମିନାଲ, ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ଛୋଟ ଦୋକାନୀଙ୍କ ମଧ୍ୟରେ ଇକୋସିଷ୍ଟମ ତିଆରି କରିବାର ଏକ ଯୋଜନାର ଅଂଶବିଶେଷ ହୋଇଛି।

ପେଟିଏମ୍, ଫୋନ୍‌ପେ ଏବଂ ଗୁଗଲ ପେ ଟର୍ମିନାଲ୍ସ ଜରିଆରେ ୱେବ୍ ସର୍ଭିସେସ୍(ପେମେଣ୍ଟସ, ସପ୍ଲାଇ ଚେନ୍ ଏବଂ ୱର୍କିଂ କ୍ୟାପିଟାଲ ଫାଇନାନ୍ସିଂ) ବୃଦ୍ଧି କରିବାର ପ୍ରୟାସ କରାଯିବ। ନଗଦ ଆଧାରିତ କିରାନା ଦୋକାନଗୁଡ଼ିକୁ ଡିଜିଟାଲ ଦୋକାନରେ ପରିବର୍ତ୍ତନ କରିବା ଡିଜିଟାଲ ପେମେଣ୍ଟ କମ୍ପାନୀଙ୍କ ଲାଗି କେନ୍ଦ୍ରବିନ୍ଦୁ ହୋଇଛି। ପ୍ରଥମେ କ୍ୟୁଆର୍ କୋଡ୍‌କୁ ଛୋଟ ବ୍ୟବସାୟୀଙ୍କ ଲାଗି ଉପଯୁକ୍ତ ସମାଧାନ ମନେକରାଯାଉଥିଲା, କିନ୍ତୁ ଏହା ସଫଳ ହୋଇପାରିନାହିଁ। ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟିଜ୍ ପକ୍ଷରୁ ନିକଟରେ ଜାରି କରାଯାଇଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ଖୁଚୁରା ବଜାର ପ୍ରାୟ ୭୧୦ ନିୟୁତ ଡଲାରରେ ପହଞ୍ଚିଛି। ତେବେ ୯୦% କିରାନା ଦୋକାନ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଛି। ଏଥିରେ ୧.୫ କୋଟି କିରାନା ଦୋକାନୀଙ୍କ ପ୍ରଭୁତ୍ୱ ରହିଛି। ବର୍ତ୍ତମାନ ଏହି ୧.୫ କୋଟି କିରାନା ଦୋକାନୀଙ୍କ ମଧ୍ୟରୁ କେବଳ ୧୫% ପିଓଏସ୍ ଖର୍ଚ୍ଚ ବହନ କରିପାରୁଛନ୍ତି। ପିଓଏସ୍ ମାର୍କେଟ ଏବେ ବିକ୍ଷିପ୍ତ ଅବସ୍ଥାରେ ଅଛି। ଏ କ୍ଷେତ୍ରରେ ୨/୩ଟି ବଡ଼ କମ୍ପାନୀ ସହ ଶହ ଶହ ସଂଖ୍ୟାରେ କ୍ଷୁଦ୍ର କମ୍ପାନୀ କାର୍ଯ୍ୟ କରୁଛନ୍ତି। ରିଲାଏନ୍ସ ଜିଓ ପିଓଏସ୍ ମେଶିନ ଲାଗୁ କରିବା ପରେ କିରାନା ଦୋକାନରେ ଡିଜିଟାଲ ପେମେଣ୍ଟରେ କିଭଳି ପ୍ରଭାବ ପଡ଼ିବ ସେ ସମ୍ପର୍କରେ ଏବେ କିଛି କହିବା ଅସମ୍ଭବ। ତେବେ କମ୍ପାନୀ ପକ୍ଷରୁ ଦୁଇଟି ପ୍ରଡକ୍ଟ ଜିଓ ପିଓଏସ୍ ଏବଂ ମାଇଜିଓକୁ ଏବେ ଦୋକାନୀଙ୍କୁ ବଣ୍ଟାଯାଉଛି। ଜିଓ ନିକଟରେ ଏବେ ୩୦ କୋଟି ଗ୍ରାହକ ରହିଛନ୍ତି। ମାଇଜିଓ ଆପ୍ ଜରିଆରେ ଅଫର୍ସ ଏବଂ ପ୍ରମୋଶନ୍ସ ଦେଇ ଗ୍ରାହକଙ୍କୁ ପିଓଏସ୍ ଥିବା କିରାନା ଦୋକାନକୁ ଆଣିବାର ପ୍ରୟାସ କରାଯିବ। ଉପଭୋକ୍ତାଙ୍କ ସହ ଯୋଗାଣକାରୀଙ୍କୁ ମଧ୍ୟ କମ୍ପାନୀ ଟାର୍ଗେଟ କରିବ। ଗ୍ରାହକଙ୍କ ନିକଟରେ ସାମଗ୍ରୀ ପହଞ୍ଚାଇବା ପୂର୍ବରୁ ଦୋକାନୀଙ୍କୁ ହୋଲ୍‌ସେଲ୍ କେନ୍ଦ୍ରକୁ ଯିବାକୁ ପଡେ। ବ୍ୟବସାୟର ଡିଜିଟାଲିକରଣର ଏହା ପ୍ରକୃଷ୍ଟ ମାଧ୍ୟମ ହେବ। ଏହାକୁ ଦୃଷ୍ଟିରେ ରଖି ହୋଲ୍‌ସେଲ୍ କମ୍ପାନୀ ରିଲାଏନ୍ସ ମାର୍କେଟକୁ କିରାନା ସହ ଯୋଡାଯିବ। ଏହାଦ୍ୱାରା ବ୍ୟବସାୟୀ ପିଓଏସ୍‌ର ବ୍ୟବହାର କରି ଅର୍ଡର ଦେଇପାରିବେ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଭାରି ସବ୍‌ସିଡି ଜରିଆରେ ଅତ୍ୟନ୍ତ ଶସ୍ତା(ବାସ୍ତବିକ ଖର୍ଚ୍ଚ ୧୧ ହଜାର ଟଙ୍କା) ରେ ଏମ୍‌ପିଓଏସ୍ ଟର୍ମିନାଲ୍ସ ସହିତ ଏ କ୍ଷେତ୍ରରେ ଏଣ୍ଟ୍ରି କରିଛି। ଅପରପକ୍ଷରେ ଡିଜିଟାଲ ପେମେଣ୍ଟ କମ୍ପାନୀ ଫୋନ୍ ପେ ଏବଂ ଗୁଗଲ୍ ପେ ନିଜ ଗ୍ରାହକଙ୍କୁ ହାଇପରଲୋକାଲ କମର୍ସ ଅନୁଭବ ଦେବାକୁ ପ୍ରସ୍ତୁତି ଚଳାଇଛି। ସ୍ଥାନୀୟ ଦୋକାନୀଙ୍କୁ ଯୋଡିବା ପରେ ଆକର୍ଷଣୀୟ ଅଫର୍ସ ଦେଇ ଦୋକାନରେ ଗ୍ରାହକଙ୍କ ସଂଖ୍ୟା ବଢ଼ାଇବାରେ ସେମାନେ ଲାଗିଛନ୍ତି ଏବଂ ନିଜକୁ ପେମେଣ୍ଟ ମୋଡ୍ ରୂପରେ ଆଗକୁ ବଢ଼ାଉଛନ୍ତି।

# ତନିଷ୍କର ସାବିତ୍ରୀ ଅଫର



- ଅଫର ଚଳିତ ମାସ ୨୯ରୁ ଜୁନ ୨ ଯାଏ ଉପଲବ୍ଧ
- କଟକ, ଭୁବନେଶ୍ୱର ଷ୍ଟୋରରେ ହୀରା ପ୍ରଦର୍ଶନୀ

ଭୁବନେଶ୍ୱର,୨୭-୫

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିଷ୍କ ପକ୍ଷରୁ ସାବିତ୍ରୀ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଚଳିତ ମାସ ୨୯ରୁ ଜୁନ ୨ ଯାଏ ଉପଲବ୍ଧ ରହିବ। ସ୍ଥାନୀୟ ଚନ୍ଦ୍ରଶେଖରପୁର ସ୍ଥିତ ଶୋ'ରୁମରେ ଏହି ଅଫରକୁ ଫ୍ରାଞ୍ଚାଇଜି ଓନର ମାନିକ ହଂସ ଶୁଭାରମ୍ଭ କରିଥିଲେ। ଅଫର ସମୟରେ ଗ୍ରାହକଙ୍କ ଲାଗି ସୁନା ଗହଣାର ଗଢା ମୂଲ୍ୟ ଏବଂ ହୀରା ଗହଣା ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ। ସେହିଭଳି ପୁରୁଣା ସୁନା ଗହଣା ବଦଳାଇଲେ ଶତ ପ୍ରତିଶତ ମୂଲ୍ୟ ଗ୍ରାହକ ପାଇପାରିବେ। ଏହି ସମୟରେ ଭୁବନେଶ୍ୱର ଏବଂ କଟକର ତନିଷ୍କ ଷ୍ଟୋରଗୁଡିକରେ ଡାଏମଣ୍ଡ ପ୍ରଦର୍ଶନୀ ଏବଂ ବିକ୍ରି ଅନୁଷ୍ଠିତ ହେବ ବୋଲି ହଂସ କହିଛନ୍ତି। ଏଠାରେ ଗ୍ରାହକମାନେ ବିସ୍ତୃତ ରେଞ୍ଜର ଗହଣା ଦେଖିବା ସହ କିଣିବାର ସୁଯୋଗ ପାଇପାରିବେ। ଫନୀ ଯୋଗୁ ଅକ୍ଷୟ ତୃତୀୟା ବିକ୍ରି ପ୍ରଭାବିତ ହୋଇଥିବା ବେଳେ ସାବିତ୍ରୀରେ ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଇଛି। ଶୋ'ରୁମରେ ଭଲ ବିକ୍ରି ନେଇ ଆଶା ରହିଥିବା ହଂସ ପ୍ରକାଶ କରିଛନ୍ତି।

# ହୋଣ୍ଡା ଆଣିଲା ୨ ନୂଆ ମଡେଲ



**ଲିମିଟେଡ ଏଡିଶନ ଆକ୍ଟିଭା ୫ଜି, ସିବି ସାଇନ୍**

ନୂଆଦିଲ୍ଲୀ,୨୭-୫

ହୋଣ୍ଡା ମୋଟର ସାଇକେଲ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଲିମିଟେଡ ଏଡିଶନ ଆକ୍ଟିଭା ୫ଜି ଏବଂ ନୂଆ ସିବି ସାଇନ ବଜାରକୁ ଆସିଛି। ଲିମିଟେଡ୍ ଏଡିଶନ ଆକ୍ଟିଭା ୫ଜିରେ ୧୦ ନୂଆ ପ୍ରିମିୟମ ଷ୍ଟାଇଲିଂ ସଂଯୋଗ ହୋଇଛି। ଏହା ପର୍ଲ ପ୍ରିସିୟସ ହ୍ୱାଇଟ ସହ ମେଟ୍ ସିଲଭର କଲ୍‌ର ଏବଂ ଷ୍ଟ୍ରୋଣ୍ଟିୟମ ସିଲଭର ମେଟାଲିକ ସହ ପର୍ଲ ଇଗ୍ନିୟସ ବ୍ଲାକ ରଙ୍ଗରେ ଆସିଛି। ସେହିଭଳି ଲିମିଟେଡ୍ ଏଡିଶନ ସିବି ସାଇନ ୫ ନୂଆ ପ୍ରିମିୟମ ଷ୍ଟାଲଲିଂ ଏଡିଶନ ସହ ଆସୁଛି। ବ୍ଲାସ୍ ସହ ଇମ୍ପେରିଆଲ ରେଡ୍ ମେଟାଲିକ୍ ଏବଂ ବ୍ଲାକ୍ ସହ ସ୍ୱିୟର ସିଲଭର ମେଟାଲିକ ରଙ୍ଗରେ ଏହା ଉପଲବ୍ଧ। ହୋଣ୍ଡା ସର୍ବଦା ଗ୍ରାହକଙ୍କୁ ପ୍ରାଥମିକତା ଦେଇ ଆସିଥିବା ବେଳେ ନୂଆ ମଡେଲଗୁଡିକ ବଜାରକୁ ଛାଡି ଏହି ଧାରାକୁ ଆଉ ପାଦେ ଆଗକୁ ନେଇଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି। ନୂଆ ଆକ୍ଟିଭା ୫ଜି ୫୫,୦୩୨ ଟଙ୍କାରେ ଉପଲବ୍ଧ ହେଉଛି। ସେହିଭଳି ନୂଆ ସିବି ସାଇନ ବଜାର ଦର ୫୯,୦୮୩ ଟଙ୍କା ରହିଥିବା କମ୍ପାନୀ ପ୍ରକାଶ କରିଛି।

# ପୁଣିଥରେ ଲାଗୁ ହୋଇପାରେ ନଗଦ ଉଠାଣ ଟିକସ

ନୂଆଦିଲ୍ଲୀ,୨୭-୫

କେନ୍ଦ୍ରରେ ଦ୍ୱିତୀୟଥର ନରେନ୍ଦ୍ର ମୋଦି ସରକାର ଗଠନ ହେବାକୁ ଯାଉଛି। ସରକାର ଏଥର ଦୃଢ଼ତାର ସହ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇନେବେ ବୋଲି ଜନତା ଆଶାକରୁଛନ୍ତି। ବିଶେଷ କରି କଳାଧନ ସୃଷ୍ଟି ଉପରେ ଅଙ୍କୁଶ ଲଗାଇବାକୁ ଏଥର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି। ମିଡିଆରେ ଆରମ୍ଭ ହୋଇଥିବା ଚର୍ଚ୍ଚା ଅନୁଯାୟୀ, କେନ୍ଦ୍ର ସରକାର ପୁଣିଥରେ ବ୍ୟାଙ୍କିଙ୍ଗ୍ କ୍ୟାଶ୍ ଟ୍ରାଞ୍ଜାକ୍‌ଶନ ଟ୍ୟାକ୍ସ ଅର୍ଥାତ୍ ନଗଦ ଉଠାଣ ଉପରେ ଟିକସ ଲାଗୁ କରିବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ ନୀତି ନିର୍ଦ୍ଧାରକମାନେ ଏ ନେଇ ବିଚାରବିମର୍ଶ ଆରମ୍ଭ କରିଦେଇଛନ୍ତି। ନଗଦ ଉଠାଣକୁ ହତୋତ୍ସାହିତ କରିବାକୁ ଯାଇ ଏଭଳି ଟିକସ ବ୍ୟବସ୍ଥା ଲାଗୁ କରାଯାଇଥାଏ। ଏହାଛଡ଼ା ଉତ୍ତରାଧିକାର ସୂତ୍ରରେ ମିଳୁଥିବା ସମ୍ପତ୍ତି ଉପରେ ମଧ୍ୟ ଟିକସ ଲାଗୁ କରିବା ଲାଗି ବିଚାର କରାଯାଉଛି। ଏ ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି ଯେ, ଏଥିନେଇ ବିଚାର କରାଯାଉଛି। ବାସ୍ତବରେ ଏହି ଟିକସ ଆଦାୟ କିଭଳି ପ୍ରଭାବଶାଳୀ ହେବ ତାହା ମଧ୍ୟ ବିଚାର କରାଯାଉଛି ବୋଲି ସେ କହିଛନ୍ତି। କାରଣ ଏଭଳି ଟିକସ ଅତ୍ୟନ୍ତ ସାମାନ୍ୟ ହୋଇଥାଏ। ଏଭଳି ବ୍ୟବସ୍ଥା ମାଧ୍ୟମରେ ସରକାର ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ରଖିନାହାନ୍ତି, ବରଂ କଳାଧନ କାରବାରକୁ ରୋକିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହାଦ୍ୱାରା ଡିଜିଟାଲ ଟ୍ରାଞ୍ଜାକଶନକୁ ପ୍ରୋତ୍ସାହନ ମିଳିବ, ଯାହା ପ୍ରଧାନମନ୍ତ୍ରୀ ମୋଦି ଚାହୁଁଛନ୍ତି।

## ଆର୍‌ବିଆଇକୁ ସିଆଇସିଙ୍କ ନିର୍ଦ୍ଦେଶ
# ବଡ଼ ଋଣଖିଲାପକାରୀଙ୍କ ନାମ ଜଣାଅ

ନୂଆଦିଲ୍ଲୀ,୨୭-୫

ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରିନ ଥିବା ଏଭଳି ବଡ଼ ଋଣଖିଲାପକାରୀଙ୍କ ନାମ ଜଣାଇବାକୁ କେନ୍ଦ୍ରୀୟ ସୂଚନା ଆୟୋଗ(ସିଆଇସି) ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ନୌସ୍ଥିତ ସୂଚନା ଅଧିକାର କର୍ମୀ ନୂତନ ଠାକୁରଙ୍କ ଅପିଲ୍ ଉପରେ ଶୁଣାଣି କରିବା ପରେ ସିଆଇସି ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଋଣ ପରିଶୋଧ କରିବାରେ ବିଫଳ ହୋଇଥିବା ଏବଂ ସମାଧାନ ପାଇଁ ବ୍ୟାଙ୍କ ନିକଟକୁ ପଠାଇଥିବା ଏଭଳି ବଡ଼ ଋଣଖିଲାପୀଙ୍କ ତଥ୍ୟ ଦେବାକୁ କେନ୍ଦ୍ରୀୟ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଙ୍କ ନିକଟକୁ ସମାଧାନ ପାଇଁ ବଡ଼ ଋଣଖିଲାପକାରୀଙ୍କୁ ପଠାଯାଇଛି ବୋଲି ଆର୍‌ବିଆଇ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ବୟାନକୁ ମିଡିଆରେ ପ୍ରକାଶ କରାଯାଇଥିଲା। ଠାକୁର ଏହି ରିପୋର୍ଟକୁ ଆଧାର କରିଛନ୍ତି।

# ବଜାରରେ ଟିଭିଏସ୍ ଆପାଚେ ଆର୍‌ଆର୍ ୩୧୦



ହୋସୁର,୨୭-୫

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ନୂଆ ଟିଭିଏସ୍ ଆପାଚେ ଆର୍‌ଆର୍-୩୧୦ ବଜାରକୁ ଆସିଛି। ଏଥିରେ କମ୍ପାନୀ ରେସ୍ ଟ୍ୟୁନ୍‌ଡ(ଆର୍‌ଟି) ସ୍ଲିପର କ୍ଲଚ ସୁବିଧା ରଖିଛି। ସେହିଭଳି ସ୍ୱିଫ୍ଟ ଗିୟର ସିଫ୍ଟିଙ୍ଗ, ଷ୍ଟାଇଲିଂ ଅପଗ୍ରେଡ୍, ଫାନ୍ଟମ ବ୍ଲାକ କଲର ରଙ୍ଗରେ ଏହା ଉପଲବ୍ଧ ହେଉଛି। ମଡେଲଟି ସିଟି, ହାଇୱେ ଏବଂ ଟ୍ରାକ୍ ରାଇଡିଂ କ୍ଷେତ୍ରରେ ସହାୟକ ହୋଇପାରିବ। ଅପ୍‌ଗ୍ରେଡ ହୋଇଥିବା ଏହି ମଡେଲଟି ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି କମ୍ପାନୀର ନିର୍ଦ୍ଦେଶକ ତଥା ସିଇଓ କେ.ଏନ୍.ରାଧାକ୍ରିଷ୍ଣନ କହିଛନ୍ତି। କ୍ରିକେଟ ତାରକା ମହେନ୍ଦ୍ର ସିଂ ଧୋନୀ ଏହି ବାଇକର ପ୍ରଥମ ଗ୍ରାହକ ହୋଇପାରିଛନ୍ତି। କମ୍ପାନୀର ପ୍ରିମିୟମ ସେଗ୍‌ମେଣ୍ଟ ମାର୍କେଟିଂ ମୁଖ୍ୟ ମେଘଶ୍ୟାମ ଦିଘୋଲେ ନୂଆ ଯାନର ଚାବିକୁ ଧୋନୀଙ୍କୁ ହସ୍ତାନ୍ତର କରିଥିଲେ। ଗତ ୧୨ ବର୍ଷ ଧରି ଟିଭିଏସ୍ ସହ ଯୋଡିହୋଇଥିବା ବେଳେ ଏହି ମଡେଲ ସହ ଏହା ଆହୁରି ଦୃଢ ହୋଇଛି ବୋଲି ଧୋନୀ କହିଛନ୍ତି।


**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦
ୱେବସାଇଟ୍ : www.utkalikaodisha.in

**ଆଗ୍ରହ ପ୍ରକାଶନ**

୨୦୧୯-୨୦ ଏବଂ ୨୦୨୦-୨୧ (୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ) ଆର୍ଥିକ ବର୍ଷ ଅବଧିରେ ବିଭିନ୍ନ ଶିଳ୍ପ କାରିଗରୀ /ଉତ୍ପାଦ ପାଇଁ ଅନୁଗୁଳ, କୋଲକାତା ଓ କଟକ ସ୍ଥିତ ଉତ୍କଳିକା ଶାଖାରେ କନସାଇନମେଣ୍ଟ (ସ୍ୱତନ୍ତ୍ର) ଭିତ୍ତିକ ବ୍ୟବସାୟ ଲାଗି କନସାଇନର ନିୟୋଜନ ଉଦ୍ଦେଶ୍ୟରେ ମୁଦ ଆବେଦନ ଆମନ୍ତ୍ରଣ କରାଯାଉଛି । ଇ.ଓ.ଆଇ ର ଦସ୍ତାବିଜ ଯଥା - ଆବେଦନ ପାଇଁ ଫର୍ମାଟ / ଦରଖାସ୍ତକାରୀଙ୍କ ବିବରଣୀ ଓ ଅଣ୍ଡରଟେକିଂ ଫର୍ମ ସହ ଶାଖାର ବିବରଣୀ, ଶିଳ୍ପ / ଉତ୍ପାଦର ନାମ ଏବଂ ବାର୍ଷିକ ମୌଳିକ ବିକ୍ରୟ ଲକ୍ଷ୍ୟ ତଥା ସର୍ତ୍ତାବଳୀ ନିଗମର ଉପରୋକ୍ତ ୱେବସାଇଟ୍‌ରୁ ମିଳି ପାରିବ । କେବଳ ଓଡ଼ିଶାର ଇଚ୍ଛୁକ ଶିଳ୍ପ ସମବାୟ ସମିତି / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ / ଏମ.ଏସ.ଏମ.ଇ. ୟୁନିଟ / ହସ୍ତଶିଳ୍ପ / ହସ୍ତତନ୍ତ କ୍ଷେତ୍ରରେ ଉତ୍ପାଦନ କରୁଥିବା ବ୍ୟକ୍ତି ବିଶେଷ କାରିଗରମାନେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବଶ୍ୟକୀୟ ଫିସ୍ ଟ.୧୦୦୦/-(ଏକ ହଜାର ଟଙ୍କା ମାତ୍ର) Odisha State Co-operative Handicrafts Corporation Ltd. ଙ୍କ ସପକ୍ଷରେ Demand Draft ଆକାରରେ ପ୍ରଦାନ କରି ତା.୦୪ ଜୁନ୍ ୨୦୧୯ରିଖ ଅପରାହ୍ନ ୫ ଘ. ସୁଦ୍ଧା ନିଗମର ମୁଖ୍ୟ କାର୍ଯ୍ୟାଳୟ ଠିକଣାକୁ ଆବେଦନ କରିପାରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ମିଳିଥିବା କୌଣସି ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ । କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି ବା ସମସ୍ତ ଆବେଦନ / ଅଫରକୁ ଖାରଜ କରିପାରିବାର ଅଧିକାର ରଖିଛନ୍ତି । ପରିଚାଳନା ନିର୍ଦ୍ଦେଶକ

**idco ODISHA NEW OPPORTUNITIES — ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No. 1868 — Date: 20.05.2019

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work : Supply of 2KW metal halide fitting for Main field of Hockey stadium inside Kalinga Stadium, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Towers, Janpath, Bhubaneswar | Bid ID. No.- BBSR/ELECT/ e-07/19-20 | 28.05.2019 at 17.00 Hrs. | 06.06.2019 at 17.00 Hrs. |

Further details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/-
Divisional Head (Elect)
IDCO, Bhubaneswar

**ODISHA CO-OPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com
NO-VI-31(02)SERIFED/2019-20/513 — Date : 27.05.2019

**TENDER CALL NOTICE**

Sealed tenders are invited from the registered contractors with experience in Interior decoration work of Handlooms & Handicrafts Showrooms for the Renovation & Interior Furnishing work of Utkalika Showroom at Swarna Jayanthi Commercial Complex (Shop No. 27 & 28), Ameerpet, Hyderabad as follows. **(1) Tender value : Rs.35,36,141/-** (Excluding GST), **(2) Cost of Tender Paper** : Rs.6,000/- (non-refundable), **(3) E.M.D. : Rs.35,361/-**, **(4) Class of Contractor** : "C" & "B" Class, **(5) Date & time of availability of Tender Paper : Office of SERIFED.** (up to 07-06-2019, 10.00 A.M. to 5.00 P.M.). Website 11.00 A.M. on Dt-29.05.2019 to Dt-09.06.2019 (5 P.M.), **(6) Last date of submission of Tender** : Up to 1.00 P.M. Dt.10-06-2019, **(7) Opening of Tender** : 3.00 P.M. on Dt.10-06-2019. For details of tender document, Terms and conditions & further corrigenda please visit Serifed own website www.serifedodisha.in.

Sd/- Managing Director

**ICMR-REGIONAL MEDICAL RESEARCH CENTRE**
(Indian Council of Medical Research)
Chandrasekharpur, Bhubaneswar - 751 023

No.04(05)/SP/Proj/2018/280(I) — Dt.27.05.2019

**WALK-IN-INTERVIEW / WRITTEN TEST**

A walk-in-interview / written test is scheduled to be held at the office of Regional Medical Research Centre, Chandrasekharpur, Bhubaneswar, Odisha for the following temporary positions on consolidated salary under the following ICMR task force projects.

**Project Title : A phase-III, Randomized, Double-blind Placebo controlled trial to evaluate the efficacy and safety of VPM1002 and Immunovac (MIP/Mw) Vaccines in preventing Tuberculosis (TB) in Healthy Household contacts of Newly Diagnosed Sputum positive pulmonary TB patients.**

| Sl. No. | Name of the Post | Vacancy/ Category | Date of written/ Interview Test |
|---|---|---|---|
| 1 | Project Technical Officer | UR-2 | 06.06.2019 at 10:00 A.M |
| 2 | Research Assistant (ip dispensing, enroll & implementation QC ) | UR-2 | 07.06.2019 at 10:00 A.M |
| 3 | Research Assistant (role of Pharmacist) | UR-1 OBC-1 | 07.06.2019 at 10:00 A.M |
| 4 | Project Technician-III (Field Worker) | UR-1 | 11.06.2019 at 10:00 A.M |
| 5 | Project Technician-III (Lab Technician) | UR-1 | 11.06.2019 at 10:00 A.M |
| 6 | Data Entry Operator | UR-1 | 13.06.2019 at 10:00 A.M |
| 7 | Attendant | UR-1 OBC-1 | 13.06.2019 at 10:00 A.M |

**No TA/DA will be paid for appearing in the interview.**

For detailed advertisement, terms & conditions, please visit the websites : www.rmrcbbsr.gov.in OR www.icmr.nic.in

Sd/-
Administrative Officer
For Director

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାରଠାରୁ ଗ୍ରେଟ୍ ବ୍ରିଟେନରେ ଆରମ୍ଭ ହେବାକୁ ଯାଉଛି। ଏଥିପୂର୍ବରୁ ଅଂଶଗ୍ରହଣକାରୀ ସମସ୍ତ ଦଳ ୱାର୍ମଅପ୍ ମ୍ୟାଚ୍ ଜରିଆରେ ସେମାନଙ୍କ ପୂର୍ବପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଯେହେତୁ ଇଂଲଣ୍ଡର ଅଧିକାଂଶ ପଡ଼ିଆ ଆକାରରେ ଛୋଟ ଏବଂ ସେଠାକାର ପିଚ୍ ବ୍ୟାଟିଂ ଅନୁକୂଳ ତେଣୁ ଚଳିତ ସଂସ୍କରଣରେ ବୋଲରଙ୍କ ଉପରେ ବ୍ୟାଟ୍ସମ୍ୟାନଙ୍କ ପ୍ରଭାବ ଦେଖିବାକୁ ମିଳିବ। ମ୍ୟାଚ୍‌ଗୁଡ଼ିକ ବଡ଼ ସ୍କୋର ବିଶିଷ୍ଟ ହେବ ବୋଲି କ୍ରିକେଟ ବିଶେଷଜ୍ଞ ଆକଳନ କରିଛନ୍ତି। ତେଣୁ କ୍ରିକେଟ୍ ମହାକୁମ୍ଭର ଏହି ସଂସ୍କରଣରେ କେତେକ ରେକର୍ଡ ଭାଙ୍ଗିବା ସମ୍ଭାବନା ରହିଛି। ଭାଙ୍ଗିବାକୁ ଥିବା ୫ଟି ରେକର୍ଡ ଉପରେ ନିମ୍ନରେ ଦର୍ଶାଗଲା...

# ଭାଙ୍ଗିପାରେ ୫ ରେକର୍ଡ



ଗ୍ଲେନ ମ୍ୟାକ୍‌ଗ୍ରା

## ସର୍ବାଧିକ ଉଇକେଟ୍ ହାସଲକାରୀ ବୋଲର

ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଉଇକେଟ୍ ଅକ୍ତିଆର କରିବା ରେକର୍ଡ କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଗ୍ଲେନ ମ୍ୟାକ୍‌ଗ୍ରାଙ୍କ ନାମରେ ରହିଛି। ୨୦୦୭ରେ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ବିଶ୍ୱକପ୍‌ର ୯ମ ସଂସ୍କରଣରେ ମ୍ୟାକ୍‌ଗ୍ରା ୨୬ ଉଇକେଟ୍ ଅକ୍ତିଆର କରିଥିଲେ। ଏଥିସହ ମ୍ୟାକ୍‌ଗ୍ରା ବିଶ୍ୱକପ୍ ଇତିହାସରେ ମଧ୍ୟ ମୋଟ୍ ଉପରେ ସର୍ବାଧିକ ଉଇକେଟ୍ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ଭିନ୍ନ ଫର୍ମାଟ୍‌ରେ ଏହି ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ମ୍ୟାକ୍‌ଗ୍ରାଙ୍କ ରେକର୍ଡ ଭାଙ୍ଗିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୧୫ ବିଶ୍ୱକପ୍ ଫାଇନାଲରେ ପହଞ୍ଚିବା ପାଇଁ ଗୋଟିଏ ଟିମ୍‌କୁ ୮ ମ୍ୟାଚ୍ ଖେଳିବାକୁ ପଡ଼ୁଥିଲା। କିନ୍ତୁ ଏହି ସଂସ୍କରଣର ଫାଇନାଲରେ ସ୍ଥାନ ହାସଲ ପାଇଁ ଗୋଟିଏ ଟିମ୍‌କୁ ୧୦ ମ୍ୟାଚ୍ ଖେଳିବାକୁ ପଡ଼ିବ। ୨୦୧୫ ବିଶ୍ୱକପ୍‌ରେ ମିଚେଲ ଷ୍ଟାର୍କ ଓ ଟ୍ରେଣ୍ଟ ବୋଲ୍ଟ ଯଥାକ୍ରମେ ୮ ଓ ୯ ମ୍ୟାଚ୍ ଖେଳି ୨୨ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଯେହେତୁ ଇଂଲଣ୍ଡ ପିଚ୍ ଦ୍ରୁତ ବୋଲରଙ୍କୁ କିଛିଟା ସହାୟତା କରିଥାଏ ତେଣୁ ମ୍ୟାକ୍‌ଗ୍ରାଙ୍କ ନାମରେ ରହିଥିବା ରେକର୍ଡକୁ ଷ୍ଟାର୍କ, ବୋଲ୍ଟଙ୍କ ସମେତ କାଗିସୋ ରାବାଡା, ଭୁବନେଶ୍ୱର କୁମାରଙ୍କ ପରି ଦକ୍ଷ ବୋଲର ଭାଙ୍ଗିଦେବାର ଆକଳନ କରାଯାଉଛି।



ସଚିନ ତେନ୍ଦୁଲକର

## ଗୋଟିଏ ସଂସ୍କରଣରେ ସର୍ବାଧିକ ସ୍କୋର

କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ ସଂଗ୍ରହ କରିବାର ରେକର୍ଡ ରହିଛି। ୨୦୦୩ ବିଶ୍ୱକପ୍‌ରେ ଚମତ୍କାର ଫର୍ମରେ ଥିବା ସଚିନ ୧୧ ମ୍ୟାଚ୍‌ରୁ ୬୭୩ ରନ କରିଥିଲେ। ଚଳିତ ବିଶ୍ୱକପ୍‌ର ଫର୍ମାଟ୍ ଅନୁଯାୟୀ ଅଂଶଗ୍ରହଣକାରୀ ୧୦ ଦଳ ରାଉଣ୍ଡ-ରବିନ ଭିତ୍ତିରେ ପରସ୍ପର ସହ ମ୍ୟାଚ୍ ଖେଳିବେ। ଫଳରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସମେତ ଷ୍ଟିଭ୍ ସ୍ମିଥ୍, କେନ୍ ୱିଲିୟମସନ, ଜୋ ରୁଟ୍‌ଙ୍କ ପରି ବ୍ୟାଟ୍ସମ୍ୟାନ ଶ୍ରେଷ୍ଠ ଫର୍ମରେ ରହିଥିବାରୁ ଏହି ବିଶ୍ୱକପ୍‌ରେ ସଚିନଙ୍କ ନାମରେ ଥିବା ଉକ୍ତ ରେକର୍ଡକୁ ପଛରେ ପକାଇଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ରଖିଛନ୍ତି।



ଏବି ଡି ଭିଲର୍ସ

## ଦ୍ରୁତତମ ଦିନିକିଆ ଅର୍ଦ୍ଧଶତକ

ଏହା ହେଉଛି ସବୁଠାରୁ ସହଜ ରେକର୍ଡ, ଯାହାକି ବିଶ୍ୱକପ୍‌ର ଚଳିତ ସଂସ୍କରଣରେ ଭାଙ୍ଗିପାରେ। ଦିନିକିଆ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ ଦକ୍ଷିଣ ଆଫ୍ରିକାର ଏବି ଡି ଭିଲର୍ସ (୧୬ ବଲ)ଙ୍କ ନାମରେ ରହିଛି। ଯେହେତୁ ଇଂଲଣ୍ଡ ପଡ଼ିଆଗୁଡ଼ିକ ଆକାରରେ ଛୋଟିଆ ହୋଇଥିବା ସହ ପିଚ୍ ବ୍ୟାଟିଂ ଅନୁକୂଳ ହୋଇଥିବାରୁ ବ୍ୟାଟ୍ସମ୍ୟାନଙ୍କୁ ବଡ଼ ଶଟ୍ ମାରିବାରେ ଏହା ସହାୟକ ହେବ। ସେହିଭଳି ଆଇପିଏଲ୍ ସମାପ୍ତ ହେବା ସଙ୍ଗେ ସଙ୍ଗେ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ବ୍ୟାଟ୍ସମ୍ୟାନ ଭିନ୍ନ ଫର୍ମାଟ୍‌କୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଫଳରେ ଆଟାକିଂ ବ୍ୟାଟ୍ସମ୍ୟାନମାନେ ସେମାନଙ୍କ ଚିରାଚରିତ ଶୈଳୀରେ ଟି୨୦ ପରି ଖେଳିବେ ବୋଲି ଆକଳନ କରାଯାଉଛି। ଜୋଶ୍ ବଟଲର, ଆନ୍ଦ୍ରେ ରସେଲ, ହାର୍ଦ୍ଦିକ ପାଣ୍ଡ୍ୟା, ଗ୍ଲେନ ମ୍ୟାକ୍ସୱେଲ ପ୍ରମୁଖ ଡି ଭିଲର୍ସଙ୍କ ନାମରେ ରହିଥିବା ଏହି ରେକର୍ଡକୁ ପଛରେ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି।

## ସର୍ବୋଚ୍ଚ ଦିନିକିଆ ଦଳଗତ ସ୍କୋର

ଦିନିକିଆ କ୍ରିକେଟ ଇତିହାସରେ ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ଦଳଗତ ସ୍କୋର ରେକର୍ଡ ଇଂଲଣ୍ଡ ନାମରେ ରହିଛି। ୨୦୧୮ରେ ନଟିଂହାମଶାୟରରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୬ ଉଇକେଟ୍‌ରେ ୪୮୧ ରନ ସଂଗ୍ରହ କରି ଏହି ରେକର୍ଡର ଅଧିକାରୀ ହୋଇଥିଲା। ଆଲେକ୍ସ ହେଲ୍ସ (୧୪୭ ରନ, ୯୨ ବଲ୍, ୧୬ ଚୌକା, ୫ ଛକା) ଓ ଜନି ବେୟାରଷ୍ଟୋ (୧୩୯ ରନ, ୯୨ ବଲ, ୧୫ ଚୌକା, ୫ ଛକା)ଙ୍କ ଶତକ ବଳରେ ଇଂଲଣ୍ଡ ଘରୋଇ ଗ୍ରାଉଣ୍ଡରେ ଏହି ବିଶାଳ ସ୍କୋର କରିଥିଲା। ସେହିଭଳି ବିଶ୍ୱକପ୍‌ରେ ସର୍ବାଧିକ ଦଳଗତ ସ୍କୋର ଅଷ୍ଟ୍ରେଲିଆ ହାସଲ କରିଛି। ୨୦୧୫ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ୬ ଉଇକେଟ୍‌ରେ ୪୧୭ ରନ କରିଥିଲା। ଇଂଲଣ୍ଡର ବ୍ୟାଟିଂ ଫ୍ରେଣ୍ଡଲୀ ଉଇକେଟ୍ ଏବଂ ସମସ୍ତ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ ରହିଥିବାରୁ ଏହି ଦୁଇଟିଯାକ ରେକର୍ଡ ବିଶ୍ୱକପ୍‌ର ଏହି ସଂସ୍କରଣରେ ଭାଙ୍ଗିଯିବାର ସମ୍ଭାବନା ରହିଛି।



ମାର୍ଟିନ ଗୁପ୍ଟିଲ

## ବିଶ୍ୱକପ୍‌ରେ ସର୍ବାଧିକ ବ୍ୟକ୍ତିଗତ ରନ୍

ନ୍ୟୁଜିଲାଣ୍ଡର ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ମାର୍ଟିନ ଗୁପ୍ଟିଲଙ୍କ ନାମରେ ବିଶ୍ୱକପ୍‌ର ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରେକର୍ଡ ରହିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ଆନୁକୂଲ୍ୟରେ ୨୦୧୫ରେ ଆୟୋଜିତ ହୋଇଥିବା ବିଶ୍ୱକପ୍‌ରେ ଗୁପ୍ଟିଲ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୩୭ ରନର ଅପରାଜିତ ଇନିଂସ ଖେଳିଥିଲେ। କିନ୍ତୁ ଗୁପ୍ଟିଲଙ୍କ ନାମରେ ରହିଥିବା ଏହି ବିଶ୍ୱକପ୍ ରେକର୍ଡ ଏହି ସଂସ୍କରଣରେ ଭାଙ୍ଗିଯିବା ବହୁତ ସମ୍ଭାବନା ରହିଛି। ଇଂଲଣ୍ଡ ପଡ଼ିଆର ଆକାର ଏବଂ ପିଚ୍ କଣ୍ଡିସନ ଦୃଷ୍ଟିରୁ ବ୍ୟାଟ୍ସମ୍ୟାନଙ୍କୁ ଏଠାରେ ବଡ଼ ଶର୍ଟ ଓ ଇନିଂସ ଖେଳିବାରେ ସହଜ ହୋଇଥାଏ। ରୋହିତ୍ ଶର୍ମା, ଜାସନ ରଏ, କ୍ରିସ୍ ଗେଲ୍ ଓ ଡେଭିଡ୍ ୱାର୍ନରଙ୍କ ପରି ବ୍ୟାଟ୍ସମ୍ୟାନ ଏହି ରେକର୍ଡକୁ ପଛରେ ପକାଇବାର ଦକ୍ଷତା ରଖିଛନ୍ତି।

# ଅଷ୍ଟ୍ରେଲିଆକୁ ରେକର୍ଡ ପଞ୍ଚମ ଟାଇଟଲ

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୧୫ତମ ସଂସ୍କରଣକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରିଥିଲେ। ଫେବୃୟାରୀ ୧୪ରୁ ଏହି ମେଗା ଇଭେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୨୯ ତାରିଖରେ ଶେଷ ହୋଇଥିଲା। ଫାଇନାଲରେ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ରେକର୍ଡ ପଞ୍ଚମଥର ପାଇଁ ଟାଇଟଲ ଜିତିଥିଲା। ୧୪ଟି ଭେନ୍ୟୁରେ ୧୪ଟି ଦଳ ମୋଟ ଉପରେ ୪୯ଟି ମ୍ୟାଚ୍ ଖେଳିଥିଲେ। ଅଷ୍ଟ୍ରେଲିଆର ଆଡିଲେଡ, ବ୍ରିସ୍‌ବେନ୍, କାନ୍‌ବେରା, ହୋବାର୍ଟ, ମେଲବୋର୍ନ, ପର୍ଥ ଓ ସିଡନୀରେ ୨୬ଟି ମ୍ୟାଚ୍ ଖେଳାଯାଇଥିଲା। ସେହିପରି ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ, ଖ୍ରୀଷ୍ଟଚର୍ଚ୍ଚ, ଡୁନେଡିନ, ହାମିଲଟନ, ନାପିଏର, ନେଲସନ ଓ ୱେଲିଂଟନରେ ୨୩ ମ୍ୟାଚ୍ ଖେଳାଯାଇଥିଲା। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଗତଥରର ଚାମ୍ପିୟନ ଭାରତ ଘରୋଇ ଅଷ୍ଟ୍ରେଲିଆଠାରୁ ୯୫ ରନରେ ପରାସ୍ତ ହୋଇ ବିଦାୟ ନେଇଥିଲା। ପୁଲ୍ ବି'ରେ ଭାରତ- ପାକିସ୍ତାନ ମ୍ୟାଚ୍ ପୂରା ଫୋକସ୍‌ରେ ଥିଲା। ମାତ୍ର ୧୨ ମିନିଟ୍‌ରେ ଏହି ମ୍ୟାଚ୍‌ର ସବୁ ଟିକେଟ ବିକ୍ରି ହୋଇଯାଇଥିଲା। ଭାରତ ଏହି ମ୍ୟାଚ୍‌ର ପାକିସ୍ତାନକୁ ୭୬ ରନରେ ପରାସ୍ତ କରିଥିଲା। ୧୦୭ ରନର ଶତକୀୟ ପାଳି ଖେଳିଥିବା ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ବିଶ୍ୱକପ୍‌କୁ ରେକର୍ଡ ୧.୫ ବିଲିୟନ ଦର୍ଶକ ଉପଭୋଗ କରିଥିଲେ। କେବଳ ଭାରତ- ପାକିସ୍ତାନ ମ୍ୟାଚ୍‌କୁ ରେକର୍ଡ ୧୦୦ କୋଟି ଦର୍ଶକ ଦେଖିଥିଲେ।



୨୦୧୧ ସଂସ୍କରଣ ଭଳି ଏଥର ମଧ୍ୟ ସମାନ ଫର୍ମାଟରେ ମ୍ୟାଚ୍ ଖେଳାଯାଇଥିଲା। ୧୪ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ରେ ୭ଟି ଦଳ ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିଥିଲେ ଓ ଶେଷରେ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଆଇସିସିର ୧୦ ପୁଲ୍ ମେମ୍ବର ଦଳ ଯଥା ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଜିମ୍ବାୱେ ସହ ୱାର୍ଲ୍ଡ କ୍ରିକେଟ ଲିଗ୍ ଚାମ୍ପିୟନଶିପ୍ ଖେଳି ଆୟର୍ଲାଣ୍ଡ ଓ ଆଫଗାନିସ୍ତାନ, ବିଶ୍ୱକପ୍ କ୍ୱାଲିଫାୟର ଖେଳି ସ୍କଟଲାଣ୍ଡ ଓ ୟୁନାଇଟେ ଆରବ ଏମିରେଟ୍ସ (ୟୁଏଇ) ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ।

ପୁଲ୍ ଏ'ରେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ବାଂଲାଦେଶ ୬ଟି ଲେଖାଏ ମ୍ୟାଚ୍ ଖେଳି ଯଥାକ୍ରମେ ୧୨, ୯, ୮ ଓ ୭ ପଏଣ୍ଟ ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଗ୍ରୁପ୍ ବି'ରେ ଭାରତ ୬ଟି ମ୍ୟାଚ୍‌ରୁ ୬ଟି ଜିତି ୧୨, ଦକ୍ଷିଣ ଆଫ୍ରିକା ୮, ପାକିସ୍ତାନ ୮ ଓ ୱେଷ୍ଟଇଣ୍ଡିଜ୍ ୮ ଲେଖାଏ ପଏଣ୍ଟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟରରେ ଭାରତ ବାଂଲାଦେଶକୁ ୧୦୯ ରନରେ, ଦକ୍ଷିଣ ଅଫ୍ରିକା ଶ୍ରୀଲଙ୍କାକୁ ୯ ଉଇକେଟରେ, ଅଷ୍ଟ୍ରେଲିଆ ପାକିସ୍ତାନକୁ ୬ ଉଇକେଟରେ, ନ୍ୟୁଜିଲାଣ୍ଡ ୱେଷ୍ଟଇଣ୍ଡିଜକୁ ୧୪୩ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିରେ ଭାରତ ଅଷ୍ଟ୍ରେଲିଆଠାରୁ ହାରିଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ଉଇକେଟ ହରାଇ ଷ୍ଟିଭେନ୍ ସ୍ମିଥ୍‌ଙ୍କ ୧୦୫ ରନର ଶତକ ସହାୟତାରେ ୩୨୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୬.୫ ଓଭରରେ ୨୩୩ ରନ କରି ଅଲଆଉଟ ହୋଇଥିଲେ। ସ୍ମିଥ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଅନ୍ୟଏକ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଦକ୍ଷିଣ ଆଫ୍ରିକାକୁ ଡକ୍‌ୱର୍ଥ/ ଲୁଇସ୍ ନିୟମରେ ୪ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଦୁଇ ପଡୋଶୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ଏଥିରେ ଅଷ୍ଟ୍ରେଲିଆ ବାଜି ମାରିଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୧୮୩ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୩୩.୧ ଓଭରରେ ୩ ଉଇକେଟ ହରାଇ ୧୮୬ ରନ କରି ବିଜୟୀ ହୋଇଥିଲା। ଜେମ୍ସ ଫକନର ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ମିଚେଲ ଷ୍ଟାର୍କ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍ଟିଲ ସର୍ବାଧିକ ୫୪୭ ରନ ସଂଗ୍ରହ କରିଥିଲେ। ସେହିପରି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଓ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୨୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତ ଏହି ବିଶ୍ୱକପ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ସେମିରେ ଝୁଣ୍ଟିଥିଲା। ଭାରତ ଏହି ମେଗା ଇଭେଣ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଏହି ବିଶ୍ୱକପ୍ ବେଶ୍ ସଫଳତାର ସହ ଆୟୋଜିତ ହୋଇଥିଲା। ମାଇକେଲ କ୍ଲାର୍କଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦମ୍‌ଦାର ପ୍ରଦର୍ଶନ କରି ବାକିସବୁ ଦଳକୁ ପଛରେ ପକାଇଥିଲା।

# ଅଭିଜ୍ଞ ମାଲିଙ୍ଗା ଶ୍ରୀଲଙ୍କାର ଆଶା ଭରସା

ଆଗାମୀ ଆଇସିସି ବିଶ୍ୱକପ୍‌ରେ ଅଭିଜ୍ଞ ଦ୍ରୁତ ବୋଲର ଲସିଥ ମାଲିଙ୍ଗା ଅନ୍ୟତମ ବୟୋଜ୍ୟେଷ୍ଠ ଖେଳାଳିଭାବେ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ବୟସ ବଢୁଥିଲେ ମଧ୍ୟ ତାଙ୍କ ବୋଲିଂରେ ଚମକ ଏବେ ବି ଦେଖିବାକୁ ମିଳୁଛି। ଏହି ମେଗା ଇଭେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ସେ ନିଜ ସମାଲୋଚକଙ୍କୁ ଚୁପ୍ କରିବେ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କାର ଖରାପ ପ୍ରଦର୍ଶନ କାରଣରୁ ମାଲିଙ୍ଗାଙ୍କୁ ଦିନିକିଆ ଅଧିନାୟକ ପଦରୁ ବହିଷ୍କୃତ କରାଯାଇଥିଲା। ମାଲିଙ୍ଗା ଅବସର ଘୋଷଣା କରିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇବାପରେ ସେ ଏହି ନିଷ୍ପତ୍ତିରୁ ଓହରିଛନ୍ତି। ଏଥର ଆଇପିଏଲ୍‌ରେ ୩୫ ବର୍ଷୀୟ ମାଲିଙ୍ଗା ୧୬ଟି ଉଇକେଟ ଅକ୍ତିଆର କରି ବିଶ୍ୱକପ୍ ପୂର୍ବରୁ ଫର୍ମକୁ ଫେରିବା ଶ୍ରୀଲଙ୍କା ପାଇଁ ଶୁଭ ଲକ୍ଷଣ ବୋଲି କୁହାଯାଇପାରେ। ଏପର୍ଯ୍ୟନ୍ତ ମାଲିଙ୍ଗା ୩୨୨ଟି ଦିନିକିଆ ଉଇକେଟ ଅକ୍ତିଆର କରିଛନ୍ତି। ଦଳର ବୋଲିଂ ଆକ୍ରମଣକୁ ସେ ଆହୁରି ଶାଣିତ କରିବେ ବୋଲି ଆଶା କରାଯାଉଛି। ମାଲିଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୨୦୧୪ ବିଶ୍ୱକପ୍ ଟି୨୦ ଟାଇଟଲ ହାସଲ କରିଥିଲା।



ମାଲିଙ୍ଗାଙ୍କୁ ଠିକ୍ ଭାବେ ବ୍ୟବହାର କରିବା ନୂଆ ଅଧିନାୟକ ଦିମୁଥ କରୁଣାରତ୍ନେ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ବିଶ୍ୱକପ୍‌ରେ ମାଲିଙ୍ଗଙ୍କ ପ୍ରଦର୍ଶନ ସବୁବେଳେ ଭଲ ରହିଆସିଛି। ୨୦୦୭ ବିଶ୍ୱକପ୍‌ରେ ମାଲିଙ୍ଗା ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ ବଲରୁ ୪ଟି ଉଇକେଟ ଅକ୍ତିଆର କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ୨୦୧୧ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ସେ ଆଉ ଏକ ହ୍ୟାଟ୍ରିକ ଅର୍ଜନ କରିଥିଲେ।

## ସଂକ୍ଷେପରେ

### ସୌରଭଙ୍କ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ, ୨୭।୫ (ପି.ଟି.):** ମ୍ୟୁନିକ୍‌ଠାରେ ଚାଲିଥିବା ସିଜନର ତୃତୀୟ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ରାହୀ ସାର୍ନୋବତ୍ ସୋମବାର ଭାରତ ପାଇଁ ଏକ ଅଲିମ୍ପିକ କୋଟା ହାସଲ କରିଛନ୍ତି। ସେ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କିନ୍ତୁ ସ୍ୱଳ୍ପ ବୟସ୍କ ସୌରଭ ଚୌଧାରୀ ଥିଲେ ଆକର୍ଷଣର କେନ୍ଦ୍ରବିନ୍ଦୁ। ସେ ସ୍ୱର୍ଣ୍ଣ ପଦକ ସହ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସୌରଭ ପୁରୁଷ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହିତ ସେ ଉଭୟ ସିନିୟର ଏବଂ ଜୁନିୟର ବିଶ୍ୱକପ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଭାରତ ବର୍ତ୍ତମାନ ୩ ସ୍ୱର୍ଣ୍ଣ ସହ ମ୍ୟୁନିକ୍ ବିଶ୍ୱକପ୍‌ର ପଦକ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଚାଇନା ଗୋଟିଏ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୩ ବ୍ରୋଞ୍ଜ ସହ ତୃତୀୟ ସ୍ଥାନରେ ଅଛି। ସୂଚନାଯୋଗ୍ୟ, ପୂର୍ବରୁ ପୁରୁଷ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ଉଭୟ ସିନିୟର (୨୪୫) ଓ ଜୁନିୟର (୨୪୫.୫) ରେକର୍ଡ ସୌରଭଙ୍କ ନାମରେ ଥିଲା। ଏଠାରେ ସେ ୨୪୬.୩ ସ୍କୋର ସହ ତାଙ୍କର ଏହି ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଅନ୍ୟପକ୍ଷରେ ରାହି ତାଙ୍କ କ୍ୟାରିୟର ଦ୍ୱିତୀୟ ବିଶ୍ୱକପ୍ ସ୍ୱର୍ଣ୍ଣ ଜିତିଥିବା ବେଳେ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତ ଏହାର ୬ଷ୍ଠ କୋଟା ହାସଲ କରିପାରିଛି।

### ଫ୍ରେଞ୍ଚ୍ ଓପନ୍: ନାଡ଼ାଲ, ଜୋକୋଭିଚ୍‌ଙ୍କ ବିଜୟ

**ପ୍ୟାରିସ୍,୨୭।୫ (ଏଏଫ୍‌ପି):** ଗତଥରର ଚାମ୍ପିୟନ ସ୍ପେନ୍‌ର ରାଫାଲ ନାଡ଼ାଲ ଓ ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୭ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ନାଡ଼ାଲ ୬-୨, ୬-୧, ୬-୩ ସେଟ୍‌ରେ ଜର୍ମାନ କ୍ୱାଲିଫାୟର ତଥା ବିଶ୍ୱର ୧୧୪ ନମ୍ବର ଖେଳାଳି ୟାନିକ୍ ହାନଫମ୍ୟାନଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏଥି ସହିତ ନାଡ଼ାଲ ଦ୍ୱାଦଶ ଫ୍ରେଞ୍ଚ ଓପନ ଟାଇଟଲ ହାସଲ ପାଇଁ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ସେହିପରି ବିଶ୍ୱର ୧ ନମ୍ବର ଖେଳାଳି ଜୋକୋଭିଚ୍ ୬-୪, ୬-୨, ୬-୨ ସେଟରେ ପୋଲାଣ୍ଡର ହୁବର୍ଟ ହୁର୍କାଜଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ନାଡ଼ାଲ ଚଳିତ କ୍ଲେ- କୋର୍ଟ ସିଜନରେ କ୍ରମାଗତ ୩ଟି ଟୁର୍ନାମେଣ୍ଟର ସେମିଫାଇନଲରେ ପରାସ୍ତ ହୋଇଥିଲେ। ତେବେ ଇଟାଲିଆନ ଓପନ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ଟାଇଟଲ ଜିତିଥିଲେ। ଜୋକୋଭିଚ୍‌ଙ୍କୁ ହରାଇ ସେ ଏହି ସଫଳତା ପାଇଥିଲେ।



D-66546

# ଭାରତ-ବାଂଲାଦେଶ ୱାର୍ମଅପ୍ ଆଜି

**କାର୍ଡିଫ୍, ୨୭।୫(ପି.ଟି.)**

ଆଉ ଦୁଇ ଦିନ ପରେ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଭାରତ ତା'ର ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ମଙ୍ଗଳବାର ଖେଳାଯିବାକୁ ଥିବା ଏହି ୱାର୍ମଅପ୍ ମ୍ୟାଚ୍ ବିଭିନ୍ନ ଦୃଷ୍ଟିକୋଣରୁ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ମିଡିଲ ଅର୍ଡରରେ କେଦାର ଯାଦବ ଓ ବିଜୟ ଶଙ୍କରଙ୍କ ପ୍ରଦର୍ଶନ ଏବଂ ଆଘାତ ସମସ୍ୟାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। ପ୍ରଥମ ୱାର୍ମଅପ୍‌ରେ ଓଭାଲର ବୋଲିଂ ଫ୍ରେଣ୍ଡଲି ସ୍ଥିତିରେ ଭାରତୀୟ ଟପ୍ ଅର୍ଡର ବିଫଳ ହୋଇଥିଲା। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଉଭୟ ସୁଇଂ ଓ ସିମ୍ ମୁଭମେଣ୍ଟରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇଥିଲେ। ନ୍ୟୁଜିଲାଣ୍ଡ ୬ ଉଇକେଟରେ ଭାରତକୁ ହରାଇଥିଲା। ଅବଶ୍ୟ ଅଧିନାୟକ ବିରାଟ କୋହଲି ଏ ନେଇ ସେତେଟା ବିବ୍ରତ ନୁହନ୍ତି। ବାଂଲାଦେଶ ବିପକ୍ଷରେ ଯାଦବ ଓ ଶଙ୍କର ସଫଳ ନ ହେଲେ କୋହଲି ନିଶ୍ଚିତ ଭାବେ ଚିନ୍ତିତ ହେବେ। ଜୁନ ୫ରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଥିବା ବେଳେ ଭାରତ ସବୁ ସମସ୍ୟାର ସମାଧାନ କରିବାକୁ ଚାହୁଁଛି। ପ୍ରାଥମିକ ଭାବେ ଭାରତ ମିଡିଲ ଅର୍ଡର ସମସ୍ୟାର ସମାଧାନ ଚାହିଁବ। ୪ ଓ ୫ ନମ୍ବରରେ ବ୍ୟାଟିଂ କରିବା ପାଇଁ କେଦାର ଓ ଶଙ୍କରଙ୍କୁ ଏଥି ପାଇଁ ସମ୍ପୂର୍ଣ୍ଣ ଭାବେ ଫିଟ୍ ହେବାକୁ ପଡିବ। ଏହି ଦୁଇ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ଭାବେ ଇଞ୍ଜୁରୀ ମୁକ୍ତ ହେବାକୁ ପଡିବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଅବସରରେ କେଦାର କାନ୍ଧରେ ଆଘାତ ପାଇଥିଲେ। ସେହିପରି ନେଟ୍ସରେ ବ୍ୟାଟିଂ କରୁଥିବା ବେଳେ ଖଲିଲ ଅହମ୍ମଦଙ୍କ ଏକ ଶର୍ଟ ବଲ ଖେଳିବାକୁ ଯାଇ ଶଙ୍କର ଆହତ ହୋଇଥିଲେ। ଅବଶ୍ୟ ଏହା ଲୋକେଶ ରାହୁଲଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ମଶ୍ରାଫି ମୋର୍ତ୍ତାଜା, ମୁସ୍ତାଫିଜୁର ରହମାନ ଓ ରୁବେଲ ହୋସେନ, ସାକିବ ଅଲ ହାସନଙ୍କୁ ନେଇ ଗଠିତ ବାଂଲାଦେଶ ଶକ୍ତିଶାଳୀ ବୋଲିଂ ଲାଇନ୍ ଅପ୍‌କୁ ସଫଳତାର ସହ ମୁକାବିଲା କରି ରାହୁଲ ୪ ନମ୍ବରରେ ନିଜ ପାଇଁ ସ୍ଥାନ ପକ୍କା କରିବେ। ତେବେ କୋଚ ରବି ଶାସ୍ତ୍ରୀ ଓ କୋହଲି ଯଦି ଦୀନେଶ କାର୍ତ୍ତିକଙ୍କୁ ୪ ନମ୍ବରରେ ବ୍ୟାଟିଂ କରିବାକୁ ଦିଅନ୍ତି ତାହାଲେ ରାହୁଲଙ୍କୁ ଏହି ସୁଯୋଗ ନ ମିଳିପାରେ।

ଅନ୍ୟପଟେ ସାକିବ ଇତିମଧ୍ୟରେ ଆଘାତ ସମସ୍ୟାରୁ ମୁକ୍ତ ହୋଇଛନ୍ତି। ବାଂଲାଦେଶ କୋଚ୍ ଷ୍ଟିଭ ରୋଡ୍ସ ତାଙ୍କୁ ଏହି ମ୍ୟାଚ୍‌ରେ ଏକ ବଡ଼ ଭୂମିକାରେ ଅବତୀର୍ଣ୍ଣ କରାଇବେ। ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ବାଂଲାଦେଶ ବିପକ୍ଷରେ ଭଲ ପ୍ରଦର୍ଶନ କରିଆସିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବ। ଯଦି ମେଘୁଆ ପାଗ ହୁଏ ତେବେ ମୁସ୍ତାଫିଜୁର ଓ ରୁବେଲ ହୋସେନ ଖେଳିଲେ ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଫାଇଦାରେ ରହିବେ। ରାହୁଲଙ୍କୁ ବାଦ୍ ଦେଲେ ରବୀନ୍ଦ୍ର ଜଡେଜା ମିଡିଲ ଅର୍ଡରରେ ନିଜର ସ୍ଥାନ ପକ୍କା କରିବାକୁ ଚାହିଁବେ। ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ଜାଡେଜା ଦମ୍‌ଦାର ପ୍ରଦର୍ଶନ କରି ଭାରତର ସ୍ଥିତି ସମ୍ଭାଳିଥିଲେ। କେବଳ ବ୍ୟାଟିଂ ନୁହଁ, ବୋଲିଂ ଓ ଫିଲ୍ଡିଂରେ ଜାଡେଜା ଭାରତ ପାଇଁ ଟୁର୍ନାମେଣ୍ଟରେ ବେଶ୍ ଲାଭଦାୟକ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। କେଦାର ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି। ତେବେ ଏଥିପାଇଁ ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ହେବା ନିହାତି ଜରୁରୀ। ପ୍ରଥମ ୱାର୍ମ ଅପ୍‌ରେ ମେହେନ୍ଦ୍ର ସିଂ ଧୋନୀଙ୍କ ପୂର୍ବରୁ ୫ ନମ୍ବରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦିଆଯାଇଥିଲା। ତେବେ ସେ ସଂଘର୍ଷ କରିଥିଲେ ଓ ୪୨ଟି ବଲ୍ ଖେଳି ମାତ୍ର ୧୭ ରନ ସଂଗ୍ରହ କରିଥିଲେ।

ନଂ ୫ରେ ହାର୍ଦ୍ଦିକ ଖେଳିଲେ ଓ ୪ଂ ୬ରେ ଧୋନୀ ଫିନିସର ଭାବେ ବ୍ୟାଟିଂ କଲେ ସେକେଣ୍ଡ ଡାଉନ୍‌ରେ ରାହୁଲ, କାର୍ତ୍ତିକ କିମ୍ବା ଶଙ୍କର ପାଇଁ ସୁଯୋଗ ସୃଷ୍ଟି ହେବ। ପ୍ରଥମ ମ୍ୟାଚ୍‌ରେ ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ। ଦୁଇ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ଓ ମହମ୍ମଦ ସାମି ସାର୍ପ ଓ ଇକୋନମିକାଲ ବୋଲିଂ କରିଥିଲେ। ଆଇପିଏଲ୍‌ରେ ମହଙ୍ଗା ସାବ୍ୟସ୍ତ ହୋଇଥିବା କୁଲଦୀପ ଯାଦବ ଭଲ ପ୍ରଦର୍ଶନ କରିବେ ବୋଲି ଆଶ କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଟେନିସ ଖେଳୁଛନ୍ତି ମହେନ୍ଦ୍ର ସିଂ ଧୋନୀ ।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଯଶପ୍ରୀତ୍ ବୁମରା, ୟୁଜବେନ୍ଦ୍ର ଚହଲ, ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ, ରବୀନ୍ଦ୍ର ଜାଡେଜା, କେଦାର ଯାଦବ, ଦୀନେଶ କାର୍ତ୍ତିକ, ଭୁବନେଶ୍ୱର କୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ଲୋକେଶ ରାହୁଲ, ମହମ୍ମଦ ସାମି, ବିଜୟ ଶଙ୍କର, ରୋହିତ ଶର୍ମା ଓ କୁଲଦୀପ ଯାଦବ।
- **ବାଂଲାଦେଶ ଦଳ:** ମଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ତାମିମ ଇକବାଲ, ଲିଟନ ଦାସ, ସୌମ୍ୟ ସରକାର, ମୁସଫିକର ରହିମ, ମହମୁଦୁଲ୍ଲା, ସାକିବ ଅଲ ହାସନ, ମହମ୍ମଦ ମିଥୁନ, ସବିର ରହମାନ, ମୋସାଡେକ ହୋସେନ, ମହମ୍ମଦ ସୈଫୁଦ୍ଦିନ, ମେହିଦି ହାସନ, ରୁବେଲ ହୋସେନ, ମୁସ୍ତାଫିଜରୁ ରହମାନ ଓ ଅବୁ ଜାଏଦ।

**ସମୟ: ଅପରାହ୍ନ ୩ଟା, ସ୍ଥାନ : କାର୍ଡିଫ୍, ସୋଫିଆ ଗାର୍ଡେନ୍ସ**

### ତେନ୍ଦୁଲକରଙ୍କ ସ୍ୱାର୍ଥ ନିହିତ ମାମଲାରୁ ମୁକ୍ତ

**ନୂଆଦିଲ୍ଲୀ, ୨୭।୫ (ପି.ଟି.):** କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ରେ ରହିବେ ନାହିଁ ବୋଲି ସଚିନ ତେନ୍ଦୁଲକର କହିବା ପରେ ସେ ସ୍ୱାର୍ଥ ନିହିତ ମାମଲାରୁ ମୁକ୍ତି ପାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଫିସର ଜଷ୍ଟିସ ଡି.କେ. ଜୈନ କ୍ରିକେଟ ଆଇକନଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ରଦ୍ଦ କରିଦେଇଛନ୍ତି। ତେନ୍ଦୁଲକର କହିଛନ୍ତି ବିସିସିଆଇ ସିଏସି ସଦସ୍ୟ ପଦବୀ ପାଇଁ ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ ସ୍ଥିର କରିବା ପରେ ସେ ଏଥି ସହିତ ସମ୍ପୃକ୍ତ ରିବେ କି ନା ତାହା ସ୍ଥିର କରିବେ। ଜୈନ ଯିଏକି ବିସିସିଆଇର ଓମ୍ବୁଡ୍‌ସମ୍ୟାନ ମଧ୍ୟ, ସେ କହିଛନ୍ତି ତେନ୍ଦୁଲକର ତାଙ୍କ ଆଇନ ପରାମର୍ଶଦାତା ଅମିତ ସିବଲଙ୍କ ଜରିଆରେ, ଯାହା କହିଛନ୍ତି, ମାମଲାକୁ ଖାରଜ କରିବାରେ ତାହା ଯଥେଷ୍ଟ।



**ଫ୍ରେଞ୍ଚ ଓପନ:** ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଜର୍ମାନୀର ୟାନିକ୍ ହାନଫମ୍ୟାନଙ୍କ ବିପକ୍ଷରେ ରିଟର୍ନ ସଟ୍ ଖେଳୁଛନ୍ତି ରାଫାଲ ନାଡାଲ।

# ଇଂଲଣ୍ଡରେ କ୍ରିକେଟ ସବୁଠାରୁ ଭିନ୍ନ

**ଗୌତମ ଗମ୍ଭୀର**

ମୁଁ ଗ୍ରୀଷ୍ମଋତୁକୁ ଭଲପାଏ। କାରଣ ଶୀତଋତୁରେ ଦିନ ଛୋଟ ଥିବାରୁ ଖେଳିବାକୁ ଯଥେଷ୍ଟ ସମୟ ମିଳେନା। ସେହିପରି ବର୍ଷାଋତୁ ଖେଳରେ ବାଧାସୃଷ୍ଟି କରିଥାଏ। ବର୍ଷା ଯୋଗୁ ଖେଳିବା ଲାଗି ବାହାରକୁ ନ ଯାଇ ମୋତେ ଯେତେବେଳେ ଘରେ ରହିବାକୁ ପଡ଼େ ମୁଁ ଟିଭିରେ କ୍ରିକେଟ ଦେଖିବାକୁ ପସନ୍ଦ କରିଥାଏ। ଖେଳକୁ ନେଇ ମୁଁ ମୋ କଳ୍ପନା ରାଇଜରେ ଭାସିଯାଏ। ଅବାସ୍ତବ କଥା ଚିନ୍ତା କରିଥାଏ। ୧୯୯୦ ମସିହାର କଥା। ସେତେବେଳେ ମୋର ବୟସ ଥିଲା ମାତ୍ର ୮ବର୍ଷ। କେଉଁ ମାସ ମୋର ମନେନାହିଁ। କିନ୍ତୁ ସେଦିନ ବର୍ଷା ହେଉଥିବାରୁ ମୋତେ ଘରେ ରହିବାକୁ ପଡ଼ିଥିଲା। ସେଦିନ ଟିଭିରେ କ୍ରିକେଟ ଚାଲିଥାଏ। ଭାରତ-ଇଂଲଣ୍ଡ ମ୍ୟାଚ। କପିଳ ଦେବ ବ୍ୟାଟିଂ କରୁଥାନ୍ତି। ହଠାତ୍ ମୁଁ ଦେଖିବାକୁ ପାଇଲି ସେ ଅଫ୍ ସ୍ପିନର ଏଡି ହେମିଙ୍ଗ୍ସଙ୍କ ବଲ୍‌ରେ ଲଗାତର ୪ଟି ଛକା ଲଗାଇଲେ। ଏହି ୫ମିନିଟ୍‌ର ଦୃଶ୍ୟକୁ ନେଇ ସେତେବେଳେ ମୋ ମନରେ ତିନୋଟି କଥା ଜୁଟିଥିଲା। ପ୍ରଥମତଃ ଏକ ଟେଷ୍ଟ ମ୍ୟାଚରେ ହାତଖୋଲ ଛକା ମାରି ହେବ। ହାମିଙ୍ଗ୍ସଙ୍କଠାରୁ ମୋତେ ଶିକ୍ଷା ମିଳିଲା ଯେ, ଅଣ୍ଟା ସାଇଜ୍ ୩୦ରୁ ୪୦ ମଧ୍ୟରେ ଥିଲେ ମଧ୍ୟ ଜଣେ କ୍ରିକେଟ ଖେଳିବାରେ କୌଣସି ଅସୁବିଧା ନାହିଁ। ତୃତୀୟ କଥା ହେଲା କ୍ରିକେଟ ପାଇଁ ଇଂଲଣ୍ଡ ହେଉଛି ସର୍ବୋତ୍କୃଷ୍ଟ ସ୍ଥାନ। ଖୁସିର ବିଷୟ ଏହି ଦେଶକୁ ବିଶ୍ୱକପ୍ ଫେରିଛି। ଇଂଲଣ୍ଡର ଦର୍ଶକମାନଙ୍କ ହାବଭାବ ମୋତେ ସବୁବେଳେ ରୋମାଞ୍ଚିତ କରେ। ଆମ ସମୟର କଥା ସେତେବେଳେ ବାଉଣ୍ଡାରି ଲାଇନ ନିକଟରେ ଦର୍ଶକଙ୍କୁ ଦେଖିବାକୁ ମିଳେ। ବଲ୍ ଆସିଲେ ଧରିପକାଇଥାନ୍ତି, ଏପରିକି ବେଳେବେଳେ ବଲ୍ ଧରିବା ଲାଗି ପଡ଼ିଆ ଭିତରକୁ ପ୍ରବେଶର ନଜିର ରହିଛି। କାଉଣ୍ଟି କ୍ରିକେଟ ମ୍ୟାଚରେ ବେଳେ ପଡ଼ିଆ ନିକଟରେ ଆଇସ୍‌କ୍ରିମ ଭ୍ୟାନମାନ ଦେଖିବାକୁ ମିଳେ। ଏଥି ସହିତ ନିଆଁରେ ସେକା ମାଂସର ବାସ୍ନା ଖାଇବା ଲାଳସା ସୃଷ୍ଟି କରିଥାଏ। ଇଂଲଣ୍ଡରେ ଗ୍ରାଉଣ୍ଡଗୁଡ଼ିକର ଭଲ ରୂପେ ଯତ୍ନ ନିଆଯାଇଥାଏ। ୨୦୧୩ରେ ମୁଁ ଏସେକ୍ସ ତରଫରୁ କାଉଣ୍ଟି କ୍ରିକେଟ ଖେଳିବା ବେଳେ ସେଠିକାର ପରମ୍ପରା ମୋତେ ଆମୋଦିତ କରିଥିଲା। ଡିନର ସ୍ପିଚ୍‌ରେ ଗ୍ରାହମ ଗୁଚ୍‌ଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କଠାରୁ ଏସେକ୍ସ ସମର୍ଥକଙ୍କ ଲାଗି ଶିକ୍ଷାମୂଳକ ଭାଷଣ ଶୁଣିବାକୁ ମିଳେ। ଡିନର ଆଲୋଚନା ପରେ ରୋନି ଇରାନୀଙ୍କଠାରୁ ମଜା ମଜା କଥା ଶୁଣିବାକୁ ମିଳିଥିଲା। ମୋଟ ଉପରେ ଇଂଲଣ୍ଡରେ କ୍ରିକେଟ ଖେଳର ସମସ୍ତ ପ୍ୟାକେଜ ପରିଦୃଷ୍ଟ ହୋଇଥାଏ। କ୍ରିକେଟ ଦେଖିବାକୁ ତୁମେ ଯଦି ୟୁନାଇଟେଡ୍ କିଙ୍ଗଡମ୍ ଯାଅ ତେବେ ସେଠିକାର ଅଭିଜ୍ଞତା କେବେ ଭୁଲି ହେବ ନାହିଁ।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA CRICKET · CRICKET GEAR

# ୱାର୍ମଅପ୍ ମ୍ୟାଚ୍: ଇଂଲଣ୍ଡ, ଅଷ୍ଟ୍ରେଲିଆ ବିଜୟୀ

**ଲଣ୍ଡନ, ୨୭।୫**

ବିଶ୍ୱକପ୍ ୱାର୍ମଅପ୍‌ରେ ସୋମବାର ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିଜୟୀ ହୋଇଛନ୍ତି। ଅଷ୍ଟ୍ରେଲିଆ ୩୧ଟି ବଲ ବାକି ରଖି ୫ ଉଇକେଟରେ ଶ୍ରୀଲଙ୍କାକୁ ହରାଇଛି। ଅନ୍ୟଏକ ମ୍ୟାଚ୍‌ରେ ଇଂଲଣ୍ଡ ଆଫଗାନିସ୍ତାନକୁ ପରାସ୍ତ କରିଛି। ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୩୯ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪୪.୫ ଓଭରରେ ୫ ଉଇକେଟ ହରାଇ ୨୪୧ ରନ କରି ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ତରଫରୁ ଉସ୍‌ମାନ ଖ୍ୱାଜା ୮୯, ଶନ ମାର୍ଶ ୩୪, ଗ୍ଲେନ୍ ମ୍ୟାକ୍ସୱେଲ ୩୬, ମାର୍କସ ଷ୍ଟୋଇନିସ୍ ୩୨ ରନ ସଂଗ୍ରହ କରିଥିଲେ। ଶ୍ରୀଲଙ୍କାର ଜେଫ୍ରେ ଭାନଡରସେ ଦୁଇଟି ଉଇକେଟ ନେଇଥିଲେ। ଶ୍ରୀଲଙ୍କା ତରଫରୁ ଓପନର ଲାହିରୁ ଥିରିମାନେ ୫୬, ଧନଞ୍ଜୟ ଡିସିଲଭା ୪୩ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ଦୁଇଟି ଉଇକେଟ ନେଇଥିଲେ।

ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ୯ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୮.୪ ଓଭରରେ ୧୬୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ନିମ୍ନକ୍ରମରେ ଅଭିଜ୍ଞ ମହମ୍ମଦ ନବି ୪୪, ନୁର୍ ଅଲି ଜର୍ଡାନ ୩୦ ରନ୍ କରିଥିଲେ। ଆର୍ଚର ଓ ଜୋ ରୁଟ୍ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦ୍ରୁତ ବ୍ୟାଟିଂ କରି ୧୭.୩ ଓଭରରେ ଜନି ବେୟାରଷ୍ଟୋ (୩୯ ରନ)ଙ୍କ ଉଇକେଟ୍ ହରାଇ ଆବଶ୍ୟକ ରନ୍ ହାସଲ କରିନେଇଥିଲା। ଓପନର୍ ଜାସନ ରଏ ୮୯ (୪୬ ବଲ, ୧୧ ଚୌକା, ୪ ଛକା) ଓ ରୁଟ୍ ୨୯ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଇଂଲଣ୍ଡ ପ୍ରଥମ ୱାର୍ମଅପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନିକଟରୁ ୧୨ ରନରେ ପରାସ୍ତ ହୋଇଥିଲା।

# ଭାରତ-ଏ'ର ଇନିଂସ ବିଜୟ

## ପ୍ରଥମ ନନ୍‌ଅଫିସିଆଲ ଟେଷ୍ଟ

**ବେଲ୍‌ଗାଭି, ୨୭।୫**

ଭ୍ରମଣକାରୀ ଶ୍ରୀଲଙ୍କା-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌କୁ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଭାରତ-ଏ ଦଳ ଏକ ଇନିଂସ ଓ ୨୦୫ ରନର ବୃହତ୍ ବ୍ୟବଧାନରେ ଜିତିନେଇଛି। ମ୍ୟାଚ୍‌ର ୩ୟ ଦିବସର ସୋମବାର ମୋଟ୍ ୧୬ ଉଇକେଟ୍ ଦଖଲ କରି ଭାରତ-ଏ ଏହି ମ୍ୟାଚ୍‌ରେ ଏକପାଖିଆ ଭାବେ ବିଜୟ ଲାଭ କରିଛି।

ଭାରତ-ଏ'ର ପ୍ରଥମ ଇନିଂସ ସ୍କୋର ୬୨୨/୫ ରନର ଜବାବରେ ଶ୍ରୀଲଙ୍କା-ଏ ପ୍ରଥମ ଇନିଂସ ଆରମ୍ଭ କରି ରବିବାର ୨ୟ ଦିବସ ସୁଦ୍ଧା ୪ ଉଇକେଟ୍ ୮୩ ରନ କରିଥିଲା। ସୋମବାର ନିରୋଶାନ ଡିକ୍‌ୱେଲାଙ୍କ ଶତକ ବଳରେ ଶ୍ରୀଲଙ୍କା-ଏ ପ୍ରଥମ ଇନିଂସରେ ୨୩୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଡିକ୍‌ୱେଲା ଦଳ ପକ୍ଷରୁ ସର୍ବାଧିକ ୧୦୩ ରନ କରିଥିବାବେଳେ ଅଧିନାୟକ ଅଶନ ପ୍ରିୟଞ୍ଜନ (୪୯) ଓ ସଦିରା ସମରବିକ୍ରମା (୩୧) ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ ଲେଗ୍-ସ୍ପିନର ରାହୁଲ ଚହର ୪ ଏବଂ ସନ୍ଦୀପ ୱାରିୟର, ଶିଭମ ଦୁବେ ଓ ଜୟନ୍ତ ଯାଦବ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ୩୯୦ ରନ ପଛରେ ଥାଇ ଫଲୋଅନ୍ ଡାକରା ପାଇଥିବା ଶ୍ରୀଲଙ୍କା-ଏ ଦ୍ୱିତୀୟ ଇନିଂସରେ ମଧ୍ୟ ଅନୁରୂପଭାବେ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରି ୧୮୫ ରନରେ ସୀମିତ ରହିଥିଲା। ଫଳରେ ଗୋଟିଏ ଦିନରେ ଶ୍ରୀଲଙ୍କା-ଏ ୨ଥର ଅଲ୍‌ଆଉଟ୍ ହୋଇଯାଇଥିଲା। ସମରବିକ୍ରମା ୪୮, ପ୍ରିୟଞ୍ଜନ ୩୯ ଓ ଡିକ୍‌ୱେଲା ୨୭ ରନ କରିଥିଲେ। ପ୍ରଥମ ଇନିଂସ ଭଳି ରାହୁଲ ଚହରଙ୍କୁ ୪ଟି ଉଇକେଟ୍ ମିଳିଥିଲା। ମ୍ୟାଚ୍‌ରେ ସେ ମୋଟ୍ ୧୨୩ ରନରେ ୮ଟି ଉଇକେଟ୍ ନେଇଥିଲେ। ଦ୍ୱିଶତକୀୟ ଇନିଂସ ଲାଗି ଭାରତ-ଏ'ର ଅଭିମନ୍ୟୁ ଈଶ୍ୱରନ (୨୩୩) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ।




ରାହୁଲ ଚହରଙ୍କ ବଲ୍‌ରେ ବୋଲ୍ଡ ହୋଇଛନ୍ତି ଚାମିକା କରୁଣାରତ୍ନେ।

### ସଂକ୍ଷିପ୍ତ ସ୍କୋର

- ଭାରତ-ଏ ପ୍ରଥମ ଇନିଂସ: ୬୨୨/୫, ୧୪୨ ଓଭର (ପ୍ରିୟଙ୍କ ପଞ୍ଚାଲ ୧୬୦, ଈଶ୍ୱରନ ୨୩୩, ଅନମୋଲପ୍ରୀତ୍ ସିଂ ୧୧୬*, ବିଶ୍ୱ ଫର୍ନାଣ୍ଡୋ ୨/୮୩)।
- ଶ୍ରୀଲଙ୍କା-ଏ ପ୍ରଥମ ଇନିଂସ: ୨୩୨/୧୦, ୬୩.୪ ଓଭର (ଡିକ୍‌ୱେଲା ୧୦୩, ପ୍ରିୟଞ୍ଜନ ୪୯, ଚହର ୪/୭୮)।
- ଶ୍ରୀଲଙ୍କା-ଏ ୨ୟ ଇନିଂସ: ୧୮୫/୧୦, ୫୨.୩ ଓଭର (ସମରବିକ୍ରମା ୪୮, ପ୍ରିୟଞ୍ଜନ ୩୯, ଚହର ୪/୪୫)।


## ମନେ ପଡ଼ନ୍ତି

**ଗଙ୍ଗାଶ୍ରାଦ୍ଧ**



**ସ୍ୱର୍ଗତ ବୀରବଲ ପ୍ରସାଦ ଅଗ୍ରୱାଲ**
ଆବିର୍ଭାବ: ୧୩।୧୨।୧୯୪୬
ତିରୋଧାନ: ୧୬।୦୫।୨୦୧୯
ରାଧାରାଣୀପଡ଼ା, ବଲାଙ୍ଗୀର
ଆପଣଙ୍କ ପରିଶ୍ରମର ବଟବୃକ୍ଷର ଛାଇରେ ଆମର ଜୀବନ ସୁଖମୟ ହୋଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର: ପ୍ରଦୀପ, ବାବୁଲାଲ, ଗଣେଶରାମ, ରମେଶ, ପୁତୁରା: ନରେଶ, ରାଜେଶ, ନାତି: ଅମିତ, ରୋହନ, ରାଜ ଏବଂ ପରିବାରବର୍ଗ।
ଧ-୧୨୬୯୭

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୀତାନାଥ ନନ୍ଦ**
**ଆଠଗଡ଼**
ପୂଜନୀୟ ବାପା, ତୁମର ତ୍ୟାଗପୂତ ସରଳ ନିରାଡ଼ମ୍ବର, ଆଧ୍ୟାତ୍ମିକ ପ୍ଲାବନ ଜୀବନଶୈଳୀ, ପ୍ରଗାଢ କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ ଶ୍ରଦ୍ଧା ଆମ୍ଭମାନଙ୍କର ପ୍ରେରଣାର ଉତ୍ସହେଉ। ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପବିତ୍ର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଅମୃତମୟ ଆଶୀର୍ବାଦ ଭିକ୍ଷାରେ ସ୍ତ୍ରୀ, ଝିଅ, ପୁଅ, ପିଏମ୍ ବାବୁମାନେ, ବୋହୂମାନେ, ନାତି ନାତୁଣୀମାନେ ଓ ନାତୁଣୀ ବୋହୂ।
ଧ-୬୬୫୪୫


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପୁଷ୍ପଲତା ଦାସ**
ତୁଳସୀ ବିହାର, ଶିଶୁପାଳଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୫୪
ତିରୋଧାନ: ୨୯।୦୫।୨୦୦୮
ଆମ୍ଭେ ସପରିବାର ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ତୁମର ଆତ୍ମାର ସଦ୍‌ଗତି ହେଉ।
**ଶୋକାକୁଳ:** ସ୍ୱାମୀ-କୃଷ୍ଣଚନ୍ଦ୍ର ଦାସ, ପୁତ୍ର-ଜୟନ୍ତ, ମାମିନା, ଗାୟତ୍ରୀ, ବୈଜୟନ୍ତୀ, ବନ୍ଧୁ ଓ ପରିବାରବର୍ଗ
ଧ-୬୫୮୯୬

# ବାଲିଅନ୍ତା ବ୍ଲକ: ବାତ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି

**ବାଲିଅନ୍ତା,୨୭।୫(ଡି.ଏନ୍.ଏ.)** ବାତ୍ୟା ଫନୀରେ ବାଲିଅନ୍ତା ବ୍ଲକରେ ହୋଇଥିବା କୃଷି ଓ ଉଦ୍ୟାନ କୃଷିର କ୍ଷୟକ୍ଷତିର ସୋମବାର ଅନୁଧ୍ୟାନ କରିଛନ୍ତି ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଦଳ। ଏମ.ମୋହନଙ୍କ ନେତୃତ୍ୱରେ ଆସିଥିବା ଏହି ବିଶ୍ୱ ବ୍ୟାଙ୍କ ଟିମ ବ୍ଲକର ଚାଷୀ ଶୁଦ୍ଧ ଷଡଙ୍ଗୀଙ୍କର ନଷ୍ଟ ହୋଇଥିବା ଶହ ଶହ ଏକର ମୁଗ ଫସଲ ବୁଲି ଦେଖିଥିଲେ। ୧୫ରୁ ଊର୍ଦ୍ଧ୍ୱ ଚାଷୀମାନେ ମଧ୍ୟ ଟିମ ସହ ଆସିଥିବା ସରପଞ୍ଚ ମୂରଲୀଧର ସାହୁ ଓ ଏମ.ମୋହନଙ୍କୁ ସେମାନଙ୍କର ନଷ୍ଟ ହୋଇଥିବା ମୁଗ ଦେଖାଇଥିଲେ। ଏହାପରେ ଏହି ଟିମ କୃଷି ନିର୍ଦ୍ଦେଶାଳୟ ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳର ଜିଲା ଅଧିକାରୀଙ୍କ ସହ କାକରୁଦ୍ରପୁର, ପ୍ରତାପରୁଦ୍ରପୁର ଓ ଜୟଦେବ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହାସହ ବାତ୍ୟାର ନଷ୍ଟ ହୋଇଯାଇଥିବା ପନିପରିବା, କଦଳୀ ଓ ଆଖୁ ଫସଲ ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ବିଶ୍ୱବ୍ୟାଙ୍କ ଟିମ ସହ ଜିଲା କୃଷି ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, ରବିନାରାୟଣ ମହାପାତ୍ର, ଭାସ୍କର ବାରିକ, ପ୍ରଦୋଶ ପଣ୍ଡା ଓ ସହକାରୀ କୃଷି ଅଧିକାରୀ ମନୋଞ୍ଜେନ ରାଉଳ ପ୍ରମୁଖ ସାମିଲ ହୋଇଥିଲେ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ

**ନରସିଂହପୁର,୨୭।୫(ଡି.ଏନ.ଏ.):** ନରସିଂହପୁର ଥାନା ଅର୍ନ୍ତଗତ ନୂଆପଡା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପବିତ୍ର ମୋହନ ଦେବତା(୪୫)। ରବିବାର ବିଳମ୍ବିତ ରାତ୍ରିରେ ଘର ପଙ୍ଖାରେ ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସମୟରେ ତାଙ୍କଠାରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଅଚେତ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନରସିଂହପୁର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୨/୧୯ ରୁଜୁ ହୋଇଛି।

### ଅବକାରୀ ଚଢ଼ାଉ, ୫ ଗିରଫ

**ଆଠଗଡ଼,୨୭।୫(ସ୍ୱ.ପ୍ର.):** ଆଠଗଡ଼ ଅବକାରୀ ବିଭାଗ ଏବଂ କଟକ ଜିଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ୍ ମିଳିତଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ମଦ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଘଣ୍ଟିଖାଲର କିଚକ ନାଏକ, ଶବରସାହିର ସଦାନନ୍ଦ ସ୍ୱାଇଁ, ଖୁଣ୍ଟୁଣୀର ଜାପାନୀ ନାଏକ, ହରଶ ନାଏକ ଓ କନ୍ତୋଲ ଅଞ୍ଚଳର ରବି ନାଏକ। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ଚୋରା ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜୀତ ବାର୍ଲା, ଭ୍ରାମ୍ୟମାଣ ସ୍କ୍ୱାଡ୍ ନିରୀକ୍ଷକ ପ୍ରବୀର ସାମଲ ଓ ଆଠଗଡ଼ ସହକାରୀ ନିରୀକ୍ଷକ ବିଜୟ କୁମାର ଭଞ୍ଜଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### କଟକ ବରିଷ୍ଠ ନାଗରିକ ମହାସଭାର କାର୍ଯ୍ୟକାରୀ ବୈଠକ

**କଟକ ଅଫିସ, ୨୭।୫:** କଟକ ବରିଷ୍ଠ ନାଗରିକ ମହାସଭାର କାର୍ଯ୍ୟକାରୀ ବୈଠକ ରବିବାର କେଶରପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର କୃପାସିନ୍ଧୁ ପଣ୍ଡା ସଭାପତିତ୍ୱ କରିଥିଲେ। ଆସନ୍ତା ୩୧ ତାରିଖରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ପରିପ୍ରେକ୍ଷୀରେ ସଦସ୍ୟମାନେ ମଙ୍ଗଳାବାଗ ଛକରୁ ତମାଖୁ ସେବନର ଭୟାବହତା ସମ୍ପର୍କିତ ପ୍ଲାକାର୍ଡ ଧରି ରାଣୀହାଟସ୍ଥିତ ଆଇଏମଏ ହାଉସ ପର୍ଯ୍ୟନ୍ତ ଚାଲିଚାଲି ଯିବେ। ପରେ ସେଠାରେ ସାଧାରଣ ସଭା କରାଯିବ। ଆସନ୍ତା ଜୁନ୍ ୮ରୁ ଶହୀଦଭବନଠାରେ ମହାସଭାର ଷଷ୍ଠତମ ବାର୍ଷିକ ଉତ୍ସବ ପାଳନ କରାଯିବ। ଆସନ୍ତା ଜୁଲାଇ ୧ ତାରିଖରେ ଟାଉନ ହଲଠାରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଦାସ ସାମନ୍ତ କହିଛନ୍ତି। ବୈଠକରେ ଡ. ଗୌରୀଶଙ୍କର ଆଚାର୍ଯ୍ୟ, ସୁଖମୟ ମହାନ୍ତି, ଟହଲି ଚରଣ ମହାନ୍ତି, ପ୍ରଭାତ କୁମାର ମିଶ୍ର, ଡ. ପ୍ରମୋଦ କୁମାର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ପୁଷ୍ପକାନ୍ତି ମହାନ୍ତି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସନ୍ଧ୍ୟା ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ସାମାଜିକ ନାଟକ ମଞ୍ଚସ୍ଥ



**ଡିଗିରିଆ,୨୭।୫(ଡି.ଏନ.ଏ.):** ଡିଗିରିଆ ବ୍ଲକ ଅଧୀନ ନୂଆପାଟଣା ଗ୍ରାମରେ ଚାଲିଥିବା ମଦନ ମୋହନଜୀଉଙ୍କ ଚନ୍ଦନଯାତ୍ରା ଅବସରରେ ରବିବାର ରାତିରେ ଦୁଇଟି ସ୍ଥାନରେ ଗ୍ରାମ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ମଞ୍ଚସ୍ଥ ହୋଇଛି। ସୁରେନ୍ଦ୍ରପାଟଣା ଉପରସାହିରେ 'ଲୁହକୁ ପଚାର ଆଖିର କଥା' ମଞ୍ଚସ୍ଥ ହୋଇଥିଲା। ଏହାକୁ ମାୟାଧର ବର୍ଦ୍ଧନ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ସୁରେନ୍ଦ୍ର ପାଟଣା ତଳସାହିରେ ସାହି ଯୁବକଳାକାରଙ୍କ ଦ୍ୱାରା 'ଖରାପ ଝିଅର ଗପ'ମଞ୍ଚସ୍ଥ ହୋଇଥିଲା। ଏହାକୁ ଉମାକାନ୍ତ ଦତ୍ତ ନିର୍ଦ୍ଦେଶନା ଦେଇଥିଲେ। ୨ଟି ଯାକ ନାଟକ ଦର୍ଶକଙ୍କ ମନକୁ ଛୁଇଁଥିଲା।

■ ଫେଲ ମାରିଲା ଚୋରି ଉଦ୍ୟମ

# ମାଡ଼ ଖାଇ ଗିରଫ ହେଲେ ୩ ଯୁବକ

■ପାଚେରି ଡେଇଁ ପଶିବା ବେଳେ ଧରାପଡ଼ିଲେ
■ରମଜାନ୍ ମାସ ଥିବାରୁ ଉଜାଗର ଥିଲେ ଗୃହକର୍ତ୍ତା

**ସାଲେପୁର,୨୭।୫(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ଅଢ଼ଙ୍ଗା ଗ୍ରାମରେ ରବିବାର ରାତିରେ ଚୋରି କରିବାକୁ ଆସିଥିବା ୩ ଯୁବକ ଲୋକଙ୍କଠାରୁ ମାଡ଼ ଖାଇ ଶେଷରେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସେମାନେ ହେଲେ ସେହି ଗାଁର ବୀରକିଶୋର ସାହୁ, ଲକ୍ଷ୍ମୀଧର ସାହୁ ଓ ସୁନାଖଣ୍ଡି ଗ୍ରାମର ଗଣେଶ୍ୱର କାଣ୍ଡି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, କୁଲିଆସ୍ଥିତ ଅଢ଼ଙ୍ଗା ଗ୍ରାମର ଅବଦୁଲ୍ ମଲିକ୍ ଖାନ୍‌ଙ୍କ ପରିବାର ରମଜାନ୍ ଓଷା କରିଥିବାରୁ ଉଜାଗର ରହିଥିଲେ। ଏହି ସମୟରେ ୩ଜଣ ଚୋର ତାଙ୍କ ପାଚେରି ଡେଇଁ ଚୋରି କରିବାକୁ ଉଦ୍ୟମ କରିଥିଲେ। ସେମାନେ ପାଚେରି ଚଢ଼ିବା ସମୟରେ ଶବ୍ଦ ହେବାରୁ ଘରଲୋକ ସତର୍କ ହୋଇ ଯାଇଥିଲେ। ଏପରି କି ଅବଦୁଲ୍‌ଙ୍କ ପରିବାର ଲୋକ ପଡ଼ୋଶୀଙ୍କ ସହାୟତା ନେଇଥିଲେ। ଚୋର ପାଚେରି ଡେଇଁବାକୁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକ ଓ ପଡ଼ୋଶୀ ସେମାନଙ୍କୁ କାବୁ କରିଥିଲେ। ଏହାପରେ ନଡ଼ିଆ ଗଛରେ ବାନ୍ଧି ମାଡ଼ ମାରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ୩ ଚୋରଙ୍କୁ ଗିରଫ କରିଥିଲା।



ଧରାପଡ଼ିଥିବା ଯୁବକମାନଙ୍କୁ ଲୋକେ ନଡ଼ିଆ ଗଛରେ ବାନ୍ଧିଛନ୍ତି।

■ ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ସାଲେପୁର,୨୭।୫(ଡି.ଏନ.ଏ.)**

ସାଲେପୁର ବ୍ଲକ ଶିଶୁଆ ହରିଚନ୍ଦନପୁର କେନାଲ୍ ବନ୍ଧ ରାସ୍ତାରେ ରବିବାର ରାତି ପ୍ରାୟ ୧୨ଟାରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହାପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବର ପାଇ ପୋଲିସ ପହଞ୍ଚିବାରୁ ଲୋକେ ସେହି ରାସ୍ତାରେ ବାଲିଗାଡ଼ି ଚଳାଚଳ ବନ୍ଦ କରିବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ରାତି ପ୍ରାୟ ୧ଟା ସମୟରେ ରାସ୍ତାରୋକୋ ହଟିଥିଲା। ମୃତକ ହେଲେ ରଟିଲୋ ପଞ୍ଚାୟତ ରାଧାନଗର କୁରୁଳି ଗ୍ରାମର ଅଖିଳ ମହାନ୍ତିଙ୍କ ପୁଅ ଅବନ୍ତୀ ମହାନ୍ତି(୨୮)।

ସୂଚନା ଅନୁସାରେ, ଅବନ୍ତୀ କୌଣସି କାମରେ ସାଲେପୁର ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଶିଶୁଆ ହରିଚନ୍ଦନପୁର କେନାଲ୍ ବନ୍ଧ ଦେଇ ଶିଶୁଆ ଆଡ଼କୁ ଏକ ବାଲି ବୋଝେଇ ହାଇୱା ଆସୁଥିଲା। ହଠାତ୍ ଶିଶୁଆ ସାହି ନିକଟରେ ହାଇୱା ଅବନ୍ତୀଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଅବନ୍ତୀ ଗାଡ଼ି ଚକତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଉପରେ ଚକ ଚଢ଼ିଯାଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଶହଶହ ଲୋକ ପହଞ୍ଚି ରାସ୍ତାରୋକୋ କରିଥିଲେ। ସୂଚନାଯୋଗ୍ୟ, ଏଠାରେ ବେଆଇନ୍ ଭାବେ ଦୈନିକ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ପୋଲିସ୍ ସବୁ ଜାଣି ଚୁପ୍ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ତେଣୁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି।

## ପତ୍ରିକା ଉନ୍ମୋଚନ, ସାରସ୍ୱତ ସମାରୋହ



ଅତିଥି ସାହିତ୍ୟ ପତ୍ରିକା ସାଉଁଟା ଫୁଲ ଓ ସାଉଁଟା କଢ଼ିର ନୂତନ ସଂଖ୍ୟା ଉନ୍ମୋଚନ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୨୭।୫(ସ୍ୱ.ପ୍ର.)**

ସାହିତ୍ୟ ପତ୍ରିକା ସାଉଁଟା ଫୁଲ ଓ ସାଉଁଟା କଢିର ନୂତନ ସଂଖ୍ୟା ଉନ୍ମୋଚନ ଓ ସାରସ୍ୱତ ସମାରୋହ ଉତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ବାଣୀନଗରସ୍ଥିତ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପତ୍ରିକାର ସମ୍ପାଦକ ଅଧ୍ୟାପକ ପରିକ୍ଷିତ ନାୟକ ସଭାପତିତ୍ୱ କରିଥିଲେ। କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଶାନ୍ତି ନିକେତନର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ସାହିତ୍ୟିକ ଡ.ଭୁବନାନନ୍ଦ ସାହୁ, ସମ୍ମାନିତ ଅତିଥି ଶିଶୁ ସାହିତ୍ୟିକା ଡ.ଜୟଶ୍ରୀ ନନ୍ଦ, ବଲ୍ଲଭୀଦେବୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା, ଶିଶୁ ସାହିତ୍ୟିକ ବୈକୁଣ୍ଠନାଥ ପୃଷ୍ଟି ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ସମାଜକୁ ନୂତନ ଦିଗଦର୍ଶନ ଦେବାରେ ଲେଖକ ଓ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଏକ ମୁକ୍ତମଞ୍ଚ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତାଗୁଡ଼ିକୁ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଉର୍ବଶୀ ସାହୁ ଓ ସ୍ତମ୍ଭକାର ପ୍ରମୋଦ ନାୟକ ସଂଯୋଜନା କରିଥିଲେ। ଏହାପରେ ଅନୁଷ୍ଠାନ ତରଫରୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିଶୁ ସାହିତ୍ୟିକା ଡ.ଜୟଶ୍ରୀ ନନ୍ଦ, ଡ. ପୁଷ୍ପିତା ଜେନା, ପ୍ରାବନ୍ଧିକ ଧନେଶ୍ୱର ପ୍ରଧାନ, ଶିକ୍ଷକ ରବିନାରାୟଣ ମିଶ୍ର ପ୍ରମୁଖଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ଶୁଭଶ୍ରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସାହିତ୍ୟିକା ଦେବାପ୍ରଭା ଦାସ ଧନ୍ୟବାଦ ଦେଇଥିଲେ। ନକୁଳ ଚରଣ ପୃଷ୍ଟି, ପ୍ରତିମା ପୃଷ୍ଟି, ସ୍ନେହଲତା ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ସହଯୋଗ କରିଥିଲେ।

### ଫନୀ ପରିସ୍ଥିତି ଅନୁଧ୍ୟାନ କଲା ବିଶ୍ୱବ୍ୟାଙ୍କ ଟିମ୍

**କଟକ ଅଫିସ, ୨୭।୫**

ଫନୀ ପ୍ରଭାବରେ ଜିଲାର ବ୍ୟାପକ କ୍ଷତି ଘଟାଇଥିଲା। ସହର ସମେତ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇଥିବାବେଳେ ଗଛ ପଡି ବହୁ ଘରଦ୍ୱାର ଭାଙ୍ଗିଥିଲା। ବହୁ କ୍ଷୁଦ୍ର ଶିଳ୍ପ କ୍ଷତିଗ୍ରସ୍ତ ହୋଇଥିଲା। ଫନୀ ବାତ୍ୟାର କ୍ଷୟକ୍ଷତି ଭରଣା ଓ ପୁନଃ ଥଇଥାନ ନିମନ୍ତେ ସରକାରୀ ପ୍ରସ୍ତୁତି ଜାରି ରହିଛି। ଏହି କ୍ରମରେ ସୋମବାର ବିଶ୍ୱବ୍ୟାଙ୍କର ଏକ ପ୍ରତିନିଧି ଦଳ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଟିମ୍ ସାଲେପୁର, ଜଗତ୍‌ପୁର, ରାଜନଗର ସମେତ କଟକ ମହାନଗର ନିଗମ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ। ପାର୍କ, ଷ୍ଟ୍ରିଟ୍ ଲାଇଟ, ପମ୍ପ ହାଉସ, କଲଭର୍ଟ, ଡ୍ରେନେଜ, ଏଗ୍ରିକଲଚର, କ୍ଷୁଦ୍ରଶିଳ୍ପ ଆଦି ବୁଲି ଦେଖିବା ସହ ତାହାର ଫଟୋ ଉଠାଇ ନେଇଛନ୍ତି।

### ଚାପ୍ ପ୍ରତିନିଧିଙ୍କ ଶିଶୁ ସଦନ ପରିଦର୍ଶନ

**ଚୌଦ୍ୱାର, ୨୭।୫(ଡି.ଏନ୍.ଏ.)**

ଫନୀରେ ସ୍ଥାନୀୟ ଶିଶୁସଦନରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି କଟକସ୍ଥିତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଚାପ୍ (କଣ୍ଟିନୁଇଙ୍ଗ ହେଲ୍‌ଥ ଆୱାରନେସ୍ ପ୍ରୋଗ୍ରାମ)ର କର୍ମକର୍ତ୍ତାବୃନ୍ଦ। ସୋମବାର ଅପରାହ୍ନରେ ଚାପ୍‌ର ଉପଦେଷ୍ଟା ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ରେଣୁକା ଜେନା, ଡା. ଶୁଭେନ୍ଦୁ ଶେଖର ପଣ୍ଡା, ମଞ୍ଜୁଲତା ଜେନା, ସୁରେଶ କୁମାର ନନ୍ଦ ପ୍ରମୁଖ ଶିଶୁ ସଦନ ପରିଦର୍ଶନ କରି ବାତ୍ୟା କ୍ଷୟକ୍ଷତି ଆକଳନ କରିବା ସହିତ ପିଲାମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଚାପ୍ ତରଫରୁ ୨୫ ହଜାର ଟଙ୍କାର ଏକ ଚେକ୍ ଶିଶୁ ସଦନ ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ସାହୁ ଶିଶୁ ସଦନର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରତିନିଧିମାନଙ୍କୁ ଅବଗତ କରାଇ ସେମାନଙ୍କ ସହଯୋଗ କାମନା କରିଥିଲେ। ହିନ୍ଦ୍ ସେବକ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଧନ୍ୟବାଦ ଦେଇଥିଲେ।

## ଛାତ୍ରଙ୍କ ବିୟୋଗରେ ଟ୍ରିମ୍ସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**କଟକ ଅଫିସ,୨୭।୫**

ଟ୍ରିମ୍‌ସ ମ୍ୟାନେଜମେଣ୍ଟ ବିଭାଗର ବିସିଏ ଦ୍ୱିତୀୟ ବର୍ଷ ଛାତ୍ର ତଥା ଝାଡଖଣ୍ଡର ଦେଓଘର ଜିଲାର ବାସିନ୍ଦା ଭିକି କୁମାରଙ୍କ ଅକାଳ ବିୟୋଗରେ ସୋମବାର ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଭିକିଙ୍କ ମୃତ୍ୟୁରେ ଗଭୀର ଶୋକପ୍ରକାଶ କରିବା ଅବସରରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଅଧ୍ୟକ୍ଷ ଡ. ସ୍ନିଗ୍ଧମଧୁସୂଦନ ଦାସଙ୍କ ପୌରହିତ୍ୟରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ଭିକିଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଅମର ଆତ୍ମାର ସଦ୍‌ଗତି ପାଇଁ ଛାତ୍ରୀଛାତ୍ରମାନେ ନୀରବ ପ୍ରାର୍ଥନା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ରବିବାର ଭୁବନେଶ୍ୱର ଡମଣା ଅଞ୍ଚଳରେ ରହୁଥିବା ଭିକି ଅନ୍ୟ ସାଙ୍ଗମାନଙ୍କ ସହ ନରାଜ ନିକଟ କାଠଯୋଡି ନଦୀରେ ଗାଧୋଉଥିବାବେଳେ ବୁଡି ନିଖୋଜ ହୋଇଯାଇଥିଲେ। ସୋମବାର ତାଙ୍କ ମୃତଦେହ ଉକ୍ତ ନଦୀରୁ ଉଦ୍ଧାର କରାଯାଇଛି। ତାଙ୍କ ସମ୍ମାନାର୍ଥେ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଥିଲା।

## ମହିମାସାଗରଙ୍କ ଚନ୍ଦନ ଯାତ୍ରା

**ଡିଗିରିଆ,୨୭।୫ (ଡି.ଏନ.ଏ.)**

ଡିଗିରିଆ ବ୍ଲକ କଳିବୀର ଗ୍ରାମର ମହିମାସାଗରଙ୍କ ଚନ୍ଦନ ଯାତ୍ରା ରବିବାରରୁ ଆରମ୍ଭ ହୋଇଛି। ସ୍ୱତନ୍ତ୍ର ବିମାନ ଯୋଗେ ମହିମାସାଗର ପ୍ରତ୍ୟହ ସନ୍ଧ୍ୟାରେ ଗ୍ରାମ ପରିକ୍ରମା କରି ଚନ୍ଦନ ପୋଖରୀକୁ ଚାପ ଖେଳିବାକୁ ଯାଉଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ତିଆରି ହୋଇଥିବା ବହୁରୂପୀ, ଫୁଲଗଛ ସହ ବାଘନାଚ, ଘୋଡ଼ାନାଚ, ଭାଲୁନାଚ ଆଦି ସହିତ ପାରମ୍ପରିକ ବାଦ୍ୟ, ନଦୀୟା ସଙ୍କୀର୍ତ୍ତନ ଗହଣରେ ଗ୍ରାମ ପରିକ୍ରମା କରି ସୁନେଇରୂପେଇ ପୀଠକୁ ବିଜେ କରୁଛନ୍ତି। ସେଠାରେ ସ୍ୱତନ୍ତ୍ର ସେବାନୀତି ସହିତ ସେହି ସନ୍ଧ୍ୟାରେ ଚାପ ଖେଳି ସୁନେଇ ରୂପେଇ ପୀଠକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗୁରୁବାର ଗ୍ରାମର ମେଢ଼ ଗୁଡ଼ିକର ସାମୂହିକ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଗ୍ରାମ ସଭାପତି କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ପବିତ୍ର ମୋହନ ସାହୁ, ଉପସଭାପତି ଶତ୍ରୁଘନ ଦଳେଇ, ସହସମ୍ପାଦକ ନିରଞ୍ଜନ ସାହୁ, ମହାଦେବ ସାହୁ, ଉପଦେଷ୍ଟା ମାନସ ରଞ୍ଜନ ମହାନ୍ତିଙ୍କ ସହିତ ଗ୍ରାମବାସୀ ଏହି ଯାତ୍ରାକୁ ପରିଚାଳନା କରୁଛନ୍ତି।



ମହିମା ସାଗରଙ୍କ ଚନ୍ଦନଯାତ୍ରା ଉପଲକ୍ଷେ ହୋଇଥିବା ବିଭିନ୍ନ ମୃଣ୍ମୟୀ ମୂର୍ତ୍ତି।

## ଖୋଲିଲା ରବି ଧାନ ମଣ୍ଡି

**ବାଙ୍କୀ,୨୭।୫(ବି.ପ୍ର.)**

ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ କୁଶପଙ୍ଗୀ ସେବା ସମବାୟ ସମିତିରେ ସୋମବାର ରବି ଧାନ ମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ ହୋଇଛି। ଏହାକୁ ବାଙ୍କୀ ସହକାରୀ ନିବନ୍ଧକ ସମବାୟ ସମୂହ ସରୋଜକାନ୍ତ ଜେନା ଉଦ୍‌ଘାଟନ କରିଥିଲେ। ଉପସରକାରୀ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ, ସେବା ସମବାୟ ସମିତି ସଭାପତି ପ୍ରଦୋଷ ବେଉରା, କମିଟି ସଦସ୍ୟ ସୁକାନ୍ତ ବେହେରା, ଗଗନବିହାରୀ ବେଉରା, ଜୟଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରମେଶଚନ୍ଦ୍ର ନାୟକ ଧାନକିଣା କାର୍ଯ୍ୟ ସଞ୍ଚାଳନ କରିଥିଲେ। ପ୍ରଥମ ଦିନରେ ଘନଶ୍ୟାମ ନାୟକ, ବିଭୁପ୍ରସାଦ ନାୟକ, ପ୍ରତାପ ବେଉରା ପ୍ରମୁଖ ୭ଜଣ ଚାଷୀଙ୍କଠାରୁ ଧାନ କିଣାଯାଇଛି।



ଅତିଥି ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

## ମା'ଚର୍ଚ୍ଚିକାଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ

**ବାଙ୍କୀ,୨୭।୫(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଚନ୍ଦନଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଭୋରରୁ ପହଡ ଖୋଲାଯାଇ ମା'ଙ୍କ ଆଳତି, ପଞ୍ଚଅବକାଶ ଓ ଅନ୍ୟ ନୀତି ପରେ ସେବାପୂଜା ହୋଇଥିଲା। ମଧ୍ୟାହ୍ନରେ ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ଚନ୍ଦନରେ ମାଜଣା ସମ୍ପାଦିତ ହୋଇଥିଲା। ଦେବୀଙ୍କ ମସ୍ତକଠାରୁ କଟିଦେଶ ପର୍ଯ୍ୟନ୍ତ ଚନ୍ଦନ ଲେପନ କରାଯାଇଥିଲା। ମା'ଙ୍କ ଚଳନ୍ତି ପ୍ରତିମା କନକ ଦୁର୍ଗାଙ୍କୁ ପିତଳ ଚଉଖୁଣ୍ଟିଆ ଚନ୍ଦନ କୁଣ୍ଡରେ ରଖାଯାଇଥିଲା। ରାତ୍ରିରେ ମା'ଙ୍କୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇ ମହାନଦୀର ରେଣୁକା ତୁଠକୁ ନିଆଯାଇଥିଲା। ପରେ ଚାପ ଖେଳ ଆରମ୍ଭ ହୋଇ ରଣପୁର ତୁଠ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଡଙ୍ଗା ଉପରେ ଗ୍ରୀଷ୍ମକାଳୀନ ଫଳ ଭୋଗ ଅର୍ପଣ କରାଯାଇଥିଲା। ସେବକ କାଳନ୍ଦୀ ଚରଣ ମହାପାତ୍ର, ଶରତ ଚନ୍ଦ୍ର ମହାପାତ୍ର, ବିଦ୍ୟାଧର ରଣା, ସୁଧୀର ରଣା, ସୁସାନ୍ତ ମହାପାତ୍ର, ଅଶ୍ୱିନୀ ମହାପାତ୍ର, ସର୍ବେଶ୍ୱର ରଣା ଓ ରଘୁନାଥ ପୂଜାକମିଟି ସଦସ୍ୟଙ୍କ ସହ ମା'ଙ୍କ ସେବାସୀ ଯୁବକମାନେ ପରିଚାଳନା କରିଥିଲେ।



ମା' ଚର୍ଚ୍ଚିକାଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଉଛି।

## ସରିଲା ଆଠଗଡ଼ ନୃତ୍ୟ, ସଙ୍ଗୀତ ଉତ୍ସବ

**ଆଠଗଡ଼,୨୭।୫(ସ୍ୱ.ପ୍ର.)**

ଆଠଗଡ଼ କଳାକେନ୍ଦ୍ର ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ଆଠଗଡ଼ ନୃତ୍ୟ, ସଂଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିରକିଶୋରପୁରସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶନିବାର କଳାକେନ୍ଦ୍ର ସଭାପତି ଅଦ୍ୱୈତ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡା. ଗୋକୁଳାନନ୍ଦ ପତ୍ରୀ ମୁଖ୍ୟଅତିଥି ଏବଂ ସାମାଜିକ କର୍ମୀ ଶରତ ସାମନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଠଗଡ଼ର କଳା, ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ମହାନ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ପାଲା ଗାୟକ ଧ୍ରୁବ ଚରଣ ବେଉରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକେନ୍ଦ୍ର ନିର୍ଦ୍ଦେଶକ ଗୁରୁ ଅଚିନ୍ତ୍ୟ ବେହେରା ବିବରଣୀ ପାଠ କରିଥିଲେ। ରବିବାର ଅନୁଷ୍ଠାନ ସଭାପତି ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଗୀତିକାର ରାଧାନାଥ ଦାସ, ସମ୍ମାନିତ ଅତିଥି ଲକ୍ଷ୍ମୀ ନାରାୟଣ ଭଞ୍ଜ ଓ ସିଦ୍ଧେଶ୍ୱର ମନ୍ଦିର କମିଟି ଉପଦେଷ୍ଟା ବିଚିତ୍ର ରଞ୍ଜନ ବେହେରା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷାବିତ ନବକିଶୋର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମମତା ପଣ୍ଡା ସହଯୋଗ କରିଥିଲେ। ଗୁରୁ ଅଚିନ୍ତ୍ୟ ବେହେରା ଓ ସହଯୋଗୀ ନୃତ୍ୟଗୁରୁ ରଘୁନାଥ ଦାସଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ, ଆଦିବାସୀ ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ, ଗୁଜରାଟର ଦାଣ୍ଡିଆ ପରିବେଷଣ କରିଥିଲେ। ଏଥିସହିତ ଏବିସିଡି ଡ୍ୟାନ୍ସଗ୍ରୁପ ଦ୍ୱାରା ସମ୍ବଲପୁରୀ, ଲୋକନୃତ୍ୟ ଓ ଲିଜେଣ୍ଡ ଅଫ ଆର୍ମି ନୃତ୍ୟ ଏବଂ ଗଞ୍ଜାମର ନରେନ୍ଦ୍ରପୁର ଲୋକନୃତ୍ୟ ଦଳ ଦ୍ୱାରା ଯୋଡିଶଙ୍ଖ ଓ ରଣକା ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ବ୍ୟତୀତ ଆଠଗଡ଼ କଳାକେନ୍ଦ୍ରର ସଂଗୀତ ଗୁରୁ ଜ୍ଞାନ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ପ୍ରାରମ୍ଭିକ ସଂଗୀତ, ଲଘୁ ସଂଗୀତ ଓ ଭଜନ ପରିବେଷଣ କରିଥିଲେ। ଆଠଗଡ଼ର କଣ୍ଠଶିଳ୍ପୀ ବିପ୍ଲବ ଦାସ ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଶେଷରେ ଶିକ୍ଷାବିତ ନବକିଶୋର ରାଉତ ଧନ୍ୟବାଦ ଦେଇଥିଲେ।



ଆଠଗଡ଼ ନୃତ୍ୟ, ସଙ୍ଗୀତ ଉଦ୍‌ଯାପନୀ ଉତ୍ସବରେ ଅତିଥି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଇଫ୍‌ତାର ପାର୍ଟିରେ ଖୋର୍ଦ୍ଧା ବିଧାୟକ

**ଖୋର୍ଦ୍ଧା ଅଫିସ,୨୭।୫:** ଖୋର୍ଦ୍ଧା ମସ୍‌ଜିଦ୍ କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ଖୋର୍ଦ୍ଧା ମ୍ୟୁନିସିପାଲିଟି ପଛ ପାଖ ମସ୍‌ଜିଦ୍ ପ୍ରାଙ୍ଗଣରେ ଇଫ୍‌ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅତିଥିଭାବେ ପ୍ରଫୁଲ୍ଲ ଦଳେଇ ଯୋଗ ଦେଇଥିଲେ। ରୋଜାଭଙ୍ଗ ପରେ ଇଫ୍‌ତାର ପାର୍ଟିରେ ସମସ୍ତେ ସାମିଲ ହୋଇଥିଲେ। ଏଥିରେ ଖୋର୍ଦ୍ଧା ଅଜୁମନ ଇ. ଇସଲାମିଆ ପକ୍ଷରୁ ସଭାପତି ରମଜାନ ଖାନ୍ ଓ ସମ୍ପାଦକ ହାଜିନାସିମୁଦ୍ଦିନ ଖାଁ, ମସ୍‌ଜିଦ୍ କମିଟିର ସଭାପତି ହବିବ ବକ୍ସ, ଉପସଭାପତି ସୟଦ ଲିଆକତ୍ ଅଲ୍ଲୀ, ନାସିର ମହମ୍ମଦ, କୌଶର ଅଲ୍ଲୀ ଖାଁ ଯୋଗ ଦେଇଥିଲେ।

### ଅମରେନ୍ଦ୍ରଙ୍କ ସ୍ମୃତିଚାରଣ ସଭା

**ଖୋର୍ଦ୍ଧା ଅଫିସ,୨୭।୫:** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ନରେନ୍ଦ୍ର ସିଂଙ୍କ ରବିବାର ଏକାଦଶାହ ତିଥିରେ ଏକ ସ୍ମୃତିଚାରଣ ସଭା ନରଣଗଡ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ଖୋର୍ଦ୍ଧା ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ, ପଦ୍ମ ଚରଣ ରାୟ ପ୍ରମୁଖ ଯୋଗଦେଇ ଅମରେନ୍ଦ୍ରଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରଥମ ଶ୍ରାଦ୍ଧ ଦିବସରେ ଏକ ସ୍ମରଣିକା ଉନ୍ମୋଚନ ଓ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି।

### ବାଣପୁରରେ ଅଘୋଷିତ ବିଦ୍ୟୁତକାଟ୍

**ଖୋର୍ଦ୍ଧା ଅଫିସ,୨୭।୫:** ବାଣପୁରରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତାପମାତ୍ରା ବୃଦ୍ଧି ଯୋଗୁ ରାସ୍ତା, ବଜାର ଶୂନଶାନ ହୋଇପଡୁଛି। ଅସହ୍ୟ ଗରମ ସହ ଗୁଳୁଗୁଳି ଲୋକଙ୍କୁ ଅଣଃନିଶ୍ୱାସୀ କରି ପକାଉଛି। ଏଭଳି ସ୍ଥଳେ ଦୈନିକ ପ୍ରାୟ ୫ରୁ ୬ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ପୁଣି ଲୋଭୋଲଟେଜ୍ ଯୋଗୁ ଏସି, ଫ୍ରିଜ ସମେତ ସାଧାରଣ ଟ୍ୟୁବଲାଇଟ ମଧ ଜଳୁନାହିଁ। ଏହାର ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି କେତେଜଣ ବିଦ୍ୟୁତ୍ ଗ୍ରାହକ କହିଛନ୍ତି।

### ବ୍ରହ୍ମଗିରିରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳଙ୍କ ଅନୁଧ୍ୟାନ

**ବ୍ରହ୍ମଗିରି, ୨୭।୫(ଡି.ଏନ୍.ଏ.):** ପ୍ରଳୟଙ୍କରୀ ବାତ୍ୟା ଫନୀକୁ ଇତିମଧ୍ୟରେ ୨୫ ଦିନ ବିତିଥିବାବେଳେ ବ୍ରହ୍ମଗିରି ବ୍ଲକରେ କ୍ଷୟକ୍ଷତି ଆକଳନ ପାଇଁ ରବିବାର ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଗସ୍ତରେ ଆସିଥିଲେ। ପ୍ରତିନିଧି ଦଳ ବ୍ରହ୍ମଗିରି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରାଯିବାର କାର୍ଯ୍ୟକ୍ରମ ଥିବାରୁ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅନୁଧ୍ୟାନକାରୀ ଦଳ ବ୍ରହ୍ମଗିରି ବ୍ଲକର ୨/୩ଟି ବିଦ୍ୟାଳୟ ପରିଦର୍ଶନ କରି ଚାଲିଯାଇଥିଲେ।

### ଜିଲାପାଳଙ୍କୁ ଗୁହାରି କଲେ କ୍ଷୁଦ୍ର ବ୍ୟବସାୟୀ

**ପୁରୀ ଅଫିସ, ୨୭।୫:** ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୋପ ବ୍ଲକ ଛଇତନା ବଜାରରେ କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନ ନଷ୍ଟ ହୋଇଯାଇଛି। ଫଳରେ ୫୦ ମୌଜାର କ୍ଷୁଦ୍ର ବ୍ୟବସାୟୀ ଜୀବିକା ହରାଇଛନ୍ତି। ସେମାନଙ୍କ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି। ତେଣୁ ସହଯୋଗ ପାଇଁ ସୋମବାର ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି ଏହି ବ୍ୟବସାୟୀମାନେ। ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ଛଇତନା ବଜାରରେ ବ୍ୟାପକ କ୍ଷୟକ୍ଷତି କରିଛି। ବଜାରରେ ପାନ, ଚା'ଦୋକାନ, ପରିବା ଦୋକାନ କରିଥିବା ବ୍ୟବସାୟୀଙ୍କ ଛୋଟଘର ଏବଂ ଦୋକାନ ଭାଙ୍ଗି ଦେଇଛି। କ୍ଷୟକ୍ଷତି ଆକଳନ ଲାଗି କୌଣସି ସରକାରୀ କର୍ମଚାରୀ ତାଙ୍କ ଅଞ୍ଚଳକୁ ଯାଇନାହାନ୍ତି। ଫଳରେ ବ୍ୟବସାୟୀମାନେ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ତେଣୁ କୌଣସି ସାହାଯ୍ୟକାରୀ ଅନୁଷ୍ଠାନକୁ ବଜାରର ଦାୟିତ୍ୱ ପ୍ରଦାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

# ଭଙ୍ଗାଘରେ, ପାଲ ତଳେ ବିତୁଛି ଜୀବନ



କୁରୁମପଡା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଫେରୁଛନ୍ତି।



ପଲିଥିନ୍‌ରେ ଆବଦ୍ଧ କରାଯାଇଥିବା ଭଙ୍ଗାଘର।

**ଘରଭଙ୍ଗା ତାଲିକାରେ ନାମ ନ ଥିବାରୁ ଜିଲାପାଳଙ୍କୁ ଭେଟିଲେ**

- ତାଲିକାରେ ଘର ଭାଙ୍ଗି ନ ଥିବା ଧନୀ ଲୋକ
- ଟଙ୍କା ନେଇ ତାଲିକାରେ ସାମିଲ କରୁଛନ୍ତି ଦଲାଲ
- ବଢୁଛି ଅଭିଯୋଗ, ତଦନ୍ତ ହେଲେ ଧରାପଡ଼ିବ କେଲେଙ୍କାରୀ

**ଖୋର୍ଦ୍ଧା ଅଫିସ,୨୭।୫**

ରିଲିଫ୍ ମିଳିଥିଲା, ହେଲେ ଘରଭଙ୍ଗା ତାଲିକାରେ ନାଁ ରହିଲା ନାହିଁ। ଘର ଭାଙ୍ଗିଥିଲେ ମଧ କରାଯାଉନି ତଦନ୍ତ। ଅଭିଯୋଗ, ପ୍ରତିବାଦ କଲେ କେହି ଶୁଣୁନାହାନ୍ତି। ଆର୍‌ଆଇ, ତହସିଲଦାର, ବିଡିଓଙ୍କ ନିକଟରେ ଫେରାଦ ଦେବା ପରେ ସୁଫଳ ମିଳୁନି। ଶେଷରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ବଢ଼ି ଚାଲିଛି। ସୋମବାର ଖୋର୍ଦ୍ଧା ବ୍ଲକ୍ ନରଣଗଡ ପଞ୍ଚାୟତର କୁରୁମପଡା, ହାଡ଼ପଦାର ବାତ୍ୟା ବିପନ୍ନମାନେ ଜିଲାପାଳଙ୍କୁ ଭେଟି ସେମାନଙ୍କୁ କିପରି ଘରଭଙ୍ଗା ତାଲିକାରୁ ବାଦ୍ ଦିଆଯାଇଛି ସେନେଇ ଦୁଃଖ ଜଣାଇଛନ୍ତି। ଦଲାଲମାନେ ଟଙ୍କା ନେଇ ଘର ଭାଙ୍ଗି ନ ଥିବା ଲୋକଙ୍କୁ ତାଲିକାଭୁକ୍ତ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। କୁରୁମପଡାର ବିପିନ ରାଉତରାୟ, ନାରାୟଣ ବାରିକ ଓ ସନ୍ତୋଷ କୁମାର ରଣସିଂହ କୁହନ୍ତି, ବାତ୍ୟାରେ ଘର ଭାଙ୍ଗିଯିବା ପରେ ବହୁ ଦୁଃଖ କଷ୍ଟରେ ପରିବାର ସହ ରହୁଛୁ। ହେଲେ ଘର ଭାଙ୍ଗି ନ ଥିବା ଗ୍ରାମର କେତେଜଣ ଧନିକ ଶ୍ରେଣୀର ବ୍ୟକ୍ତିଙ୍କ ନାମ ତାଲିକାରେ ରହିଥିଲେ ମଧ ଆମକୁ ବାଦ୍ ଦିଆଯାଇଛି। ପାଲଟଣା ଭଙ୍ଗାଘରେ ରହିବାକୁ ବାଧ ହେଉଛୁ। କୁରୁମପଡାର ବସନ୍ତ ମହାରଣା, ଜଗନ୍ନାଥ ବାରିକ, ପ୍ରଭାକର ମାର୍ଥା କୁହନ୍ତି, ବିପନ୍ନ ଲୋକ ସରକାରୀ ସହାୟତାରୁ ବାଦ୍ ପଡିବେନି ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ସବୁଠି ପ୍ରକୃତ ବିପନ୍ନ ବାଦ୍ ପଡୁଥିଲେ ମଧ ଜିଲାପାଳ ଚୁପ ରହିବା ଘଟଣା ଅନିୟମିତତା କରୁଥିବା କର୍ମଚାରୀ ଓ ଅଧିକାରୀଙ୍କୁ ଅଧିକ ପ୍ରୋତ୍ସାହିତ କରୁଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। କୁରୁମପଡାର ନବୀନ ରାଉତରାୟ ଓ ପ୍ରସନ୍ନ ମାର୍ଥା କୁହନ୍ତି, ଆମର ଘର ଭଙ୍ଗିଛି କି ନାହିଁ ତଦନ୍ତ କରାଯାଉ। ତଦନ୍ତ ପରେ ଆମ ଅଭିଯୋଗର ସତ୍ୟାସତ୍ୟ ମିଳିବ। ହାଡପଦାର ପ୍ରମୋଦ ଲେଙ୍କା, ତ୍ରିନାଥ ରଣସିଂହ, ସୁବାସ ମହାରଣା କୁହନ୍ତି, ପ୍ରତି ଗାଁରେ ଅଧିକାଂଶ ଘର ଭାଙ୍ଗିଥିବା ଲୋକଙ୍କ ନାଁ ତାଲିକାରେ ସାମିଲ କରାଯାଉନି। କେତେଦିନ ଆମପରି ଅନ୍ୟମାନେ ପଲିଥିନ ପଡିଥିବା ଭଙ୍ଗା ଘରେ ରହିବୁ। ଏବେଠୁ ପ୍ରଶାସନ ଅଣଦେଖା କରୁଛି, ଆଗକୁ ଆମେ କିପରି ପିଲାଛୁଆ ଧରି ମୁଣ୍ଡଗୁଞ୍ଜିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିପରି ଟାଙ୍ଗୀର ଧନେଶ୍ୱର ଜେନା, ବୋଲଗଡର ଶରତ ମାର୍ଥା, ବେଗୁନିଆର ଉଦ୍ଧବ ସାହୁ କୁହନ୍ତି, ଗରିବ ଗୁରୁବାଙ୍କ ପାଇଁ କେହି ନାହାନ୍ତି। ତାହା ହୋଇ ନ ଥିଲେ ଘର ଭାଙ୍ଗିବା ପରେ ବି ସହାୟତା ପାଇଁ ସଂଘର୍ଷ କରିବାକୁ ପଡି ନ ଥାନ୍ତା ବୋଲି ସେମାନେ କ୍ଷୋଭର ସହ କହିଛନ୍ତି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର କେବେ ସେମାନଙ୍କୁ ନ୍ୟାୟ ଦେବେ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି।

# କୃଷ୍ଣପ୍ରସାଦବାସୀଙ୍କୁ ମିଳୁନି 'ଫନୀ' ସହାୟତା

**କୃଷ୍ଣପ୍ରସାଦ,୨୭।୫(ଡି.ଏନ.ଏ.)**

- ସର୍ଭେ ବଦଳରେ ରାଜସ୍ୱ କାର୍ଯ୍ୟାଳୟରେ ଝୁଲୁଛି ତାଲା
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଫନୀ ବାତ୍ୟା ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ବହୁ କ୍ଷୟକ୍ଷତି ଘଟାଇଛି। ବାତ୍ୟା ପରେ କେବଳ ରାଶନ କାର୍ଡଧାରୀ ଚାଉଳ, ଟଙ୍କା ଓ ପଲିଥିନ୍ ପାଇଥିବାବେଳେ ଅନ୍ୟମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଅନୁସାରେ ରାଜସ୍ୱ କାର୍ଯ୍ୟାଳୟ ପକ୍ଷରୁ ସର୍ଭେ କରାଯାଇ ସମସ୍ତ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ। ତେବେ ସର୍ଭେ କରିବା ଦୂରେ ଥାଉ କୃଷ୍ଣପ୍ରସାଦ ତହସିଲ ଅନ୍ତର୍ଗତ ଉଦୟଗିରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଫନୀ ପରଠାରୁ ତାଲା ଝୁଲୁଛି। ସମ୍ପ୍ରତି ଉଦୟଗିରି, ବଜ୍ରକୋଟ, ପାଇକରାୟପୁର, ନନ୍ଦଳା, ରାମଲଙ୍କା, ବ୍ରାହ୍ମଣଦେଓ, କୁମାରପୁର, ପାଟନାସୀ, ନୂଆଁଗା, ତାଳତଳା, କଣ୍ଟାବଣିଆ ଆଦି ଗ୍ରାମରେ ଏ ପର୍ଯ୍ୟନ୍ତ ସହାୟତା ପ୍ରଦାନ ନିମନ୍ତେ ପ୍ରାଥମିକ ତଦନ୍ତ କାର୍ଯ୍ୟ ମଧ ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡ଼ିଛି। ତେଣୁ କ୍ଷତିଗ୍ରସ୍ତଙ୍କ ନିମନ୍ତେ ସହାୟତା ସାତସପନ ପାଲଟିଥିବା ଜଣାପଡ଼ିଛି। ଏ ପରିସ୍ଥିତିରେ ରାଜସ୍ୱ ନିରୀକ୍ଷକ ବଳରାମ ଦଳେଇଙ୍କ ସହ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରିବା ପାଇଁ ଉଦ୍ୟମ ବେଳେ ଏହା ସୁଇଚ୍ ଅଫ୍ ରହିଥିଲା। ତହସିଲଦାରଙ୍କ କାର୍ଯ୍ୟାଳୟରେ ଫନୀ ସହାୟତା ନେଇ ଅଭିଯୋଗ କଲେ ତହସିଲଦାର କେବଳ ବୁଝିବା ବୋଲି କହି ସାନ୍ତ୍ୱନା ଦେଉଛନ୍ତି। ଏଥିଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି। ସୂଚନାଯୋଗ୍ୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯଥେଷ୍ଟ ପରିମାଣର ପଲିଥିନ୍ ଥିଲେ ମଧ ଏହା ବିପନ୍ନଙ୍କୁ ମିଳୁନି। ତେଣୁ ବାତ୍ୟାର ଦୀର୍ଘ ୨୫ ଦିନ ପରେ ମଧ ବିପନ୍ନମାନେ ଖୋଲା ଆକାଶ ତଳେ ଦୁଃଖକଷ୍ଟରେ ଦିନ ବିତାଉଛନ୍ତି। ଉଲ୍ଲେଖଯୋଗ୍ୟ କି, ରାଶନ କାର୍ଡ ବ୍ୟତୀତ ସମସ୍ତଙ୍କୁ ସହାୟତା ପ୍ରଦାନ ନିମନ୍ତେ ପ୍ରଥମେ ଶିକ୍ଷକ ଓ ପରେ ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ସର୍ଭେ କାର୍ଯ୍ୟ କରିବା ସହ ଆଧାର କାର୍ଡ ଜେରକ୍ସ ସଂଗ୍ରହ କରିଛନ୍ତି। କିନ୍ତୁ ବାତ୍ୟା ବିପନ୍ନଙ୍କ ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ବିଶେଷ ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ପ୍ରଶାସନର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଦୈବୀ ଦୁର୍ବିପାକ ସମୟରେ ବିପନ୍ନମାନଙ୍କୁ ଯେପରି ଠିକ୍ ଭାବେ ସହାୟତା ମିଳିବ ସେଥିନିମନ୍ତେ ସରକାରୀ କର୍ମଚାରୀମାନେ ତତ୍ପରତା ପ୍ରକାଶ ବଦଳରେ ଖାମଖିଆଲ ମନୋଭାବ ପୋଷଣ କରିଥିବା ଅଭିଯୋଗ ହୋଇଛି। ସମସ୍ତ ବିପନ୍ନଙ୍କୁ ଯେପରି ଚାଉଳ, ଟଙ୍କା ଓ ପଲିଥିନ୍ ମିଳିବ ସେଥିନିମନ୍ତେ ଦାବି ହୋଇଛି। ତୁରନ୍ତ ଦାବି ପୂରଣ ନ ହେଲେ କ୍ଷତିଗ୍ରସ୍ତ ଅଞ୍ଚଳର ଜନ ସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମା'ଯୋଗମାୟା ଭାଗବତ ପ୍ରତିଯୋଗିତା

**ବୋଲଗଡ଼,୨୭।୫(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବସ୍ତ ଗ୍ରାମସ୍ଥିତ ରାମଲୀଳାସ୍ଥଳୀରେ ମା'ଯୋଗମାୟା ଭାଗବତ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହେଉଛି। ବୋଲଗଡ ବ୍ଲକସ୍ଥ ଖଡରୁଣୀ ଭାଗବତ ମଣ୍ଡଳୀ ଏବଂ ଭାପୁର ବ୍ଲକର ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ମଧ୍ୟରେ ଉଦ୍‌ଯାପନୀ ପ୍ରତିଯୋଗିତା ଜାରି ରହିଛି। ଏହି ଗ୍ରାମର ମା'ଯୋଗମାୟା ଭାଗବତ ମଣ୍ଡଳୀ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଥିଲା। ସେହିପରି ଉଦ୍‌ଘାଟନୀ ସନ୍ଧ୍ୟାରେ ଖଡରୁଣୀ ଭାଗବତ ଦଳ ଆୟୋଜକ ଦଳଠାରୁ ବିଜୟୀ ହୋଇଥିଲା। ୨ୟ ସନ୍ଧ୍ୟାରେ ବାଘୁଆପଲ୍ଲୀ ଭାଗବତ ଦଳ ଓ ନୟାଗଡ ବ୍ଲକର ସଜନାପଡ଼ା ଦଳ ମଧ୍ୟରେ ଆୟୋଜିତ ପ୍ରତିଯୋଗିତାରେ ବାଘୁଆପଲ୍ଲୀ ବିଜୟୀ ହୋଇଥିଲା। ଆୟୋଜକଙ୍କ ପକ୍ଷରୁ ଏହାର ସଭାପତି ପଦ୍ମନାଭ ଖଟାଇ ଏବଂ ସମ୍ପାଦକ ଶେଷଦେବ ଖଟାଇ ମଞ୍ଚାସୀନ ଥିବାବେଳେ ବିଚାରକ ଭାବେ ଦାଶରଥି ପଟ୍ଟନାୟକ, ଯଦୁମଣି ବିଶ୍ୱାଳ, ପୁରନ୍ଦର ମହାରଣା ଓ ନବକିଶୋର ମାଝି ଦାୟିତ୍ୱ ତୁଲାଇଥିଲେ। ଗଣେଶ୍ୱର ଖଟାଇ ଏବଂ ରମେଶ ଚନ୍ଦ୍ର ଭୋଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗୀମାନେ ଭାଗବତ ପରିବେଷଣ କରୁଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ, ୨ ଆହତ

**ଖୋର୍ଦ୍ଧା ଅଫିସ,୨୭।୫**

ଖୋର୍ଦ୍ଧା ଜିଲା ସଦରମହକୁମାରେ ସୋମବାର ଏକ ସିରିଜ୍ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ମଧୁସୂଦନ ନଗରର ଅଂଶୁମାନ ସାହୁ। ଆହତ ଦ୍ୱୟ ହେଲେ ଖୋର୍ଦ୍ଧା ସଦର ଥାନା କୋକସିଂ ଗାଁର ସୁଶାନ୍ତ କୁମାର ଦାସ, ତୋଟାପଡାର ସଲମନ ଖାଁ। ସୂଚନା ଅନୁଯାୟୀ, ଅଂଶୁମାନ ଏକ ବାଇକ୍‌ରେ ନୂଆ ବସଷ୍ଟାଣ୍ଡରୁ ପୁରୁଣା ବସଷ୍ଟାଣ୍ଡ ଆଡକୁ ଆସୁଥିଲେ। ଫରେଷ୍ଟ କଲୋନୀ ଛକରେ ବିପରୀତ ରାସ୍ତାକୁ ଯିବା ପାଇଁ ଅତିକ୍ରମ କରୁଥିବା ବେଳେ ଏକ କାରକୁ ଧକ୍କା ଦେଇ ନିକଟସ୍ଥ ଦୁଇ ବାଇକ ଚାଳକଙ୍କୁ ଧକ୍କା ଦେଇଥିଲେ। ଫଳରେ ଅଂଶୁମାନଙ୍କ ସହ ସଲମନ ଓ ସୁଶାନ୍ତ ଗୁରୁତର ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅଂଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା (ନଂ.୧୬୦/୧୯)ରୁଜୁ ହୋଇଛି।

# ବାଣପୁରରେ ଚନ୍ଦନଯାତ୍ରା ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୨୭।୫**

**ଚାପ ଖେଳିଲେ ମା' ଭଗବତୀ**



ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଣପୁର ଏନ୍‌ଏସି ଅନ୍ତର୍ଗତ ଗୋପାଳପୁର ଶାସନର ଶ୍ରୀବାଲୁକେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ମା' ଭଗବତୀ, ଦକ୍ଷେଶ୍ୱର ଓ ରଙ୍କନାଥ ଦେବ ସୁସଜ୍ଜିତ ବିମାନରେ ତିନିଦିନ ଧରି ପ୍ରତ୍ୟହ ଶୋଭାଯାତ୍ରା କରି ବାଲୁକେଶ୍ୱର ଦେବଙ୍କ ପୀଠରେ ବିଜେ ହୋଇଥିଲେ। ସେଠାରେ ଗୋପାଳପୁରର ବାଲୁକେଶ୍ୱର ଓ କପିଳେଶ୍ୱର ଦେବ, କୋଟବିଦ୍ୟାଧରପୁରର ନୀଳକଣ୍ଠେଶ୍ୱର ଦେବ ଓ ପାଟପୁରର ଗୋପୀନାଥ ଦେବ ଏବଂ କନକ ଦୁର୍ଗା ସାମିଲ ହୋଇଥିଲେ। ମନ୍ଦିର ପରିସରରେ ଠାକୁରମାନେ ବିଜେ ହେବା ପରେ ବିଧି ଅନୁଯାୟୀ ପଂକ୍ତି ଭୋଗ ଲାଗି ହୋଇଥିଲା। ପରେ ମା'ଭଗବତୀଙ୍କ ସମେତ ସମସ୍ତ ଦେବଦେବୀଙ୍କୁ ଏକ ସୁସଜ୍ଜିତ ନୌକାରେ ବିଜେ ହୋଇ ମାଜଣା ପୋଖରୀରେ ଚାପ ଖେଳିଥିଲେ। ପରେ ଠାକୁରଙ୍କୁ ଚନ୍ଦନ ମଣ୍ଡପରେ ଥିବା ଚନ୍ଦନ କୁଣ୍ଡରେ ସ୍ନାନ କରାଯାଇଥିଲା। ଭୋଗଲାଗି ହେବା ସହ ପୁଣି ରାତ୍ରି ପରେ ବିଜେ ହୋଇଥିଲେ। ଚାପ ଖେଳିବାବେଳେ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ରାତିରେ ସମସ୍ତ ଦେବଦେବୀ ଗୋପାଳପୁର ଶାସନ, ପାଟପୁରଶାସନ ଓ କୋଟପୁରଶାସନ ପରିକ୍ରମା କରିଥିଲେ। ଏହି ଅବସରରେ ମନ୍ଦିର ଓ ପୋଖରୀ ଚାରିପଟ ରଙ୍ଗବେରଙ୍ଗ ଆଲୋକରେ ସୁସଜ୍ଜିତ କରାଯିବା ସହ ଆତସବାଜି କରାଯାଇଥିଲା। ତିନି ଦିନ ଧରି ଗ୍ରାମବାସୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଚାନ୍ଦା ଆଦାୟକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ, ୨ ଆହତ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ପଞ୍ଚାୟତ ଟାଙ୍ଗୀବନ୍ତ ଗ୍ରାମରେ ଚନ୍ଦନଯାତ୍ରା ପାଇଁ ଚାନ୍ଦା ଆଦାୟକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ପରେ ମାରପିଟ୍ ହୋଇଛନ୍ତି। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ଟାଙ୍ଗୀବନ୍ତ ଗ୍ରାମର ସଞ୍ଜୟ କୁମାର ମହାନ୍ତି ଓ ଅକ୍ଷୟ କୁମାର ମହାନ୍ତି। ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାତ୍ୟା 'ଫନୀ' ଯୋଗୁ ଟାଙ୍ଗୀବନ୍ତ ଗ୍ରାମରେ ଚଳିତ ବର୍ଷ ଚନ୍ଦନଯାତ୍ରାକୁ କେତେଜଣ ଗ୍ରାମବାସୀ ବିରୋଧ କରିଥିବା ବେଳେ କେତେଜଣ ଯାତ୍ରା କରିବାକୁ ଜିଦ ଧରିଥିଲେ। ଚନ୍ଦନ ଯାତ୍ରା ପାଇଁ ଚାନ୍ଦା ଆଦାୟକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ରବିବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଆହତଦ୍ୱୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏନେଇ ସୋମବାର ଉଭୟ ପକ୍ଷରୁ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି।

# ସ୍କୁଟି ଚୋରି ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ସ୍କୁଟି ଚୋରି ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟବିହାର ଅଞ୍ଚଳର ଆଶିଷ କୁମାର ମାହାଳ ଏବଂ ଯାଜପୁର ଟାଉନ ଅଞ୍ଚଳର ମହେଶ ଜେନା। ଏମାନଙ୍କ ନିକଟରୁ ଚୋରି ହୋଇଥିବା ସ୍କୁଟି ଜବତ ହୋଇଛି। ସୂଚନା ଅନୁଯାୟୀ, ସାଲେପୁର ହାଣ୍ଡିଭଙ୍ଗା ଗ୍ରାମର ସ୍ୱର୍ଣ୍ଣମୟୀ ଜେନା ଗତ ୨୧ତାରିଖରେ ରସୁଲଗଡ ଛକରେ ଥିବା ଏକ ରେଷ୍ଟୁରାଣ୍ଟକୁ ସାଙ୍ଗମାନଙ୍କ ସହ ଖାଇବାକୁ ଆସିଥିଲେ। ସ୍ୱର୍ଣ୍ଣମୟୀଙ୍କ ସାଙ୍ଗରେ ଆସିଥିବା ବନ୍ଧୁ ଆଶିଷ ତାଙ୍କ ଠାରୁ ଗାଡି ଚାବି ନେଇ ବାହାରକୁ ଯାଇଥିଲେ। କିଛି ସମୟ ପରେ ଆଶିଷ ଫେରିଆସିବା ସହ ଖାଇବା ସାରି ବାହାରକୁ ବାହାରିଥିଲେ। ମାତ୍ର ପାର୍କିଂରେ ସ୍କୁଟି ନ ଥିବା ଦେଖିବାକୁ ମିଳିଥିବା ବେଳେ ଆଶିଷ ସମାନ ଜାଗାରେ ସ୍କୁଟି ପାର୍କିଂ କରିଥିବା କହିଥିଲେ। ଖୋଜାଖୋଜି ପରେ ସ୍କୁଟି ମିଳି ନ ଥିଲା। ଏ ନେଇ ମଞ୍ଚେଶ୍ୱର ଥାନାରେ ଉଭୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ରେଷ୍ଟୁରାଣ୍ଟର ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ସମସ୍ତ ଘଟଣା ଜଣାପଡିଥିଲା। ସ୍ୱର୍ଣ୍ଣମୟୀଙ୍କ ବନ୍ଧୁ ଅଭିଯୁକ୍ତ ଆଶିଷ ବାହାରକୁ ଆସିବା ପରେ ଦୂରରେ ମୁହଁରେ କପଡା ବାନ୍ଧିଥିବା ଜଣେ ବ୍ୟକ୍ତିଙ୍କ ସହ ଇସାରାରେ କିଛି କଥା ହୋଇଚାଲିଯାଇଥିଲେ। କିଛି ସମୟ ପରେ ଉକ୍ତ ଯୁବକ ସ୍କୁଟି ନେଇ ଚାଲିଯାଇଥିଲେ। ପୋଲିସ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବା ପରେ ଅଭିଯୁକ୍ତ ଆଶିଷଙ୍କ ଉପରେ ନଜର ରଖିଥିଲା। ପଳାଶୁଣୀ ଅଞ୍ଚଳରେ ଆଶିଷଙ୍କ ସହଯୋଗୀ ମହେଶ ସ୍କୁଟି ଧରି ଛିଡା ହୋଇଥିବା ବେଳେ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଚଢାଉ କରି ଅଭିଯୁକ୍ତ ମହେଶଙ୍କୁ ଧରିବା ସହ ସ୍କୁଟିକୁ ଜବତ କରିଥିଲା। ଆଶିଷଙ୍କ ସହଯୋଗରେ ମହେଶ ସ୍କୁଟି ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିବା ପରେ ଉଭୟଙ୍କୁ ଗିରଫ କରିଥିଲା।

# ଅଧାରୁ ଧାନ ମଣ୍ଡି ବନ୍ଦ, ଆନ୍ଦୋଳନ ପାଇଁ ସଜବାଜ

**ବେଗୁନିଆ ବ୍ଲକ**


- ବଢୁଛି ଚାଷୀ ଅସନ୍ତୋଷ
- କାମ ଦେଲାନି ସିଏସ୍ଓଙ୍କ ପ୍ରତିଶ୍ରୁତି

**ବେଗୁନିଆ,୨୭।୫(ଡି.ଏନ୍.ଏ.)**



ବଡ଼ବେରଣା ସମବାୟ ସମିତି ଗୋଦାମରେ ଗଦା ହୋଇଥିବା ଧାନବସ୍ତା।

ଧାନର ଅଭାବୀ ବିକ୍ରିକୁ ରୋକିବା ପାଇଁ ଚାଷୀଙ୍କ ଠାରୁ ସିଧାସଳଖ ମିଲର୍ ମାଧ୍ୟମରେ ଧାନ କିଣିବା ପାଇଁ ମଣ୍ଡି ଖୋଲାଯାଇଛି। ତେବେ ଚାଷୀ କିଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ମଧ ଯୋଗାଣ ବିଭାଗକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ମିଲରଙ୍କ ମନମାନି ଯୋଗୁ ଗତ ଖରିଫ ଋତୁରେ ବେଗୁନିଆ ବ୍ଲକ ଚାଷୀ ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଣ୍ଡି ଖୋଲିବା ଆରମ୍ଭର କିଛି ଦିନ ପରେ ମିଲରମାନେ ଆଉ ଧାନ ଉଠାଇ ନ ଥିଲେ। ଫଳରେ ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପରେ ଚାଷୀଙ୍କ ଠାରୁ ବଳକା ଥିବା ସମସ୍ତ ଧାନକୁ ସରକାରଙ୍କ ପକ୍ଷରୁ କିଣିବା ପାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କିଛି ଧାନ କ୍ରୟ ହେବା ପରେ ନିର୍ବାଚନ ଆଚରଣ ବିଧି ଆଳ ଦେଖାଇ ବିଭାଗ ପକ୍ଷରୁ ମଣ୍ଡି ବନ୍ଦ କରି ଦିଆଯାଇଥିଲା। ଏଥି ଯୋଗୁ କେତେଜଣ ଚାଷୀଙ୍କ ବାରିରେ ତ ଆଉ କେତେକ ଚାଷୀଙ୍କ ଅମଳ ଧାନ ସମବାୟ ସମିତିର ଗୋଦାମ ଗୃହରେ ପଡିରହିଛି। ଏ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କ ଧାନ କ୍ରୟ କରିବାର ସୁବନ୍ଦୋବସ୍ତ କରା ନ ଯାଏ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଜଣାପଡ଼ିଛି। ସୋମବାର ବଡବେରଣା, ପଙ୍ଗାରସିଂହ, ଜାଗେଶ୍ୱରୀ ଏବଂ ଶଗଡଭଙ୍ଗା ସମବାୟ ସମିତି ଅଞ୍ଚଳରେ ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବା ଖବର ମିଳିଛି। ସୂଚନାଥାଉକି, ଏହି ବ୍ଲକ ଅଞ୍ଚଳର ୧୩ଟି ସମବାୟ ସମିତି ଅଧୀନରେ ଥିବା ଚାଷୀଙ୍କ ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲର ଧାନ ଗଚ୍ଛିତ ରହିଛି। ସେଥିରୁ ବଡବେରଣା ସମବାୟ ସମିତିରେ ସର୍ବାଧିକ ୧୨ହଜାର କୁଇଣ୍ଟାଲରୁ ଅଧିକା ଧାନ ପଞ୍ଜିକୃତ ଚାଷୀଙ୍କ ବଳକା ରହିଥିବା ଚାଷୀଙ୍କ ପକ୍ଷରୁ କୁହାଯାଉଛି। ସେମାନଙ୍କର ବଳକା ସମସ୍ତ ଧାନ ଉଠାଇବା ପାଇଁ ଗତ ଫେବୃୟାରୀ ୨୦ରେ ଜିଲା ଯୋଗାଣ ଅଧିକାରୀ(ସିଏସ୍ଓ) ଆନ୍ଦୋଳନରତ ଚାଷୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରତି ସପ୍ତାହର ମଙ୍ଗଳବାର ଓ ଶନିବାର ବାର ପ୍ରତି ହଜାରେ କୁଇଣ୍ଟାଲ ଲେଖାଏଁ ସମୁଦାୟ ୨ହଜାର କୁଇଣ୍ଟାଲ ସମସ୍ତ ଧାନ ଶେଷ ହେବା ପର୍ଯ୍ୟନ୍ତ କ୍ରୟ କରାଯିବ ବୋଲି ଉଲ୍ଲେଖ ରହିଥିଲା। ମାତ୍ର ପ୍ରତିଶ୍ରୁତିକୁ ପାଳନ କରାଗଲା ନାହିଁ। ମଣ୍ଡି ଅଧାରୁ ବନ୍ଦ ହେବାରୁ ଚାଷୀମାନେ ନିରାଶ ହୋଇ ଖୋର୍ଦ୍ଧା ଜିଲାପାଳଙ୍କୁ ଲିଖିତ ଭାବେ ବନ୍ଦୋବସ୍ତ କରିବା ପାଇଁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରବୀନ୍ଦ୍ର ବେହେରା କୁହନ୍ତି, ଏବେ ସମୟ ଗଡିଯାଇଛି। ଚାଷୀଙ୍କ ଠାରୁ ମିଲର୍ ମାଧ୍ୟମରେ ଧାନ କ୍ରୟ କରିବା ଅସମ୍ଭବ। ତଥାପି ଆମ ପକ୍ଷରୁ ସରକାରଙ୍କୁ ଅବଗତ କରାଇବୁ।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଘରଭଙ୍ଗା ଆକଳନରେ ପକ୍ଷପାତିତା ଅଭିଯୋଗ

**ପୁରୀ ଅଫିସ, ୨୭।୫:** ବାତ୍ୟାରେ ପୁରୀ ଜିଲାରେ ଅନେକ ଘର ଭାଙ୍ଗିଯାଇଛି। ବହୁ ଲୋକ ବାସହରା ହୋଇପଡିଛନ୍ତି। ତେଣୁ ଘର ଭାଙ୍ଗିଥିବା ଲୋକଙ୍କୁ ଆର୍ଥିକ ସହାୟତା ଦେବା ଲାଗି ସରକାର ଘୋଷଣା କରିଛନ୍ତି। ଏଥିପାଇଁ ଘରଭଙ୍ଗାର ଆକଳନ ଚାଲିଛି। କିନ୍ତୁ କେତେକ ସ୍ଥାନରେ ଆକଳନରେ ସାମିଲ କର୍ମଚାରୀମାନେ ପକ୍ଷପାତିତା କରୁଥିବା ଅଭିଯୋଗ ହେଉଛି। ପୁରୀ ସଦର ବ୍ଲକ ବାଲିପଡ଼ା ପଞ୍ଚାୟତରେ ଦଳୀୟଭିତ୍ତିରେ ଆକଳନ କରାଯାଉଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାଦ୍ୱାରା ବହୁ ଲୋକ ବାଦ୍ ପଡିଥିବା ବାଲିପଡ଼ାର ସରପଞ୍ଚ ଚିତ୍ରସେନା ବେହେରା ଜଣାଇଛନ୍ତି। ସରପଞ୍ଚ ବେହେରା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବାଲିପଡ଼ା ପଞ୍ଚାୟତରେ ଘରଭଙ୍ଗା ଆକଳନ ଠିକ୍ ଭାବେ ହେଉନାହିଁ। ଆକଳନ କରୁଥିବା କର୍ମଚାରୀମାନେ ରାଜନୈତିକ ବ୍ୟକ୍ତିଙ୍କୁ ସାଥୀରେ ଧରି ଏକତରଫା ଭାବେ ଘର ଫଟୋ ଉଠାଯାଉଛି। ଏମିତି ଅନେକ ଲୋକ ରହିଯାଇଛନ୍ତି ଯାହାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଛି ସେମାନଙ୍କର ଆକଳନ କରାଯାଉନାହିଁ। ଏହାଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ବାଲିପଡ଼ା ପଞ୍ଚାୟତରେ ପୁନଃ ଘରଭଙ୍ଗା ଆକଳନ କରିବାକୁ ବେହେରା ତହସିଲଦାରଙ୍କୁ ନିବେଦନ କରିଛନ୍ତି।

### ବିନା କାର୍ଡଧାରୀଙ୍କୁ ଚାଉଳ, ଟଙ୍କା ବଣ୍ଟନ ଆରମ୍ଭ

**ପୁରୀ ଅଫିସ, ୨୭।୫:** ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ରିଲିଫ ପ୍ରଦାନ କରାଯାଉଛି। ତେବେ କ୍ଷତିଗ୍ରସ୍ତ ଲୋକଙ୍କୁ ଚାଉଳ, ଟଙ୍କା ଏବଂ ପଲିଥିନ ପ୍ରଦାନ ଲାଗି ସରକାର ଘୋଷଣା କରିଥିଲେ। ପ୍ରଥମେ ଯେଉଁମାନଙ୍କର ରାଶନ କାର୍ଡ ଥିଲା ସେମାନଙ୍କୁ ଏହା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ସମସ୍ତଙ୍କୁ ବଣ୍ଟନ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ସେହି ଅନୁଯାୟୀ, ସୋମବାର ଜିଲାରେ ବିନା କାର୍ଡଧାରୀଙ୍କୁ ଚାଉଳ ଏବଂ ଟଙ୍କା ବଣ୍ଟନ ଆରମ୍ଭ ହୋଇଛି। କଣାସ ଏବଂ ପିପିଲି ବ୍ଲକରେ କ୍ଷତିଗ୍ରସ୍ତଙ୍କୁ ଚାଉଳ ଏବଂ ଟଙ୍କା ପ୍ରଦାନ କରାଯାଇଛି। ପ୍ରଥମ ଦିନରେ ପିପିଲି ବ୍ଲକରେ ୬୦୨ ଜଣଙ୍କୁ ୫୦ କେଜି ଲେଖାଏ ଚାଉଳ ଏବଂ ୩ ହଜାର ଟଙ୍କା ଲେଖାଏଁ ମୋଟ ୧୮,୦୬,୦୦୦ଟଙ୍କା ବଣ୍ଟନ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର୍ ସିଂ ଜଣାଇଛନ୍ତି।

### ୪ ପଞ୍ଚାୟତରେ ବିପନ୍ନଙ୍କୁ ବଣ୍ଟା ହେଲା ଚାଉଳ, ଟଙ୍କା

**ଗୋପ,୨୭।୫(ଡି.ଏନ୍.ଏ.):** ଗୋପ ବ୍ଲକର ୪ଗୋଟି ପଞ୍ଚାୟତରେ ସୋମବାର ୮୨୫ଜଣ ବିପନ୍ନଙ୍କୁ ଚାଉଳ ଓ ଟଙ୍କା ବଣ୍ଟନ କରାଯାଇଛି। ତେବେ ମଙ୍ଗଳବାର ଆଉ ୫ଟି ପଞ୍ଚାୟତରେ ଚାଉଳ, ଟଙ୍କା ବଣ୍ଟା ଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସଙ୍କ ଠାରୁ ସୂଚନା ମିଳିଛି। ଗୋପ ଜିଲାପାଳଙ୍କ ନିର୍ଦ୍ଦେଶରେ ବଣ୍ଟନ କାର୍ଯ୍ୟକ୍ରମ ହୋଇପାରିଛି।

## ■ ଆଗକୁ ପୌର ନିର୍ବାଚନ

# ବିଜେଡି, ଭାଜପାର ଅଙ୍କକଷା ଆରମ୍ଭ

**ହେମନ୍ତ କୁମାର ନାୟକ**
**ପୁରୀ ଅଫିସ, ୨୭।୫**

ସାଧାରଣ ନିର୍ବାଚନର ଫଳାଫଳ ବାହାରି ସାରିଛି। ଜନମତ କାହା ସପକ୍ଷରେ ଯାଇଛି ତାହା ବି ସ୍ପଷ୍ଟ ହୋଇଛି। ତେବେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ପୁରୀ ବିଜେଡି ଦୁର୍ଗର ପତନ ଘଟିଛି। ଶାସକ ଦଳ ହାତରୁ ଏହି ଆସନ ଛଡାଇ ନେଇଛି ଭାଜପା। ତେବେ ଆଗକୁ ଆସୁଛି ପୌର ପରିଷଦ ନିର୍ବାଚନ। ବିଜେଡି ପୁଣି ପୌର ପରିଷଦ କ୍ଷମତା ହାତେଇବ ନା ବିଧାନସଭା ଆସନ ଭଳି ଭାଜପା ପୌର ପରିଷଦକୁ ଛଡାଇ ନେବ ତାହାକୁ ନେଇ ଦୁଇଦଳ ମଧ୍ୟରେ ଆରମ୍ଭ ହୋଇଯାଇଛି ଅଙ୍କକଷା। କି ପ୍ରକାର ରଣନୀତି ଆପଣାଇଲେ ପୌର ପରିଷଦ କ୍ଷମତା ଅକ୍ତିଆର କରିହେବ ସେ ନେଇ ବିଜେଡି, ଭାଜପା ଭିତିରିଆ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଶୁଣିବାକୁ ମିଳୁଛି।

୧୯୯୫ ପରଠାରୁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀକୁ ନିଜ ଅକ୍ତିଆରରେ ରଖିଥିବା ମହେଶ୍ୱର ମହାନ୍ତିଙ୍କୁ ଏଥର ମାତ୍ ଦେଇଛନ୍ତି ଭାଜପାର ଜୟନ୍ତ କୁମାର ଷଡ଼ଙ୍ଗୀ। ମହେଶ୍ୱରଙ୍କ ଭଳି ଜଣେ ହେବିୱେଟ୍‌ଙ୍କ ପରାଜୟକୁ ପୁରୀ ବିଜେଡି ସହଜରେ ଗ୍ରହଣ କରିପାରୁ ନାହିଁ। ପରାଜୟର କାରଣ ଖୋଜୁଛି ଜିଲା ବିଜେଡି। ଆଗକୁ ପୌର ପରିଷଦ ନିର୍ବାଚନ ଆସୁଥିବାରୁ ବିଦ୍ରୋହୀଙ୍କୁ ଖୋଜି ବାହାର ନ କଲେ ଦଳକୁ ପୁନଶ୍ଚ ସମଦଶା ଭୋଗିବାକୁ ପଡିପାରେ ବୋଲି ବିଜେଡି ଶିବିରରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ପୌର ପରିଷଦକୁ ଜିତିବା ଏବେ ଦୁଇଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ପୌର ପରିଷଦକୁ ଦଖଲ କରି ବିଜେଡି କିଛିମାତ୍ରାରେ ପରାଜୟର ଗ୍ଲାନିକୁ ଭୁଲିବା ପାଇଁ ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ଏଥିପାଇଁ ଦଳ ପୁରୁଖାଙ୍କୁ ଆଡେଇ ଯୁବକଙ୍କ ହାତରେ କ୍ଷମତା ଦେବାକୁ ଯୋଜନା କରୁଥିବା ଆଲୋଚନା ହେଉଛି। ସେପଟେ ପ୍ରଥମଥର ଶଙ୍ଖ କ୍ଷେତ୍ରରେ ପଦ୍ମ ଫୁଟିଥିବାରୁ ଭାଜପା ମଧ ପୌର ପରିଷଦ ଚେୟାର ଉପରେ ନଜର ରଖିଛି। ପୂର୍ବତନ ନଗରପାଳ ଜୟନ୍ତ ଏବେ ବିଧାୟକ ହୋଇଥିବାରୁ ତାଙ୍କର ପୌର ପରିଷଦ ନିର୍ବାଚନ ଉପରେ ଯଥେଷ୍ଟ ଅଭିଜ୍ଞତା ରହିଛି। ତାଙ୍କ ଅଭିଜ୍ଞତା ଭାଜପାକୁ ଫାଇଦା ଦେଇପାରେ ବୋଲି କୁହାଯାଉଛି। କିନ୍ତୁ ଦୀର୍ଘବର୍ଷ ହେବ ବିଜେଡି କବ୍‌ଜାରେ ପୌର ପରିଷଦ ରହିଥିବାରୁ ଏହାକୁ ବଜାୟ ରଖିବା ଲାଗି ମଧ ଦଳ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବ। ତେବେ ପୌର ନିର୍ବାଚନ ପାଇଁ ଏ ଯାଏ ତାରିଖ ଘୋଷଣା ହୋଇ ନ ଥିଲେ ମଧ ଏବେଠାରୁ ଦୁଇଦଳ ଭିତିରିଆ ଯୋଜନା ପ୍ରସ୍ତୁତ କରୁଥିବା ଶୁଣାଯାଉଛି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରେଣ୍ଟିଅ ଗ୍ରାମର ମାଳିସାହିବାସୀ।

## ଜିଲାପାଳଙ୍କୁ ଜଣାଇଲେ ସାହିବାସୀ

# ବିଦ୍ୟୁତ୍ ସଂଯୋଗ ଦିଆଯାଇନି, ଆସିଛି ବିଲ୍

**ପୁରୀ ଅଫିସ, ୨୭।୫**

ଦୀର୍ଘ ୮ ବର୍ଷ ହେଲାଣି ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ସେମାନେ ବିଭିନ୍ନ ଅଧିକାରୀଙ୍କୁ ଗୁହାରି ହେଉଛନ୍ତି। ହେଲେ ସମାନଙ୍କ କଥା କେହି ଶୁଣୁ ନାହାନ୍ତି। ଶେଷରେ ବାଧ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ହାଇକୋର୍ଟ ମଧ ସେମାନଙ୍କ ଦାବି ଉପରେ ନିଷ୍ପତ୍ତି ନେବା ଲାଗି ସେସୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କ ଘରକୁ ବିଦ୍ୟୁତ୍ ଯୋଗାଣ ହୋଇପାରି ନାହିଁ। ବରଂ ବିଦ୍ୟୁତ୍ ବ୍ୟବହାର ହୋଇଥିବା ଦର୍ଶାଯାଇ ସେମାନଙ୍କ ଘରକୁ ବିଲ୍ ଆସିଛି ବୋଲି କହିଛନ୍ତି ପୁରୀ ସଦର ବ୍ଲକ ରେଣ୍ଟିଅ ଗ୍ରାମର ମାଳିସାହିବାସୀ। ଏ ନେଇ ସୋମବାର ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ମାଳିସାହିରେ ୧୦ ପରିବାରର ପ୍ରାୟ ୫୦ ସଦସ୍ୟ ରହୁଛନ୍ତି। ବିଦ୍ୟୁତ୍ ସଂଯୋଗ ପାଇଁ ବାରମ୍ବାର ବିଭିନ୍ନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ସବୁଠୁ ନିରାଶ ହେବା ପରେ ଶେଷରେ ସୌଭାଗ୍ୟ ଯୋଜନାରେ ସେମାନଙ୍କ ଘରେ ମିଟର ବସାଇ ଦିଆଗଲା। କିନ୍ତୁ ବିଦ୍ୟୁତ୍ ସଂଯୋଗ ଦିଆଗଲା ନାହିଁ। ହେଲେ ଆଶ୍ଚର୍ଯ୍ୟର କଥା ଜାନୁୟାରୀ, ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବ୍ୟବହାର କରିଥିବା ଦର୍ଶାଯାଇ ସେମାନଙ୍କ ଘରକୁ ବିଲ୍ ଆସିଛି। ସେହିପରି ବାତ୍ୟା ପରେ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ପୁନରୁଦ୍ଧାର କାମ ଚାଲୁଥିବା ବେଳେ ତାଙ୍କ ସାହିରେ ଏ ପର୍ଯ୍ୟନ୍ତ କାମ କରାଯାଉନାହିଁ ବୋଲି ମାଳିସାହିବାସୀ ଜିଲାପାଳଙ୍କୁ ଜଣାଇଛନ୍ତି। ସାହିର ଶିବ ନାୟକ, ଶିକର ନାୟକ, ସୁବାସ ନାୟକ, ବିନୋଦ ନାୟକ, ପାଣ୍ଡବ ନାୟକ, ପଞ୍ଚୁ ନାୟକ, ଶଙ୍କର ନାୟକ, ସଉକି ନାୟକଙ୍କ ଦସ୍ତଖତ ସମ୍ବଳିତ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

### ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୨୭।୫:** ସଚେତନ ନାଗରିକ ମଞ୍ଚ ପକ୍ଷରୁ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ଭାଜପା ବିଧାୟକ ଜୟନ୍ତକୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ନାଏକ ପ୍ଲାଜା ଠାରେ ଆୟୋଜିତ କାର୍ଯ୍ୟକ୍ରମ ଅନୁଷ୍ଠାନ ସଭାପତି ପ୍ରସନ୍ନ ଦାଶ, ସମ୍ପାଦକ ଲଲାଟେନ୍ଦୁ ମିଶ୍ର, ଅଶୋକ ଆଢ୍ୟ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଛଇତନା ବଜାରର କ୍ଷୁଦ୍ର ବ୍ୟବସାୟୀ।

## ■ ଉଜୁଡ଼ିଯାଇଛି ଛଇତନା ବଜାର

# ଜିଲାପାଳଙ୍କୁ ଗୁହାରି ଜଣାଇଲେ କ୍ଷୁଦ୍ର ବ୍ୟବସାୟୀ

**ପୁରୀ ଅଫିସ, ୨୭।୫**

ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୋପ ବ୍ଲକ ଅନ୍ତର୍ଗତ ଛଇତନା ବଜାରରେ କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନ ବଜାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ୫୦ ମୌଜାର କ୍ଷୁଦ୍ର ବ୍ୟବସାୟୀମାନେ ଜୀବିକା ହରାଇଛନ୍ତି। ସେମାନଙ୍କ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି। ତେଣୁ ସହଯୋଗ ପାଇଁ ସୋମବାର ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି ଏହି ବ୍ୟବସାୟୀମାନେ। ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ଛଇତନା ବଜାରରେ ବ୍ୟାପକ କ୍ଷୟକ୍ଷତି କରିଛି। ବଜାରରେ ପାନ ଦୋକାନ, ଚା'ଦୋକାନ, ପରିବା ଦୋକାନ କରିଥିବା ବ୍ୟବସାୟୀଙ୍କ ଛୋଟଘର ଏବଂ ଦୋକାନ ଭାଙ୍ଗି ଦେଇଛି। ହେଲେ ଏ ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ ଲାଗି କୌଣସି ସରକାରୀ କର୍ମଚାରୀ ତାଙ୍କ ଅଞ୍ଚଳକୁ ଯାଇନାହାନ୍ତି। ଫଳରେ ରୋଜଗାର ହରାଇ ଅନେକ କ୍ଷୁଦ୍ର ବ୍ୟବସାୟୀ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ତେଣୁ କୌଣସି ସାହାଯ୍ୟକାରୀ ଅନୁଷ୍ଠାନକୁ ବଜାରର ଦାୟିତ୍ୱ ପ୍ରଦାନ କରିବାକୁ ବ୍ୟବସାୟୀମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରାୟ ଶତାଧିକଙ୍କ ଦସ୍ତଖତ ସମ୍ବଳିତ ଏହି ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।





ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଏକ ସ୍କୁଲ ବୁଲି ଦେଖୁଛନ୍ତି।

### ବ୍ରହ୍ମଗିରିରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳଙ୍କ ଅନୁଧାନ

**ବ୍ରହ୍ମଗିରି, ୨୭।୫(ଡି.ଏନ୍.ଏ.)**

ପ୍ରଳୟଙ୍କରୀ ବାତ୍ୟା ଫନୀକୁ ଇତିମଧ୍ୟରେ ୨୫ ଦିନ ବିତିଥିବାବେଳେ ବ୍ରହ୍ମଗିରି ବ୍ଲକରେ କ୍ଷୟକ୍ଷତି ଆକଳନ ପାଇଁ ରବିବାର ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଗସ୍ତରେ ଆସିଥିଲେ। ପ୍ରତିନିଧି ଦଳ ବ୍ରହ୍ମଗିରି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରାଯିବାର କାର୍ଯ୍ୟକ୍ରମ ଥିବାରୁ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅନୁଧାନକାରୀ ଦଳ ବ୍ରହ୍ମଗିରି ବ୍ଲକର ୨/୩ଟି ବିଦ୍ୟାଳୟ ପରିଦର୍ଶନ କରି ଚାଲିଯାଇଥିଲେ।

### ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପୁରୀ ଅଫିସ, ୨୭।୫:** ସାମାଜିକ ଅନୁଷ୍ଠାନ ବିବେକ ଭାରତ ତରଫରୁ ସଦର ବ୍ଲକ ଖଡିପଦାଠାରେ ଚାଲିଥିବା ୭ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ଶିକ୍ଷାବିତ ନିହାର ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନର ପରିସୀମା ବିକଶିତ ଲାଗି କହିଥିଲେ। ସମ୍ମାନିତ ବକ୍ତା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଭଲ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ରମାକାନ୍ତ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଔଷଧୀୟ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ।

# ବିପନ୍ନଙ୍କୁ ବଣ୍ଟା ନ ହୋଇ ପଡ଼ିରହିଛି ରିଲିଫ

## ତଦନ୍ତ ପାଇଁ ଜିଲାପାଳଙ୍କୁ ଦାବି

**କୋଣାର୍କ,୨୭।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ଫନୀ ଆସି ପୁରୀ ଜିଲାକୁ ବ୍ୟାପକ କ୍ଷୟକ୍ଷତି କରିବା ସହ ବହୁ ଧନଜୀବନ ହାନି କରିଛି। କିନ୍ତୁ ପୂର୍ବରୁ ପାଣିପାଗ ବିଭାଗର ସୂଚନାକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ର କୂଳରେ ବସବାସ କରୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ, ସୁରକ୍ଷିତ ସ୍କୁଲଘର ଓ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ସ୍ଥାନରେ ଆଶ୍ରୟ ନେଇଥିବା ଏହି ବିପନ୍ନଙ୍କ ପାଇଁ ସିଏସ୍ଆଇଆର-ସିଏଫଟିଆରଆଇ ନାମକ ଏକ ସଂସ୍ଥା, ମହୀଶୂର ପକ୍ଷରୁ ଚୁଡା, ଚାଉଳ, ଡାଲି, ବିସ୍କୁଟ, ମହମବତୀ, ରନ୍ଧାଖାଦ୍ୟ ଓ ପ୍ୟାକେଟରେ ଥିବା ପ୍ରସ୍ତୁତ ଖାଦ୍ୟ ଏନଏସି କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦିଆଯାଇଥିଲା। ଏହି ରିଲିଫ ସାମଗ୍ରୀକୁ କେତେକ ସ୍ଥାନରେ ବଣ୍ଟା ଯାଇଥିବା ବେଳେ ଅନେକ ସ୍ଥାନରେ ବଣ୍ଟା ଯାଇ ନ ଥିବା ବାତ୍ୟା ବିପନ୍ନମାନେ ଅଭିଯୋଗ କରିଛନ୍ତି। ସିଏସ୍ଆଇଆର-ସିଏଫଟିଆରଆଇ, ମହୀଶୂର ପକ୍ଷରୁ ଆସିଥିବା ପ୍ରସ୍ତୁତ ଉପମା ପ୍ୟାକେଟ ବିପନ୍ନକୁ ଦିଆ ନ ଯାଇ ଏନଏସି କାର୍ଯ୍ୟାଳୟରେ ଏବେ ବି ଗଚ୍ଛିତ ଥିବା ଦେଖିବାକୁ ମିଳିଛି। ୨ଶହ ଗ୍ରାମର ଏହି ଉପମା ପ୍ୟାକେଟ ଉପରେ ଉଲ୍ଲେଖ ଥିବା ତଥ୍ୟାନୁଯାୟୀ ୧୬.୦୫.୧୯ ମଧ୍ୟରେ ଏହାକୁ ବ୍ୟବହାର କରାଯାଇପାରିବ। ଏବେ ଏହି ସବୁ ପ୍ୟାକେଟର ବ୍ୟବହାର ଉପଯୋଗୀ ସମୟସୀମା ଯିବା ପରେ ଖାଇବା ଅନୁପଯୋଗୀ ହୋଇପଡିଛି। ଗୋଟିଏ ପେଟିରେ ୫୦ରୁ ଉର୍ଦ୍ଧ୍ୱ ଉପମା ପ୍ୟାକେଟ ଥିବାବେଳେ ଗୋଟିଏ ଗୃହରେ ଏଭଳି ୪୦ରୁ ଉର୍ଦ୍ଧ୍ୱ ପେଟି ପଡିରହିଥିବା ଜଣାପଡ଼ିଛି। ରିଲିଫ ପାଇଁ ଆସିଥିବା ଏହି ଉପମା ପ୍ୟାକେଟ ଏବେ ନଷ୍ଟ ହୋଇଗଲା ପଛେ ଭୋକରେ ଆଉଟପାଉଟ ହେଉଥିବା ବାତ୍ୟା ବିପନ୍ନଙ୍କୁ ଦିଆଯାଇ ନାହିଁ। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସନ କହୁନ୍ତି, ସିଏସ୍ଆଇଆର-ସିଏଫଟିଆରଆଇ, ମହୀଶୂର ପକ୍ଷରୁ ଆସିଥିବା ଏହି ଉପମା ପ୍ୟାକେଟଗୁଡିକରେ ପୋକ ହୋଇ ଯାଇଥିବାରୁ ତାହା ବଣ୍ଟା ଯାଇନାହିଁ। ଖାଇବା ଅନୁପଯୋଗୀ ଦୁର୍ଗନ୍ଧଯୁକ୍ତ ଉପମା ପ୍ୟାକେଟ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ଗାତଖୋଳି ପୋତି ଦିଆଯିବ ବୋଲି ସେ କହିଛନ୍ତି। ପ୍ରସ୍ତୁତ ଖାଦ୍ୟ ପ୍ୟାକେଟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବଣ୍ଟନ କରା ନ ଯାଇ କାର୍ଯ୍ୟାଳୟ ମଧ୍ୟରେ ଗଚ୍ଛିତ ରଖାଯାଇଥିବା କାରଣ କ'ଣ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣା ସମ୍ପର୍କରେ ଜିଲାପାଳ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାତ୍ୟାବିପନ୍ନଙ୍କ ପକ୍ଷରୁ ଦାବି କରାଯାଇଛି।





ବଣ୍ଟା ନ ହୋଇ ପଡ଼ି ରହିଥିବା ଉପମା ପ୍ୟାକେଟ୍।

## ■ ଫନୀକୁ ବିତିଲା ୨୫ଦିନ

# ସଜଡ଼ା ହୋଇପାରୁନି ବିଦ୍ୟୁତ୍ ଭିତ୍ତିଭୂମି

■ ପ୍ରଚଣ୍ଡ ଖରା ଯୋଗୁ ଲୋକେ ହନ୍ତସନ୍ତ

■ ଦିନକୁ ୩ଘଣ୍ଟା ପାଣି ଯୋଗାଯାଉଛି

**କାକଟପୁର,୨୭।୫(ଡି.ଏନ୍.ଏ.)**

ବାତ୍ୟା ଫନୀ ପ୍ରଭାବରେ କାକଟପୁର ବିଦ୍ୟୁତ ଉପଖଣ୍ଡ ଅଧୀନସ୍ଥ କାକଟପୁର ୧ ଓ ୨, ଅସ୍ତରଙ୍ଗ ବିଦ୍ୟୁତ ସେକ୍ସନ ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମି ସମ୍ପୂର୍ଣ୍ଣ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି। ଯଦିଓ କାକଟପୁର, ଅସ୍ତରଙ୍ଗ, ନୟାହାଟର ମୁଖ୍ୟବଜାରକୁ ବିଦ୍ୟୁତ ସଂଯୋଗ ହୋଇଯାଇଛି। କିନ୍ତୁ ଏବେ ବି ଅଧିକାଂଶ ଗ୍ରାମର ବିଦ୍ୟୁତ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ସଜଡ଼ା ହୋଇପାରିନି। ହଜାର ହଜାର ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଥିବାବେଳେ ସବୁ ଗାଁ ଗଣ୍ଡାରେ ତାର ଛିଣ୍ଡିଯାଇ ଏପର୍ଯ୍ୟନ୍ତ ଏଣେତେଣେ ପଡିଥିବା ଦେଖିବାକୁ ମିଳିଛି। ପ୍ରାୟ ୫୦କୋଟି ଟଙ୍କାର କ୍ଷତି ଘଟିଥିବା କାକଟପୁର ବିଦ୍ୟୁତ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଦୀପକ ମହାନ୍ତି କହିଛନ୍ତି। ଅସ୍ତରଙ୍ଗ ବ୍ଲକର ଉଜୁଳେଇ ଏବଂ ପାଟଳଦା, କାକଟପୁର ବ୍ଲକର ବ୍ଲକଛକ ଓ ଗଡଅମର ପ୍ରସାଦଠାରେ ସ୍ଥାପିତ ୩୩/୧୧କେଭି ଗ୍ରୀଡ଼କୁ ବିଦ୍ୟୁତ ସଂଯୋଗ ହୋଇଥିବାବେଳେ କାକଟପୁର, ଅସ୍ତରଙ୍ଗ, ନୟାହାଟ ପର୍ଯ୍ୟନ୍ତ ୧୧କେଭି ବିଦ୍ୟୁତ ତାର ଟଣା ହୋଇ ସାରିଛି। ମୁଖ୍ୟ ବଜାର ଓ ରାସ୍ତାପାର୍ଶ୍ୱ ଅଞ୍ଚଳକୁ ବିଭାଗୀୟ ଅଧିକାରୀ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବା ବେଳେ ଗାଁଗୁଡିକୁ ବିଦ୍ୟୁତ ଯୋଗାଇବାରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଗୋଟିଏପଟେ ବିଦ୍ୟୁତ ନ ଥିବାବେଳେ ଅନ୍ୟପଟେ ପ୍ରଚଣ୍ଡ ଖରା ହେବାରୁ ଲୋକେ ହନ୍ତସନ୍ତ ହୋଇପଡୁଛନ୍ତି। ଫନୀ ଯେତିକି କଷ୍ଟ ଦେଇ ନଥିଲା ବିଦ୍ୟୁତ ସରବରାହ ବନ୍ଦ ଜନଜୀବନକୁ ତା'ଠାରୁ ଅଧିକ ଯନ୍ତ୍ରଣା ଦେଉଛି ବୋଲି ଅସ୍ତରଙ୍ଗ ଜିଓଳ ଗ୍ରାମର ସୁଂଧାଂଶୁ ମିଶ୍ର, କାକଟପୁର ଶୁକପୋଖରୀ ଗ୍ରାମର ବିଷ୍ଣୁ ବିଶ୍ୱାଳ ଓ ନୟାହାଟ ତୁଳସୀପୁର ଗ୍ରାମର ରଜତ ତ୍ରିପାଠୀ କହିଛନ୍ତି। ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇ ନଥିବାରୁ ବଳରାସ୍ଥିତ ପାନୀୟ ଜଳ ପ୍ରକଳ୍ପ, ମୂଳାଗଡ଼ସ୍ଥିତ ପାନୀୟଜଳ ବିଶୋଧନାଗାରଠାରେ ଗ୍ରାମାଞ୍ଚଳ ପାନୀୟ ଜଳଯୋଗାଣ ବିଭାଗ ଡିଜି ଲଗାଇ ୨୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ଦିନକୁ ୨ରୁ ୩ଘଣ୍ଟା ପାଣି ଯୋଗାଇ ଦିଆଯାଉଛି। ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବଢୁଥିବାରୁ ଏତିକି ପରିମାଣର ପାଣି ଲୋକଙ୍କ ଚାହିଦାକୁ ପୂରଣ କରିପାରୁ ନାହିଁ। କାକଟପୁର ଓ ଅସ୍ତରଙ୍ଗ ବିଦ୍ୟୁତ ସେକ୍ସନ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ଯଥାଶୀଘ୍ର ସ୍ୱାଭାବିକ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଶୀଘ୍ର ସଂଯୋଗ ନ ହେଲେ ତୁଳସୀପୁର, କୁସୁମାଠେଙ୍ଗ, ଭାତପୁର, ସାନହୁଲି ପ୍ରଭୃତି ୨୦ଟି ଗ୍ରାମର ଗ୍ରାମବାସୀ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇବେ ବୋଲି ତୁଳସୀପୁରର ବନବିହାରୀ ଦାଶ କହିଛନ୍ତି। ଏ ସମ୍ପର୍କରେ କାକଟପୁର ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଦୀପକ ମହାନ୍ତି କୁହନ୍ତି, ୩୦ତାରିଖ ସୁଦ୍ଧା ୧୧କେଭି ବିଦ୍ୟୁତ ତାର ଟଣା କାର୍ଯ୍ୟ ଶେଷ ହେବ।। ଏହାପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଗ୍ରାମକୁ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି କହିଛନ୍ତି। ବିଦ୍ୟୁତ କାମ ମନ୍ଥର ଗତିରେ ଚାଲୁଥିବାରୁ କାର୍ଯ୍ୟ ସରିବାକୁ ଆହୁରି ଏକମାସ ଲାଗିବ ବୋଲି ଅନୁମାନ କରାଯାଉଛି।



ବିଦ୍ୟୁତ୍ ଯୋଗାଣ ପାଇଁ ଆସିଥିବା ଡିଜି।

# ପାଟପୁର ଚନ୍ଦନଯାତ୍ରା ଉଦ୍‌ଯାପିତ

## ଚନ୍ଦନପୋଖରୀରେ ଚାପ ଖେଳିଲେ ପ୍ରଭୁ ମଦନମୋହନ, ଚନ୍ଦ୍ରଶେଖର ଓ ମା' ଦୁର୍ଗା

**ନିମାପଡ଼ା,୨୭।୫(ଡି.ଏନ୍.ଏ.)**

ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ଗ୍ରାମର ଚନ୍ଦନଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ଚନ୍ଦନଯାତ୍ରା ୨୧ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ପାଟପୁର ଗ୍ରାମର ପ୍ରଭୁ ମଦନମୋହନ, ଚନ୍ଦ୍ରଶେଖର ଓ ମା' ଦୁର୍ଗାଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଅପରାହ୍ନରେ ଏକ ସୁସଜ୍ଜିତ ନୌକାରେ ଥିବା ଏକ ବିମାନରେ ଚାପ ଖେଳିଥିଲେ। ଏହି ଚାପଖେଳ ଓ ଚନ୍ଦନଯାତ୍ରାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ବାଜା, ବାଣରେ ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ଉଦ୍‌ଯାପନୀ ଦିବସରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ସନାତନ ପ୍ରଧାନ, ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ, ଜବିଜୁ ଜନତା ଦଳର ନଗର ସଭାପତି ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପାଟପୁର ଗ୍ରାମ ଜୟଦୁର୍ଗା କ୍ଲବ ଓ ଚନ୍ଦନ କମିଟି ପକ୍ଷରୁ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। କେଉଁ ଆବାହନ କାଳରୁ ପାଟପୁର ଗ୍ରାମରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବା ପୂଜକ ବୃନ୍ଦାବନ ଦାଶ, କାଳନ୍ଦୀ ପଣ୍ଡା, ବିଶ୍ୱରଞ୍ଜନ ପଣ୍ଡା, ଚକ୍ରଧର ପଣ୍ଡା ପ୍ରମୁଖ କହିଛନ୍ତି।



ସୁସଜ୍ଜିତ ନୌକାରେ ବିଗ୍ରହମାନେ ଚାପ ଖେଳୁଛନ୍ତି।